# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୭/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, March 17/2023 | Page 18 | ₹ 7.00

୪୯ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 111 | ମୂଲ୍ୟ ₹୭/-




## ଇନ୍‌ଫାଣ୍ଟିନୋ ପୁଣି ଫିଫା ସଭାପତି

ଜିଆନି ଇନ୍‌ଫାଣ୍ଟିନୋ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫିଫାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

୧୮

୦୨

## କାହା ଅଧୀନରେ କାମ କରିବାକୁ ଇଚ୍ଛା କରନ୍ତିନି ସୋନୁ

ବଲିଉଡ୍ ଅଭିନେତା ସୋନୁ ସୁଦ ରାଜନୀତିରେ ଯୋଗ ଦେବା ନେଇ ଚର୍ଚ୍ଚା ହେଉଥିବାବେଳେ ସେ ରାଜନୀତିରେ କାମ କରିବାକୁ ଚାହାନ୍ତିନି ବୋଲି କହିଛନ୍ତି।





ଭୁବନେଶ୍ୱର ୟୁନିଟ୍-୨ ପେଟ୍ରୋଲ୍ ପମ୍ପରେ ଗୁରୁବାର ଲୋକେ ତେଲ ପକାଇବା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି। (ଫଟୋ: ମୌସମ)

# ଆନ୍ଦୋଳନ ବଢ଼ାଇଛି ତେଲ ଚିନ୍ତା

- ରାସ୍ତାରୋକୋ ନ ହଟାଇଲେ ଗଡ଼ିବନି ୧୪ହଜାର ବସ୍: ଘରୋଇ ବସ୍ ମାଲିକ ସଂଘ
- ୩ ମାସରେ ଦାବି ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପ୍ରତିଶ୍ରୁତି
- ଡ୍ରାଇଭରଙ୍କ ଆନ୍ଦୋଳନକୁ ନେଇ ଗୃହରେ ବିରୋଧୀଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ପେନ୍‌ସନ, ବୀମା, ମୃତ୍ୟୁକାଳୀନ ସହାୟତା, ସାମାଜିକ ସୁରକ୍ଷା ଆଦି ୧୦ ଦଫା ଦାବିରେ ବୁଧବାରଠାରୁ ଡ୍ରାଇଭର ଏକତା ମହାସଂଘ ପକ୍ଷରୁ କରାଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଗୁରୁବାର ୨ୟ ଦିନରେ ପହଞ୍ଚିଛି। ତେବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଡ୍ରାଇଭର ଏକତା ମହାସଂଘର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ୧୬ ମାର୍ଚ୍ଚ ଗୁରୁବାର ସନ୍ଧ୍ୟାରେ ହୋଇଥିବା ଆଲୋଚନା ଅନୁଯାୟୀ ଆସନ୍ତା ୩ମାସ ମଧ୍ୟରେ ଡ୍ରାଇଭରଙ୍କ ଦାବିଗୁଡ଼ିକ ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ତଥାପି ଗୁରୁବାର ରାତି ସୁଦ୍ଧା ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ ଥମିବା ଲକ୍ଷ୍ୟ କରାଯାଇ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ପଦାର୍ଥର ଅଭାବ ଦେଖିବାକୁ ମିଳିଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପେଟ୍ରୋଲ୍ ପମ୍ପଗୁଡ଼ିକରେ ଲୋକଙ୍କ ଲମ୍ବାଧାଡ଼ି ରହିଥିବା ପରିଲକ୍ଷିତ ହୋଇଛି। ଏପରି କି କେତେକ ☞ପୃଷ୍ଠା-୪

## ସୁରକ୍ଷିତ ଯାତାୟାତ, ଜରୁରିକାଳୀନ ସାମଗ୍ରୀ ପରିବହନ ପାଇଁ ଟାସ୍କଫୋର୍ସ

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୬ ଜଣିଆ କମିଟି ଗଠିତ**

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

ଜରୁରିକାଳୀନ ସାମଗ୍ରୀ ପରିବହନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଡ୍ରାଇଭରମାନଙ୍କ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ସବୁ ଜାଗାରେ ଜରୁରିକାଳୀନ ସାମଗ୍ରୀ ପହଞ୍ଚିବାରେ ସମସ୍ୟା ଦେଖାଦେବା ସହିତ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସୁରକ୍ଷିତ ଯାତାୟତ ଓ ଜରୁରିକାଳୀନ ସାମଗ୍ରୀ ପରିବହନ ସକାଶେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ୬ ଜଣିଆ ଟାସ୍କଫୋର୍ସ କମିଟି ଗଠନ ହେବା ସହିତ ୩ଟି ଜରୁରିକାଳୀନ ନମ୍ବର ଜାରି କରାଯାଇଛି। ଉକ୍ତ ଟାସ୍କଫୋର୍ସରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ଥିବାବେଳେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଦସ୍ୟ, ଡିଜିପି ସଦସ୍ୟ, ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ସଚିବ ସଦସ୍ୟ ତଥା କନ୍‌ଭେନର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ସଦସ୍ୟ ଏବଂ ପରିବହନ କମିଶନର ମଧ୍ୟ ସଦସ୍ୟ ଭାବେ ରହିଛନ୍ତି। ଏମର୍ଜେନ୍ସି ରେସ୍‌ପନ୍ସ ସେଣ୍ଟର ଅଫିସ ନମ୍ବର ୧୧୨ ଥିବାବେଳେ ପରିବହନ କମିଶନର ଅଫିସ୍ ନମ୍ବର ୧୮୦୦ ୩୪୫ ୧୦୭୩, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ କାର୍ଯ୍ୟାଳୟ ନମ୍ବର ୦୬୭୪-୨୩୯୩୬୪୪ ନମ୍ବରରେ ଯୋଗାଯୋଗ କରି ସମସ୍ୟାର ସମାଧାନ କରିହେବ ବୋଲି ପରିବହନ ବିଭାଗ ଗୁରୁବାର ଚିଠି ଲେଖି ଜଣାଇଛି।

## ମାଟ୍ରିକ ପରୀକ୍ଷା ବେଳେ ଛାତ୍ରଙ୍କ ମୃତ୍ୟୁ

**ଦାମନଯୋଡ଼ି, ୧୬।୩(ଡି.ଏନ.ଏ.)**



କୁନା ପୂଜାରୀ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ବେଳେ ଦାମନଯୋଡି ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ଜଣେ ଛାତ୍ରଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ନାମ କୁନା ପୂଜାରୀ। ସେ ଦାମନଯୋଡି ନିକଟସ୍ଥ ମାଥାଲପୁଟ ମାଲୁସାଉନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର। ଖବରରୁ ଜଣାପଡିଛି, ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ଚାଲିଥିବା ମାଟ୍ରିକ ପରୀକ୍ଷାର ଗୁରୁବାର ସାଧାରଣ ବିଜ୍ଞାନ ☞ପୃଷ୍ଠା-୪

## ତହସିଲ ଅଫିସରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

**ନୂଆପଡ଼ା ଅଫିସ, ୧୬।୩**

- ଜମି ବିକ୍ରି ପାଇଁ ସହଯୋଗ କଲେନି ଅଧିକାରୀ
- ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ

ଜମି ବିକ୍ରି କରିବା ପାଇଁ ସହଯୋଗ କଲେନି ଅଧିକାରୀ। ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ପରେ ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ଶେଷରେ ପେଟ୍ରୋଲ ଢାଳିହୋଇ ନିଜ ଶରୀରରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ନୂଆପଡ଼ା ସଦର ତହସିଲ କାର୍ଯ୍ୟାଳୟରେ ଗୁରୁବାର ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ଅବସ୍ଥାରେ ନୂଆପଡ଼ା ସଦର ବ୍ଲକ ଜୋଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଫମ୍ପା ବୁଝାମଣା







# କାହା ଅଧୀନରେ କାମ କରିବାକୁ ଇଚ୍ଛା କରନ୍ତିନି ସୋନୁ


ସୋନୁ ସୁଦ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୋନୁ ସୁଦ କରୋନା ସମୟରେ ଲୋକଙ୍କୁ ସେବା ଯୋଗାଇ ସେମାନଙ୍କ ପାଇଁ ଭଗବାନ ପାଲଟିଛନ୍ତି। ଏଥିସହ ସେ ବହୁ ଲୋକଙ୍କ ସମସ୍ୟାର ସମାଧାନ ମଧ୍ୟ କରୁଛନ୍ତି। ଏସବୁ କାମ ପାଇଁ ସୋନୁ ରାଜନୀତିରେ ଯୋଗ ଦେବେ ବୋଲି ନିକଟରେ ଚର୍ଚ୍ଚା ହେଉଥିଲା। ହେଲେ ସୋନୁ ଏହାକୁ ନେଇ ନିଜର ପ୍ରତିକ୍ରିୟା ରଖି ସମସ୍ତଙ୍କ ପ୍ରଶ୍ନକୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ତାଙ୍କୁ ୨ ଥର ରାଜ୍ୟ ସଭା ସଦସ୍ୟ ପଦ ପାଇଁ ଅଫର ମିଳିଛି, କିନ୍ତୁ ସେ ଏହାକୁ ଗ୍ରହଣ କରିନାହାନ୍ତି। ସବୁଠାରୁ ବଡ଼ କଥା ହେଲା, ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପାଇଁ ମଧ୍ୟ ସୁଯୋଗ ମିଳିଥିଲା। କିନ୍ତୁ ସେ ଏଥିପ୍ରତି ନିଜର ଆଗ୍ରହ ଦେଖାଇ ନ ଥିଲେ। ସେ ତାଙ୍କ ହିସାବରେ ଆଗକୁ ବଢ଼ିବାକୁ ଚାହାନ୍ତି, କାହା ଅଧୀନରେ ରହି ସେ କାମ କରିବାକୁ ଇଚ୍ଛା କରନ୍ତିନି ବୋଲି କହିଥିଲେ। ତେବେ ତାଙ୍କୁ ଶେଷଥର ପାଇଁ ଗତବର୍ଷ ଅକ୍ଷୟ କୁମାରଙ୍କ ସହ ସିନେମା 'ସମ୍ରାଟ ପୃଥ୍ୱୀରାଜ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର ହିନ୍ଦୀ ଏବଂ ତାମିଲ ଭାଷାରେ ୨ଟି ଫିଲ୍ମ ଆସିବାକୁ ଯାଉଛି।

# ଏକ ତୃତୀୟାଂଶ ନିଦ୍ରା ଜରୁରୀ




ନିରାମୟ ଜୀବନ ପାଇଁ ଆବଶ୍ୟକ ନିଦ୍ରା ଜରୁରୀ। ଠିକ୍ ସମୟରେ ଖାଇବା ଏବଂ ବ୍ୟାୟାମ କରିବା ଭଳି ନିଦ୍ରା ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତା ପାଇଁ ମୂଳଦୁଆ ସାବ୍ୟସ୍ତ ହୋଇଥାଏ। କିନ୍ତୁ ଲୋକେ ସାଧାରଣତଃ ଶୋଇବାକୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ଅତ୍ୟାବଶ୍ୟକ ଆଚରଣ ଭାବରେ ବିବେଚନା କରନ୍ତି ନାହିଁ।

ଫଳରେ ଦିନ ବିତିବା ସହ ନିଦ୍ରାର ଅଭାବ ଯୋଗୁ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆରମ୍ଭ ହୋଇଥାଏ। ତେଣୁ ନିଦ୍ରା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଭର୍ନାଲ ଇକ୍ୱିନକ୍ସ ପୂର୍ବରୁ ପଡୁଥିବା ଶୁକ୍ରବାରରେ 'ବିଶ୍ୱ ନିଦ୍ରା ଦିବସ' ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ମାର୍ଚ୍ଚ ୧୭ରେ ପାଳନ କରାଯାଉଛି। ୨୦୦୮ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି "ସ୍ଲିପ୍ ଇଜ୍ ଏସେନ୍‌ସିଆଲ ଫର ହେଲ୍‌ଥ।" ଏହି ଅବସରରେ ସୁସ୍ୱାସ୍ଥ୍ୟ ପାଇଁ ନିଦ୍ରାର ଆବଶ୍ୟକତା ସମ୍ପର୍କରେ ବିଶ୍ୱସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ। ଲୋକଙ୍କ ମଧ୍ୟରେ ଜୀବନରେ ନିଦ୍ରାର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥାଏ। ବିଶ୍ୱ ନିଦ୍ରା ସମାଜ ଅଧୀନରେ ବିଶ୍ୱ ନିଦ୍ରା ଦିବସ କମିଟି ଦ୍ୱାରା ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଶ୍ୱ ନିଦ୍ରା ଦିବସର ତାରିଖ ପ୍ରତିବର୍ଷ ବଦଳିଥାଏ। ହାରାହାରି ରାତିର ନିଦକୁ ଆଠ ଘଣ୍ଟା ଅର୍ଥାତ୍ ଦିନର ଏକ ତୃତୀୟାଂଶ ଭାବେ ଗ୍ରହଣ କରାଯାଇଥାଏ। ହିସାବ ଅନୁସାରେ ଜଣେ ନିଜ ଜୀବନର ଏକ ତୃତୀୟାଂଶ ସମୟ ଶୋଇବା ଜରୁରୀ। ମାତ୍ର ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ମଣିଷ ଜୀବନ ନିଦ୍ରାହୀନତାରେ ବିତୁଛି।

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ପାଠକ ପାଠିକା, ଶୁଭେଚ୍ଛୁଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଆସନ୍ତୁ, ଧରିତ୍ରୀକୁ ଭଲପାଇବା, ଧରିତ୍ରୀ ପାଇଁ କିଛି କାମ କରି ବିକାଶ ପଥରେ ଆଗେଇବା ।
ଶୁଭେଚ୍ଛା ସହ
ଏଫ୍.ଏଲ୍.ଶପ୍ (ଶେରଗଡ଼)
ବଜାର ରାସ୍ତା, ଶେରଗଡ଼

BERHAMPUR CARDIAC CENTRE
Bhavanagar Square, Berhampur
Wish You Happy Birth Anniversary of Dharitri, Berhampur Edition
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ
ଏଠାରେ ସମସ୍ତ ପ୍ରକାର ପରୀକ୍ଷା ଯଥା ମଳ,ମୂତ୍ର,ରକ୍ତ,ଅତ୍ୟାଧୁନିକ ମେସିନ ସହ ଯୋଗ୍ୟ ବିବେଚିତ ପରୀକ୍ଷାକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଏ ।
ସେବାରେ:
ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର (ଗଞ୍ଜାମ)
ଏଠାରେ ECG, EEG, ପାଥୋଲୋଜି ପରୀକ୍ଷା ପାଇଁ ଯୋଗାଯୋଗ କରନ୍ତୁ
ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର
ଭାବାନଗର ଛକ (ବ୍ରହ୍ମପୁର)
ମୋ: ୯୯୩୭୪୯୭୫୯୩

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି । ଆଶା, ଜଗତରନାଥ ଶ୍ରୀଜଗନ୍ନାଥ ଓଡ଼ିଶାର ସମସ୍ତ ପାଠକଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରାନ୍ତୁ । ଅଜସ୍ର ଆଶୀର୍ବାଦ ଢାଳି ଦିଅନ୍ତୁ । ଶୁଭେଚ୍ଛା ସହ
ଅବନୀ କୁମାର ଦାଶ
ଡାକରଡ଼ା, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ଓ ମା' ଭଲ ପାଇବା । ମା ପ୍ରତି ଉତ୍ତମ ସ୍ନେହ ପ୍ରଦର୍ଶନ କରିବା ସହ ଓଡିଶା ମାଟି ପାଇଁ ବିକାଶ ପଥରେ ଆଗେଇବା ପାଇଁ ନିଜକୁ ପ୍ରସ୍ତୁତ କରିବା । ସେହି ମାଟି ମା' ର ସନ୍ତାନ ହିସାବରେ ନିଜକୁ ଗଢିତୋଳିବା । ମା' ର ପାଦରେ ଅଜସ୍ର ସ୍ନେହ ଢାଳି ଦେଇ ନିଜକୁ ଜଣେ ସୁଯୋଗ୍ୟ ଦାୟାଦ ହିସାବରେ ପରିଗଣିତ କରିବା । ଶୁଭେଚ୍ଛା ସହ
ଅକ୍ଷୟ କୁମାର ମଲ୍ଲିକ
ବିଡିଓ, ଚନ୍ଦ୍ରପୁର ଶେରଗଡ଼ ତହସିଲ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜର ଲେଖା ଛପା ନିଆରା । ସତ୍ୟ ମତାମତଭିତ୍ତିକ ଖବରକାଗଜ ଧରିତ୍ରୀ। ଆସନ୍ତୁ,ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଶୁଭେଚ୍ଛା ସହ
ବନୋଜ କୁମାର ସେଠୀ — ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଶେରଗଡ଼
ଇଂ ମଧୁସୂଦନ ଦାଶ — ସହକାରୀ ଯନ୍ତ୍ରୀ, ଜଳସେଚନ ବିଭାଗ, ପିତଳ ଛକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଶୁଭେଚ୍ଛୁଙ୍କୁ ଆନ୍ତରିକ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ । ଧବଳପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ । ଶୁଭେଚ୍ଛା ସହ
ଇଂ.ଦେବୀ ପ୍ରସାଦ ଦାଶ
ସମାଜସେବୀ,ଧବଳପୁର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଉଛି । ଆଶା, ଏହି ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କୁ ସହାୟ ହୁଅନ୍ତୁ । ଚଲାପଥରେ ଅଜସ୍ର ଆଶୀର୍ବାଦ ଢାଳି ଦିଅନ୍ତୁ । ଶୁଭେଚ୍ଛା ସହ
ଶ୍ରୀ କବୀନ୍ଦ୍ର ନାଥ ପଣ୍ଡା
ସମାଜସେବୀ, ଶେରଗଡ଼

NAYARA PETROL PUMP
Pital Chaka
Wish you a Happy Birth Anniversary of Dharitri Berhampur Edition
ନାୟରା ପେଟ୍ରୋଲ ପମ୍ପ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ଶୁଭକାମନା । ଆମର ଏଠାରେ ଉନ୍ନତମାନର ପେଟ୍ରୋଲ, ଡିଜେଲ, ମୋବିଲ ଓ ଅଏଲ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଏ ।
ଶୁଭେଚ୍ଛା ସହ : ମାଧବାନନ୍ଦ ପଣ୍ଡା, ଶାନ୍ତନୁ ଚୌଧୁରୀ
ନାୟରା ପେଟ୍ରୋଲ ପମ୍ପ
କରଞ୍ଜୋଇ ନିକଟ ପିତଳ ଛକ, ଶେରଗଡ଼ ବ୍ଲକ
ମୋ–7978019669

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜ ଏକ ନିର୍ଭୀକ ଖବରକାଗଜ । ଏହି କାଗଜର ଖ୍ୟାତି ରହିଛି । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହୀୟସୀ ମହିଳା ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ଚରଣରେ, ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା । ଶୁଭେଚ୍ଛା ସହ
ଜି.ରବିକୁମାର
ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜ ଏକ ନିଆରା କାଗଜ । ମତାମତଭିତ୍ତିକ ଓ ତଥ୍ୟଭିତ୍ତିକ ଖବର ଛାପି ଆସୁଥିବା କାଗଜ ହେଉଛି ଧରିତ୍ରୀ । ଆସନ୍ତୁ, ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା, ଶୁଭେଚ୍ଛୁ ତଥା ଶେରଗଡ଼ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ହୃଷୀକେଶ ପାଢ଼ୀ
ବରିଷ୍ଠ ବିଜେଡି ନେତା, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ପିତଳ ପଞ୍ଚାୟତ ତଥା ଶେରଗଡ଼ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା । ଆସନ୍ତୁ, ଧରିତ୍ରୀଟିଏ ପଢ଼ିବା ଦେଶ ବିଦେଶର କଥା ଜାଣିବା । ଶୁଭେଚ୍ଛା ସହ
କୃଷ୍ଣଚନ୍ଦ୍ର ମଳିକ — ପୂର୍ବତନ ସରପଞ୍ଚ, ପିତଳ
ଅନିଲ କୁମାର ମହାପାତ୍ର — ପୂର୍ବତନ ସରପଞ୍ଚ, ପିତଳ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଧନନ୍ତର ପଞ୍ଚାୟତ ତଥା ଶେରଗଡ଼ ବ୍ଲକର ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ସହ ଶୁଭକାମନା ।
ନିରଞ୍ଜନ ଜେନା — ବରିଷ୍ଠ ନେତା, ଧନନ୍ତର
ରାଜେଶ ଜେନା — ସରପଞ୍ଚ, ଧନନ୍ତର, ଶେରଗଡ଼

BIJU PATNAIK ENGLISH MEDIUM SCHOOL, SHERAGADA, GANJAM
ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡିଶାର ଅଗଣିତ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଜଣାଉଛି । ୨୦୨୩–୨୪ ଶିକ୍ଷାବର୍ଷ ନିମନ୍ତେ ନାମଲେଖା ଆରମ୍ଭ ହୋଇଛି । ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୧୨(୧) ଅନୁଯାୟୀ www.rteparadarshi.odisha.gov.in. ପୋର୍ଟାଲ ମାଧ୍ୟମରେ ଆବେଦନ କରନ୍ତୁ । ନଚେତ୍ ସ୍କୁଲକୁ ଆସି ଆବେଦନ କରନ୍ତୁ । ସାମାଜିକ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି । ୧୩ ରୁ ୨୪ ଏପ୍ରିଲ ମଧ୍ୟରେ । ଶୁଭେଚ୍ଛା ସହ
ଗୌରହରି ବିଷୋୟୀ
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଆସନ୍ତୁ, ଧରିତ୍ରୀଟିଏ ପଢ଼ିବା । ଆଶା, ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ ।
କେଦାର ପ୍ରସାଦ ପଣ୍ଡା
ସହକାରୀ ନିର୍ବାହୀ ଯନ୍ତ୍ରୀ,ଶେରଗଡ଼ ବ୍ଲକ୍

ସ୍ୱନକ୍ଷତ୍ର ଅଭିନନ୍ଦନ
SAVE FOREST FROM FIRE
ନିଆଁ ଦାଉରୁ ଜଙ୍ଗଲ ରକ୍ଷା, ଜଙ୍ଗଲର ବୃକ୍ଷଲତା, ଜୀବଜନ୍ତୁଙ୍କୁ ନିଆଁ ଦାଉରୁ ରକ୍ଷା କରନ୍ତୁ । ଫଳରେ ସବୁଜବନାନୀ ଜଙ୍ଗଲ ଆମ୍ଭଙ୍କୁ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ପରିବେଶ ସୁରକ୍ଷିତ ରହିବାରେ ସହାୟକ ହେବ । ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ସମସ୍ତ ବନ କର୍ମଚାରୀ, ବନ ସୁରକ୍ଷା ସମିତିଙ୍କୁ ଆନ୍ତରିକ ଶୁଭେଚ୍ଛା ।
ଶାନ୍ତନୁ ନାୟକ
ବନ ଫରେଷ୍ଟର,ଷଡଙ୍ଗୀପଲ୍ଲୀ, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
DOCTOR
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଆଶା, ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ । ଶୁଭେଚ୍ଛା ସହ
ମା' ଶ୍ୟାମଳାଇ ମେଡିକାଲ ଷ୍ଟୋର
ମେଡିକାଲ ରୋଡ୍, ପାତ୍ର କଲୋନୀ, ଶେରଗଡ଼
ଏଠାରେ ସମସ୍ତ ପ୍ରକାର ଔଷଧ ସୁଲଭ ମୂଲ୍ୟରେ ମିଳେ ।

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଆଜି । ଏହି ଅବସରରେ ଓଡ଼ିଶାର ଜନସାଧାରଣ ତଥା ଶେରଗଡ ବ୍ଲକ ଜନସାଧାରଣ ଓ ବିଜୁ ଜନତାଦଳର କର୍ମୀ, ନେତାଙ୍କୁ ଆନ୍ତରିକ ଅଭିନନ୍ଦନ । ଆଶା, ଆପଣଙ୍କ ଚଲାପଥରେ ଶ୍ରୀଜଗନ୍ନାଥ ପୁଷ୍ପ ବୃଷ୍ଟି କରନ୍ତୁ । ଶୁଭେଚ୍ଛା ସହ
ହୀନ ବେହେରା — ସମାଜ ମଙ୍ଗଳ ବୋର୍ଡର ସଦସ୍ୟ, ବରିଷ୍ଠ ନେତା,ବିଜେଡି,ଶେରଗଡ଼
ଶରତ ଚନ୍ଦ୍ର ପାତ୍ର — ବ୍ଲକ ବିଜୁ ଜନତା ଦଳ ସଭାପତି, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ଜନ୍ମବାର୍ଷିକ ଓ ସ୍ୱନକ୍ଷତ୍ର ଦିବସ ଆଜି । ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡିଶାର ଅଗଣିତ ପାଠକ ପାଠିକା ତଥା ଶେରଗଡ଼ ବ୍ଲକର ସମସ୍ତ ଜନସାଧାରଣଙ୍କୁ, ବିଜେଡିର ନେତା ଓ କର୍ମୀଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ । ଶୁଭେଚ୍ଛା ସହ
କୃଷ୍ଣଚନ୍ଦ୍ର ନାୟକ
ବ୍ଲକ ଅଧ୍ୟକ୍ଷ, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଆଜି । ଏହି ଅବସରରେ ଓଡ଼ିଶାର ଅଗଣିତ ପାଠିକା ପାଠକ ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା । ଚଳିତ ନବବର୍ଷ ଆପଣଙ୍କ ଚଲାପଥରେ ଠାକୁର ପୁଷ୍ପ ବୃଷ୍ଟି କରନ୍ତୁ । ଚଳିତ ବର୍ଷ ସୁଖ ସମୃଦ୍ଧିର ବର୍ଷ ହେଉ । ଶୁଭେଚ୍ଛା ସହ ଅଭିନନ୍ଦନ ।
DOCTOR
ନିଜକୁ ସୁସ୍ଥ ରଖିବା ପାଇଁ ନିୟମିତ ବ୍ୟାୟାମ, ଶାକାହାରୀ ଭୋଜନ, ପାଣି ପିଅନ୍ତୁ । ସଂକ୍ରମଣ ଦାଉରୁ ରକ୍ଷା ପାଇବାକୁ ହେଲେ ମାସ୍କ ପିନ୍ଧନ୍ତୁ ।
ଡ. ଶ୍ରୀକାନ୍ତ କୁମାର ତ୍ରିପାଠୀ
ଭାରପ୍ରାପ୍ତ ଅଧିକାରୀ,ଡେଙ୍ଗାପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା, ଶୁଭେଚ୍ଛୁଙ୍କୁ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଆଶା,ଆପଣଙ୍କ ଚଲାପଥରେ ଭଗବାନ ପୁଷ୍ପ ବୃଷ୍ଟି କରନ୍ତୁ । ଶେରଗଡ଼ ବ୍ଲକର ଜନସାଧାରଣ, ବିଜେଡି ନେତା ଓ କର୍ମୀ ଓ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଉଛି । ଶୁଭେଚ୍ଛା ସହ
ସନ୍ତୋଷ କୁମାର ପଟ୍ଟନାୟକ
ବ୍ଲକ ଯୁବ ବିଜେଡି ସଭାପତି,ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଗାନ୍ଧୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ଅଭିନନ୍ଦନ ।
GANDHI SCIENCE HIGHER SECONDARY SCHOOL
Wish You Happy Prosperous Birth Anniversary of Dharitri, Berhampur Edition
Tarini Charan Tripathy
Director, Academic Gandhi School of Engineering
Mob:7853924333

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ସହ ଶୁଭକାମନା ଜଣାଉଛି । ଅଲାରିଗଡ ପଞ୍ଚାୟତର ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ । ଶୁଭେଚ୍ଛା ସହ
ଶ୍ରୀମତୀ ସାରସ ସ୍ୱାଇଁ
ସରପଞ୍ଚ, ଅଲାରିଗଡ଼ ଗ୍ରାମପଞ୍ଚାୟତ,ଶେରଗଡ଼ ବ୍ଲକ




# ତୀର୍ଥଯାତ୍ରାରେ ବାହାରିଲେ ୯୭୦ ବରିଷ୍ଠ ନାଗରିକ

**ଆଭାସି ମାଧ୍ୟମରେ ଯାତ୍ରା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ସମ୍ବଲପୁର,୧୬।୩(ବ୍ୟୁରୋ)

ସମ୍ବଲପୁର ଷ୍ଟେଶନରୁ ଗୁରୁବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍ ବାହାରିଛି। ସମ୍ବଲପୁରରୁ ୧୧୨, ଅନୁଗୋଳ ୧୩୭, ଦେବଗଡ ୩୩, ସୁବର୍ଣ୍ଣପୁର ୬୫, ବରଗଡ ୧୫୯, ସୁନ୍ଦରଗଡ଼ ୨୨୫, ଝାରସୁଗୁଡ଼ା ୬୨ ଓ ବଲାଙ୍ଗୀର ଜିଲାରୁ ୧୭୭ ଏଭଳି ମୋଟ ୯୭୦ଜଣ ବରିଷ୍ଠ ନାଗରିକ ଏହି ଯାତ୍ରାରେ ବାହାରିଛନ୍ତି। ସେମାନଙ୍କ ସହ ଜିଲା ପ୍ରଶାସନର ୩୦ ଜଣ ଗାଇଡ୍ ମଧ୍ୟ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସି ମାଧ୍ୟମରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଟ୍ରେନ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼. ସୁରେଶ ଚନ୍ଦ୍ର ଦଳାଇ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲାପାଳ ଅନନ୍ୟା ଦାସ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଉପସ୍ଥିତ ରହି ତୀର୍ଥ ଯାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ। ଏହି ଯୋଜନାରେ ୫ଜଣ ବରିଷ୍ଠ ନାଗରିକଙ୍କୁ ଅତିଥିମାନଙ୍କ ଦ୍ୱାରା ଡମି ଟିକେଟ ଓ କିଟ୍ ବ୍ୟାଗ ଦିଆଯାଇଥିଲା। ତୀର୍ଥଯାତ୍ରୀମାନେ ୫ଦିନ ଶିରିଡି, ନାଶିକ ଆଦି ସ୍ଥାନ ବୁଲି ୨୧ ମାର୍ଚ୍ଚରେ ଫେରିବେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇଆର୍‌ସିଟିସି ପକ୍ଷରୁ ତୀର୍ଥଯାତ୍ରୀଙ୍କ ଯିବାଆସିବା ପାଇଁ ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା, ଖାଇବା ଆଦିର ବ୍ୟବସ୍ଥା କରାଯାଇଛି। ତୀର୍ଥ ଦର୍ଶନର ସୁଯୋଗ ପାଇଥିବାରୁ ବରିଷ୍ଠ ନାଗରିକମାନେ ଖୁସି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୬ରୁ ରାଜ୍ୟ ସରକାର ୬୦ରୁ ୭୫ବର୍ଷ ବୟସର ଗରିବ ନାଗରିକଙ୍କ ପାଇଁ ଏହି ତୀର୍ଥଯାତ୍ରା ଯୋଜନା କାର୍ଯ୍ୟକାରୀ କରିଛନ୍ତି।



ସମ୍ବଲପୁର ଷ୍ଟେଶନରେ ବରିଷ୍ଠ ପଦାଧିକାରୀ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଉଛନ୍ତି।

# ରାଜ୍ୟରେ ବାଲ୍ ଆଧାର ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଏଣିକି ରାଜ୍ୟରେ ବାଲ୍ ଆଧାର ଯୋଜନା କାର୍ଯ୍ୟକାରୀ ହେବ। ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ଜନ୍ମ ପଞ୍ଜୀକରଣ ଓ ଜନ୍ମ ସାର୍ଟିଫିକେଟ୍ ଶିଶୁର ପ୍ରଥମ ଅଧିକାର ହୋଇଥିବାବେଳେ ଏଣିକି ଶିଶୁଙ୍କ ଜନ୍ମ ପରେ ପରେ ଆଧାର କାର୍ଡ ସଂଯୁକ୍ତ ସହ ଜନ୍ମ ତାରିଖ ପଞ୍ଜୀକରଣ କରାଯିବ। ଆଧାର ସଂଯୋଗ ଦ୍ୱାରା ସରକାରୀ ସେବା ପାଇବା ସହଜ ହେବ ବୋଲି ଆଶା କରାଯାଉଛି। ଶିଶୁ ଜନ୍ମ ହୋଇଥିବା ଚିକିତ୍ସାଳୟର ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରି ଅଭିଭାବକମାନେ ବାଲ ଆଧାର ପ୍ରାପ୍ତ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଧାର ପଞ୍ଜୀକରଣ ପାଇଁ ମାତାପିତାଙ୍କ ମଧ୍ୟରୁ ଜଣଙ୍କର ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ଥିବା ଜରୁରୀ। ୫ବର୍ଷ ପର୍ଯ୍ୟନ୍ତ ଶିଶୁର ବାୟୋମେଟ୍ରିକ ବାଧ୍ୟତାମୂଳକ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଧାର କାର୍ଡ ପଞ୍ଜୀକରଣ ସର୍ବଦା ସେବା ହୋଇଥିବାବେଳେ ଶିଶୁ ଜନ୍ମର ୨୧ ଦିନ ମଧ୍ୟରେ ପଞ୍ଜୀକରଣ କରାଇନେବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଆନ୍ଦୋଳନ ସ୍ଥଗିତ ରଖିଲେ ଆଶାକର୍ମୀ

**ସଚିବଙ୍କ ସହ ଆଲୋଚନା କଲା ଆଶାକର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା**

ଭୁବନେଶ୍ୱର,୧୬।୩ (ବ୍ୟୁରୋ)

୧୨ ଦଫା ଦାବି ନେଇ ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଲୋୟର ପିଏମ୍‌ଜିରେ ଦୁଇଦିନ ଧରି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର୍ ତଥା ସଚିବ ଶାଳିନୀ ପଣ୍ଡିତଙ୍କ ସହ ମୋର୍ଚ୍ଚାର କର୍ମକର୍ତ୍ତା ଆଲୋଚନା କରିବା ପରେ ମୋର୍ଚ୍ଚା ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଆଲୋଚନା ସମୟରେ ମୋର୍ଚ୍ଚାର ଆବାହକ ତଥା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୧୨ଦଫା ଦାବି ଉପସ୍ଥାପନ କରିଥିଲେ। ମାସିକ ଭତ୍ତା ବୃଦ୍ଧି, ଭତ୍ତାରେ ନିଶ୍ଚିତ ଇନ୍‌ସେଣ୍ଟିଭ୍ ସାମିଲ କରିବା, ବରିଷ୍ଠତା ଭିତ୍ତିରେ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି ଇତ୍ୟାଦି ଦାବି ନେଇ ସକାରାତ୍ମକ ଆଲୋଚନା ହୋଇଥିବା ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଛି। କମିଶନର୍‌ଙ୍କ ସୁପାରିସ କ୍ରମେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏ ନେଇ ଘୋଷଣା କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆଶାକର୍ମୀଙ୍କ ଅହୋରାତ୍ର ଗଣଧାରଣା ସ୍ଥଗିତ ରହିଛି। ଧାରଣାସ୍ଥଳରେ ଗୁରୁବାର ସଂଯୁକ୍ତ ମୋର୍ଚ୍ଚାର ଆବାହକ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଅପରାହ୍ନରେ ଜେନାଙ୍କ ସମେତ ନମିତା ସାହୁ, ମାତିଲଦା କୁଲ୍ଲୁ, ଉର୍ମି ଗୁପ୍ତା, ବିଜୟଲକ୍ଷ୍ମୀ ସିଂ, ମମତା ଖଣ୍ଡାୟତରାୟ, ଯାଜ୍ଞସେନୀ ପ୍ରଧାନ ପ୍ରମୁଖ ସଚିବଙ୍କ ସହ ଆଲୋଚନାରେ ସାମିଲ ହୋଇଥିଲେ। ଏହାପରେ ଆନ୍ଦୋଳନକୁ ମୋର୍ଚ୍ଚା ପକ୍ଷରୁ ସ୍ଥଗିତ ଘୋଷଣା କରାଯାଇଥିଲା।

# ସ୍କୁଲ କମିଟି ସଭାପତିଙ୍କୁ ଚାପୁଡ଼ା ମାରିଲେ ବିଡିଓ

ଭଦ୍ରକ ଅଫିସ/ ବନ୍ତ,୧୬।୩ (ଡି.ଏନ.ଏ)

ସ୍କୁଲ ପରିଚାଳନା କମିଟି ସଭାପତିଙ୍କୁ ଚାପୁଡ଼ା ମାରିଲେ ବିଡିଓ। ସ୍କୁଲରେ ୫-ଟି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ବ୍ଲକ ପ୍ରଶାସନ ଆସିଥିବା ବେଳେ କମିଟି ସଭାପତି ଏହାକୁ ବିରୋଧ କରିବାରୁ ବିଡିଓ ତାଙ୍କ ଉପରକୁ ହାତ ଉଠାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ସେଣ୍ଟତୀରା ପଞ୍ଚାୟତ ଶିଆଳିଆ ନୋଡାଲ ହାଇସ୍କୁଲରେ। ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ବାରିକଙ୍କୁ ବିଡିଓ ପ୍ରଦୀପ ସେଠୀ ହାତ ଉଠାଇ ମାରିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଘଟଣାରୁ ପ୍ରକାଶ ଯେ, ୩ୟ ପର୍ଯ୍ୟାୟରେ ଶିଆଳିଆ ନୋଡାଲ ହାଇସ୍କୁଲ ୫-ଟି ରୂପାନ୍ତରଣରେ ସ୍ଥାନ ପାଇଛି। ହେଲେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ପରିଚାଳନା କମିଟି ସମେତ ଅଭିଭାବକମାନେ ବିରୋଧ କରିଥିଲେ। ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସେମାନେ ଚଳିତମାସ ୬ତାରିଖରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିସହ ସ୍କୁଲରେ ୫-ଟି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଦରଖାସ୍ତ କରିଥିଲେ। ଏସବୁ ସମସ୍ୟାର ସମାଧାନ ହୋଇ ନ ଥିବାବେଳେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ ସ୍ଥାନୀୟ ପୋଲିସ ସହାୟତାରେ ୫-ଟି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ବିଦ୍ୟାଳୟକୁ ଆସିଥିଲେ। ସରପଞ୍ଚ ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜନଙ୍କ ସମେତ ସଭ୍ୟ ଓ ଅଭିଭାବକମାନେ ଏହାକୁ ବିରୋଧ କରିଥିଲେ। ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକଙ୍କୁ ଫେରାଇ ନ ଆଣିଲେ କାର୍ଯ୍ୟ କରାଇଦେବୁ ନାହିଁ ବୋଲି ରଞ୍ଜନ କହିବାରୁ ବିଡିଓ ସେଠୀ ହଠାତ୍ ରାଗିଯାଇ ତାଙ୍କ ଉପରକୁ ହାତ ଉଠାଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ବନ୍ତ ପୋଲିସ ସ୍ଥିତି ନିୟନ୍ତ୍ରଣ କରିଥିଲା। ଏ ସମ୍ପର୍କରେ ବିଡିଓ ସେଠୀଙ୍କୁ ପଚାରିବାରୁ ସେଠାରେ ଯୁକ୍ତିତର୍କ ହୋଇଥିଲା, କିନ୍ତୁ ହାତ ଉଠାଇବା କଥା ମିଛ ବୋଲି କହିଛନ୍ତି।



ଶିଆଳିଆ ନୋଡାଲ ହାଇସ୍କୁଲ ପରିସରରେ ଉତ୍ତେଜନା।

- ୫-ଟି କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନକୁ ନେଇ ହୋଇଥିଲା ଯୁକ୍ତିତର୍କ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

# ପୋଲିସ ଅଧିକାରୀଙ୍କୁ ନୋଟିସ

**୧୫ ଦିନ ମଧ୍ୟରେ ପକ୍ଷ ନ ରଖିଲେ ଏକତରଫା କାର୍ଯ୍ୟାନୁଷ୍ଠାନ**

କଟକ ଅଫିସ,୧୬।୩

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପୋଲିସ ଅଧିକାରୀ ଏନ୍. ବି. ଭାରତୀଙ୍କୁ ନୋଟିସ୍ ଜାରି କରାଯାଇଛି। ତାଙ୍କ ଉପରେ ଲଗାଯାଇଥିବା ଆରୋପରୁ ରକ୍ଷା ପାଇବା ପାଇଁ ନୋଟିସ୍ ପାଇବାର ୧୫ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ନଚେତ୍ ଏକତରଫା ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ନୋଟିସ୍ ସୂଚନା ଅନୁସାରେ, ରାଜ୍ୟ ଗୃହ ବିଭାଗ ପକ୍ଷରୁ ଭାରତୀଙ୍କ ବିରୋଧରେ ୨୦୧୭ ନଭେମ୍ବର ୨୩ରେ ଶୃଙ୍ଖଳାଗତ କାର୍ଯ୍ୟବିଧି ଆରମ୍ଭ ହୋଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ତଦନ୍ତ ଦାୟିତ୍ୱରେ ଥିଲେ। ତଦନ୍ତକାରୀ ଅଧିକାରୀ ଭିନ୍ନ ଭିନ୍ନ ସମୟରେ ତାରିଖ ଧାର୍ଯ୍ୟ କରି ଭାରତୀଙ୍କୁ ରେଜିଷ୍ଟ୍ରି/ସ୍ପିଡ୍ ଡାକ ଓ ଇ-ମେଲ ଯୋଗେ ଚିଠି ପ୍ରେରଣ କରିଥିଲେ। ହେଲେ ଭାରତୀ ସେଗୁଡ଼ିକୁ ଗ୍ରହଣ ନ କରିବାରୁ ତାହା ଫେରିଆସିଥିଲା। ବାରମ୍ବାର ନୋଟିସ ପରେ ବି ଭାରତୀ ତଦନ୍ତରେ ଉପସ୍ଥିତ ନ ହେବାରୁ ତାହା ଏକତରଫା ପରିଚାଳନା ହୋଇଥିଲା। ପରେ ପୁଣି ୨୦୨୨ ଫେବୃୟାରୀ ୨୮ ଓ ମାର୍ଚ୍ଚ ୧୬ ତାରିଖରେ ନୋଟିସ ପଠାଯାଇଥିଲା। ହେଲେ ତାହା ବିଫଳ ହୋଇଥିଲା। ଏବେ ପୁଣି ନୋଟିସ ପଠାଯାଇଛି।




# ଏଚ୍‌୩ଏନ୍‌୨ ସଂକ୍ରମିତଙ୍କ ସଂଖ୍ୟା ୬୧କୁ ବୃଦ୍ଧି

## ଆତଙ୍କିତ ହୁଅନାହିଁ, ସତର୍କ ରୁହ: ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ରାଜ୍ୟରେ ଏଚ୍‌୩ଏନ୍‌୨ ସଂକ୍ରମିତଙ୍କ ସଂଖ୍ୟା ୬୧କୁ ବୃଦ୍ଧି ପାଇଛି। ୧୪ ତାରିଖ ସୁଦ୍ଧା ରାଜ୍ୟରେ ଆଉ ମାତ୍ର ଦୁଇଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ଅନେକେ ସୁସ୍ଥ ହୋଇସାରିଛନ୍ତି। ରାଜ୍ୟରେ ଚିହ୍ନଟ ମୋଟ ୬୧ ଜଣ ସଂକ୍ରମିତଙ୍କ ମଧ୍ୟରୁ ୬ଜଣ ୫ବର୍ଷରୁ କମ୍ ବୟସର ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ରାଜ୍ୟରେ ଆତଙ୍କିତ ହେବା ଭଳି ସ୍ଥିତି ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପଟେ ଏଚ୍‌୩ଏନ୍‌୨ ସଂକ୍ରମିତଙ୍କଠାରେ କୋଭିଡ୍ ଭଳି ଲକ୍ଷଣ ଦେଖା ଦେଉଥିଲେ ମଧ୍ୟ ଏହାକୁ ନେଇ ଚିନ୍ତା ବା ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି। ବିଭିନ୍ନ ସରକାରୀ ଡାକ୍ତରଖାନାରୁ ଆସୁଥିବା ନମୁନାର ପରୀକ୍ଷା ଆର୍‌ଏମ୍‌ଆର୍‌ସିରେ କରାଯାଉଛି। ତାପମାତ୍ରା ବୃଦ୍ଧି ସହିତ ଏହି ସଂକ୍ରମଣ ହ୍ରାସ ପାଇବ। ରାଜ୍ୟରେ ଏବେ ଏହି ଗ୍ରାଫ୍ ତଳମୁହାଁ ହୋଇଥିବା ଜଣାପଡୁଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଡ୍ରପ୍‌ଲେଟ୍‌ରୁ ଏଚ୍‌୩ଏନ୍‌୨ ସଂକ୍ରମଣ ବୃଦ୍ଧି ପାଏ। ସ୍କୁଲରେ ପିଲା ଏକାଠି ହେଉଥିବାରୁ ପିଲାଙ୍କ ମଧ୍ୟରେ ଏହା ଅଧିକ ବ୍ୟାପୁଛି। ଏହାକୁ ନେଇ ବାହାର ରାଜ୍ୟରେ ସ୍କୁଲ ବନ୍ଦ ଭଳି ସ୍ଥିତି ଉପୁଜିଛି। ହେଲେ ରାଜ୍ୟରେ ସେଭଳି ଆତଙ୍କିତ ହେବା ଭଳି ସ୍ଥିତି ନାହିଁ। ଏହା ଋତୁକାଳୀନ ଇନଫ୍ଲୁଏଞ୍ଜା ହୋଇଥିବାରୁ ସଂକ୍ରମିତ ୭ଦିନ ମଧ୍ୟରେ ବିନା ଔଷଧରେ ସୁସ୍ଥ ହୋଇଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ଅଧିକ ଦିନ ଥଣ୍ଡା, କାଶ, ଜ୍ୱର ଲାଗି ରହେ ତେବେ ଡାକ୍ତରଙ୍କୁ ପରାମର୍ଶ କରିବେ। ପ୍ରଥମେ କୋଭିଡ୍ ଟେଷ୍ଟ ପରେ ଇନଫ୍ଲୁଏଞ୍ଜା ଟେଷ୍ଟ କରି ଚିକିତ୍ସା ହେବ। ଯଦି ଥଣ୍ଡା ଜ୍ୱର ନିମୋନିଆ ଆଡ଼କୁ ଗତି କରେ ଏଥିରେ ଆଣ୍ଟିବାୟୋଟିକ କାମ କରେ ନାହିଁ, ତେଣୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଣ୍ଟିଭାଇରାଲ୍ ଔଷଧ ସେବନ ଆରମ୍ଭ କରିହେବ ବୋଲି ସେ କହିଛନ୍ତି।



**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ଦଳର କର୍ମୀମାନେ ଦେଶ ବିରୋଧୀ ଭାଷା କହୁଛନ୍ତି। ଏହି ଗୋଷ୍ଠୀ ଭାରତକୁ ନିନ୍ଦା କରିବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି।
– କିରେନ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଅପହରଣ ଉଦ୍ୟମ

ପଟ୍ଟାମୁଣ୍ଡାଇ, ୧୬।୩(ସ୍ୱ.ପ୍ର.)

- କାର୍ କାଚ ଭାଙ୍ଗି ଖସି ଆସିଲେ ଛାତ୍ରୀ
- ଛାତ୍ରୀଙ୍କ ସାହସିକତାକୁ ବିଭିନ୍ନ ମହଲରେ ପ୍ରଶଂସା
- ପୋଲିସ ତଦନ୍ତ ଜାରି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଜଣେ ଛାତ୍ରୀ କାର କାଚ ଭାଙ୍ଗି ଅପହରଣକାରୀଙ୍କ କବଳରୁ ଖସି ଆସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟା୧୫ରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଏକ କାରରେ ସମ୍ପୃକ୍ତ ଛାତ୍ରୀକୁ କୌଣସି ଔଷଧ ଶୁଙ୍ଘାଇ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ହେଲେ ତାହା କାଟୁ କରି ନ ଥିଲା। ଫଳରେ ଛାତ୍ରୀ ଜଣକ ଅପହରଣକାରୀଙ୍କ କବଳରୁ ଖସି ଆସିବାକୁ ଉଦ୍ୟମ କରିଥିଲେ। ଏହାଦେଖି ଅପହରଣକାରୀମାନେ ତାଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି। ଶେଷରେ ଅପହରଣକାରୀମାନେ ତାଙ୍କୁ ସ୍ଥାନୀୟ ଗଜାନନ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଛାଡି କେନ୍ଦ୍ରାପଡ଼ା ଆଡକୁ ଚାଲିଯାଇଥିବା ଛାତ୍ରୀ ଜଣକ କହିଛନ୍ତି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଇ ଛାତ୍ରୀ ଜଣକ ଘରକୁ ଫେରୁଥିଲେ। ଏ ସମୟରେ ୩ଜଣ ଦୁର୍ବୃତ୍ତ ଛାତ୍ରୀଙ୍କୁ କିଛି ଶୁଙ୍ଘାଇ ଅଚେତ କରିବାକୁ ଉଦ୍ୟମ କରିବା ସହ କାରକୁ ଉଠାଇ ନେଉଥିଲେ। ହେଲେ କାର ଭିତରେ ଛାତ୍ରୀ ଜଣଙ୍କ ସହ ଦୁର୍ବୃତ୍ତମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଛାତ୍ରୀ ଜଣଙ୍କ ଗୋଇଠା ମାରି କାରର କାଚ ଭାଙ୍ଗି ସେମାନଙ୍କ କବଳରୁ ମୁକୁଳିବା ପାଇଁ ଚିତ୍କାର କରିଥିଲେ। ଦୁର୍ବୃତ୍ତମାନେ ଏହା ଦେଖି ବ୍ଲେଡ୍ ସାହାଯ୍ୟରେ ଛାତ୍ରୀଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତ, ବେକ ଓ ଗୋଡରେ କ୍ଷତ ସୃଷ୍ଟି ହୋଇଛି। ଛାତ୍ରୀ ଜଣଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ରୁଣ୍ଡ ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି କାର ନେଇ ଫେରାର ହୋଇଯାଇଥିଲେ। ଏହାର କିଛି ସମୟ ପରେ ଛାତ୍ରୀଜଣକ ସଂଜ୍ଞାହୀନ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଛାତ୍ରୀଙ୍କ ମା' ବାପା ଚିକିତ୍ସାଳୟରେ ପହଞ୍ଚିଥିଲେ। ଏ ନେଇ ଛାତ୍ରୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାତ୍ରୀଙ୍କୁ ପଚାରିବାରେ ପରୀକ୍ଷା ଦେଇ ସ୍କୁଲରୁ ବାହାରୁ ଥିବା ବେଳେ ୩ ଜଣ ଦୁର୍ବୃତ୍ତ କ'ଣ ଶୁଙ୍ଘାଇ ଦେବାରୁ ମୋର ମୁଣ୍ଡ ବୁଲାଇ ଦେଇଥିଲା। ଏହି ସମୟ ଅପହରଣକାରୀମାନେ ମୋତେ କାର ଭିତରକୁ ଉଠାଇ ନେଇଥିଲେ। ହେଲେ ମୁଁ ସେମାନଙ୍କ ସହିତ ଲଢ଼ିବା ସହିତ କାରର କାଚକୁ ଗୋଇଠା ମାରି ଭାଙ୍ଗି ନିଜକୁ ମୁକୁଳାଇଥିଲି ବୋଲି କହିଛନ୍ତି। ଛାତ୍ରୀଙ୍କ ଏଭଳି ସାହସିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏ ସମ୍ପର୍କରେ ଆଇଆଇସି ତପନ କୁମାର ରାଉତଙ୍କୁ ପଚାରିବାରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅପହରଣକାରୀମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# ବଲିଉଡ୍‌ରେ କେନ୍ଦୁଝର ଝିଅ ଯୁବିକା

କେନ୍ଦୁଝର, ୧୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ସଦର ବ୍ଲକ୍ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ଗ୍ରାମର ଯୁବିକା ବ୍ରହ୍ମ ବଲିଉଡ୍ ଜ୍ୱିଗାଟୋ ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ର ଶୁକ୍ରବାର ମୁକ୍ତି ଲାଭ କରିବ। ଚଳଚ୍ଚିତ୍ରରେ ଅଭିନେତା କପିଲ ଶର୍ମା ଡେଲିଭରି ବୟ ଚରିତ୍ର କରୁଥିବାବେଳେ ଯୁବିକା ତାଙ୍କର ଝିଅ ଭୂମିକାରେ ଅଭିନୟ କରୁଛନ୍ତି। ଡାଇରେକ୍ଟର ନନ୍ଦିତା ଦାସ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଯୁବିକା କେନ୍ଦୁଝର ଟାଙ୍ଗରାଣୀ ଗ୍ରାମର ସରୋଜ ବ୍ରହ୍ମ ଓ ରୋଜାଲିନ ବିଶ୍ୱାଳଙ୍କ କନ୍ୟା। ସେ ଭୁବନେଶ୍ୱର କିଟ୍‌ସ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟରେ କ୍ଲାସ୍ ୮ରେ ଅଧ୍ୟୟନ କରୁଛନ୍ତି। ଏହି କୁନି କଳାକାରଙ୍କ ସହ ସ୍ୱତନ୍ତ୍ର ଆଳାପ।

**ପ୍ରଶ୍ନ:– ଆପଣଙ୍କ ପ୍ରଥମ ବଲିଉଡ୍ ସିନେମା ରିଲିଜ ହେବ, କିପରି ଲାଗୁଛି?**
ଉତ୍ତର:– ମୁଁ ବହୁତ ଉତ୍ସାହିତ ରହିଛି। ମୋ ସ୍ୱପ୍ନ ସତ ହେବାକୁ ଯାଉଛି।

**ପ୍ରଶ୍ନ:– କାହା ସହିତ ପ୍ରଥମ ଦିନ ସିନେମା ଦେଖିବେ?**
ଉତ୍ତର – ପରିବାର ଲୋକ, ସାଙ୍ଗମାନଙ୍କ ସହିତ ଦେଖିବି।

**ପ୍ରଶ୍ନ :– ତେବେ ଉକ୍ତ ଚଳଚ୍ଚିତ୍ର ପାଇଁ କିପରି ଚୟନ ହେଲେ?**
ଉତ୍ତର – ଆମ ସ୍କୁଲରେ ଅଡିସନ ହୋଇଥିଲା। ପ୍ରାୟ ୫୦ ଜଣ ଭାଗ ନେଇଥିଲେ। ନିଜେ ନିର୍ଦ୍ଦେଶିକା ନନ୍ଦିତା ଦାସ ମୋତେ ଚୟନ କରିଥିଲେ।

- କପିଲ ଶର୍ମାଙ୍କ ଅଭିନୀତ 'ଜ୍ୱିଗାଟୋ'ରେ ଅଭିନୟ କରୁଛନ୍ତି
- ସ୍ୱପ୍ନ ସତ ହୋଇଛି: ଯୁବିକା

**ପ୍ରଶ୍ନ:– ପ୍ରଥମ ସିନେମାରେ କାମ କରିବାର ଅନୁଭୂତି?**
ଉତ୍ତର – ବଡ଼ କଳାକାରଙ୍କ ସହିତ କାମ କରିବାର ସୁଯୋଗ ପାଇଥିବାରୁ ବେଶ୍ ଖୁସି ଅନୁଭବ କରୁଛି।

**ପ୍ରଶ୍ନ:– ଅଭିନୟ ପ୍ରତି ଆଗ୍ରହୀ ଶିଶୁମାନଙ୍କୁ କ'ଣ କହିବେ?**
ଉତ୍ତର – କାମ ଉପରେ ଦୃଷ୍ଟି ଦେବା ଜରୁରୀ। ସଫଳ ହେବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବା ଆବଶ୍ୟକ।

**ପ୍ରଶ୍ନ:– କେଉଁ ସିନେମା ଭଲ ଲାଗିଛି ଏବଂ କେଉଁ ହିରୋ ଓ ହିରୋଇନ ପସନ୍ଦ?**
ଉତ୍ତର – ନିକଟରେ ରିଲିଜ ହୋଇଥିବା ସିନେମା ପଠାନ ମୋତେ ଭଲ ଲାଗିଛି। ଶାହାରୁଖ ଖାନ ଓ ଆଲିଆ ଭଟ୍ଟ ମୋର ପସନ୍ଦ।

**ପ୍ରଶ୍ନ:– ଭବିଷ୍ୟତରେ କ'ଣ ହେବାକୁ ଆଶା ରଖିଛନ୍ତି?**
ଉତ୍ତର–ଡାକ୍ତର ହୋଇ ଅସହାୟ ଲୋକଙ୍କ ସେବା କରିବା। ଏଥିସହ ସଫଳ ଅଭିନେତ୍ରୀ ହେବାଲାଗି ସ୍ୱପ୍ନ ରହିଛି।



କପିଲ ଶର୍ମାଙ୍କ ସହ ଯୁବିକା ବ୍ରହ୍ମ।

# ଆନ୍ଦୋଳନରତ ଡ୍ରାଇଭର-ପୋଲିସ ଖଣ୍ଡଯୁଦ୍ଧ

ଗୋପାଳପୁର/ଛତ୍ରପୁର, ୧୬।୩(ଡି.ଏନ୍.ଏ.)


ଆନ୍ଦୋଳନକାରୀଙ୍କୁ ପୋଲିସର ଲାଠି ଚାଳନା।

- ପୋଲିସର ମୃଦୁ ଲାଠି ଚାଳନା
- ଡ୍ରାଇଭରଙ୍କ ପଥର ଓ ଠେଙ୍ଗା ମାଡ଼
- ଥାନାଧିକାରୀ, ଏସ୍‌ଆଇ, ଡ୍ରାଇଭର ଆହତ
- ସ୍ଥିତି ଅନୁଧ୍ୟାନ କଲେ ଆଇଜି, ଏସ୍‌ପି

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଚାଲିଥିବା ଆନ୍ଦୋଳନର ଗୁରୁବାର ଦ୍ୱିତୀୟ ଦିନ ସନ୍ଧ୍ୟାରେ ଗଞ୍ଜାମ ଜିଲା ପୁକୁଡ଼ିବନ୍ଧଠାରେ ପୋଲିସ ଓ ଆନ୍ଦୋଳନକାରୀ ଡ୍ରାଇଭରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଜାତୀୟ ରାଜପଥ ରଣକ୍ଷେତ୍ର ପାଲଟି ଥିଲା। ପୋଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଥିବା ବେଳେ ଆନ୍ଦୋଳନରତ ଡ୍ରାଇଭରମାନେ ମଧ୍ୟ ପଥର ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଗୋପାଳପୁର ଥାନା ଏସ୍‌ଆଇ ଜୟଚନ୍ଦ୍ର ମଲିକଙ୍କ ସମେତ ୭ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରେ ସମ୍ପୃକ୍ତ ୧୧ରୁ ଊର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।

ପ୍ରକାଶ ଯେ, ବ୍ରହ୍ମପୁର ସହର ସମେତ ୧୬ ଓ ୫୯ ନଂ. ଜାତୀୟ ରାଜପଥରେ ଅତ୍ୟାବଶ୍ୟକ ସାମଗ୍ରୀ ବୋଝେଇ ଟ୍ରକ୍‌କୁ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇ ଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ପୁକୁଡିବନ୍ଧ ଜଙ୍କସନ୍‌ଠାରେ ଗାଡ଼ିକୁ ଛଡାଯିବା ପାଇଁ କୁହାଯାଇଥିଲା। କିନ୍ତୁ ଡ୍ରାଇଭରମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ମାଲବାହୀ ଟ୍ରକ୍‌ଗୁଡିକୁ ଛାଡ଼ି ନ ଥିଲେ। ପରେ ପୋଲିସ ଓ ଡ୍ରାଇଭରଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ବାଧ ହୋଇ ମୃଦୁ ଲାଠି ଚାଳନା କରିଥିଲା। ଯାହାଦ୍ୱାରା ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୁକୁଡିବନ୍ଧ ଜଙ୍କସନ ସମେତ କନିଷି ଅଞ୍ଚଳରେ ମାଲବାହୀ ଟ୍ରକ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। କିନ୍ତୁ କିଛି ଘଣ୍ଟା ବ୍ୟବଧାନ ପରେ ଅର୍ଥାତ ସନ୍ଧ୍ୟାରେ ଶତାଧିକ ଆନ୍ଦୋଳନକାରୀ ଡ୍ରାଇଭର ଗାଡିକୁ ଅଟକାଉଥିବା ବେଳେ ପୋଲିସ ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଆନ୍ଦୋଳନକାରୀ ପୋଲିସଙ୍କୁ ଗୋଡ଼ାଇ ଗୋଡ଼ାଇ ଢେଲା ଓ ପଥର ମାଡ଼ କରିଥିଲେ। ଅନ୍ୟପଟେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ଡ.ସର୍ବଣ ବିବେକ ଏମ୍, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଘଟଣା ସ୍ଥଳ ପରିଦର୍ଶନ କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏହି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

ପ୍ରଥମ ପୃଷ୍ଠାରୁ...

## ତହସିଲ ଅଫିସରେ...

ଥାନା ଆମସେନା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ଜଗଦୀଶ ଚୌହାନ (୩୬)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୀଡ଼ିତଙ୍କ ମା' ନୂଆପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, କଲ୍ୟାଣପୁର ଗ୍ରାମର ଜଗଦୀଶଙ୍କ ବାପା ଆତ୍ମାରାମ ଜମିବିକ୍ରି ପାଇଁ ୨୦୨୨ ଜାନୁୟାରୀ ୧୫ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଦୀର୍ଘଦିନ ଧରି ଆବେଦନ ଫର୍ମ ପଡ଼ିରହିବା ପରେ ୨୦୨୨ ମାର୍ଚ୍ଚ ୨୯ରେ ପଞ୍ଜୀକୃତ ହୋଇଥିଲା। ଏହାର ଭେରିଫିକେଶନ ପାଇଁ ଚିଠି ନଂ. ୭୯୭/୨୦୨୨ ଅନୁଯାୟୀ ମେ' ୯ରେ ସଦର ତହସିଲ କାର୍ଯ୍ୟାଳୟକୁ ପଠାଯାଇଥିଲା। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ଭେରିଫିକେଶନ ହୋଇପାରି ନ ଥିଲା। ଜଗଦୀଶ ଓ ତାଙ୍କ ମା' ବାରମ୍ବାର ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ଗୁରୁବାର ଜଗଦୀଶ ଏକାକୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଆଶେସା ବାଗଙ୍କ ଦ୍ୱାରସ୍ଥ ହୋଇ ଏ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ହେଲେ ଅତିରିକ୍ତ ତହସିଲଦାର ତାଙ୍କୁ ବାରମ୍ବାର କାହିଁକି ଆସୁଛ କହି ଧମକଚମକ ହେଇଥିଲେ। ଏଥିରେ ଜଗଦୀଶ ଭାରସାମ୍ୟ ହରାଇ କାର୍ଯ୍ୟାଳୟରୁ ବାହାରି ଆସି ଦେହରେ ପେଟ୍ରୋଲ ଢାଳିହୋଇ ନିଆଁ ଲଗାଇ ଦେଇଥିଲେ। ଜଳୁଥିବା ଅବସ୍ଥାରେ ଅତିରିକ୍ତ ତହସିଲଦାର ଚ୍ୟାମ୍ବରକୁ ଦୌଡି ଯାଇଥିଲେ। ଜଗଦୀଶଙ୍କ ଶରୀରରେ ଲାଗିଥିବା ନିଆଁ ବ୍ୟାପୀ ଅଫିସ୍‌ର କେତେକ କାଗଜପତ୍ର ପୋଡ଼ିଯାଇଛି। ତେବେ ସେଠାରେ ଉପସ୍ଥିତ କର୍ମଚାରୀ ଏବଂ ଜନସାଧାରଣ ନିଆଁକୁ ଆୟତ୍ତ କରିବାରୁ ବଡ଼ ଧରଣର ବିପତ୍ତି ଟଳିଯାଇଛି। ଜଗଦୀଶଙ୍କୁ ଉଦ୍ଧାର କରି ତହସିଲଦାରଙ୍କ ଗାଡ଼ିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରାଙ୍କୁ ପଚାରିବାରୁ ଆମ ପାଖରେ ଓକିଲ ସଂଘ ଓ ଜଗଦୀଶଙ୍କ ମା' ଲିଖିତ ଅଭିଯୋଗ କରିଛନ୍ତି। କେସ ରୁଜୁ ହୋଇନାହିଁ। ମାମଲା ରୁଜୁ କରାଯିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଉପଜିଲାପାଳ ସୁବାସ ଚନ୍ଦ୍ର ରଉତାଙ୍କୁ ପଚାରିବାରୁ ଆମେ ତଦନ୍ତ କରୁଛୁ, ଏଥିରେ ଯାହାର ଭୁଲ୍ ବାହାରିବ, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଘଟଣା ପରଠାରୁ ତହସିଲଦାର ଦେବେନ୍ଦ୍ର ରାଉତ ଓ ଅତିରିକ୍ତ ତହସିଲଦାର ଆଶେସା ବାଗଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ମାଟ୍ରିକ ପରୀକ୍ଷା ବେଳେ...

ବିଷୟରେ ପରୀକ୍ଷା ଥିଲା। ବିଦ୍ୟାର୍ଥୀମାନେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। କୁନା ମଧ୍ୟ ପରୀକ୍ଷା ଦେଉଥିଲେ। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ସେ ହଠାତ୍ ମୂର୍ଚ୍ଛା ହୋଇଯାଇଥିଲେ। ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ତାଙ୍କୁ ତୁରନ୍ତ ନାଲ୍‌କୋ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ। ତାଙ୍କର ମୂର୍ଚ୍ଛା ରୋଗ ଥିବା ଏବଂ ଏହା ପୂର୍ବରୁ ସେ ଅନେକ ଥର ଏହି ରୋଗରେ ମୂର୍ଚ୍ଛା ହୋଇଥିବା ପରିବାର ଲୋକେ ସୂଚନା ଦେଇଥିଲେ। ଖବର ପାଇ ଦାମନଯୋଡି ଥାନା ଅଧିକାରୀ ଗୌରହରି ସାହୁ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ। କୁନାଙ୍କ ବାପା ରାମ ପୂଜାରୀ ନାଲ୍‌କୋରେ ନିୟୋଜିତ ୟୁନାଇଟସ କମ୍ପାନୀରେ ଠିକା କର୍ମଚାରୀ ରୂପେ କାର୍ଯ୍ୟ କରୁଛନ୍ତି। ମାଥାଲପୁଟ ହାଟପଦାସ୍ଥିତ ମନ୍ଦିର କଲୋନୀରେ ସପରିବାର ରହୁଛନ୍ତି। ତାଙ୍କ ନିଜ ଘର ଉମୁରୀରେ ବୋଲି ଜଣାପଡିଛି।

## ଆନ୍ଦୋଳନ ବଢ଼ାଇଛି...

ସ୍ଥାନରେ ଘରୋଇ ଗାଡ଼ିଗୁଡ଼ିକ ତେଲ ନ ପାଇବାରୁ ମାଲିକମାନେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ପେଟ୍ରୋଲିୟମ୍ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠଙ୍କ କହିବା ହେଲା ଗୁରୁବାର ମଧ୍ୟରାତ୍ର ସୁଦ୍ଧା ସରକାରଙ୍କ ପକ୍ଷରୁ ତୈଳ ପରିବହନ କ୍ଷେତ୍ରରେ ଯଦି କୌଣସି ପଦକ୍ଷେପ ନିଆ ନ ଯିବ ତା'ହେଲେ ଆମେ ନିକଟବର୍ତ୍ତୀ ଡିପୋରୁ ନିଜ ପ୍ରଚେଷ୍ଟାରେ ପେଟ୍ରୋଲ୍ ଏବଂ ଡିଜେଲ ଯୋଗାଣ କରିବାକୁ ଚେଷ୍ଟା କରିବୁ।

ଅପରପକ୍ଷରେ ବସ୍ ଓ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନକୁ ସମର୍ଥନ କରୁ ନ ଥିଲେ ମଧ୍ୟ ବିନା ଡ୍ରାଇଭର ଓ ସୁରକ୍ଷା ମିଳୁ ନ ଥିବାରୁ ସେମାନେ ଅସହାୟ ହୋଇ ପଡିଛନ୍ତି। କାଁ ଭାଁ ବସ୍ ଚାଲୁଥିଲେ ମଧ୍ୟ ତାହା ଯାତ୍ରୀଙ୍କ ସମସ୍ୟାକୁ ଦୂର କରି ପାରୁ ନାହିଁ। ଅପରପକ୍ଷରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଗୁରୁବାର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ତୁରନ୍ତ ଅବରୋଧ ହଟାଇବା ସହ ବସ୍ ଡ୍ରାଇଭରଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସଂଘ କହିଛି। ନଚେତ ରାଜ୍ୟର ୧୪ହଜାର ଘରୋଇ ବସ୍ ଚଳାଚଳ ବନ୍ଦ କରିଦିଆଯିବ ବୋଲି ବସ୍ ମାଲିକ ସଂଘ ଶୁଣାଇ ଦେଇଛି।

ବସ୍ ଚଳାଚଳ ବନ୍ଦ ଯୋଗୁ ସବୁ ବର୍ଗର ଲୋକମାନେ ଅସୁବିଧା ଭୋଗିଲେଣି। ବିଶେଷ କରି ସ୍କୁଲ, କଲେଜରେ ପରୀକ୍ଷା ଚାଲିଥିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ଆରମ୍ଭ କରି ପିଲାମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରାଇଭର ଆନ୍ଦୋଳନ ଯୋଗୁ ରାଜ୍ୟବାସୀ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବିଭିନ୍ନ ଜିଲାରେ ଡ୍ରାଇଭରମାନେ ଆନ୍ଦୋଳନକୁ ଜୋରଦାର କରିଥିବାରୁ କିଛି ସ୍ଥାନରେ ପୋଲିସ ସହ ଡ୍ରାଇଭରମାନଙ୍କ ଧସ୍ତାଧସ୍ତି ପରିସ୍ଥିତି ଦେଖିବାକୁ ମିଳିଛି। ସେପଟେ ଡ୍ରାଇଭର ଆନ୍ଦୋଳନକୁ ନେଇ ବିଧାନସଭା ହୁଲ୍‌ସ୍ଥୂଲ୍ ହୋଇଛି। ଡ୍ରାଇଭରମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଦୂର କରିବାକୁ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଦାବି କରିଛନ୍ତି। ଗୁରୁବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ, ଡ୍ରାଇଭରମାନେ ରାତି ତମାମ ଗାଡ଼ି ଚଳାଉଛନ୍ତି। ସେମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି। ଡ୍ରାଇଭରଙ୍କ ସହ ସରକାର କାହିଁକି ଆଲୋଚନା କରୁନାହାନ୍ତି। ସେହିପରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ଶୂନ୍ୟକାଳରେ ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଡ୍ରାଇଭରମାନେ ଆନ୍ଦୋଳନ ଚଳାଇଛନ୍ତି। ରାଜ୍ୟରେ ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ଟ୍ରକ୍, ୩ଚକିଆ ଯାନ ଚଳାଚଳ ବନ୍ଦ ରହିଛି। ଡ୍ରାଇଭରଙ୍କ ଷ୍ଟ୍ରାଇକ୍ ଭଣ୍ଡୁର କରିବାକୁ ଅନ୍ୟ ଗୋଷ୍ଠୀଙ୍କୁ ତାଙ୍କ ବିରୋଧରେ ଲଗାଇ ଦିଆଯାଇଛି। ଯେଉଁ ସମସ୍ୟା ନେଇ ଗୃହରେ ଆଲୋଚନା ହେଉଛି ତାହା ଉପରେ ସରକାର କିଛି ପଦକ୍ଷେପ ନେଉନାହାନ୍ତି। ଏ ଗୃହ ବିଭିନ୍ନ ଶ୍ରେଣୀର ଲୋକଙ୍କୁ ନ୍ୟାୟ ଦେଇପାରୁ ନାହିଁ। ସରକାର ବାଧ କରୁଛନ୍ତି ଗୃହର ମଧ୍ୟଭାଗକୁ ଆସି ଗଣ୍ଡଗୋଳ କରିବାକୁ। ବିନା ହଟ୍ଟଗୋଳରେ କୌଣସି ଦାବି ସରକାରଙ୍କ ଦୃଷ୍ଟିକୁ ଆସୁ ନାହିଁ। ଏତିକି କହିବା ମାତ୍ରେ କଂଗ୍ରେସ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ମଧ୍ୟ ଡ୍ରାଇଭର ଆନ୍ଦୋଳନକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବିଭାଗୀୟ ମନ୍ତ୍ରୀ ସେମାନଙ୍କୁ ଡାକି ଆଲୋଚନା କରନ୍ତୁ ବୋଲି ଦାବି କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହ ମିଶି ଗୃହରେ ହୋହଲ୍ଲା କରିଥିଲେ। ଡ୍ରାଇଭରଙ୍କ ଦାବି ତୁରନ୍ତ ପୂରଣ କରିବାକୁ ଦାବି କରିଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହ ଗୃହକୁ ୧୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। ପ୍ରାୟ ଅଧଘଣ୍ଟା ଆଲୋଚନା ପରେ ୧୨ଟା ୩୮ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି କହିଥିଲେ, ବିରୋଧୀ ଦଳ ସଦସ୍ୟମାନେ ଡ୍ରାଇଭରଙ୍କ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ପରିବହନ ମନ୍ତ୍ରୀ ଡ୍ରାଇଭରମାନଙ୍କ ସହ ଆଲେଚାନ କରି ଶୁକ୍ରବାର ଗୃହରେ ଏକ ବିବୃତି ଦେବାକୁ ବାଚସ୍ପତି ରୁଲିଂ ଦେଇଛନ୍ତି।

ଅନ୍ୟପକ୍ଷରେ ବସ୍ ଚଳାଇବାକୁ ପ୍ରତିଶ୍ରୁତି ଦେଇଥିବା ପୋଲିସ ମଧ୍ୟ ଡ୍ରାଇଭର ଆନ୍ଦୋଳନ ଆଗରେ ଅସହାୟ ହୋଇଛି। ବସ୍ କର୍ମଚାରୀଙ୍କୁ ସୁରକ୍ଷା ଦେଇ ନ ପାରିବାରୁ ୨ ଦିନ ହେବ ରାସ୍ତାରେ ବସ ଗଡ଼ିପାରୁ ନାହିଁ। ଅନେକ ସ୍ଥାନରେ ବସ୍ କର୍ମଚାରୀମାନେ ମାଡ଼ ଖାଇବା ସହ ଅପମାନିତ ହୋଇଛନ୍ତି। ଏପରିକି ଯାତ୍ରୀଙ୍କୁ ଅଧା ରାସ୍ତାରେ ଛାଡ଼ି ଫେରିବା ପାଇଁ ବାଧ ହୋଇଛନ୍ତି। ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରୁ ଗୁରୁବାର ଅବରୋଧ ନ ହଟିଲେ ଶୁକ୍ରବାରଠାରୁ ବସ୍ ଚଳାଚଳ ବନ୍ଦ କରିବେ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି। ରାସ୍ତାରେ ଗାଡ଼ି ଛିଡ଼ା କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତିବାଦ ବୋଲି ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ରାଜ୍ୟବ୍ୟାପୀ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବୁଧବାର ଦିନ ଓ ରାତି ତମାମ ବସ୍ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୋଲିସ୍ ପ୍ରଶାସନ ସହଯୋଗ କରିବ ବୋଲି ଭାବିଥିଲୁ। ସେଥିପାଇଁ ଗାଡ଼ି ଚଳାଇଥିଲୁ। ହେଲେ ପୋଲିସ୍ ସହଯୋଗ କଲା ନାହିଁ। ପୋଲିସ ଉପସ୍ଥିତିରେ ଡ୍ରାଇଭରମାନେ ଗାଡ଼ି ଅଟକାଉଛନ୍ତି। ଡ୍ରାଇଭର ସଂଘର ଆନ୍ଦୋଳନକୁ ଆମେ ବିରୋଧ କରୁନାହୁଁ। ସେମାନେ ତାଙ୍କ ଦାବି ଉପସ୍ଥାପନ କରନ୍ତୁ। ପୋଲିସ ସୁରକ୍ଷା ନ ଦେଲେ ବସ୍ ଚଳାଇବା ସମ୍ଭବ ହେବ ନାହିଁ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି କୁରୁକୁରୁ ହସ
କାଲି ଲଙ୍ଗଳ ଦେଇ ଚଷା।**

ସମୟ କାହାରିକୁ ଅପେକ୍ଷା କରି ନ ଥାଏ। ସମୟର ସଦୁପଯୋଗ କରିପାରୁ ନ ଥିବା ବ୍ୟକ୍ତିଙ୍କୁ ପଛରେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ। ଆଜି ଅଯଥାରେ ଦିନ କାଟିଲେ କାଲି କଷ୍ଟ ଭୋଗିବାକୁ ପଡିଥାଏ ବୋଲି ଏଠାରେ ସୂଚିତ କରାଯାଇଛି।

**ଆଖଡ଼ିଆ ଚମ୍ପା
ଆଖଡ଼ା ସରିଲେ ଫମ୍ପା।**

ଆଖଡ଼ା ସରିଗଲା ପରେ ଆଖଡ଼ା ସ୍ଥାନଟିର ଗୁରୁତ୍ୱ କମିଯାଇଥାଏ। ଉକ୍ତ ସ୍ଥାନଟି ସମୟକ୍ରମେ ଅଣଦେଖା ଓ ଅବହେଳିତ ହୋଇଯାଇଥାଏ। ପରୋକ୍ଷରେ ଉପକୃତ ହେବା ପରେ ଉପକାରୀ ବ୍ୟକ୍ତିକୁ ଆଉ କେହି ସେତେ ଖୋଜୁ ବା ଲୋଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶୁକ୍ରଙ୍କ ପ୍ରଭାବରୁ ଆପଣ ମଧୁର ବାକ୍ୟାଳାପ ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରି ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବନାହିଁ। ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** – ମୁଖଭାବରେ ମଙ୍ଗଳ ଥିବା ହେତୁ ଅତି ଭଲ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିବ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ସମ୍ମାନ୍‌ନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ କିନ୍ତୁ ଅର୍ଥସଙ୍କଟ ମଧ୍ୟଦେଇ ଗତି କରିପାରନ୍ତି।

**ମିଥୁନ** – ଷଷ୍ଠାଧିପ ରାଶିରେ ଅବସ୍ଥାନ କରି ଆତ୍ମୀୟଙ୍କ ସହ ସୁସମ୍ପର୍କକୁ ନଷ୍ଟ କରିବ। ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ସମ୍ପର୍କୀୟ ବ୍ୟକ୍ତିଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ** – ରାହୁଙ୍କ ପ୍ରଭାବରେ କୌଣସି କାମ ଶୃଙ୍ଖଳିତ ହେବନାହିଁ। ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବା ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇ ଯିବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ସିଂହ** – ପାପଯୁକ୍ତ କର୍ମାଧିପତି ଯୋଗୁ କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ମନ ଭଲ ରହିବ ନାହିଁ। ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ, କିନ୍ତୁ ପାରିବେନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟାକୁ ଟାଣି ହୋଇପାରନ୍ତି। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ପାଇବେ।

**କନ୍ୟା** – ଧନସ୍ଥାନରେ କେତୁ ଥିବାରୁ ଆର୍ଥିକ ଅଭାବ ସାଙ୍ଗକୁ ପ୍ରତ୍ୟେକ କାମ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯାଇପାରେ। ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବୃଦ୍ଧି ପାଇବ।

**ତୁଳା** – ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ହେତୁ ଅପ୍ରିୟ ସତ୍ୟକଥା ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବଢ଼ିଯାଇପାରେ।

**ବିଛା** – କାମର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣାରେ ବିଜୟଲାଭର ଆଶା ଗୌଣ ମନେହେବ। ରବିଙ୍କ ପ୍ରଭାବରୁ ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ମନୋବଳ ବୃଦ୍ଧି ପାଇବ।

**ଧନୁ** – ରୋଗପୀଡ଼ା ଓ ପୂର୍ବ ଶତ୍ରୁତାକୁ ନେଇ ମନ ଭଲ ରହିବ ନାହିଁ। ଚତୁର୍ଥସ୍ଥ ଗ୍ରହ ଯୋଗୁ ଅଧିକାଂଶ ସମୟ ବନ୍ଧୁ ମେଳରେ କଟାଇବେ। ଅର୍ଥର ଆବଶ୍ୟକତାକୁ ନେଇ ଦୂର ସମ୍ପର୍କୀୟ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଂଗଠନ, କଳା, ସାହିତ୍ୟ, ପ୍ରଶାସନିକସ୍ତରରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** – ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ କିନ୍ତୁ ଘାତବାର ହେତୁ ସାବଧାନତା ଅବଲମ୍ବନ କରିବା ଭଲ। ଶନି ଦୃଷ୍ଟ ଶୁକ୍ରଜନିତ ସାମାନ୍ୟ ବିଳମ୍ବିତ ସମୟରେ ପାରିବାରିକ ସମସ୍ୟାର ସମାଧାନ କରିବେ। ଆନୁଷ୍ଠାନିକ, ସାଂଗଠନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ** – ରବି ଓ ବୁଧ ପ୍ରଭାବରୁ ସାଧାରଣ ଘଟଣାକୁ ନେଇ ଭୁଲ୍ ବୁଝାମଣା କାରଣରୁ ବନ୍ଧୁମାନଙ୍କ ସହ କଳହ ଘଟିପାରେ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ଶିଳ୍ପ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବାଦବିବାଦରେ ଆପୋଷ ସମାଧାନ ଘଟିବ।

**ମୀନ** – ବୁଧଙ୍କ ଦୁର୍ବଳତା କାରଣରୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଅବହେଳା ଓ ସ୍ଥଗିତ କାମ ସକାଶେ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ।

ଆଜି ଚୈତ୍ର କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ଶୁକ୍ରବାର, ମାର୍ଚ୍ଚ ୧୭ ତାରିଖ, ରାଶି ନକ୍ଷତ୍ର–ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୦।୧୭ମି. ଗତେ ମକର ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୭ମି. ଗତେ ଘ.୦୬।୪୫ମି. ମଧ୍ୟେ, ଘ.୦୭।୩୨ମି. ଗତେ ଘ.୦୮।୫୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୫ମି. ଗତେ ଘ.୧୧।୫୫ମି. ମଧ୍ୟେ ରାହୁକାଳ।

# ନିବେଶ ପାଇଁ ଓଡ଼ିଶା ସର୍ବୋତ୍ତମ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ଓଡ଼ିଶାରୁ ଉଚ୍ଚଶିକ୍ଷା ଶେଷକରି ଆମେରିକାର ବୋଷ୍ଟନ୍ ୟୁନିଭର୍ସିଟିରୁ ମାଷ୍ଟର ଡ୍ରିଗୀ ହାସଲ ପରେ ପାରିବାରିକ ବ୍ୟବସାୟରେ ସେ ମନୋନିବେଶ କରିଥିଲେ। ୧୯୯୦ ଦଶକରେ ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ(ଇମ୍ଫା)ର ପରିବର୍ଦ୍ଧନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ଏହାକୁ ରାଜ୍ୟର ଏକ ଅଗ୍ରଣୀ ଶିଳ୍ପରେ ପରିଣତ କରାଇଛନ୍ତି। ତାଙ୍କ ଦୂରଦୃଷ୍ଟି ଇମ୍ଫାକୁ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ଏବଂ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଂସ୍ଥା ଭାବେ ସୁନାମ ଆଣି ଦେଇଛି। ଧରିତ୍ରୀ ସହ ବିଶେଷ ଆଳାପ ବେଳେ ସଫଳ ଶିଳ୍ପୋଦ୍ୟୋଗୀ, ଇମ୍ଫା ଏମ୍‌ଡି ତଥା ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ଓଡ଼ିଶାରେ ଶିଳ୍ପର ଅଗ୍ରଗତି ଓ ଅନ୍ୟ ବିଷୟରେ ନିଜ ମତ ରଖିଛନ୍ତି।**

**ପ୍ର-୧: ଓଡ଼ିଶାରେ ଶିଳ୍ପର ବିକାଶକୁ କିଭଳି ଦେଖୁଛନ୍ତି?**

ଉ- ପୁଞ୍ଜିନିବେଶକଙ୍କ ପାଇଁ ଓଡ଼ିଶା ବର୍ତ୍ତମାନ ଅନ୍ୟତମ ଆକର୍ଷଣୀୟ ରାଜ୍ୟ ଭାବେ ମାନ୍ୟତା ଲାଭ କରିଛି। ଏଥିପାଇଁ ଅନୁକୂଳ ପରିବେଶ ଓ ଶିଳ୍ପନୀତି ମଧ୍ୟ ରହିଛି। ରାଜ୍ୟରେ ଥିବା ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳର ସୁବିନିଯୋଗ କରାଯାଇ ଶିଳ୍ପ ଅଭିବୃଦ୍ଧିରେ ବିରାଟ ପରିବର୍ତ୍ତନ ଅଣାଯାଇପାରିଛି। ଏହାବ୍ୟତୀତ ବିବିଧତା ଉପରେ ଗୁରୁତ୍ୱ ଦିଆଯିବା ଫଳରେ ଅନ୍ୟ କ୍ଷେତ୍ରଗୁଡ଼ିକରେ ମଧ୍ୟ ପୁଞ୍ଜିନିବେଶ ବୃଦ୍ଧି ପାଉଛି, ଯାହାକି ଏକ ଉତ୍ତମ ପଦକ୍ଷେପ। ଏହି ଦୃଷ୍ଟିକୋଣରୁ ବିଗତ ଦଶନ୍ଧିରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଘଟିଛି। ଏପରିକି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଜାତୀୟ ହାରଠାରୁ ଅଧିକ। ଏଥିରୁ ଶିଳ୍ପାୟନ ପ୍ରତି ରାଜ୍ୟର ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହେଉଛି।

**ପ୍ର-୨: ଫିକି ସଭାପତି ଭାବେ ଓଡ଼ିଶା ପ୍ରତି ଆପଣଙ୍କ ଆଭିମୁଖ୍ୟ କ'ଣ ରହିବ?**

ଉ- ପ୍ରଥମ ଓଡ଼ିଆ ଭାବେ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ସଭାପତି ହେବା ମୋ ପାଇଁ ଗୌରବର କଥା। ଏହା ମୋର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଓଡ଼ିଶା ଏକ ଶିଳ୍ପଭିତ୍ତିକ ରାଜ୍ୟ ରୂପେ ସାମର୍ଥ୍ୟ ପ୍ରଦର୍ଶନ କରିପାରୁଥିବାରୁ ଏହା ସମ୍ଭବ ହୋଇଛି। ରାଜ୍ୟ ହାସଲ କରିଥିବା ସମସ୍ତ ସଫଳତାର ଏହା ଏକ ପ୍ରତିଫଳନ ବୋଲି ମୁଁ ବିବେଚନା କରେ। ଯେତେଦୂର ମୋର ଭୂମିକା କଥା ଉଠୁଛି, ଫିକିର ସଭାପତି ଭାବେ ମୋର ଭୂମିକା ଜାତୀୟସ୍ତରକୁ ଲକ୍ଷ୍ୟ କେନ୍ଦ୍ରିତ କରୁଛି। କିନ୍ତୁ ମୁଁ ସବୁବେଳେ କହେ ଓଡ଼ିଶା ମୋ ପାଇଁ ସର୍ବଦା ଅଗ୍ରାଧିକାର ଲାଭ କରିଛି।

**ପ୍ର-୩: ଚଳିତ କେନ୍ଦ୍ରୀୟ ବଜେଟ ଶିଳ୍ପକ୍ଷେତ୍ରକୁ କିଭଳି ସହାୟକ ହେବ?**

ଉ- କେନ୍ଦ୍ରୀୟ ବଜେଟ ଏକ ଅଭିବୃଦ୍ଧିଶୀଳ ବଜେଟ। ଏହା ଏକ ପ୍ରଗତିଶୀଳ ବଜେଟ ହୋଇଥିବାରୁ ଫିକି ପକ୍ଷରୁ ଆମେ ସାଧାରଣ ଭିତ୍ତିଭୂମି ଓ ପୁଞ୍ଜି ବ୍ୟୟକୁ ଗୁରୁତ୍ୱ ଦେଇଆସିଛୁ। ବଜେଟରେ ମଧ୍ୟ ଏହା ପ୍ରତିଳଫିତ ହୋଇଛି। ପୁଞ୍ଜି ବ୍ୟୟରେ ପୂର୍ବାପେକ୍ଷା ୩୩% ଅଧିକ ଆବଣ୍ଟନ ସହ ୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ଏକ ଐତିହାସିକ ସଂଖ୍ୟା, ଯାହା ମୋଟ ଘରୋଇ ଉତ୍ପାଦ(ଜିଡିପି) ୩.୩%ର ପ୍ରତିନିଧିତ୍ୱ କରୁଛି। ତେବେ ରାଜ୍ୟର ଅନୁଦାନକୁ ମିଶାଇଲେ ମୋଟ ଘରୋଇ ଉତ୍ପାଦ ୪.୫%ରେ ପହଞ୍ଚିବ।

**ପ୍ର-୪: କୋଭିଡ୍ ପରବର୍ତ୍ତୀ ଓ ପୂର୍ବବର୍ତ୍ତୀ ଶିଳ୍ପ କ୍ଷେତ୍ରକୁ କିଭଳି ଦେଖୁଛନ୍ତି?**

ଉ- କୋଭିଡ୍ ପୂର୍ବରୁ ସାରା ଦେଶରେ ଶିଳ୍ପ କ୍ଷେତ୍ର ଆଶାନୁଯାୟୀ ବିକଶିତ ହୋଇଥିଲା। ହେଲେ କୋଭିଡ୍ ଏବଂ କୋଭିଡ୍ ପରବର୍ତ୍ତୀ ସମୟରେ ଶିଳ୍ପକ୍ଷେତ୍ର କିଛି ମାତ୍ରାରେ ମାନ୍ଦାବସ୍ଥା ଦେଇ ଗତି କରିଥିଲା। ବର୍ତ୍ତମାନ ଶିଳ୍ପ କ୍ଷେତ୍ରକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଅଧିକ ସଫଳତା ପାଇଁ ଘରୋଇ କ୍ଷେତ୍ର ଆଗେଇ ଆସିବା ଉଚିତ। ଘରୋଇ ନିବେଶ ଓ ପୁଞ୍ଜି ବ୍ୟୟରେ ଉନ୍ନତି ଆଣିବା ପାଇଁ ବଜେଟରେ କରାଯାଇଥିବା ବ୍ୟବସ୍ଥା ବିଶେଷ ସହାୟକ ହେବ ବୋଲି ମୁଁ ଆଶାବାଦୀ ରହିଛି। ମହାମାରୀର କଷାଘାତରୁ ଭାରତୀୟ ଶିଳ୍ପ ମୁକୁଳିପାରିଛି। ଅଧିକାଂଶ କ୍ଷେତ୍ର ପୂର୍ବାବସ୍ଥାକୁ ଫେରିଥିବା ବେଳେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ସର୍ବାଧିକ ପ୍ରଭାବିତ ସର୍ଭିସ୍ ସେକ୍ଟର ମଧ୍ୟ ଅଣ୍ଟା ସଳଖି ଛିଡ଼ା ହେଉଛି ବୋଲି ମୁଁ ମନେକରେ। ବାସ୍ତବରେ ବର୍ତ୍ତମାନ ସମୟରେ ବିଶ୍ୱରେ ଆର୍ଥିକ ମନ୍ଥରତା ଯୋଗୁ ଭାରତର ରପ୍ତାନି କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ସେବା କ୍ଷେତ୍ରରେ ମଜଭୁତ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ବିଭିନ୍ନ କ୍ଷେତ୍ର ଉପରେ ନଜର ପକାଇଲେ ଆମେ ମହାମାରୀକୁ ପଛରେ ପକାଇ ଏକ ନିରନ୍ତର ବିକାଶ ଦିଗରେ ଅଗ୍ରସର ହେଉଥିବା ଲକ୍ଷ୍ୟ କରୁଛି।


ଶୁଭ୍ରକାନ୍ତ ପଣ୍ଡା

**ପ୍ର-୫: ରାଜ୍ୟର ନୂତନ ଶିଳ୍ପନୀତି ଉପରେ ଆପଣଙ୍କ ମତ କ'ଣ?**

ଉ- ଏହା ଏକ ଅତ୍ୟନ୍ତ ପ୍ରଗତିଶୀଳ ନୀତି। ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଥିବା ପାରମ୍ପରିକ ଖଣିଜ ଓ ପଦାର୍ଥଗୁଡ଼ିକୁ ନେଇ ଶିଳ୍ପର ସ୍ଥିତିରେ ବିବିଧତା ଆଣିବା ଏହି ଶିଳ୍ପନୀତିର ଲକ୍ଷ୍ୟ। ଓଡ଼ିଶାର ବିକାଶଶୀଳ ଶିଳ୍ପନୀତିରେ ଅପାର ସମ୍ଭାବନା ରହିଛି, ଯାହା ରାଜ୍ୟରେ ପୁଞ୍ଜିନିବେଶ ଆଣିବାରେ ସହାୟକ ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ।

# ଝିଅର ମୃତଦେହ ଆଣିବା ପାଇଁ ଭିକ୍ଷା ମାଗିଲେ ବାପା

**ପିପିଲି,୧୬।୩(ସ୍ୱ.ପ୍ର.)**

ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ବେଣାଗାଁ ଅଞ୍ଚଳର ଗଜେନ୍ଦ୍ର ହରିଚନ୍ଦନଙ୍କ କ୍ଷେତ୍ରରେ ଏକ ଦୁଃଖଦ ଘଟଣା ଘଟିଛି। ଗଜେନ୍ଦ୍ରଙ୍କ ଝିଅ ସୁମିତ୍ରାଙ୍କୁ ଅପହରଣ କରି ପରେ ବେଙ୍ଗାଲୁରୁରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହେଲେ ଝିଅର ମୃତଦେହ ନେଇଯିବା ପାଇଁ ସ୍ଥାନୀୟ ପୋଲିସ ପରିବାର ଲୋକଙ୍କୁ ଜଣାଇଥିଲେ ମଧ୍ୟ ଅର୍ଥ ବାଧକ ସାଜିଛି। ଫଳରେ ଗତ ୧୧ଦିନ ହେବ ସୁମିତ୍ରାଙ୍କ ମୃତଦେହ ବେଙ୍ଗାଲୁରୁରେ ପଡ଼ିରହିଛି। ଝିଅର ମୃତଦେହ ଆଣିବା ପାଇଁ ଗଜେନ୍ଦ୍ର ସକ୍ଷମ ହୋଇପାରୁ ନ ଥିବାରୁ ପୋଲିସଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସିଠାରୁ ସହାୟତା ମିଳୁନାହିଁ। ଶେଷରେ ଝିଅର ମୃତଦେହକୁ ଫେରାଇ ଆଣିବା ପାଇଁ ଗଜେନ୍ଦ୍ର ପିପିଲିର ଚାନ୍ଦୁଆ ବଜାରରେ ଦୋକାନ, ବଜାର ବୁଲି ଭିକ୍ଷା ମାଗୁଥିବା ଗୁରୁବାର ଦେଖିବାକୁ ମିଳିଛି। ଗଜେନ୍ଦ୍ରଙ୍କଠାରୁ ଏହି ଦୁଃଖଦ ଘଟଣା ଶୁଣି ଅନେକେ ତାଙ୍କୁ ସାହାଯ୍ୟ କରୁଥିବା ବେଳେ ଅନ୍ୟ କେତେଜଣ ପ୍ରଶାସନର ଅଣଦେଖାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଅଭିଯୋଗ ଅନୁସାରେ, ୨୦୨୧ ଏପ୍ରିଲ ୨୬ରେ ସୁମିତ୍ରାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିଲେ। ଏ ନେଇ ସୁମିତ୍ରାଙ୍କ ବାପା ଗଜେନ୍ଦ୍ର ଉକ୍ତ ମାସ ୩୦ତାରିଖରେ କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଥାନା ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇ ନ ଥିଲା। ପରେ ଅପହରଣକାରୀ ଯୁବକ ସୁମିତ୍ରାଙ୍କୁ ବିବାହ କରି ବେଙ୍ଗାଲୁରୁ ନେଇଯାଇଥିଲେ। ସେଠାରେ ନିର୍ଯାତନା ଦିଆଯାଉଥିବା ନେଇ ବାପାଙ୍କୁ ଫୋନ କରି ସୁମିତ୍ରା ଜଣାଇଥିଲେ। ଏପରିକି ଗତ ୬ ତାରିଖରେ ସୁମିତ୍ରାଙ୍କ ମୃତ୍ୟୁ ଘଟିଥିବା ଓ ଅପହରଣ ଯୁବକ




**■ ବେଙ୍ଗାଲୁରୁରେ ଯୁବତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ**
**■ ପ୍ରଥମେ ଅପହରଣ ପରେ ବିବାହ କରିଥିଲେ ଯୁବକ**

ବେଙ୍ଗାଲୁରୁ ଥାନାରେ ଅଟକ ଥିବା ସ୍ଥାନୀୟ ପୋଲିସ ପକ୍ଷରୁ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇ ମୃତଦେହ ନେଇଯିବା ପାଇଁ କୁହାଯାଇଥିଲା। ହେଲେ ଗଜେନ୍ଦ୍ର ଦିନ ମଜୁରିଆ ହୋଇଥିବାରୁ ଏତେ ଦୂରରୁ ମୃତଦେହ ଆଣିବାରେ ଅକ୍ଷମତା ପ୍ରକାଶ କରିଥିଲେ। ଝିଅର ମୃତଦେହ ଫେରାଇ ଆଣିବା ଲାଗି ପ୍ରଶାସନକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ନ ଦେବାରୁ ଗଜେନ୍ଦ୍ର ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘକୁ ଜଣାଇଥିଲେ। ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସୁମିତ୍ରାଙ୍କ ମୃତଦେହକୁ ଫେରାଇ ଆଣିବାକୁ ମହାସଂଘ ପକ୍ଷରୁ ଦାବି କରିବା ସହ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ଫଳରେ ପୋଲିସ ଆଲୋଚନା କରି ଝିଅର ମୃତଦେହ ଫେରାଇ ଆଣିବାଲାଗି ୨୦ ହଜାର ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କୁହାଯାଇଥିବା ବେଳେ ଟଙ୍କା ନୁହେଁ ଝିଅର ମୃତଦେହ ଫେରାଇ ଆଣିବା ଲାଗି ଗଜେନ୍ଦ୍ର ଓ ଦଳିତ ମହାସଂଘ ଦାବି କରିଥିଲେ। ଚାରିଆଡୁ ନିରାଶ ହେବା ପରେ ଝିଅର ମୃତଦେହ ଫେରାଇ ଆଣିବା ପାଇଁ ଗଜେନ୍ଦ୍ର ଗୁରୁବାର ଏକ ଡବା ଧରି ପିପିଲିରେ ବିଭିନ୍ନ ଦୋକାନ ବଜାର ବୁଲି ଭିକ୍ଷା ମାଗୁଥିଲେ।






# ବିଜ୍ଞାନ ପରୀକ୍ଷାରେ ୧୭,୬୬୧ ଛାତ୍ରୀଛାତ୍ର ଅନୁପସ୍ଥିତ

**କଟକ ଅଫିସ,୧୬।୩**

**ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷାର ଗୁରୁବାର ଛାତ୍ରୀଛାତ୍ର ବିଜ୍ଞାନ ପରୀକ୍ଷା ଦେଇଛନ୍ତି। ତେବେ ଏହି ପରୀକ୍ଷାରେ ରାଜ୍ୟରେ ୧୭,୬୬୧ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡିଛି। ସେଥିମଧ୍ୟରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୧୬,୪୯୫, ସଂସ୍କୃତ ମଧ୍ୟମାରେ ୫୦୫ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୬୬୧ ପରୀକ୍ଷାର୍ଥୀ ଅଛନ୍ତି। ତେବେ ତୃତୀୟ ଭାଷା ବିଷୟରେ ମୋଟ ୫ ଲକ୍ଷ ୩୯ ହଜାର ୩୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଲକ୍ଷ ୨୧ ହଜାର ୬୭୯ ଜଣ ପରୀକ୍ଷା ଦେଇଛନ୍ତି। ଅନ୍ୟପକ୍ଷରେ ୪୧ଜଣ କପି କରି ଧରାପଡିଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି।

# ବ୍ଲକ୍ କନିଷ୍ଠ ଯନ୍ତ୍ରୀ, ଜିଲା ପରିଷଦ ସଭ୍ୟ ହାତାହାତି

**ବରୀ,୧୬।୩(ଡି.ଏନ.ଏ.)**

**ନିମ୍ନମାନର ଖଳା ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ**

ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତ ମିତ୍ରସେନପୁର ଗ୍ରାମରେ ଏକ ଖଳା ନିର୍ମାଣ କାର୍ଯ୍ୟକୁ ନେଇ ଗୁରୁବାର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ବିପ୍ଳବ ପରିଜା ଓ ୨୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତିଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଘଟଣାକୁ ନେଇ ଉଭୟ ହାତାହାତି ହେବା ସହ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଉଭୟଙ୍କୁ ଥାନାକୁ ଡାକି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଖଳା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଜାଣି କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ଠିକାଦାରଙ୍କୁ ତାଗିଦ କରିଥିଲେ। ଏଭଳି ନିମ୍ନମାନର କାର୍ଯ୍ୟ ହେବା ଠିକ୍ ନୁହେଁ। କାର୍ଯ୍ୟ ଠିକ୍‌ରେ ନ ହେଲେ ବିଲ୍ କରିବେ ନାହିଁ ବାଲି ରୋକ୍ ଠୋକ୍ ଶୁଣାଇ ଦେଇଥିଲେ। ଏହିସମୟରେ ଜିଲା ପରିଷଦସଭ୍ୟ ପହଞ୍ଚି ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏତିକିବେଳେ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ପରିଜା ଉତ୍‌କ୍ଷିପ୍ତ ହୋଇ ଜିଲାପରିଷଦ ସଭ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ କେତେଜଣ ଲୋକେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇ ଏକ ରୁଦ୍ଧ କୋଠରୀରେ ଅଟକ ରଖିଥିଲେ। ବ୍ଲକ୍ ପ୍ରଶାସନଠାରୁ ଖବର ପାଇ ପୋଲିସ ପହଞ୍ଚି କନିଷ୍ଠ ଯନ୍ତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। କନିଷ୍ଠ ଯନ୍ତ୍ରୀ ପରିଜାଙ୍କୁ ଜିଲା ପରିଷଦସଭ୍ୟ ମହାନ୍ତି ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ନେଇ ଯନ୍ତ୍ରୀ ପରିଜା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେହିପରି କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ତଦାରଖ ସମୟରେ ଜିଲା ପରିଷଦସଭ୍ୟ ଓ ତାଙ୍କ ସମର୍ଥକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ଜିଲା ପରିଷଦର ସଭ୍ୟଙ୍କ ପକ୍ଷରୁ ହୋଇଛି। ଖବର ଲେଖା ହେବାବେଳକୁ କନିଷ୍ଠ ଯନ୍ତ୍ରୀ ପରିଜା ଓ ଜିଲା ପରିଷଦ ସଭ୍ୟ ମହାନ୍ତି ଥାନାରେ ଥିଲେ। ଏ ସମ୍ପର୍କରେ ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣା ସମ୍ପର୍କରେ ୨ ଅଭିଯୋଗ ହସ୍ତଗତ ହୋଇଛି। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ। ଏହାପରେ ନିୟମ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# 'ପିଏମ୍ ପୋଷଣ' ଦ୍ୱିତୀୟ କିସ୍ତି ପ୍ରଦାନ କରିବାକୁ କେନ୍ଦ୍ରକୁ ଚିଠି

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ପିଏମ୍ ପୋଷଣ ଯୋଜନାର ଦ୍ୱିତୀୟ କିସ୍ତି ଶୀଘ୍ର ପ୍ରଦାନ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଚିଠି ଲେଖିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟକୁ ଦ୍ୱିତୀୟ କିସ୍ତି ମଞ୍ଜୁର ନ ହେବା ଯୋଗୁ ଅସୁବିଧା ସୃଷ୍ଟି ହେଉଛି। ବ୍ୟକ୍ତିଗତ ଭାବେ ଏହି ବିଷୟକୁ ଅନୁଧ୍ୟାନ କରିବା ସହ ଯଥାଶୀଘ୍ର ପିଏମ୍ ପୋଷଣର ସେୟାର ମଞ୍ଜୁର କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଦାଶ ଅନୁରୋଧ କରିଛନ୍ତି। ସେ ତାଙ୍କ ଚିଠିରେ ଲେଖିଛନ୍ତି, ରାଜ୍ୟରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା 'ପିଏମ ପୋଷଣ' କାର୍ଯ୍ୟକାରୀ ହେଉଛି। ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ୫୯୬୮୧.୨୯ ଲକ୍ଷ ଏବଂ ରାଜ୍ୟ ଅଂଶ ବାବଦରେ ୪୫୨୯୦.୦୪ ଲକ୍ଷ ବ୍ୟବସ୍ଥା କରାଯାଇଥିଲା। ଏଥିମଧ୍ୟରୁ କେନ୍ଦ୍ର ସରକାର ଗତ ସେପ୍ଟେମ୍ବର ୨୦ରେ ପ୍ରଥମ କିସ୍ତି ବାବଦକୁ ୨୭୯୯୫.୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପିଏମ ପୋଷଣ ଯୋଜନାର ଠିକ ପରିଚାଳନା ପାଇଁ ବଳକା ଅର୍ଥ ରାଜ୍ୟକୁ ମଞ୍ଜୁର କରାଯିବାର ଆବଶ୍ୟକତା ରହିଛି। ଗତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୭୯୦.୪୨ ଲକ୍ଷ ଟଙ୍କାର କେନ୍ଦ୍ର ଅଂଶ ଖର୍ଚ୍ଚ ହୋଇ ନ ଥିଲା। ସେହିପରି ପ୍ରଥମ କିସ୍ତି ବାବଦରେ ୨୭୯୯୫.୩୫ ଲକ୍ଷ ଟଙ୍କା ପ୍ରାପ୍ତ ହୋଇଛି। ସମୁଦାୟ ୨୮୭୮୫.୭୭ ଲକ୍ଷ ଟଙ୍କା କେନ୍ଦ୍ରରୁ ଗ୍ରହଣ କରାଯାଇଛି। ତେବେ ୨୦୨୨-୨୩ରେ କେନ୍ଦ୍ର ଅଂଶ ବାବଦରେ ୫୯୬୮୧.୨୯ ଲକ୍ଷ ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା। ତେଣୁ ରାଜ୍ୟ ଆଉ ୩୦୮୯୫.୫୨ ଲକ୍ଷ ଟଙ୍କା ପାଇବାକୁ ବାକି ଥିବା ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ଦ୍ୱିତୀୟ କିସ୍ତି ମଞ୍ଜୁର ନ ହେବା ଯୋଗୁ ଏହି ଯୋଜନା ପାଇଁ ଆବଶ୍ୟକ ପାଣ୍ଠି ମଞ୍ଜୁର କରିବାରେ ରାଜ୍ୟ ଅସୁବିଧାର ସମ୍ମୁଖୀନ ହେଉଛି। ତେଣୁ ଏ ବିଷୟକୁ ବ୍ୟକ୍ତିଗତ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସମୀର ରଞ୍ଜନ ଦାଶ ଅନୁରୋଧ କରିଛନ୍ତି।




> ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି– ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ– ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। **–ଶ୍ରୀମା**



# ଫମ୍ପା ବୁଝାମଣା



ବାରାକ ବର୍ଫି

ନିକଟରେ ଇରାନ ଓ ସାଉଦି ଆରବ ମଧ୍ୟରେ କୂଟନୈତିକ ସମ୍ପର୍କ ପୁନଃ ସ୍ଥାପନ କରିବା ପାଇଁ ଚାଇନା ମଧ୍ୟସ୍ଥରେ ଏକ ଚୁକ୍ତି ବା ବୁଝାମଣା ହୋଇଛି। ଏହା ଅନ୍ତର୍ଜାତୀୟ କୂଟନୀତିରେ ଚାଇନାର ଶକ୍ତି ବୃଦ୍ଧିର ସଙ୍କେତ ଦେଉଛି। ଏହା ମଧ୍ୟ ଆମେରିକାର ଶକ୍ତି ଓ ପ୍ରଭାବ ହ୍ରାସ ଏବଂ ମଧ୍ୟପ୍ରାଚ୍ୟରେ ତା'ର ଦୁର୍ବଳତାକୁ ପ୍ରମାଣ କରୁଛି। ଦେଖିବାକୁ ଗଲେ ଏହି ଚୁକ୍ତିକୁ ଯେଉଁଭଳି ଗଢ଼ା ହୋଇଛି ସେଥିରେ ସେଭଳି ସଫଳତା ମିଳିବ ନାହିଁ। କାରଣ ସାଉଦି ଆରବ ଏବଂ ଇରାନ ଏକ ଶତାବ୍ଦୀ ଧରି ପରସ୍ପର ବିରୋଧୀ ହୋଇ ରହିଛନ୍ତି। ସେମାନଙ୍କ ମଧ୍ୟରେ ଶତ୍ରୁତା ଏବଂ ଅବିଶ୍ୱାସ ଲାଗିରହିଛି। ଏଣୁ ଏହି ଚୁକ୍ତି ବଳରେ ସେମାନେ ହଠାତ୍ ବନ୍ଧୁ ପାଲଟିଯିବା ସମ୍ଭାବନା ବହୁତ କମ୍। କେତେଜଣ ବିଶ୍ଳେଷକଙ୍କ ମତରେ, ଅନ୍ୟ ଦେଶଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ଚାଇନାର ହସ୍ତକ୍ଷେପ ନ କରିବା ନୀତିର ଏକ ପ୍ରମାଣ। କିନ୍ତୁ ଏହା ସତ ଯେ, ଆମେରିକା କେବେ ବି ଇରାନ ଓ ସାଉଦି ମଧ୍ୟରେ ମଧ୍ୟସ୍ଥତା କରିନାହିଁ। ଦେଖିବାକୁ ଗଲେ ବାସ୍ତବରେ ଏହା ଇରାନ ଉପରେ ଅନେକ ବର୍ଷ କଟକଣା ଲଗାଇ ତାହାକୁ ଏକଘରିଆ କରି ରଖିଆସିଛି। ଫଳରେ ଆମେରିକା ବିରୋଧରେ ଠିଆ ହୋଇ ତାହାର କ୍ଷତି କରିବା ଲାଗି ଏକ ପଦକ୍ଷେପ ନେବାକୁ ଇରାନୀୟଙ୍କୁ ସୁଯୋଗ ଦେଉଛି।

୧୯୬୮ରେ ପର୍ସିଆନ୍ ଗଲ୍ଫରୁ ବ୍ରିଟିଶ୍ ସେନା ପ୍ରତ୍ୟାହାର ଘୋଷଣା କରିବା ପରଠାରୁ ସାଉଦି ଆରବ ତା'ପକ୍ଷରୁ ଆମେରିକାର ମଧ୍ୟପ୍ରାଚ୍ୟ ନୀତିର ଏକ ଆଧାର ସ୍ତମ୍ଭ ଭାବେ ରହିଆସିଥିଲା। କିନ୍ତୁ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ (ଏମ୍‌ବିଏସ୍) କ୍ଷମତାକୁ ଆସିଲା ପରେ ସ୍ଥିତି ଅଧିକ ଜଟିଳ ହୋଇଗଲା। ଆମେରିକା ପ୍ରତି ତାଙ୍କ ଦୃଷ୍ଟିକୋଣ ସବୁବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ରିପବ୍ଲିକାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ରହିଥିବାବେଳେ ଜୋ ବାଇଡେନଙ୍କ ଭଳି ଡେମୋକ୍ରାଟଙ୍କ ପାଇଁ ଜଟିଳ ହୋଇଯାଇଛି। ୨୦୧୫ରେ ସାଉଦି ସହ ଆଲୋଚନା ନ କରି ଓବାମା ଇରାନ ସହ ଏକ ଆଣବିକ ଚୁକ୍ତି କରିବାକୁ ସବୁଜ ସଙ୍କେତ ହେବା ଫଳରେ ଡେମୋକ୍ରାଟ୍ସ ପ୍ରତି ଏଭଳି ଅବିଶ୍ୱାସ ସୃଷ୍ଟି ହୋଇଥିଲା। ଓବାମା ସେତେବେଳେ ସୂଚିତ କରିଥିଲେ ଯେ, ସାଉଦି ଆରବ ଏକ ପରଜୀବୀ। ଏଭଳି ମନ୍ତବ୍ୟ ସାଉଦିଙ୍କୁ ଉତ୍ତେଜିତ କରିଥିଲା।

ଏହା ଜଣାଶୁଣା ଯେ, ଏମ୍‌ବିଏସ୍ ବାଇଡେନ୍‌ଙ୍କୁ ତିରସ୍କାର କରନ୍ତି (ପୂର୍ବରୁ ସାଉଦି ଜନ୍ମିତ ସାମ୍ବାଦିକ ଜମାଲ ଖାସୋଗିଙ୍କ ହତ୍ୟା ଘଟଣାରେ ବାଇଡେନ୍‌ଙ୍କ ସହ ମୁହାଁମୁହିଁ ହୋଇଥିଲେ) ଓ ଟ୍ରମ୍ପ୍ ଓ ତାଙ୍କ ଜ୍ୱାଇଁଙ୍କ ସହ ନିବିଡ଼ ସମ୍ପର୍କ ରଖିଛନ୍ତି। ଉଭୟ ବ୍ୟକ୍ତିଗତ ଓ ରାଜନୈତିକ କାରଣ ପାଇଁ ଏମ୍‌ବିଏସ୍ ମଧ୍ୟ ବାଇଡେନ୍ ପ୍ରଶାସନକୁ ପ୍ରତ୍ୟେକ କ୍ଷେତ୍ରରେ ଅପମାନିତ ଓ ଉପେକ୍ଷା କରିଆସୁଛନ୍ତି। ତେବେ କେତେ ସମୟ ଯାଏ ଏମ୍‌ବିଏସ୍ ଏବକାର ଚୁକ୍ତିର ପ୍ରଶଂସା କରିବେ ତାହା ସ୍ପଷ୍ଟ ହୋଇନାହିଁ। ନୂଆ ଚୁକ୍ତି କ୍ୟାମ୍ପ ଡ୍ୟାଭିଡ୍ ବୁଝାମଣା (ଯାହା ଆରବ ରାଷ୍ଟ୍ର ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ପରିସମାପ୍ତି ଘଟାଇଥିଲା) ସହ ସମାନ ନୁହେଁକି ଆବ୍ରାହମ୍ ଚୁକ୍ତି( ଯାହା ଇସ୍ରାଏଲ ଏବଂ ଆରବ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରିଥିଲା) ସହ ତୁଳନୀୟ ନୁହେଁ। ବରଂ ଏହି ଚୁକ୍ତି ଏକ କୂଟନୈତିକ ସମ୍ପର୍କର ପୁନଃ ସ୍ଥାପନ କରିବାର ପ୍ରତିଶ୍ରୁତି ଦିଏ। ବାସ୍ତବରେ ଏହା ବାହାରକୁ ଯେତିକି ଚମକଦାର ମନେ ହେଉଛି ବାସ୍ତବତା ତାହା ନୁହେଁ। ଏହା ମୂଲ୍ୟହୀନ ବା ଫମ୍ପା ମନେ ହୁଏ। ପରସ୍ପର ମଧ୍ୟରେ ପୁନର୍ବାର ସମ୍ପର୍କ ସ୍ଥାପନ କରିବା ପାଇଁ ବାହାର ଗ୍ୟାରେଣ୍ଟି ସହ ଠୋସ୍ ପଦକ୍ଷେପ ନିଆ ନ ଗଲେ ଚାଇନା ମଧ୍ୟସ୍ଥରେ ହୋଇଥିବା ଏହି ଚୁକ୍ତି ପର ପର୍ଯ୍ୟାୟ ଦ୍ୱିପାକ୍ଷିକ ଉତ୍ତେଜନ ପୂର୍ବରୁ କେବଳ ଏକ ବିରାମ ଭାବେ ପ୍ରତିପାଦିତ ହେବ।



ସ୍ୱାଧୀନତା ପାଇବା ପରେ ଇରାନ ଓ ସାଉଦି ମଧ୍ୟରେ ସମ୍ପର୍କ କେତେ ଖରାପ ରହି ଆସିଛି। ଇସ୍‌ଲାମର ପବିତ୍ର ପୀଠରେ ଏକ ପଥରକୁ ଅଜାଣତରେ ଅପବିତ୍ର କରିଥିବା ଅଭିଯୋଗରେ ଇରାନର ଜଣେ ତୀର୍ଥଯାତ୍ରୀଙ୍କୁ ସଉଦି ମୃତ୍ୟୁଦଣ୍ଡ ଦେବା ପରେ ୧୯୪୪ରେ ସାଉଦି ସହ ଇରାନ ଚୁକ୍ତି ଭଙ୍ଗ କରିଥିଲା। ୧୯୬୬ରେ ସେମାନଙ୍କ ମଧ୍ୟରେ ପୁନର୍ବାର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପିତ ହୋଇଥିଲା। କିନ୍ତୁ ୧୯୮୭ରେ ୪୦୨ ହଜ୍ ଯାତ୍ରୀଙ୍କ ମୃତ୍ୟୁ ହେବା ପରେ ୧୯୮୮ରେ ଇରାନ ସହ ସଉଦି ସମ୍ପର୍କ ଛିନ୍ନ କରିଥିଲା। ପୁନର୍ବାର ୧୯୯୧ରେ ସମ୍ପର୍କ ସ୍ଥାପନ ହେଲା। ୨୦୧୬ରେ ସଉଦି ଆରବ ଜଣେ ଶିହା ମୌଲବୀଙ୍କ ମୁଣ୍ଡକାଟ କରିବା ପରେ ଏହାକୁ କେନ୍ଦ୍ର କରି ଦୁହିଁଙ୍କ ସମ୍ପର୍କ ଛିନ୍ନ ହୋଇଥିଲା। ପୂର୍ବରୁ ସ୍ଥାପିତ ହୋଇଥିବା ଏହି ସବୁ ସମ୍ପର୍କ ମଧ୍ୟରୁ ଅଧିକାଂଶ ବୃହତ୍ ଆଞ୍ଚଳିକ ଏବଂ ବୈଶ୍ୱିକ କ୍ଷମତା ଦ୍ୱାରା କରାଯାଇଥିଲା। ଉଦାହରଣ ସ୍ୱରୂପ, ୧୯୯୬ରେ ଇଜିପ୍ଟର ରାଷ୍ଟ୍ରପତି ଗାମାଲ ଆବଦେଲ୍ ନାସିରଙ୍କ ଆରବ ଦେଶର ଧର୍ମ ନିରପେକ୍ଷ ମନ୍ତବ୍ୟ ସାଉଦିକୁ ଇରାନ ସହ ଆଲୋଚନା କରିବାକୁ ପ୍ରେରିତ କରିଥିଲା।

ଆରବ ଓ ଇସ୍ରାଏଲ ମଧ୍ୟରେ ଆମେରିକା ମଧ୍ୟସ୍ଥରେ ହୋଇଥିବା ସ୍ଥାୟୀ ଚୁକ୍ତି ତୁଳନାରେ ସାଉଦି –ଇରାନ ଚୁକ୍ତି ଏକ ସାମୟିକ ଯୁଦ୍ଧବିରତି ପାଇଁ ଅଧିକ ଅନୁରୂପ ମନେହୁଏ। ଉଦାହରଣ ସ୍ୱରୂପ, ୧୯୬୯ରେ, ନାସିର ଲେବାନନ୍ ଓ ପାଲେଷ୍ଟାଇନ ମୁକ୍ତ ସଂଗଠନ (ପିଏଲ୍‌ଓ) ମଧ୍ୟରେ ଚୁକ୍ତିରେ ମଧ୍ୟସ୍ଥ ଥିଲେ। କିନ୍ତୁ ଏହାର ୬ ବର୍ଷ ପରେ ପାଲେଷ୍ଟେନୀୟମାନେ ଲେବାନନ୍‌ର ଖ୍ରୀଷ୍ଟିଆନ ଗୋଷ୍ଠୀ ସହ ଯୁଦ୍ଧ କରିଥିଲେ। ସେହିଭଳି ଫେବୃୟାରୀ ୧୯୯୪ରେ ଜୋର୍ଡନର ରାଜା ହୁସେନ୍ ଝଗଡ଼ାରେ ଲିପ୍ତ ୟେମେନ ନେତାମାନଙ୍କ ମଧ୍ୟରେ ହୋଇଥିବା ଏକ ଚୁକ୍ତିରେ ମଧ୍ୟସ୍ଥ ଥିଲେ। ହେଲେ ସେହି ବର୍ଷ ମେ'ରେ ଗୋଟିଏ ଗୋଷ୍ଠୀ ତାହା ଉଲ୍ଲଂଘନ କରିବା ଦ୍ୱାରା ଗୃହ ଯୁଦ୍ଧ ଦେଖାଦେଇଥିଲା।

ଆଞ୍ଚଳିକ ପ୍ରତିଯୋଗୀ ଭାବେ ଚାଇନା ତା'ର ନୂଆ କୂଟନୈତିକ ପ୍ରଭାବ ବଳରେ ତା'ର ସେନା ଶକ୍ତି ବୃଦ୍ଧି କରିବାକୁ ଆଶାକରେ। କିନ୍ତୁ ପର୍ସିଆନ ଗଲ୍ଫ ଏବେ ବି ଆମେରିକାର ସାଗର ଭାବେ ରହିଛି। ଆମେରିକା ନ୍ୟାଭିର ସେଣ୍ଟ୍ରାଲ କମାଣ୍ଡ ବାହାରିନରେ ଅଛି ଏବଂ ଆମେରିକାର ଆଞ୍ଚଳିକ ସେନା କାର୍ଯ୍ୟକଳାପଗୁଡ଼ିକ କାତାରରୁ ସଞ୍ଚାଳନ ହେଉଛି। ବାଇଡେନ୍‌ଙ୍କ ପ୍ରତି ଥିବା ଏମ୍‌ବିଏସ୍‌ଙ୍କ ଶତ୍ରୁତା ସତ୍ତ୍ୱେ ବି ସଉଦି ଆରବ ଏବେ ସୁଦ୍ଧା ପାଖାପାଖି ୨,୭୦୦୦ ଆମେରିକୀୟ ସୈନ୍ୟଙ୍କୁ ସ୍ଥାନ ଦେଇଛି। ଏଣୁ ଚାଇନା ସୈନ୍ୟଙ୍କୁ ସ୍ୱାଗତ କରିବାର କୌଣସି ଯୋଜନା ଥିବା ଜଣାପଡୁନାହିଁ। ଏହି ସବୁ ଦେଶ ଆମେରିକା ପାଇଁ ସେମାନଙ୍କ ଦ୍ୱାରା ଖୋଲା ରଖିଛନ୍ତି। ସେମାନେ ଆମେରକାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇବା ଲକ୍ଷ୍ୟରେ ଏହା କରିଛନ୍ତି। ଏହା ସହ ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ଉପରେ ବି ସେମାନଙ୍କର ବିଶ୍ୱାସ ରହିଛି। ଯେତେଦିନ ଯାଏ ଆମେରିକା ଏହି ସବୁ ସୁବିଧା ଯୋଗାଇ ଦେଉଥିବା ସେତେଦିନ ଯାଏ ଏହା ଚାଇନାକୁ ସେହି ଅଞ୍ଚଳରୁ ଦୂରେଇ ରଖିବ।

କେତେଜଣ ବିଶେଷଜ୍ଞ ଭାବୁଛନ୍ତି ଯେ, ଆମେରିକୀୟଙ୍କୁ ସେମାନଙ୍କ ବିରୋଧୀ (ପ୍ରଥମେ ସୋଭିଏଟ୍ ଓ ଏବେ ଚାଇନିଜ) ବିପକ୍ଷରେ ଠିଆ କରାଇବାର ନାସିରଙ୍କ ନୀତିକୁ ଏବେ ଏମ୍‌ବିଏସ୍ ଅନୁସରଣ କରୁଛନ୍ତି। କିନ୍ତୁ ସାଉଦି ଥରେ ବାସ୍ତବତାକୁ ଅନୁଭବ କଲେ ଏମ୍‌ବିଏସ୍ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ ଚାଇନାକୁ ଗ୍ରହଣ କରିବା ବଦଳରେ ଆମେରିକା ପକ୍ଷକୁ ଫେରିବେ।

**ପୂର୍ବତନ ରିସର୍ଚ୍ଚ ଫେଲୋ, ନ୍ୟୁ ଆମେରିକା**

# ଦୁର୍ନୀତିର ନାହିଁ ଇତି



ରାଧାଶ୍ୟାମ ରାଉଳ

ବର୍ତ୍ତମାନ ସମୟରେ ସତେ ଯେମିତି ସକଳ ସୁଖ, ସୁବିଧାଓସ୍ୱାର୍ଥସାଧନରମୂଳାଧାରହେଉଛିଦୁର୍ନୀତି! ସିଧା ରାସ୍ତା ଧରି ପ୍ରାୟ କେହିଯିବାକୁ ଚାହୁଁ ନ ଥିବା ବେଳେ ଗଳାବାଟ ଦେଇ ଦ୍ରୁତିତେ ଠିକଣା ଜାଗାରେ ପହଞ୍ଚିବାକୁ ଊଣାଅଧିକେ ସମସ୍ତେ ଚାହୁଁଛନ୍ତି। କହିବାର କଥା ହେଲା, ସକଳ ଶଙ୍କା, ଆଶଙ୍କା, ଭୀତି, ଭ୍ରାନ୍ତି, ପରିଣତିକୁ ପରିହାର କରି ଦୁର୍ନୀତି ପ୍ରେମରେ ଉବୁଟୁବୁ ହେବାକୁ ପ୍ରାୟ ସଭିଙ୍କର କାମନା ଓ ବାସନା ଜାଗୁଛି ଯେମିତି! ଏଣୁ ସାଧାରଣ ଜୀବନରେ ଦୁର୍ନୀତିର ପତିଆରା ବହୁତ। କି ସରକାରୀ କି ବେସରକାରୀ କି କେନ୍ଦ୍ର ସରକାରଙ୍କ ଅଫିସ କି ରାଜ୍ୟ ସରକାରଙ୍କ ଅଫିସ, ଦୁର୍ନୀତିର ଅବାଧ ପ୍ରବେଶ ସବୁଠି!

ଯେଉଁମାନେ ଦୁର୍ନୀତିବିରୋଧୀ ଆନ୍ଦୋଳନର ପ୍ରବକ୍ତା ସାଜି ସଭା ସମିତିରେ ବଡ଼ବଡ଼ ଭାଷଣ ଦେଉଛନ୍ତି, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ରାଜରାସ୍ତାକୁ ଓହ୍ଲେଇ ଆସୁଛନ୍ତି, ସମ୍ବାଦପତ୍ର, ପତ୍ର ପତ୍ରିକାରେ ପୃଷ୍ଠା ପୃଷ୍ଠା ଲେଖି ନିଜକୁ ବଡ଼ ଲେଖକ, ବୁଦ୍ଧିଜୀବୀ, ପ୍ରାଜ୍ଞ, ବିଜ୍ଞ, ଅଭିଜ୍ଞ ବୋଲାଇ ହେଉଛନ୍ତି, ବାସ୍ତବପକ୍ଷରେ ବୁଝିବାକୁ ଅଛି, ସେ ମହାଶୟମାନେ ସେମାନଙ୍କ କର୍ତ୍ତବ୍ୟ ପ୍ରତି କେତେଦୂର ସଚେତନ ? ନିଜନିଜର ସ୍ଥିତି ସଜାଡ଼ିବାକୁ ସେମାନେ କେତେଦୂର ସମର୍ଥ ? ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରଖୁ ନ ଥିବା ସେଇ ମହାଶୟମାନେ ଦୁର୍ନୀତିରୁ ମୁକ୍ତ କି ନୁହେଁ, ତାହା ଅବଶ୍ୟ ତଦନ୍ତ ସାପେକ୍ଷ। ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠାବୋଳିବା, ନିଜେ ମିଠା ଖାଉଥିବା ବେଳେ ଅନ୍ୟକୁ ମିଠା ନ ଖାଇବାର ଉପଦେଶ ଓ ପରାମର୍ଶ ଦେଉଥିବା ବ୍ୟକ୍ତିବିଶେଷଙ୍କୁ ଆତ୍ମ ପ୍ରବଞ୍ଚକ କହିବା ସମୀଚୀନ ନୁହେଁ କି? ଦୁର୍ନୀତିକୁ ଧରିବା ପାଇଁ ଅଡିଟ ହେଉଛି। ହେଲେ ଲାଞ୍ଚ, ରିସବତ୍, ସାଦିଷ୍ଟ ଖାଦ୍ୟ ଓ ବିଦେଶୀ ପାନୀୟ, ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ଲଭି ଅଡିଟର୍ ବାବୁମାନେ କଳାକୁ ଧଳା କରି ଦେଉଛନ୍ତି। ଭଲ ରିପୋର୍ଟ ସହ 'ଆଗକୁ ମାଡ଼ିଚାଲ'ର ସବୁଜ ସଙ୍କେତ ଦେଉଛନ୍ତି!

ଏକ ଘଟଣାକ୍ରମ। ଜନୈକ ହିତାଧିକାରୀ ବନ୍ଧୁ ଅଫିସରେ ପିଅନ ଉପରେ ଚିଡ଼ିଯାଇ କହିଲେ,''ଆଚ୍ଛା କଥା, ମୋ ଫାଇଲ ଫରୱାର୍ଡ କରିବା ପାଇଁ ମୋତେ ଟଙ୍କା ମାଗୁଛ? ଏ ନେଇ ମୁଁ ତୁମରଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ କରିବି।''ତାଚ୍ଛଲ୍ୟ କରି ପିଅନ କହିଲେ, ''ଯାଉନ ଯାଅ, କିଏ ତୁମ ବାଟକୁ ବନ୍ଦ କରୁଛି ହୋ? ହେଇଟି ବାବୁ, ଯିବା ପୂର୍ବରୁ କାନ ଖୋଲି ଶୁଣିନିଅ, ତୁମେ କମ୍ପ୍ଲେନ କରିବ ଯାହାଙ୍କୁ ମୁଁ ପା' ନିଇତି ପିସି ଦେଉଅଛି ତାହାଙ୍କୁ! ପିସି ଅର୍ଥ ପର୍ସେଣ୍ଟେଜ! ଅର୍ଥାତ୍, ଅର୍ଜିତ ବା ଉପଲବ୍ଧ ଉପୁରି ଅର୍ଥରୁ ତଳୁ ଉପରଯାଏ ସଭିଙ୍କର ଭାଗ ରହିଛି। ମୋ ବିରୁଦ୍ଧରେ ତୁମେ ରିପୋର୍ଟ କଲେ, ହାୟର ଅଫିସର ଓଲଟି ତୁମକୁ ଶୋଧିବେ! ତୁମ ଫାଇଲ ଆଉ ଆଗକୁ ଗତି କରିପାରିବ ନାହିଁ, ସ୍ଥାଣୁ ପାଲଟିଯିବ!''

ଏବେ ପ୍ରତିଦିନ ରୋଚକ ଖବର ଶୁଣିବାକୁ ଓ ଜାଣିବାକୁ ମିଳୁଛି ଯେ, ସରକାରୀ ପଦାଧିକାରୀ ଓ କର୍ମଚାରୀମାନେ ଦୁର୍ନୀତିପଙ୍କରେ ଉବୁଟୁବୁ ଓ ଜୁଡୁବୁଡୁ! ପ୍ରଚୁର ଟଙ୍କା, ସୁନାଗହଣା ଘରେ ଠୁଳକରି ରଖିବା ସହ ବିଭିନ୍ନ ଜାଗାରେ ନିଜ ନାମରେ, ନିଜ ସ୍ତ୍ରୀ, ପୁଅ, ଝିଅ, ଭାଇ ଓ ଅନ୍ୟ ପ୍ରିୟପରିଜନମାନଙ୍କ ନାମରେ ଭୂସମ୍ପତ୍ତି, ଫାର୍ମ ହାଉସ, ସୁରମ୍ୟ ଅଟ୍ଟାଳିକା, ବହୁତଳ ପ୍ରାସାଦ ରହିଛି। ଆୟ ବହିର୍ଭୂତ ସମ୍ପତ୍ତିର ମାଲିକ ବୋଲି ତଦନ୍ତ ଓ ଖୋଳତାଡ଼ ହେଉଛି।

ଲାଗୁଛି, ଆମ ସାମାଜିକ ଜୀବନରେ ଦୁର୍ନୀତି ସର୍ବଜନଆଦୃତ ହୋଇସାରିଛି। ଆମ ସମସ୍ତଙ୍କ ଦ୍ୱାରା ଦୁର୍ନୀତି ଲାଳିତପାଳିତ ପ୍ରତିପୋଷିତ ହୋଇ ଦୂବରୁ ଦାରୁ ପର୍ଯ୍ୟାୟକୁ ଉନ୍ନୀତ ହେଉଛି। ଛୋଟଛୋଟ ଦୁର୍ନୀତି ଆମମାନଙ୍କର ସହଯୋଗ ଓ ସମର୍ଥନରେ ବଡ଼ବଡ଼ ଦୁର୍ନୀତିରେ ରୂପାନ୍ତରିତ ହୋଇଯାଉଛି। ଯାହା ହାତରେ କ୍ଷମତା ଅଛି, ସେ ନିର୍ବିଘ୍ନରେ ତା'ର ଅପବ୍ୟବହାର କି ଅପପ୍ରୟୋଗ କରିପାରୁଛି। ସେବା ନାଁରେ ଶୋଷଣ ଚାଲିଛି। ପରୋପକାର ନାଁରେ ଅସାଧୁ ଉପାୟ ଅବଲମ୍ବନ ହେଉଛି। ସର୍ବତ୍ର ଚାଲିଛି ପୃଷ୍ଠପୋଷକତା, ସୁପାରିସ, ପ୍ରିୟାପ୍ରୀତିତୋଷଣ, ସଂକୀର୍ଣ୍ଣ ମନୋଭାବ ପୋଷଣ, ଚାପପ୍ରୟୋଗ, ପ୍ରଭାବବିସ୍ତାର, ଅର୍ଥଆତ୍ମସାତ୍ ଇତ୍ୟାଦି ଇତ୍ୟାଦି।

ଉଦ୍‌ବେଗର ବିଷୟ ଯେ, ସମାଜରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଉପାଦେୟତାକୁ ଲୋକମାନେ ଆଦୌ ଗୁରୁତ୍ୱ ଦିଅନ୍ତିନାହିଁ। ନୀତି, ଆଦର୍ଶ, ସାଧୁତା ଓ ସ୍ୱଦେଶପ୍ରେମକୁ ହୀନଦୃଷ୍ଟିରେ ଦେଖନ୍ତି, ବ୍ୟଙ୍ଗ ପରିହାସ କରନ୍ତି। ଅତଏବ ସେଇଦୃଷ୍ଟିରୁ ଆମ ସମାଜରେ ଦୁର୍ନୀତି ରହିଆସୁଛି, ରହିଛି ଆଗକୁ ମଧ୍ୟ ରହିଥିବ ଏମିତି। ସତରେ ଦୁର୍ନୀତିର ନାହିଁ ଇତି !

**ବୀମାବିହାର, ମର୍କତନଗର**
**ସେକ୍ଟର:୬, କଟକ,**
**ମୋ:୯୪୩୭୦୯୦୯୮୫**

## ଏଇ ଭାରତରେ

ଗରିବ ଯୁବକମାନଙ୍କୁ ବେଲୁନ ଡେକୋରେଶନ ମାଧ୍ୟମରେ ରୋଜଗାର ବାଟ ଦେଖାଉଛନ୍ତି ଅହମଦାବାଦର ମିଳନ ବିଚିଓ୍ୱାଲ। ତାଙ୍କୁ ସମସ୍ତେ ବେଲୁନବାଲା ଡାକନ୍ତି। ନାଁ ସିନା ବେଲୁନବାଲା, କିନ୍ତୁ ସେ ବେଲୁନ ଡେକୋରେଶନରେ ଅନ୍ୟମାନଙ୍କୁ ଖୁସି କରିବା ସହ ସଡ଼କରେ ବେକାର ହୋଇ ବୁଲୁଥିବା ୨୫୦ ଗରିବ ଯୁବକଙ୍କୁ ରୋଜଗାର ଦେଇ ସେମାନଙ୍କ ଦ୍ୱାରା ବି ରୋଜଗାର ସୃଷ୍ଟି କରିବାରେ ଲାଗିଛନ୍ତି ମିଳନ। ସେ ଜନ୍ମଦିନଠାରୁ ଆରମ୍ଭ କରି ସବୁପ୍ରକାର ଉତ୍ସବର ବେଲୁନ ଡେକୋରେଶନରେ ଏହି ଯୁବକମାନଙ୍କୁ ନିଯୁକ୍ତ କରାଇଛନ୍ତି। ଏହା କେବଳ ଏକ ବିଜ୍‌ନେସ ନୁହେଁ ବରଂ ସାମାଜିକ ସ୍ତରରେ ବେରୋଜଗାରରେ ପରିବର୍ତ୍ତନ ଆଣିବାର ଏକ ଉପାୟ ବୋଲି ସେ କହନ୍ତି । ସେ ୮ ବର୍ଷ ହେଲା ଏହି କାମ କରିଆସୁଛନ୍ତି। ଆରମ୍ଭରୁ ତାଙ୍କୁ ୧୦ଟି ଅର୍ଡର ମିଳିବା କଷ୍ଟକର ଥିଲା, ହେଲେ ଏବେ ମାସକୁ ୧୦୦ରୁ ଉର୍ଦ୍ଧ୍ୱ ଡେକୋରେଶନ ପାଇଁ କାମ ମିଳୁଛି। ମିଳନଙ୍କ ସହ କାମ କରୁଥିବା ଯୁବକମାନେ ମଧ୍ୟ ଏହି କାମ ଶିଖିବା ପରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବାରେ ଲାଗିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ମାର୍ଚ୍ଚ ୧୯୯୮**

- ଚୀନ ରାଷ୍ଟ୍ରପତି ଜିଆଙ୍ଗ ଜେମିନ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରମୁଖ୍ୟ ଓ ସେଣ୍ଟ୍ରାଲ ମିଲିଟାରୀ କମିଶନର ଅଧ୍ୟକ୍ଷ ହେବାର ଗୌରବ ହାସଲ କରିଛନ୍ତି।
- ଉତ୍ତରପ୍ରଦେଶର ରାଜ୍ୟପାଳ ରୋମେଶ ଭଣ୍ଡାରୀଙ୍କ ଅପ୍ରତ୍ୟାଶିତ ଭାବେ ନିଜ ପଦରୁ ଇସ୍ତଫା ପ୍ରଦାନ।
- ଧାମରା ବନ୍ଦର ନିର୍ମାଣ ପାଇଁ ଇଣ୍ଟର ନ୍ୟାସନାଲସି ପୋର୍ଟ ଲିଃ (ଆଇଏସ୍‌ପି) ସହ ଚୁକ୍ତିକୁ କ୍ୟାବିନେଟର ସ୍ୱୀକୃତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 5 | | | 9 | | |
| 2 | 9 | 4 | 1 | | | | | |
| | | | | | | | 2 | 1 |
| | 4 | | | | | | | |
| | 7 | 1 | 9 | | 6 | | 4 | |
| | | | | 2 | | 5 | 1 | 6 |
| | | | | | | | 6 | |
| 3 | | | | | 7 | 2 | 5 | |
| 9 | | | | 8 | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 2 | 9 | 3 | 5 | 1 | 4 |
| 5 | 4 | 9 | 7 | 8 | 1 | 2 | 3 | 6 |
| 3 | 2 | 1 | 5 | 6 | 4 | 7 | 9 | 8 |
| 7 | 9 | 4 | 6 | 2 | 5 | 3 | 8 | 1 |
| 1 | 5 | 3 | 9 | 4 | 8 | 6 | 7 | 2 |
| 8 | 6 | 2 | 3 | 1 | 7 | 4 | 5 | 9 |
| 2 | 8 | 7 | 4 | 3 | 9 | 1 | 6 | 5 |
| 9 | 3 | 6 | 1 | 5 | 2 | 8 | 4 | 7 |
| 4 | 1 | 5 | 8 | 7 | 6 | 9 | 2 | 3 |

ଗତକାଲିର ଉତ୍ତର

# ବେଡ୍ ନାହିଁ



ଶୈଳେନ୍ଦ୍ର ଦ୍ୱିବେଦୀ

ପ୍ରାୟ ଅଢ଼େଇ ବର୍ଷ ତଳେ ଜଣେ ପରିଚିତ ଅଟୋ ଡ୍ରାଇଭର ପ୍ରାବନ୍ଧିକଙ୍କୁ ଯେତେବେଳେ ଜଣେଇଥିଲେ ଯେ ସେ ଗରିବ, ବି.ପି.ଏଲ. ପରିବାରଭୁକ୍ତ ଏବଂ ସେଥିପାଇଁ ସରକାରଙ୍କ ତରଫରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବୀମା କାର୍ଡ ପାଇଥିଲେ ହେଁ ତାଙ୍କ ବୃଦ୍ଧା ମା'ଙ୍କ କ୍ୟାନ୍‌ସର ଚିକିତ୍ସା ପାଇଁ ରାଜଧାନୀର କୌଣସି ଘରୋଇ ହସ୍ପିଟାଲ ରାଜି ହେଉନାହାନ୍ତି, ସେତେବେଳେ ସ୍ୱାଭାବିକ ଭାବରେ କଷ୍ଟ ହୋଇଥିଲା। ବୀମା କାର୍ଡର ଫଟୋ ନେଇ କେତୋଟି ଘରୋଇ ହସ୍ପିଟାଲ (ଯେଉଁମାନେ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ସହିତ ଅନୁବନ୍ଧିତ ଥିଲେ) ସହିତ ଯୋଗାଯୋଗ କରିବା ପରେ ଜାଣିଲି ଯେ କ୍ୟାନ୍‌ସର ପରି ଦୀର୍ଘ ଏବଂ ବ୍ୟୟବହୁଳ ଚିକିତ୍ସା ପାଇଁ ସେମାନେ ପ୍ରସ୍ତୁତ ନୁହନ୍ତି। ତେବେ ସିଧାସିଧା ଚିକିତ୍ସା ପାଇଁ ମନା ନ କରି 'ବେଡ୍ ନାହିଁ' ବୋଲି କହୁଛନ୍ତି ସେମାନେ। ଅବଶ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ଗୋଟିଏ ଘରୋଇ ହସ୍ପିଟାଲରେ ବୃଦ୍ଧାଙ୍କୁ ଭର୍ତ୍ତି କରାଗଲା, କିନ୍ତୁ ଦୂର ଗାଁଗୁଡ଼ିକରେ ଏମିତି କାର୍ଡ ପାଇଥିବା ଗରିବ ଲୋକେ କେମିତି ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ସେକଥା ଭାବି ଦୁଃଖ ଲାଗିଲା। ସେତେବେଳେ 'ସ୍ୱାସ୍ଥ୍ୟ ମିତ୍ର'ମାନେ ଅବଶ୍ୟ ନ ଥିଲେ ଏବଂ ଅନୁବନ୍ଧିତ ଘରୋଇ ହସ୍ପିଟାଲଗୁଡ଼ିକର ମୁଖ୍ୟ ଅଭିଯୋଗ ଥିଲା ଯେ ଚିକିତ୍ସା ବାବଦ ଖର୍ଚ୍ଚ ବୀମା କମ୍ପାନୀଙ୍କଠୁ ପାଇବା ପାଇଁ ଦୀର୍ଘ ସମୟ ଲାଗିଯାଉଛି।

ପାଠକେ, ଏହି ପ୍ରବନ୍ଧ ଲେଖିବା ବେଳକୁ ରାଜ୍ୟର ପ୍ରାୟ ୭୦ ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟ ବୀମା କାର୍ଡ ମିଳିଛି। ସ୍ଥିତିରେ ସୁଧାର ଆସିଛି, ତଥାପି ସାଧାରଣ ଲୋକ ପାଇଁ ଆମ ସ୍ୱାସ୍ଥ୍ୟ ସେବା ସନ୍ତୋଷଜନକ ହୋଇପାରିନାହିଁ। ୪ ବର୍ଷ ତଳେ ମୁମ୍ବାଇ ସ୍ଥିତ 'ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ପପୁଲେଶନ ସାଇନ୍ସେସ' ତରଫରୁ କରାଯାଇଥିବା ଏକ ସର୍ଭେ ଦର୍ଶାଇଥିଲା ଯେ ରାଜ୍ୟ ସହରାଞ୍ଚଳର ମାତ୍ର ୧୮ ପ୍ରତିଶତ ମହିଳା ଓ ୨୫ ପ୍ରତିଶତ ପୁରୁଷଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ସୁବିଧା ଥିବାବେଳେ ଗ୍ରାମାଞ୍ଚଳରେ ମହିଳାଙ୍କ କ୍ଷେତ୍ରରେ ଏହା ୪୦ ପ୍ରତିଶତ ଏବଂ ପୁରୁଷଙ୍କ କ୍ଷେତ୍ରରେ ୫୧ ପ୍ରତିଶତ। ତେବେ ସ୍ୱାସ୍ଥ୍ୟ ବୀମା କେବଳ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସୀମିତ ନ ରହି ସମ୍ପ୍ରସାରିତ ଥିଲା ଇ.ଏସ୍.ଆଇ., ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ପରି ପରିସରକୁ। ଗତବର୍ଷ ହାଇକୋର୍ଟର ଏକ ଡିଭିଜନ ବେଞ୍ଚ ଗୋଟିଏ ଜନସ୍ୱାର୍ଥ ମାମଲାର ଶୁଣାଣି ଅବସରରେ ପରାମର୍ଶ ଦେଇଥିଲେ– ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ଗମ୍ଭୀର ଭାବରେ ଚିନ୍ତା କରନ୍ତୁ। କୋର୍ଟ ଜାଣିବାକୁ ପାଇଥିଲେ ଯେ ଗ୍ରାମାଞ୍ଚଳ ପିଏଚ୍‌ସିଗୁଡ଼ିକରେ ଡାକ୍ତରମାନେ ଉପସ୍ଥିତ ନୁହନ୍ତି। ପାରା ମେଡିକାଲ ଷ୍ଟାଫ୍ କମ୍ ଏବଂ ଗରିବମାନେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି। ସରକାରୀ ଡାକ୍ତରଖାନାରେ ମେଡିକାଲ ଅଫିସର ପଦବୀ ୪୩ ପ୍ରତିଶତ ଖାଲି, ୪୪ ପ୍ରତିଶତ ବିଶେଷଜ୍ଞ ନାହାନ୍ତି। ଦୟନୀୟ ଅବସ୍ଥାରେ ରାଜ୍ୟରେ ଏତେ ସରକାରୀ ମେଡିକାଲ କଲେଜ ରହିଥିଲେ ହେଁ ଗରିବ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଘରୋଇ ଡାକ୍ତରଖାନା ଯିବାପାଇଁ ବାଧ୍ୟ ହେଉଛନ୍ତି। ପର୍ଯ୍ୟବେକ୍ଷକମାନେ କହିଥିଲେ, ରାଜ୍ୟର ସର୍ବ ପୁରାତନ ମେଡିକାଲ କଲେଜ (ଏସ୍‌ସିବି) ଏମ୍ସ ପ୍ଲସ୍ ମାନ୍ୟତା ପାଇବା ପାଇଁ ଭିତ୍ତିଭୂମି ମଜଭୁତ କରୁଥିଲା ବେଳେ ଗ୍ରାମାଞ୍ଚଳରେ ଏବଂ ପଛୁଆ ଜିଲାଗୁଡ଼ିକରେ ପରିସ୍ଥିତି ଗମ୍ଭୀର।



୪ ମାସ ତଳେ ରାଜ୍ୟର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପ୍ରକାଶିତ ଏକ ଅଧ୍ୟୟନ (ଟେଲର ଆଣ୍ଡ ଫ୍ରାନ୍ସିସ – ହେଲ୍‌ଥ ସିଷ୍ଟମ୍‌ସ ଆଣ୍ଡ ରିଫର୍ମ / ୧୯।୧୦।୨୦୨୨) ଦର୍ଶାଇଛି, ଅନ୍ୟାନ୍ୟ ଭାରତୀୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ସରକାରୀ ଖର୍ଚ୍ଚ କମ୍। ଏହା ମୁଣ୍ଡ ପିଛା ବାର୍ଷିକ ୨୯୪୯ ଟଙ୍କା। ରିପୋର୍ଟ ଆଧାରରେ ଜଣକ ସ୍ୱାସ୍ଥ୍ୟ ସେବାପାଇଁ ହେଉଥିବା ଖର୍ଚ୍ଚର ୭୬ ପ୍ରତିଶତ ଜଣେ ଭରଣା କରୁଥାଏ ନିଜ ପକେଟ୍‌ରୁ। ରାଜ୍ୟ ସରକାର ୨୦୧୫ରୁ 'ନିରାମୟ', ୨୦୧୮ରୁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଓ 'ନିଦାନ' କାର୍ଯ୍ୟକ୍ରମ ହାତକୁ ତ ନେଇଛନ୍ତି ତେବେ ଲକ୍ଷ୍ୟଣୀୟ ସୁଧାର ଦୃଶ୍ୟମାନ ନୁହେଁ। ଓଡ଼ିଶାରେ ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁ ହାର ହ୍ରାସ ଉତ୍ସାହଜନକ ନୁହେଁ, ସର୍ବଭାରତୀୟ ସ୍ଥିତି ତୁଳନାରେ। ଆହୁରି ଚିନ୍ତାଜନକ ହେଉଛି ରାଜ୍ୟରେ ରକ୍ତହୀନତା, ମ୍ୟାଲେରିଆ ଓ ଯକ୍ଷ୍ମା। ସାମାଜିକ-ଅର୍ଥନୈତିକ ସ୍ଥିତିକୁ ନେଇ ଗ୍ରାମାଞ୍ଚଳ, ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଆୟୁ ସମ୍ଭାବନା / ଜୀବନ ପ୍ରତ୍ୟାଶା କମ୍। ଓଡ଼ିଶାରେ ୨୪ ପ୍ରତିଶତ ପରିବାର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ମେଣ୍ଟାଇବାକୁ ଯାଇ ଅତି ଦରିଦ୍ର ହେଉଛନ୍ତି। ଜଣାପଡିଛି, ସର୍ବାଧିକ ଖର୍ଚ୍ଚ ହେଉଛି ଔଷଧ କିଣାରେ। ସରକାରଙ୍କ 'ନିରାମୟ' ସେବା ସତ୍ତ୍ୱେ ୮୬ ପ୍ରତିଶତ ରୋଗୀ ବାହାରୁ ଔଷଧ କିଣନ୍ତି। ସର୍ଭେ ଆଧାରରେ ୫୬ ପ୍ରତିଶତ ସରକାରୀ ସ୍ୱାସ୍ଥ୍ୟ ସେବାକୁ ନେଇ ଅସନ୍ତୁଷ୍ଟ ରହିଥିବା ବେଳେ ୯୧ ପ୍ରତିଶତଙ୍କ ମତ ଥିଲା ଯେ ସରକାର ଉନ୍ନତି ଆଣିବାକୁ ଚେଷ୍ଟା କରନ୍ତୁ। ତେବେ ଅଧିକାଂଶ ଗୋଟିଏ ଦୃଷ୍ଟିରୁ ସନ୍ତୁଷ୍ଟ ଥିଲେ – ସେମାନଙ୍କ ହାତ ପାଆନ୍ତାରେ ସ୍ୱାସ୍ଥ୍ୟ ସେବା ମିଳୁଛି। ଅତି ବେଶିରେ ସବ୍ ସେଣ୍ଟର / ପି.ଏଚ. ସି. / ସି.ଏଚ.ସି.ରେ ପହଞ୍ଚିବା ପାଇଁ ମାତ୍ର ୩୦ ମିନିଟ ଲାଗୁଛି।

ରିପୋର୍ଟ ଦର୍ଶାଇଛି, ଜାତୀୟ ତାଲିକାରେ ଚିହ୍ନିତ ଅତ୍ୟାବଶ୍ୟକ ଔଷଧ ଗ୍ରାମାଞ୍ଚଳରେ ଖୁବ୍ ବେଶିରେ ୪୦ ପ୍ରତିଶତ ମିଳୁଛି ଏବଂ ଚିକିତ୍ସା ପାଇଁ ଯଦି ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡୁଛି ତେବେ ଘରୋଇ ଚିକିତ୍ସାଳୟକୁ ପସନ୍ଦ କରାଯାଉଛି। ଜଣାପଡିଛି, ସରକାରୀ ହେଉ ନଚେତ ବେସରକାରୀ ୫୮ ପ୍ରତିଶତ କ୍ଷେତ୍ରରେ ଡାକ୍ତରମାନେ ରୋଗ ନିରୂପଣ ଠିକ୍ କରୁନାହାନ୍ତି ଏବଂ ଅଧିକାଂଶ କ୍ଷେତ୍ରରେ ଅନାବଶ୍ୟକ ତଥା ବ୍ୟୟବହୁଳ ପରୀକ୍ଷା ନିରୀକ୍ଷା ରୋଗୀକୁ କ୍ଷତିଗ୍ରସ୍ତ କରୁଛି। ଥରେ ଜଣେ ସରକାରୀ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଲେ ସ୍ୱାସ୍ଥ୍ୟ ସେବାକୁ ନେଇ ତା'ର ଅନୁଭୂତି କ'ଣ, ସେ ଖୁସି ନା ନାହିଁ ସେ ବାବଦରେ କୌଣସି ଖବର/ତଥ୍ୟ/ମତ ରେକର୍ଡ କରାଯାଏ ନାହିଁ। ତେବେ ସର୍ଭେରୁ ଜଣାପଡିଛି, ଗରିବ ଲୋକେ ବିଶେଷ କରି ଜନଜାତିମାନେ କ୍ୱଚିତ ଭଲସେବା ପାଆନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତରଟିଏ ରୋଗୀ ଦେଖିବା ପାଇଁ ବିତାଉଥିବା ସମୟ ହାରାହାରି ୯ ମିନିଟ। ମୋଟାମୋଟି ନିଷ୍କର୍ଷ ହେଲା ଏମିତି ସ୍ଥିତିରେ ୫୫ ପ୍ରତିଶତ ଲୋକ ପସନ୍ଦ କରୁଛନ୍ତି ଘରୋଇ ସ୍ୱାସ୍ଥ୍ୟ ସେବାକୁ। ଏହା ବାଦ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବହିରାଗତ ରୋଗୀ ଚିକିତ୍ସା ପାଇଁ ସହାୟକ ନୁହେଁ। ପାଠକେ, ଜାତୀୟ ପରିବାର କଲ୍ୟାଣ ସର୍ଭେ (ଏନ୍‌ଏଚ୍‌ଏଫ୍‌ଏସ୍) ଅନୁସାରେ ଏବେ ବି ରାଜ୍ୟର ସରକାରୀ ଚିକିତ୍ସାଳୟରେ ମୁଣ୍ଡ ପିଛା ଘରୋଇ ଖର୍ଚ୍ଚ ୪୧୩୯ ଟଙ୍କା ଏବଂ ପ୍ରତି ୧୦୦୦ ଜନ୍ମରେ ଶିଶୁ ମୃତ୍ୟୁ ହାର (୧–୫ ବର୍ଷ) ୪୧.୧ପ୍ରତିଶତ। ଆପଣ ଚିନ୍ତା କରିପାରନ୍ତି।

**ମୋ:୯୪୩୭୧୩୭୦୬୦**

## ପାଠକ ଶ୍ରେଷ୍ଠ ବିଚାରକ

### ଜବରଦଖଲ ହଟାଯାଉ

ମହାଶୟ,

ଜବରଦଖଲ ଯୋଗୁ ରାସ୍ତାକଡ଼ରେ ଥିବା ଘର, କ୍ୟାବିନ ଉପରକୁ ଗାଡ଼ି ମାଡ଼ିଯାଇ ପ୍ରତିଦିନ ଦୁର୍ଘଟଣା ଘଟୁଛି । ଦୋଷ ପୋଲିସ ନା ଚାଳକ କାହାକୁ ଦେବା ? ଏପରି ଏକ ଘଟଣା ଘଟିଛି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମତିରଣ ଓ ପଲାଇ ଗ୍ରାମପଞ୍ଚାୟତଠାରେ। ଦୀର୍ଘଦିନ ଧରି ବରଦା–ବାଉଜଙ୍ଗ ରାସ୍ତାର ମାତକାତପୁର ଓ ବନ୍ଦରେଶ୍ୱର ଗ୍ରାମ ସର୍ବସାଧାରଣ ରାସ୍ତାକଡ଼ରେ ଜମି ମାଲିକମାନେ ସିମେଣ୍ଟ ଖୁଣ୍ଟରେ ଲୁହାକଣ୍ଟା ତାର ବାନ୍ଧିଛନ୍ତି। ତା'ସହ ଗୋଚର, ଦଣ୍ଡା ଓ ଅନାବାଦୀ ଜମିରେ ଘର କରିଛନ୍ତି। ଏହି ବାଟଦେଇ ହଜାର ହଜାର ସଂଖ୍ୟାରେ ଗାଡ଼ି ଯାତାୟାତ କରେ। ରାସ୍ତା ସଙ୍କୁଚିତ ହେବା ଫଳରେ ଦୈନିକ ଦୁର୍ଘଟଣା ଘଟି ଅନେକେ ଆହତ ହେଉଛନ୍ତି। ବର୍ତ୍ତମାନ ରାସ୍ତା ଚଉଡ଼ା ପାଇଁ ଅର୍ଥ ଆସିଛି। କିନ୍ତୁ ସରକାରୀ ଜମି ମାଡ଼ି ବସିଥିବା ବ୍ୟକ୍ତି ଗଣ୍ଡଗୋଳ କରିବା ପାଇଁ ବାହାରି ପଡୁଛନ୍ତି। ପରିସ୍ଥିତି ଅଣାୟତ୍ତ ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବା ସହ ସବୁ ପ୍ରତିବନ୍ଧକ ଦୂରକରି ରାସ୍ତା କାମ ଆଗେଇନେବା ଆବଶ୍ୟକ।

**–ରାଜକିଶୋର ସାମଲ,ବାଲିଚନ୍ଦ୍ରପୁର,ଯାଜପୁର**

### ଚିରନ୍ତନୀ

ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହୁଁ
ମଧୁରେ ଭରିଲା କେତେ ଆଖି ଓଠ
କେତେ ଅନ୍ତରୁ ଝରିଲା ଲହୁ।

–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨୦୨୨ରେ ୭.୬୦% ବଢ଼ିଛି ଦୁର୍ଘଟଣାଜନିତ ମୃତ୍ୟୁ

**ସଂକ୍ଷେପରେ**

## ୧୪ ଅଣବୃହତ୍ ବନ୍ଦରରୁ ୨ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ରାଜ୍ୟରେ ୧୪ଟି ଅଣବୃହତ୍ ଓ ନଦୀଭିତ୍ତିକ ବନ୍ଦର ପାଇଁ ରାଜ୍ୟ ସରକାର ସ୍ଥାନ ଚିହ୍ନଟ କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସେଥିରୁ ୨ଟି ବନ୍ଦର ଧାମରା ଓ ଗୋପାଳପୁର କାର୍ଯ୍ୟକ୍ଷମ ଅଛି। ଅନ୍ୟ ଦୁଇଟି ବନ୍ଦର ସୁବର୍ଣ୍ଣରେଖା ମୁହାଣ ଓ ଅସ୍ତରଙ୍ଗ ବନ୍ଦର ପ୍ରତିଷ୍ଠା କାର୍ଯ୍ୟ ଜାରିରହିଛି। ଅନ୍ୟ ୧୦ଟି ବନ୍ଦର ବାଲେଶ୍ୱର ଜିଲାର ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର ଓ ଇଞ୍ଚୁଡ଼ି, ଭଦ୍ରକ ଜିଲାର ଚୂଡ଼ାମଣି, ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣ, ପୁରୀ ଜିଲାର ଅସ୍ତରଙ୍ଗ ଓ ବାଲିହରଚଣ୍ଡୀ, ଗଞ୍ଜାମ ଜିଲାର ପାଲୁର ଓ ବାହୁଦା ମୁହାଣଠାରେ ଅଣବୃହତ୍ ବନ୍ଦର ଏବଂ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମହାନଦୀର ବାମପାର୍ଶ୍ୱରେ ଥିବା ଆଖଡ଼ାଶାଳୀ ଗ୍ରାମ ନିକଟରେ ଏକ ନଦୀଭିତ୍ତିକ ବନ୍ଦର ଚିହ୍ନଟ କରାଯାଇଛି। ବନ୍ଦରଗୁଡ଼ିକର ବିକାଶ ସରକାରୀ- ଘରୋଇ ଭାଗୀଦାରିରେ କରାଯାଉଛି। ଏହି ସମସ୍ତ ବନ୍ଦର ପ୍ରତିଷ୍ଠା ପାଇଁ ସରକାର କେବଳ ଲିଜ୍ ସୂତ୍ରରେ ଜମି ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାର ଆଇଆଇଟି ମାଡ୍ରାସ ସହଯୋଗରେ ୧୩ଟି ଚିହ୍ନିତ ଅଣବୃହତ୍ ବନ୍ଦରର ସୁବ୍ୟବସ୍ଥା ପାଇଁ ୧୬,୮୫,୪୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ମହାନଦୀରେ ନଦୀଭିତ୍ତିକ ବନ୍ଦର ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଭାଜପା ସଭ୍ୟ ଭାସ୍କର ମଢେଇଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଗୁରୁବାର ପ୍ରଶ୍ନକାଳରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏହା କହିଛନ୍ତି।

## ରାଜ୍ୟରେ ୧୦୫ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ:ମନ୍ତ୍ରୀ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ):** ରାଜ୍ୟରେ ୧୦୫ଟି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୫ଟି ବ୍ଲକରେ ନୂଆ ସରକାରୀ ବସ୍‌ଷ୍ଟାଣ୍ଡ ଖୋଲିବ। ଏ ପର୍ଯ୍ୟନ୍ତ ୧୦ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫୦ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀଙ୍କ ମୂଳ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗୁରୁବାର ବିଧାନସଭାରେ ଏହା କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ, ସରକାର ରାଜ୍ୟରେ କେତୋଟି ସରକାରୀ ବସ୍‌ଷ୍ଟାଣ୍ଡ ଖୋଲିବାକୁ ଯାଉଛନ୍ତି। ଖରିଆର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖରିଆର ଏନ୍‌ଏସି ଏବଂ ସିନାପାଲି ବ୍ଲକ ମୁଖ୍ୟାଳୟରେ ନୂଆ ବସ୍‌ଷ୍ଟାଣ୍ଡ ଖୋଲିବା ବ୍ୟବସ୍ଥା କରିଛନ୍ତି କି? ମନ୍ତ୍ରୀ କହିଥିଲେ, ନୂଆପଡ଼ା ଜିଲାର ଖରିଆରଠାରେ ଜମି ଚିହ୍ନଟ କରାଯାଇଛି। ସିନାପାଲିଠାରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ବିଚାର କରାଯାଉଛି। ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀ, ବିଜେଡି ସଭ୍ୟ ରାଜେନ୍ଦ୍ର ସାହୁ, ଶଶିଭୂଷଣ ବେହେରା ପ୍ରମୁଖ ନିଜ ନିର୍ବାଚନମଣ୍ଡଳୀରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ସରକାରଙ୍କ କି ଯୋଜନା ଥିବା ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଯେଉଁଠି ବସ୍‌ଷ୍ଟାଣ୍ଡ ଆବଶ୍ୟକ ହେଉଛି ସେଠାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି।

## ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

**ପରଜଙ୍ଗ, ୧୬।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ୍‌ରେ ଏକ ଗୋଠଛଡ଼ା ଦନ୍ତା ଦୌରାତ୍ମ୍ୟ ସୃଷ୍ଟି କରିଛି। ଗତ ବୁଧବାର ସନ୍ଧ୍ୟାରେ ଉକ୍ତ ହାତୀ ଆକ୍ରମଣରେ ଗୋଲାଗାଡ଼ିଆ ଗ୍ରାମର ଶରତ ଧଳ(୫୭)ଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣାକୁ ୧୨ ଘଣ୍ଟା ନ ପୂରୁଣୁ ଗୁରୁବାର ଭୋର୍ ସମୟରେ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ପୁରୁଣାପାଣି ଗ୍ରାମ ନିକଟରେ ଜଣେ ମହିଳାଙ୍କୁ କଚାଡ଼ି ମାରିଦେଇଛି ଦନ୍ତା। ମୃତକ ହେଲେ ବାରିହାପୁର ପଞ୍ଚାୟତ ଚକ୍ରଧରପୁର ଗ୍ରାମର ଅପାରି ମାଝି। ପରିବାର ଲୋକଙ୍କ କହିବା କଥା, ଅପାରି ସକାଳେ ଚାଷ ଜମିକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

---

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

- ଶୂନ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ପାଳନ ପାଇଁ ସଚିବଙ୍କ ନିର୍ଦ୍ଦେଶ
- ଏପ୍ରିଲ ୧ରୁ ୭ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ ହେବ
- ସୋନପୁରରେ ସର୍ବାଧିକ ୫୩ ପ୍ରତିଶତ ମୃତ୍ୟୁହାର ବଢ଼ିଛି
- ଦେବଗଡ଼, ମାଲକାନଗିରିରେ ୩୩ ପ୍ରତିଶତ ଦୁର୍ଘଟଣା ବୃଦ୍ଧି
- ଏଣିକି ସବୁ ମଙ୍ଗଳବାର 'ଜିରୋ ଟଲରାନ୍ସ' ନୀତି ଆପଣାଇବାକୁ ନିର୍ଦ୍ଦେଶ

ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ରାଜ୍ୟର ସବୁଜିଲାପାଳ, ଏସ୍‌ପି, ଭୁବନେଶ୍ୱର-କଟକ ଅତିରିକ୍ତ କମିଶନର ଏବଂ ସବୁ ଆର୍‌ଟିଓଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କିପରି ହ୍ରାସ କରାଯାଇପାରିବ ସେନେଇ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସିଆଇଡି ଏବଂ କ୍ରାଇମବ୍ରାଞ୍ଚର ତଥ୍ୟ ଅନୁଯାୟୀ ୨୦୨୧ ବର୍ଷ ତୁଳନାରେ ୨୦୨୨ରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୭.୬୦ ପ୍ରତିଶତ ବୃଦ୍ଧି ପାଇଛି। ସୁପ୍ରିମକୋର୍ଟ କମିଟିଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ବର୍ଷ ୧୦ ପ୍ରତିଶତ ଲେଖା ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା କଥା।

ସଡ଼କ ସୁରକ୍ଷା ଜରିଆରେ ଏହା କରିବା ପାଇଁ ସେମାନେ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ୨୦୨୨ ତଥ୍ୟ ଯାହା କହୁଛି, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ସମ୍ବଲପୁର, କୋରାପୁଟ, ଢେଙ୍କାନାଳ, ଭଦ୍ରକ, ବଲାଙ୍ଗୀର, ପୁରୀ, କନ୍ଧମାଳ, କେନ୍ଦ୍ରାପଡ଼ା, ନୟାଗଡ଼, ସୁବର୍ଣ୍ଣପୁର ଏବଂ ମାଲକାନଗିରିରେ ୧୦ ପ୍ରତିଶତ ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ଘଟିଛି। ସଡକ ସୁରକ୍ଷା ଜରିଆରେ ଦୁର୍ଘଟଣା ରୋକିବା ସହିତ ମୂଲ୍ୟବାନ୍ ମଣିଷ ଜୀବନ ବଞ୍ଚାଇବାକୁ ପଡିବ। ପ୍ରତ୍ୟେକ ମଙ୍ଗଳବାର 'ଜିରୋ ଟଲରାନ୍ସ' ଦିନ ଭାବେ ଗ୍ରହଣ କରାଯିବ। ଏହିଦିନ ଟ୍ରାଫିକ ଉଲ୍ଲଂଘନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଦ୍ୱାରା ସଡକ ସୁରକ୍ଷା ଦିଗରେ ଯେଉଁ ଉତ୍ତରଦାୟିତ୍ୱ ରହିଛି ତାହାର ଠିକ୍ ପ୍ରମାଣ ଦେବାକୁ ହେବ। ସେହିପରି ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ୭ ଦିନ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଶୂନ କରିବାକୁ ପଡିବ। ଏହି ସପ୍ତାହକୁ ଶୂନ ମୃତ୍ୟୁ ସପ୍ତାହ ଭାବେ ପ୍ରମାଣ କରିବାକୁ ପଡିବ। ଶୂନ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଯେଉଁ ସପ୍ତାହେ ପାଳନ କରାଯିବ ତାର ଏସ୍‌ଓପି ପରିବହନ କମିଶନରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ଜିଲାଗୁଡ଼ିକୁ ପଠାଇ ଦିଆଯାଇଛି। ଏହି ଲକ୍ଷ୍ୟକୁ ସଫଳତାର ସହିତ ପୂରଣ କରିବାକୁ ପଡିବ। ଏଥିଲାଗି ଜିଲାପାଳ ଏବଂ ଏସ୍‌ପି ସମସ୍ତେ ଧ୍ୟାନ ଦେବା ସହିତ ସବୁ ପ୍ରକାର ବ୍ୟବସ୍ଥା ଠିକ୍ ଭାବେ ହେବ ସେନେଇ ଧ୍ୟାନ ଦେବାକୁ କୁହାଯାଇଛି। ରାଜ୍ୟସ୍ତରରୁ ଯଦି କିଛି ଆବଶ୍ୟକତା ପଡେ ତେବେ ସେନେଇ କ'ଣ କରାଯିବ ତାହା ଏସ୍‌ଓପିରେ ଉଲ୍ଲେଖ ରହିଛି।

ତେବେ ୨୦୨୨ ସଡ଼କ ଦୁର୍ଘଟଣାଜନିତ ତଥ୍ୟରେ ଯାହା ଉଲ୍ଲେଖ ରହିଛି ତାହା ସବୁଠାରୁ ଚିନ୍ତାଜନକ। ସଡକ ଦୁର୍ଘଟଣାରେ ଗଞ୍ଜାମ ଜିଲାରେ ୨୦୨୧ ତୁଳନାରେ ୨୦୨୨ରେ ୧୪ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ମୃତ୍ୟୁହାରରେ ୧୦ ପ୍ରତିଶତ ବଢିଥିବା ଉଲ୍ଲେଖ ଅଛି। ସେହିପରି ସୁନ୍ଦରଗଡ଼ରେ ମୃତ୍ୟୁହାର ୫ ପ୍ରତିଶତ ଏବଂ ଦୁର୍ଘଟଣା ହାର ୧୬ ପ୍ରତିଶତ ବଢ଼ିଛି। କେନ୍ଦୁଝରରେ ମୃତ୍ୟୁହାର ୧୦ ପ୍ରତିଶତ ବଢିଥିବା ବେଳେ ଦୁର୍ଘଟଣା ୩ ପ୍ରତିଶତ ହ୍ରାସ ପାଇଛି। ଖୋର୍ଦ୍ଧାରେ ମୃତ୍ୟୁହାର ୧୬ ପ୍ରତିଶତ ଏବଂ ଦୁର୍ଘଟଣା ହାର ୨୨ ପ୍ରତିଶତ ବୃଦ୍ଧି ଘଟିଛି। ମୟୂରଭଞ୍ଜରେ ମୃତ୍ୟୁହାର ୪ ଏବଂ ଦୁର୍ଘଟଣା ହାର ୧୫ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ଦେଖିବାକୁ ଗଲେ, କଟକ, ଯାଜପୁର, ବାଲେଶ୍ୱର, ଅନୁଗୋଳ, ବରଗଡ, କଳାହାଣ୍ଡି, ରାୟଗଡା, ନୂଆପଡା, ବୌଦ୍ଧ ଏବଂ ଗଜପତିରେ ଦୁର୍ଘଟଣାଜନିତ ମୃତ୍ୟୁହାର କମିଛି। ଅନୁଗୋଳରେ ୨୦୨୧ ତୁଳନାରେ ୨୧ ପ୍ରତିଶତ ମୃତ୍ୟୁହାର କମିଛି, ଏହା ରାଜ୍ୟରେ ସର୍ବାଧିକ। ସେହିପରି ସୋନପୁରରେ ୨୦୨୧ ବର୍ଷ ତୁଳନାରେ ୨୦୨୨ରେ ସର୍ବାଧିକ ୫୩ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁହାରରେ ବୃଦ୍ଧି ଘଟିଛି, ଯାହା ରାଜ୍ୟରେ ସର୍ବାଧିକ। ଢେଙ୍କାନାଳରେ ୩୮ ପ୍ରତିଶତ ଏବଂ ଭଦ୍ରକରେ ୩୬ ପ୍ରତିଶତ ମୃତ୍ୟୁହାର ବଢ଼ିଛି। ଅନ୍ୟପଟେ ଦେବଗଡ ଏବଂ ମାଲକାନଗିରିରେ ସଡ଼କ ଦୁର୍ଘଟଣା ହାର ସର୍ବାଧିକ ୩୩ ପ୍ରତିଶତ ବୃଦ୍ଧି ପାଇଛି।

## ୨ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

**ବଲାଙ୍ଗୀର ଅଫିସ, ୧୬।୩**

ବଲାଙ୍ଗୀର ଅତିରିକ୍ତ ଜିଲା ଜଜ୍(ସ୍ପେଶାଲ ଜଜ୍ ପୋକ୍‌ସୋ) ଗୋପବନ୍ଧୁ ଗଡନାୟକ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ଦୁଇ ଅଭିଯୁକ୍ତ ସିନ୍ଧେକେଲା ଥାନା ସାଲେବରଟ ଗ୍ରାମର ପ୍ରମୋଦ ବରିହା ଏବଂ ଅଭିଲାଷ ବରିହାଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ ଜେଲ ଦଣ୍ଡାଦେଶ ଏବଂ ୭୦ ହଜାର ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ଏପ୍ରିଲରେ ସାଲେବରଟ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଉପରୋକ୍ତ ଦୁଇ ଅଭିଯୁକ୍ତ ବଳାତ୍କାର କରିଥିବା ସିନ୍ଧେକେଲା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା(୭୧/୧୬) ରୁଜୁ କରି ତଦନ୍ତ କରିଥିଲା। ନାବାଳିକାଙ୍କୁ ବଳାତ୍କାର ହୋଇଥିବାରୁ ଏହି ମାମଲା ପୋକ୍‌ସୋ ଆକ୍ଟ ଅନୁଯାୟୀ ରୁଜୁ ହୋଇଥିଲା। ମାମଲାର ବିଚାର କରି ଅତିରିକ୍ତ ଜିଲାଜଜ୍ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ନିତ୍ୟାନନ୍ଦ ବରେଇ ପରିଚାଳନା କରିଥିଲେ।



ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ ସୂର୍ଯ୍ୟମୁଖୀ କ୍ଷେତରେ ଜଣେ ମହିଳା ଫୁଲର ସ୍ଥିତି ପରଖୁଛନ୍ତି। (ଫଟୋ: ବିକାଶ)

## ଝିଅକୁ ମାରି ଆତ୍ମହତ୍ୟା କଲେ ମାଆ

**ଲକ୍ଷ୍ମୀପୁର, ୧୬।୩ (ସ୍ୱ.ପ୍ର.)**

ଦୁଇ ବର୍ଷର ଶିଶୁକନ୍ୟାକୁ ମାରି ମାଆ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଦୁଃଖଦ ଘଟଣାଟି ଘଟିଛି କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଗୌଡଗୁଡ଼ା ପଞ୍ଚାୟତର ଲଛମୋଣି ଗ୍ରାମରେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି, ଦୀନବନ୍ଧୁ ସାଉଁନ୍ତା ଲଛମୋଣି ଗ୍ରାମରେ ବସବାସ କରି ଆସୁଥିଲେ। ତାଙ୍କ ସ୍ତ୍ରୀ ପଦ୍ମା ହିକକାଙ୍କ ଅନ୍ୟ ପୁରୁଷ ସହ ସମ୍ପର୍କ ଥିବା ଦୀନବନ୍ଧୁ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ଥର ବଚସା ହୋଇଥିଲା। ଦୀନବନ୍ଧୁ ପଦ୍ମାଙ୍କ ବାପା ଦୁମୁରିପଦର ଗ୍ରାମର କାମଡି ହିକକାଙ୍କୁ ଡାକି ଏ ସମ୍ପର୍କରେ ସବୁ କହିଥିଲେ। ପଦ୍ମାଙ୍କୁ ତାଙ୍କ ଗ୍ରାମକୁ ନେଇଯିବାକୁ ଦୀନବନ୍ଧୁ କହିଥିଲେ। କାମଡି ଆସି ଝିଅକୁ ଗ୍ରାମକୁ ନେଇଯିବାକୁ କହି ଚାଲିଯାଇଥିଲେ। ପରେ ଦୀନବନ୍ଧୁ ଘରୁ ବାହାରି କାକିରିଗୁମା ଚାଲିଯାଇଥିଲେ। ଏହି ସମୟରେ ପଦ୍ମା ଦୁଇ ବର୍ଷର ଝିଅକୁ ତା'ବେକରେ ରଶି ଲଗାଇ ମାରି ନିଜେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପଦ୍ମାଙ୍କ ଆତ୍ମହତ୍ୟାକୁ ବାପଘର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ବାପା କାମଡି ତାଙ୍କ ଝିଅଙ୍କୁ ଦୀନବନ୍ଧୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। କାକିରିଗୁମା ଥାନା ଅଧିକାରୀ ଦାମୋଦର ବିହାରୀ, ଏସ୍‌ଡିପିଓ ଅଶ୍ୱିନୀ ନାୟକ, ଲକ୍ଷ୍ମୀପୁର ଥାନା ଅଧିକାରୀ ଶ୍ୱେତପଦ୍ମା ସେଠ, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଛନ୍ତି। ତହସିଲଦାର ତପନ ନାୟକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ୩୧/୨୩ରେ ଏକ ମାମଲା ରୁଜୁ କରି ଦୀନବନ୍ଧୁଙ୍କୁ ଥାନାରେ ଅଟକ ରଖିଛି।


**PARADIP PORT AUTHORITY**
MARINE DEPARTMENT
No. MD/ACCTS-WK-R-2/2023/350
Dated, the 14th March'2023

**e-Tender Call Notice (e-TCN)**

Name of the Work : "Supply of 01 no. 20 Knots Speed Patrol Boat along with manning crew on hire for a period of five years". Estimated Cost : Total Estimated cost Rs.11,80,78,000/- Plus GST. Estimated cost put to tender : Rs.5,84,32,000/- Excluding Fuel Cost and GST. Last date & time for submission of bids through on-line bidding is till 1500 hours on Dt.27.04.2023. Technical Bids shall be opened at 1630 hours on Dt.28.04.2023. For details, please log on to the Website : https://eprocure.gov.in/eprocure/app.

Dy. Conservator
Paradip Port Authority
PPA/PR/233/2022-23, Dt.15.03.23



**ଦ.ପୂ. ରେଳପଥ - ଟେଣ୍ଡର**

ଏନ୍‌ଆଇଟି ନଂ. ଏସ୍‌ଟି-ଓଏଲ-ଡିଆରଜି-୦୨, ତାରିଖ: ୧୫।୦୩।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ଆର୍‌ଭିଏନ୍‌ଏଲ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି: କାର୍ଯ୍ୟର ନାମ: ଡ୍ରାଫ୍/ଟେଣ୍ଟେଟିଭ୍/ଅନୁମୋଦିତ ଇଞ୍ଜିନିୟରିଂ ସ୍କେଲ୍ ପ୍ଲାନ୍ (ଇଏସ୍‌ପି) ଅନୁଯାୟୀ ସିଗ୍ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ପ୍ରସ୍ତୁତି, ଡିଜାଇନିଂ । ସିଗ୍ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଇଏସ୍‌ପିରେ ଦର୍ଶାଯାଇଥିବା ଅନୁଯାୟୀ ଭିନ୍ନ ଭିନ୍ନ ରଙ୍ଗ ଯେପରିକି କଳା, ସବୁଜ ଓ ନାଲି ରଙ୍ଗରେ ଡିଜାଇନ୍ ଓ ପ୍ରସ୍ତୁତ କରାଯିବା ଆବଶ୍ୟକ, ଏହା ସହିତ ସଦ୍ୟତମ ସଂସ୍କରଣର ଅଟୋକାଡ୍‌ରେ ଇଏସ୍‌ପି ଅନୁଯାୟୀ କୌଣସି ସଂଶୋଧନ ସହିତ ଷ୍ଟେଟ/ଟେଣ୍ଟେଟିଭ୍/ଅନୁମୋଦିତ ଏସ୍‌ଆଇପି ଆଧାରରେ ଏକ ଲମ୍ବ ରଙ୍ଗିନ ରେଖାଚିତ୍ର ଦୈର୍ଘ୍ୟ ୧ ସେମି = ୧୦ ମିଟର ଏବଂ ଅନୁପ୍ରସ୍ଥ ୧ ସେମି = ୫ ମିଟର ସ୍କେଲରେ ପ୍ରସ୍ତୁତ କରାଯିବା ଆବଶ୍ୟକ, ମାନକ ରେଳପଥ କାର୍ଯ୍ୟପ୍ରଣାଳୀ ସହିତ ଦକ୍ଷିଣ ପୂର୍ବ ରେଳପଥର ମାନକ କାର୍ଯ୍ୟପ୍ରଣାଳୀ ଅନୁଯାୟୀ, ସ୍ୱାକ୍ଷର ସ୍ତମ୍ଭ ପାଇଁ ନାମ ଓ ପଦବୀ କିମ୍ବା ଦକ୍ଷିଣ ପୂର୍ବ ରେଳପଥର ଷ୍ଟେଶନ ୟାର୍ଡ ଏବଂ ସ୍ୱାଧୀନ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍ ନିମନ୍ତେ ରେଳପଥ ଇଞ୍ଜିନିୟରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ସିଗ୍ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଟ୍ରେସିଂ କାଗଜରେ ଦାଖଲ କରିବା ଆବଶ୍ୟକ ଏବଂ ସିଗ୍ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ସଫ୍ଟ କପିକୁ ରେଳପଥ ଇଞ୍ଜିନିୟରମାନଙ୍କ ଇ-ମେଲ୍‌ରେ ତଥା ନକଲକୁ ଏକ ସିଡିରେ ପଠାଯିବା ଆବଶ୍ୟକ। **ବିଜ୍ଞାପିତ ଟେଣ୍ଡର ମୂଲ୍ୟ:** ₹୨୬,୪୬,୭୪୦/- । **ଅମାନତ ରାଶି:** ₹୫୨,୯୦୦/- । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୪।୦୪।୨୦୨୩ରିଖ ୧୫.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ । (PR-1202)


## ମାଟ୍ରିକ୍ ପରୀକ୍ଷା କେନ୍ଦ୍ରର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ

**ଭାପୁର/ଖଣ୍ଡପଡ଼ା, ୧୬।୩(ଡି.ଏନ୍.ଏ.)**

- ପରୀକ୍ଷା ସମୟରେ ୪ ଶିକ୍ଷକଙ୍କ ମୋବାଇଲ ଖୋଲା ଥିଲା
- କାରଣଦର୍ଶାଅ ନୋଟିସ ଜାରି

ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ମୋବାଇଲ ଖୋଲାରଖି ପରୀକ୍ଷା ପରିଚାଳନା କରିବା ଦାୟିତ୍ୱରେ ଥିବା ଜଣେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଇଁ ମହଙ୍ଗା ପଡ଼ିଛି। ଏଥିପାଇଁ ନୟାଗଡ଼ ଜିଲା ଭାପୁର ବ୍ଲକ୍ ବାଇଗୁଣିଆଁ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅର୍ପିତା ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ପରୀକ୍ଷା ଚାଲିଥିବା ସମୟରେ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ଗୁରୁବାର ହଠାତ୍ ସେହି ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ପରୀକ୍ଷା ସମୟରେ ୪ ଜଣ ଶିକ୍ଷକଙ୍କ ମୋବାଇଲ ଖୋଲାଥିବା ଶିକ୍ଷାଧିକାରୀ ଦେଖିବାକୁ ପାଇଥିଲେ। ସମ୍ପୃକ୍ତ ୪ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନାୟକଙ୍କ ପରୀକ୍ଷା କେନ୍ଦ୍ର ବିଧି ବ୍ୟବସ୍ଥାରେ ପରିଚାଳନା ଗତ ତ୍ରୁଟି ଯୋଗୁ ତାଙ୍କୁ ଶିକ୍ଷାଧିକାରୀ କାର୍ଯ୍ୟରୁ ନିଲମ୍ବିତ କରିଥିବା ବିଇଓ ଜୟନ୍ତୀ ସାହୁ ସୂଚନା ଦେଇଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧ୍ରୁବଚରଣ ରାଉତଙ୍କୁ ପଚାରିବାରୁ ସେ କହିଥିଲେ, ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କ ମୋବାଇଲ ସୁଇଚ୍ ଅଫ୍ ନ ଥିଲେ ମଧ ଫ୍ଲାଇଟ୍ ମୋଡ୍ ଓ ସାଇଲେନ୍ସ ମୋଡରେ ଥିଲା। ମୋବାଇଲରେ ହାତ ବାଜି ଯିବାରୁ ମୋବାଇଲ ସୁଇଚ୍ ଅନ୍ ଥିବା ଜାଣି ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ଏଭଳି ସାମାନ୍ୟ ଘଟଣାରେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।


**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**Corrigendum-I to Notice Inviting Tender (NIT)**

Tender Notice No. TPWODL/SD/O/SER/ 176/ Corrigendum/ 001
**Rate Contract for Furniture Works at TPWODL**

The time period is hereby extended for Submission of Tender Participation Fee and Authorization Letter through e-mail till **21st March 2023, 15:00Hrs**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores


## ତୁରନ୍ତ ପୂରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୧୬।୩**

**ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ୬ ସଦସ୍ୟ ପଦ ଖାଲି**

ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ସମସ୍ତ ୬ଟି ଯାକ ସଦସ୍ୟ ପଦବୀ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଖାଲିପଡ଼ିଛି। ଏହାଦ୍ୱାରା ନିର୍ଯାତିତା ମହିଳାମାନଙ୍କୁ ନ୍ୟାୟ ପ୍ରଦାନ କରାଯାଇପାରୁନାହିଁ। ଏ ସମ୍ପର୍କିତ ପ୍ରାୟ ୫,୬୦୦ ମାମଲା ଆୟୋଗ ନିକଟରେ ପଡ଼ି ରହିଥିବାବେଳେ ସେଗୁଡ଼ିକ ଫଇସଲା ହୋଇପାରୁନାହିଁ। ଏହି ପଦବୀଗୁଡ଼ିକ ତୁରନ୍ତ ପୂରଣ ନେଇ ଆଗତ ମାମଲାର ପ୍ରଥମ ଶୁଣାଣି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଗୁରୁବାର ହୋଇଛି। ହାଇକୋର୍ଟ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସଦସ୍ୟ ପଦଗୁଡ଼ିକ ତୁରନ୍ତ ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ଷ୍ଟେଟ୍ କମିଶନ୍ ଫର୍ ୱିମେନ୍ ଆକ୍ଟ ୧୯୯୩ ଅନୁସାରେ ଜଣେ ଅଧ୍ୟକ୍ଷା ଓ ୬ ଜଣ ସଦସ୍ୟାଙ୍କୁ ନେଇ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପ୍ରତିଷ୍ଠା ହୋଇଥିଲା। ୨୦୨୨ ଅକ୍ଟୋବର ୧୩ରୁ ଅଧ୍ୟକ୍ଷା ଯୋଗଦେଇଥିବାବେଳେ ୨୦୨୨ ନଭେମ୍ବର ୨୧ରୁ ସମସ୍ତ ସଦସ୍ୟ ପଦ ଖାଲିପଡ଼ିଛି। ଏହି ପଦବୀଗୁଡ଼ିକ ଖାଲି ପଡ଼ିବାର ୩ ମାସ ମଧ୍ୟରେ ପୂରଣ ହେବାର ନିୟମ ରହିଛି। ହେଲେ ଏଠାରେ ଆୟୋଗ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁ ନ ଥିବାରୁ ବହୁ ମାମଲା ପଡ଼ିରହିଛି। ଏଥିସହ ଆୟୋଗର ସଦସ୍ୟାମାନେ ଆୟୋଗ ବୈଠକରେ ଯୋଗଦାନ କରିବା ସହ ବିଭିନ୍ନ କମିଟିରେ ମୁଖ୍ୟ ହେବା, ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ପାଇଁ ଘଟଣାସ୍ଥଳ ପରିଦର୍ଶନ କରିବା, ସେମାନଙ୍କୁ ଦିଆଯାଇଥିବା ମାମଲାର ଶୁଣାଣି କରିବା, ସଚେତନତା ଶିବିରରେ ଯୋଗଦେବା, ଜେଲ ଓ ମହିଳା ଅନୁଷ୍ଠାନ ପରିଦର୍ଶନ କରିବା ଆଦି କାର୍ଯ୍ୟ କରିଥାନ୍ତି। ମହିଳାମାନଙ୍କ ଅଧିକାର ସୁରକ୍ଷା, ଆର୍ଥିକ, ଶିକ୍ଷାଗତ, ସ୍ୱାସ୍ଥ୍ୟଗତ, ବୃତ୍ତିଗତ ଆଦି କ୍ଷେତ୍ରରେ ଉପଯୁକ୍ତ ସୁବିଧାସୁଯୋଗ ପ୍ରଦାନ ପାଇଁ ଆୟୋଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ସୁପାରିସ ମଧ କରାଯାଏ। ମହିଳା ହିଂସା ରୋକିବା, ଆଇନ ସହାୟତା ଯୋଗାଇ ଦେବାରେ ମଧ ଆୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରି ସ୍ଥିତିରେ ତୁରନ୍ତ ସମସ୍ତ ସଦସ୍ୟ ପୂରଣ ହେବାର ଆବଶ୍ୟକତା ଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ଏହି ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଆବାହକ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।


**JHRKHAND STATE BEVERAGES CORPORATION LTD. RANCHI**
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com Utpad Bhawan, Ground Floor, Near New Police Station, Kanke Road, Ranchi - 834008
E-Tender Notice No :- JSBCL/06Date- 16.03.2023

NOTICE INVITING E-TENDER

**E-TENDER FOR EMPANELMENT OF PLACEMENT AGENCY**

E- Tenders are invited for empanelment of placement agency for supply of manpower for retail vending shops of JSBCL in the designated five (05) zones within the state of Jharkhand through e-tender process. Detailed tender document is available at https://jharkhandtenders.gov.in & http://jsbcl.in Interested companies/firms/parties may visit the website for more details.

Important dates

| S.N. | Particulars | Date | Time |
|---|---|---|---|
| 1 | Date of Uploading of tender document on website. | 16/03/2023 | |
| 2 | Starting Date for submission of E-Tender | 17/03/2023 | |
| 3 | Last date/closing date for submission of E-Tender | 23/03/2023 | 04:00 P.M. |
| 4 | Last date for submission of document (Hard copy) in the JSBCL office. | 23/03/2023 | 06:00 P.M. |
| 5 | Online opening of Technical Bid. | 25/03/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.

Sd/-
Managing Director,
Jharkhand State Beverages Corporation Ltd.
Jharkhand, Ranchi

PR 292731 Excise(22-23)D


## ଗାଁ ମୁଖିଆ, କୋଠଘର ପୂର୍ବତନ ସଭାପତିଙ୍କ ଘରକୁ ବୋମାମାଡ଼

**ବ୍ରହ୍ମପୁର ଅଫିସ, ୧୬।୩**

- ୫ ଗିରଫ, ୪ ଅଫୁଟା ବୋମା, ବାଇକ ଜବତ
- ଦୁଇ ପ୍ଲାଟୁନ ଫୋର୍ସ ମୁତୟନ

ଗଞ୍ଜାମ ଜିଲା ଫୁଲଟା ଗାଁରେ ବୁଧବାର ବିଳମ୍ବିତ ରାତିରେ ୨ଜଣଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। କୋଠଘର ଦାୟିତ୍ୱ ହସ୍ତାନ୍ତରକୁ ନେଇ ଏଭଳି ଘଟଣା ଘଟିଛି। ବିଳମ୍ବିତ ରାତିରେ ୧୫/୧୬ଜଣ ଯୁବକ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି କୋଠଘର ପୂର୍ବତନ ସଭାପତି ସତ୍ୟ ନାରାୟଣ ପ୍ରଧାନ ଏବଂ ଗାଁ ମୁଖିଆ ରାମ ସାସ୍ମଲଙ୍କ ଘର ଉପରକୁ ବୋମା ମାଡ଼ କରି ଆତଙ୍କ ଖେଳାଇଥିଲେ। ଏ ନେଇ ନିମଖଣ୍ଡି ଥାନାରେ ନଂ. ୮୩/୨୩ ଓ ୮୪/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ୫ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଫୁଲଟା ଗ୍ରାମ ଚର୍ଚ୍ଚା ସାହିର ପିଙ୍କୁ ପ୍ରଧାନ(୨୭), ଗଙ୍ଗା ସାସ୍ମଲ(୨୫), ଲିଙ୍ଗରାଜ ସାସ୍ମଲ(୩୦), ଗଣେଶ ଚର୍ଚ୍ଚା(୨୨), ପପୁ ପ୍ରଧାନ(୨୯)। ଗୁରୁବାର ସେମାନଙ୍କୁ ଗୋଟିଏ ମାମଲାରେ କୋର୍ଟଚାଲାଣ କରାଯାଇଛି। ଘଟଣାସ୍ଥଳରୁ ୪ଟି ଅଫୁଟା ବୋମା, ଗୋଟିଏ ବାଇକ୍, ଫୁଟିଯାଇଥିବା ବୋମାର କିଛି ଅଂଶ ପୋଲିସ ଜବତ କରିଛି।

ସେହିପରି ଅନ୍ୟ ଏକ ମାମଲାରେ ପୋଲିସ ସେମାନଙ୍କ ବିରୋଧରେ କୋର୍ଟରେ ରିମାଣ୍ଡ ରିପୋର୍ଟ ଦାଖଲ କରିବ ବୋଲି କହିଛି। ଘଟଣାସ୍ଥଳରେ ଏବେ ବି ଚାପା ଉତ୍ତେଜନା ଲାଗି ରହିଛି। ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ୨ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ପ୍ରକାଶ ଯେ, ପୂର୍ବତନ କୋଠଘର ସଭାପତି ସତ୍ୟନାରାୟଣ ବୁଧବାର ଅପରାହ୍ନରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେତିକିବେଳେ ଦୁଇ ପ୍ରମୁଖ ରାଜନୈତିକ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ତେବେ ରାତିରେ ସତ୍ୟ ନାରାୟଣ ନିଜ ଘର ଆଗରେ ଛିଡ଼ା ହୋଇଥିଲେ। ସେହି ସମୟରେ ଅନ୍ୟ ଏକ ରାଜନୈତିକ ଦଳର ପ୍ରାୟ ୧୬ଜଣ ପହଞ୍ଚି ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ଭୟରେ ସେ ଘର ଭିତରକୁ ପଳାଇ ଯାଇଥିଲେ। କିନ୍ତୁ ବୋମାମାଡ଼ରେ ତାଙ୍କ ଘରର କାନ୍ଥ ଓ ଗ୍ରୀଲ୍ ଭାଙ୍ଗିଯାଇଛି। ଏହାପରେ ସେହି ଦୁର୍ବୃତ୍ତମାନେ ନିକଟରେ ଥିବା ଗାଁ ମୁଖିଆ ରାମ ସାସ୍ମଲଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ତାଙ୍କର ମଧ ଘରର କାନ୍ଥ ଓ ଆଜବେଷ୍ଟସ୍ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ନିମଖଣ୍ଡି ଥାନା ଅଧିକାରୀ ଭାବନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**SUNDARAM HOME**

**ପଞ୍ଜୀକୃତ କାର୍ଯ୍ୟାଳୟ:** ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦୦୦୨। **କର୍ପୋରେଟ୍ କାର୍ଯ୍ୟାଳୟ:** ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ-୬୦୦୦୧୪।

**ଶାଖା କାର୍ଯ୍ୟାଳୟ:** ଏ/୧୦୮, ୨ୟ ମହଲା, ମାର୍ଫତ୍ ସୁନ୍ଦରମ ଫାଇନାନ୍ସ, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧୦୦୭ ।

**ଦଖଲ ନୋଟିସ**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୨)**

ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ**ର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତା, ସହ-ଋଣଗ୍ରହୀତାଙ୍କୁ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ସମ୍ପୂର୍ଣ୍ଣ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ପ୍ରାଧିକୃତ ଅଧିକାରୀ କଥିତ ଅଧ୍ୟାଦେଶର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି । ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଅଧିନିୟମର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି । ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସମ୍ପୃକ୍ତ ସମ୍ପତ୍ତି ସହିତ କୌଣସି ଦେଣନେଣ କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ** ଦ୍ୱାରା ଚାର୍ଜ ଲାଗୁ କରାଯିବ ।

| କ୍ର. ସଂ. | ଫାଇଲ୍ ନଂ. | ଋଣଗ୍ରହୀତା, ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ / ପ୍ରକାଶନ ତାରିଖ | ନୋଟିସ ପରିମାଣ | ଦଖଲ ତାରିଖ | ମୋଟ ବକେୟା |
|---|---|---|---|---|---|---|
| ୧ | ୬୬୨୦୦୦୩୬ | ଶ୍ରୀ କୁମାର ହର୍ଷବର୍ଦ୍ଧନ ସାହୁ (ଋଣଗ୍ରହୀତା) ସ୍ଥାନ- ସନ୍ତରା, ପୋଷ୍ଟ- ଦଳା, ଯାଜପୁର ରୋଡ୍, ଭୁବନେଶ୍ୱର-୭୫୫୦୧୯ । ଶ୍ରୀ ଲଳାଟେନ୍ଦୁ ସାହୁ (ସହ-ଋଣଗ୍ରହୀତା) ଶ୍ରୀ କୈଳାସ ଚନ୍ଦ୍ର ସାହୁ (ସହ-ଋଣଗ୍ରହୀତା) | ୦୨।୦୧।୨୦୨୩ | ଟ. ୭୬,୫୬,୮୫୯/- | ୧୬।୦୩।୨୦୨୩ | ଟ. ୮୦,୬୨,୩୧୩/- |
| ୨ | ବିବିଆର୍‌୨୦୧୬୦୦୨୦ | | ୦୨।୦୧।୨୦୨୩ | ଟ. ୧,୧୫,୫୨,୦୩୧/- | ୧୬।୦୩।୨୦୨୩ | ଟ. ୧,୨୨,୧୯,୨୬୫/- |
| ୩ | ବିବିଆର୍‌୨୦୧୭୦୦୨୮ | | ୦୨।୦୧।୨୦୨୩ | ଟ. ୭୨,୬୯,୮୬୩/- | ୧୬।୦୩।୨୦୨୩ | ଟ. ୭୬,୮୫,୪୦୧/- |
| ୪ | ବିବିଆର୍‌୨୦୨୨୦୦୦୧ | | ୦୨।୦୧।୨୦୨୩ | ଟ. ୧୭,୩୮,୦୮୫/- | ୧୬।୦୩।୨୦୨୩ | ଟ. ୧୮,୧୭,୯୧୬/- |
| ୫ | ବିବିଆର୍‌୨୦୨୨୦୦୦୨ | | ୦୨।୦୧।୨୦୨୩ | ଟ. ୨୧,୦୮,୭୮୩/- | ୧୬।୦୩।୨୦୨୩ | ଟ. ୨୨,୦୯,୫୬୨/- |
| ୬ | ବିବିଆର୍‌୨୦୨୨୦୦୦୬ | | ୦୨।୦୧।୨୦୨୩ | ଟ. ୧୨,୮୮,୩୫୧/- | ୧୬।୦୩।୨୦୨୩ | ଟ. ୧୩,୪୯,୯୩୬/- |

**ସମ୍ପତ୍ତିର ଅନୁସୂଚୀ:** ଯାଜପୁର ଜିଲ୍ଲା, ସାବକ ତହସିଲ: ସୁକିନ୍ଦା, ହାଲ୍ ତହସିଲ: ବ୍ୟାସନଗର, ମୌଜା/ରାଜସ୍ୱ ଗ୍ରାମ: ତୋରଦାଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ହାଲ୍ କିନ୍ତୁ ଚୂଡ଼ାନ୍ତ ହୋଇ ନ ଥିବା ଖାତା ନଂ.୧୨୦, ପ୍ଲଟ୍ ନଂ.୨୮୦, କ୍ଷେତ୍ର ଏ.୦.୩୨୦ ଡେସି., ପ୍ଲଟ୍ ନଂ. ୨୮୪/୧୫୧୫, କ୍ଷେତ୍ର ଏ.୦.୩୩୦ ଡେସି., ପ୍ଲଟ୍ ନଂ.୨୮୪ କ୍ଷେତ୍ର ଏ.୦.୨୫୫ ଡେସି. ଏବଂ ଚୂଡ଼ାନ୍ତ ହୋଇ ନ ଥିବା ଖାତା ନଂ.୧୨୦/କେଏଚ୍‌ଏ ପ୍ଲଟ୍ ନଂ.୨୮୦/୧୫୧୬ କ୍ଷେତ୍ର ଏ.୦.୧୪୦ ଡେସି. ଏବଂ ପ୍ଲଟ୍ ନଂ.୨୮୪/୧୫୧୭ କ୍ଷେତ୍ର ଏ.୦.୦୭୫ ଡେସି ଅଧୀନରେ, ମୋଟ କ୍ଷେତ୍ର ଏ.୧.୧୨୦ ଡେସି, ଯାହା ସାବକ ଖାତା ନଂ.୨୦, ସାବକ ପ୍ଲଟ୍ ନଂ.୨୫, କ୍ଷେତ୍ର ଏ.୦.୪୯ ଡେସି. ପରିମାପର ଅର୍ଥାତ୍ ଏ.୦.୪୯୦ ଡେସି. ଏବଂ ସାବକ ଖାତା ନଂ.୧୦୩, ସାବକ ପ୍ଲଟ୍ ନଂ.୨୬, କ୍ଷେତ୍ର ଏ.୦.୮୮ ପରିମାପର ଅର୍ଥାତ୍ ଏ.୦.୮୮୦ ଡେସି ମୋଟ କ୍ଷେତ୍ର ଏ୧.୩୭ ଡେସି ଅର୍ଥାତ୍ ଏ.୧.୩୭୦ ଡେସି. ଅନୁରୂପ ଅଟେ, କିସମ: ଘରବାରି (ହୋମଷ୍ଟିଡ୍) । **ଚଉହଦୀ:** ଉତ୍ତର: ଗୋପୀନାଥ ପୃଷ୍ଟି, ଦକ୍ଷିଣ: ଧ୍ରୁବ ବାଳା ଏବଂ ନାରଣ ମହାନ୍ତି, ପୂର୍ବ: ଅଦ୍ୱୈତ ପ୍ରଧାନ, ପଶ୍ଚିମ: ସଡ଼କ ।

**ତାରିଖ: ୧୬।୦୩।୨୦୨୩**

**ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ**
**ପ୍ରାଧିକୃତ ଅଧିକାରୀ**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୪ତମ ଜୟନ୍ତୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଖଦି ମେଳା, ଖଦି ବୋର୍ଡ ପରିସର, ଅପରାହ୍ନ ୨ଟା।
- ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଓ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୩ଟା।
- ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା।
- ବ୍ଲୁମିଂ ବଚପନ୍ ସ୍କୁଲର ୫ମ ବାର୍ଷିକୋତ୍ସବ, ଖଣ୍ଡଗିରି, ଅପରାହ୍ନ ୫ଟା।
- ୨୯ତମ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଫିଲ୍ମ ଜ୍ୱିଗାଟୋରେ ଅଭିନୀତ କଟକର ୧୩ ବର୍ଷୀୟ ବାଳକଙ୍କୁ ସମ୍ବର୍ଦ୍ଧନା, ସ୍ୟାଣ୍ଡି ଟାୱାର, ସନ୍ଧ୍ୟା ୭ଟା।

**କଟକ**

- ଜେପିଏମ୍ ରୋଟାରୀ କ୍ଲବ ଅଫ୍ କଟକ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିଶ୍ୱ ଗ୍ଲାଉକୋମା ଦିବସ ଅବସରରେ ରାଲି, ଜୁଡିସିଆଲ ଏକାଡେମୀ ନିକଟ, ସିଡିଏ, ସକାଳ ୮ଟା।
- କଟକ ଲେଖକ ସହଯୋଗ ସମିତିର ୪୪ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।
- କଟକ ବାର୍ ଆସୋସିଏଶନର ବାର୍ଷିକ ଉତ୍ସବ, ଆସୋସିଏଶନ ପରିସର, ସନ୍ଧ୍ୟା ୬ଟା ୩୦।

# ଅସ୍ତରଙ୍ଗରେ ହେବ ଦ୍ୱିତୀୟ ମାଛଧରା ବନ୍ଦର

## ୩ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ

ଅସ୍ତରଙ୍ଗ,୧୬।୩(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ନୂଆଗଡରେ ପୁଣି ଏକ ମାଛଧରା ବନ୍ଦର ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ମିଳିତ ସହାୟତାରେ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଅବସରରେ ଅସ୍ତରଙ୍ଗ ଅଞ୍ଚଳରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଜିଲାର ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଏହି ବନ୍ଦରଟି ବଙ୍ଗୋପସାଗରଠାରୁ ୩ କିଲୋମିଟର ଦୂରରେ ଥିବା ଦେବୀନାସୀର ଡାହାଣ ପାର୍ଶ୍ୱରେ ପ୍ରତିଷ୍ଠା କରାଯିବ। ପୂର୍ବରୁ ଅବସ୍ଥିତ ମାଛଧରା ବନ୍ଦରଟି ୧୯୯୯ ମସିହା ମହାବାତ୍ୟାରେ ବହୁ କ୍ଷତିଗ୍ରସ୍ତ ହୋଇଥିଲା। ସେହିଦିନଠାରୁ ବନ୍ଦରର ମରାମତି କଥା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଭୁଲିଯାଇଥିଲେ। ବିପଦସଙ୍କୁଳ ଅବସ୍ଥାରେ ବନ୍ଦରଟି ରହିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ସ୍ଥାଣୁତା କାରଣରୁ ଏବେ ବି ଅର୍ଦ୍ଧ ଭଗ୍ନ ଅବସ୍ଥାରେ ରହିଛି। ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ନିର୍ବାଚନ ସମୟ ଆସିବାରୁ ଜିଲା ପ୍ରଶାସନର ଏବେ ଚେତା ପଶିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନୂତନ ବନ୍ଦର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇ ଅସ୍ତରଙ୍ଗରେ ମଧ୍ୟ ଏକ ବନ୍ଦର କରିବାକୁ କହିଛନ୍ତି। ଏଥିପାଇଁ ବେଙ୍ଗାଲୁରୁର ଏକ ଅନୁଷ୍ଠାନ ସି ଆଇସିଇଏଫ ଦ୍ୱାରା ସର୍ଭେ କରାଯାଇ ୮୨,୮୬ କୋଟିର ବ୍ୟୟ ଅଟକଳ କରାଯାଇଅଛି। ବନ୍ଦର ପାଇଁ ଜାଗା ରହିଥିବା ବେଳେ, ବରଫ କଳ, ମତ୍ସ୍ୟ ଅବତରଣ କେନ୍ଦ୍ର, ଡଙ୍ଗା ମରାମତି ଜାଗା, ଡଙ୍ଗା ରହିବା ଜାଗା, ସୁରକ୍ଷା କର୍ମୀ ଗୃହ, ପ୍ରଶାସନିକ ଗୃହ, ଜାଲ ମରାମତି ଗୃହ, ମୁହାଣ ଖନନ, ପାନୀୟ ଜଳ, ରାସ୍ତା, ପାଚେରି ଭଳି ବହୁ ଜିନିଷ ପ୍ରତିଷ୍ଠା ହେବାର ଯୋଜନା ରହିଛି। ଏହି ପ୍ରକଳ୍ପଟି, ସି ସାର୍ ଜେଡ,୧ ବିସି ଆର୍, ଜେଡ ୩ ଓ ସିଆର, ଜେଡ ୪ ଭିତରେ ରହୁଥିବା ବେଳେ,୧୯୬୦ ଯାନ୍ତ୍ରିକ ଡଙ୍ଗା ଚଳପ୍ରଚଳ ହେବାର ସୁବିଧା ରହିଛି। ବନ୍ଦରର ନୂତନ ନିର୍ମାଣ ନେଇ ଏକ ଜନଶୁଣାଣି ଶିବିର ମେରାଇନ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଉପଜିଲାପାଳ ଭବତରଣ ସାହୁ, ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲା ଜଳ ମତ୍ସ୍ୟ ଅଧିକାରୀ ସୁଧାଂଶୁ ମଲ୍ଲିକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ସଂସ୍ଥା ଆଞ୍ଚଳିକ ଅଧିକାରୀ, ସ୍ଥାନୀୟ ମତ୍ସ୍ୟଜୀବୀ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଯୋଗଦେଇ ଜନ ଶୁଣାଣିର ଆଲୋଚନାରେ ଭାଗ ନେଇଥିଲେ। ଏହି ଅତ୍ୟାଧୁନିକ ମାଛଧରା ବନ୍ଦର ୩ବର୍ଷ ଭିତରେ କାର୍ଯ୍ୟକ୍ଷମ ହେବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଛନ୍ତି। କିନ୍ତୁ ଏହି ଜନଶୁଣାଣି ଶିବିର ବିଷୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପେକ୍ଷା କରାଯାଇଥିଲା। ଏଭଳି ଘଟଣା ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ମର୍ମାହତ କରିଥିବା ସଂଘ ସଭାପତି ପ୍ରଶାନ୍ତ କୁମାର ବାରିକ ଅଭିଯୋଗ କରିଛନ୍ତି।


ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।



ଭୁବନେଶ୍ୱର ବିମାନବନ୍ଦର ପରିସରରେ ଗୁରୁବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ହାତୀ ସୁରକ୍ଷା ସଚେତନତା ନେଇ ପ୍ରସ୍ତୁତ ବାଲୁକା କଳା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ଅଞ୍ଚଳର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ପୋଲିସ। ସେ ହେଲେ ବାଲେଶ୍ୱର ଜିଲାର ଜୟନ୍ତ କୁମାର ଜେନା। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ଆତ୍ମହତ୍ୟା କରିଥିବା ସନ୍ଦେହ କରୁଛି ପୋଲିସ। ସୂଚନାନୁସାରେ, ସହରରେ ଜୟନ୍ତ ଦୀର୍ଘଦିନ ଧରି ପଳାଶୁଣୀ ଅଞ୍ଚଳ ଏକ ଭଡା ଘରେ ନିଜ ସ୍ତ୍ରୀଙ୍କ ସହ ରହୁଥିଲେ। ହେଲେ କୌଣସି କାମରେ ତାଙ୍କ ସ୍ତ୍ରୀ ଗୁରୁବାର ବାହାରକୁ ଯାଇଥିଲେ। ଫେରିବା ପରେ ଘର ଭିତରେ ଜୟନ୍ତଙ୍କ ମୃତଦେହ ଫ୍ୟାନରେ ଏକ ଦୌଡିରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି।

## ଏକ୍ସପର୍ଟଙ୍କ ସହାୟତାରେ ତଦନ୍ତ ଚାଲିଛି: ଏସ୍‌ପି

### ଅସ୍ତରଙ୍ଗରୁ ସନ୍ଦିଗ୍ଧ ପାରା ଉଦ୍ଧାର ଘଟଣା

ପୁରୀ ଅଫିସ, ୧୬।୩:

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନାନପୁରରୁ ସନ୍ଦିଗ୍ଧ ପାରା ଉଦ୍ଧାର ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଏସ୍‌ପି କନୱର ବିଶାଲ ସିଂହ ସୂଚନା ଦେଇଛନ୍ତି। ଗୁରୁବାର ଏସ୍‌ପି କହିଛନ୍ତି, ଉଦ୍ଧାର ପାରାଟିକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସେହିପରି ବିଭିନ୍ନ ଆଇନଗତ ଦିଗ ନେଇ ଅନୁସନ୍ଧାନ କରାଯିବା ସହ କେତେଜଣ ଏକ୍ସପର୍ଟଙ୍କ ସହାୟତା ନିଆଯାଉଛି। ପାରା ଗୋଡ଼ରେ ଯେଉଁ ରିଙ୍ଗ୍ ଲାଗିଛି ତାହା ବିଷୟରେ ଅନୁଧ୍ୟାନ କରାଯାଉଛି। ସବୁ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ବୋଲି ଏସ୍‌ପି ସିଂ କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନାନପୁରରୁ ଏକ ସନ୍ଦିଗ୍ଧ ପାରାକୁ ଉଦ୍ଧାର କରାଯାଇଥିଲା। ପାରା ଗୋଡ଼ରେ ୩ଟି ରିଙ୍ଗ୍ ରହିଥିଲା, ଯେଉଁଥିରେ ଇଂଲିଶରେ କିଛି ଲେଖା ରହିଥିଲା। ସେହିପରି ଆଉ ଏକ ରିଙ୍ଗରେ ୩୧ ଲେଖାଯାଇଛି। ପାରା ପର ଭିତରେ ମଧ୍ୟ ଷ୍ଟାମ୍ପ ମରାଯାଇଥିବା ଦେଖିବାକୁ ମିଳିଥିଲା। ପାରାଟି କିଛି ଦିନ ହେବ ଉକ୍ତ ଅଞ୍ଚଳରେ ଜଣଙ୍କ ଘର ଛାତ ଉପରେ ରହିଥିଲା।

## ୧୮ରେ କଳାଧନ ସମ୍ପର୍କିତ ଏସ୍‌ଆଇଟି ବୈଠକ

କଟକ ଅଫିସ,୧୬।୩: କଳାଧନ ସମ୍ପର୍କିତ ଏସ୍‌ଆଇଟି ବୈଠକ କଟକରେ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ବିଚାରପତି ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କଳାଧନ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ଏଥିରେ ନିଶା କାରବାରରୁ ଧରାପଡ଼ିଥିବା ଅର୍ଥ, ଜିଏସ୍‌ଟି ଯାଞ୍ଚ ଦ୍ୱାରା ଧରାପଡ଼ିଥିବା ଅର୍ଥ ଆଦି ବିଷୟରେ ଆଲୋଚନା ହେବ। ଅଷ୍ଟମ ଥର ପାଇଁ ହେବାକୁ ଥିବା ଏହି ବୈଠକରେ ଆୟକର ବିଭାଗ ସମେତ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

# ପ୍ରଦର୍ଶନୀ ଦ୍ୱାରା ଶିଳ୍ପୀଙ୍କ ଆର୍ଥିକ ଉନ୍ନତି ହେଉଛି

## ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଦ୍ୱାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ନୂଆଦିଲ୍ଲୀ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ସହାୟତାରେ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଏକାମ୍ର ହାଟଠାରେ ଆରମ୍ଭ ହୋଇଛି। ୧୦ ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଗୁରୁବାର ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ଓଡ଼ିଶା ଉତ୍କୃଷ୍ଟ କଳାର ରାଜ୍ୟ। ଆମର ଏକ ମହାନ୍ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରା ରହିଛି। ଏଭଳି ପ୍ରଦର୍ଶନୀର ଆୟୋଜନ ଦ୍ୱାରା ରାଜ୍ୟର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରଚାରପ୍ରସାର ହେବା ସହ ଆମର ଶିଳ୍ପୀ-କାରିଗରମାନେ ସେମାନଙ୍କ ସାମଗ୍ରୀର ବିକ୍ରୟ ପାଇଁ ସୁଯୋଗ ପାଇବେ। ସେମାନଙ୍କର ଆର୍ଥିକ ଉନ୍ନତି ସହ ରାଜ୍ୟର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ଦେଶବିଦେଶରେ ଆଦୃତି ବୃଦ୍ଧି ପାଇପାରିବ ବୋଲି ସେ ଆଶାପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ, ହସ୍ତଶିଳ୍ପର ଗୁଣବତ୍ତାକୁ ଅକ୍ଷୁଣ୍ଣ ରଖି କାରିଗରମାନେ ଅଧିକ ପରିମାଣର ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କଲେ ଏଥିପ୍ରତି ତୃଣମୂଳସ୍ତରର ଅଧିକ ଲୋକ ଆକର୍ଷିତ ହେବେ । ଏହା ଦ୍ୱାରା ହସ୍ତଶିଳ୍ପର ଚାହିଦା ବୃଦ୍ଧି ପାଇବ ଓ ଅଧିକରୁ ଅଧିକ ଲୋକ ହସ୍ତଶିଳ୍ପ ସାମଗ୍ରୀ ବ୍ୟବହାର ପାଇଁ ଆଗ୍ରହୀ ହେବେ ବୋଲି ସେ ମତବ୍ୟକ୍ତ କରିଥିଲେ।

ପ୍ରଦର୍ଶନୀରେ ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କଟକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକ ଜିଲା ସମେତ ପଶ୍ଚିମବଙ୍ଗ, ଜମ୍ମୁ ଓ କଶ୍ମୀରରୁ ୫୦ଜଣ ଶିଳ୍ପୀ, ହସ୍ତଶିଳ୍ପ କାରିଗର ଭାଗନେଇ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିବା ସହ ବିକ୍ରୟ କରୁଛନ୍ତି। ଓଡ଼ିଶାର ପ୍ରସିଦ୍ଧ କାଠ ଖୋଦେଇ, ସବାଇ ଘାସ, ଗୋଲ୍ଡେନ ଗ୍ରାସ୍ ଶିଳ୍ପ, ଚାନ୍ଦୁଆ, ପଟ୍ଟଚିତ୍ର, ରୂପା ତାରକସି, ଆଦିବାସୀ ଜୁଏଲେରି, କତା ଶିଳ୍ପ, ତାଳପତ୍ର ଖୋଦେଇ, ଶାମୁକା, କଂସା ଓ ପିତ୍ତଳ, ଢୋକ୍ରା, ଶିଙ୍ଘ, ଝୋଟ କାମ ଭଳି ଅତି ଆକର୍ଷଣୀୟ ଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରି ହେଉଛି। ପଶ୍ଚିମବଙ୍ଗର ହସ୍ତତନ୍ତ ଶାଢ଼ି ଏବଂ ଜମ୍ମୁ ଓ କଶ୍ମୀରର ପଶ୍ମିନା ସାଲ ସ୍ଥାନ ପାଇଛି। ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରଦର୍ଶନୀରେ ୨୫ ଲକ୍ଷ ଟଙ୍କାର କାରବାର ଆକଳନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଓ ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ରୀତା ସାହୁ ହସ୍ତଶିଳ୍ପ ପ୍ରଦର୍ଶନୀକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।



ମାଟ୍ରିକ ପରୀକ୍ଷା ପରିଚାଳନାରେ ତ୍ରୁଟି ଅଭିଯୋଗ ଆଣି ଏବିଭିପି ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୧୯ତମ ରାଜ୍ୟସ୍ତରୀୟ ପଞ୍ଚମବେଦ ନାଟକ ମହୋତ୍ସବର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ଓଡ଼ଶ'ର ଏକ ଦୃଶ୍ୟ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଗୋବର୍ଦ୍ଧନ


@ ସ୍ନେହାଞ୍ଜଳି


@ ଅଭିଜିତ୍


@ ତାପସ


@ ଜଗତଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜୁନ୍ ୨୫ ସୁଦ୍ଧା ରତ୍ନଭଣ୍ଡାର ସ୍ଥିତି ସତ୍ୟପାଠ ଦାଖଲ ହେବ

## ହାଇକୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା

## ଜୁଲାଇ ୧୦ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୧୬।୩

ହାଇକୋର୍ଟରେ ଗୁରୁବାର ପୁରୀ ଶ୍ରୀମନ୍ଦିର ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିରର ଜଗମୋହନ ଓ ନାଟମଣ୍ଡପ କାର୍ଯ୍ୟ ଚାଲିଥିବା ତଥ୍ୟ ଉପସ୍ଥାପନ କରାଯାଇଛି। ଏଏସ୍‌ଆଇ ପକ୍ଷରୁ ଗତ ୧୪ରୁ ଆରମ୍ଭ ହୋଇଥିବା ମନ୍ଦିର ମରାମତି କାର୍ଯ୍ୟ ଆସନ୍ତା ମେ' ୩୧ ତାରିଖ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରଥଯାତ୍ରା ପୂର୍ବରୁ ଏସବୁ କାର୍ଯ୍ୟ ଶେଷ ହେବ। ତେବେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଶ୍ରୀମନ୍ଦିର ମରାମତି କାର୍ଯ୍ୟର ସ୍ଥିତାବସ୍ଥା ରିପୋର୍ଟ ସରକାର ହାଇକୋର୍ଟରେ ଦାଖଲ କରିବେ। କୋଣାର୍କ ସୂର୍ଯ୍ୟମନ୍ଦିର ମରାମତିର ସ୍ଥିତାବସ୍ଥା ରିପୋର୍ଟ ମଧ୍ୟ ଏକ ସଙ୍ଗେ ଦାଖଲ କରାଯିବାକୁ ନିର୍ଦ୍ଦେଶ ରହିଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ସଂକ୍ରାନ୍ତୀୟ ସତ୍ୟପାଠ ଦାଖଲ ନିମନ୍ତେ ୨୦୨୨ ଅକ୍ଟୋବର ୧୮ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦ୍ୟାବଧି ଏହି ସତ୍ୟପାଠ ଦାଖଲ ହୋଇପାରିନାହିଁ। ରତ୍ନଭଣ୍ଡାର ଶେଷ ଥର ପାଇଁ କେବେ ଖୋଲା ଯାଇଥିଲା, ଆଜିପର୍ଯ୍ୟନ୍ତ କାହିଁକି ଖୋଲାଯାଇନାହିଁ ଆଦି ବିଭିନ୍ନ ପ୍ରଶ୍ନର ଉତ୍ତର ସେଥିରେ ପ୍ରଦାନ କରାଯିବା କଥା। ଏହାକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆଗାମୀ ଜୁନ୍ ୨୫ ତାରିଖ ମଧ୍ୟରେ ନିଶ୍ଚିତ ଭାବେ ରତ୍ନଭଣ୍ଡାର ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ଆସନ୍ତା ଜୁଲାଇ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ୪ ସେବାୟତଙ୍କୁ ସଂଘବଦ୍ଧ ଆକ୍ରମଣ: ୫ ଗିରଫ

## ଯାତ୍ରୀ ବ୍ୟବସାୟକୁ ନେଇ ପୂର୍ବରୁ ବିବାଦ ଥିଲା

- ୩ ଖଣ୍ଡା, ୩ ମୋଟର ସାଇକେଲ, ୫ ମୋବାଇଲ ଜବତ
- ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ୩ ଟିମ୍ ଗଠିତ

ପୁରୀ ଅଫିସ, ୧୬।୩: କିଛିଦିନର ନୀରବତା ପରେ ପୁରୀରେ ପୁଣି ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ବୁଧବାର ବିଳମ୍ବିତ ରାତିରେ ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆ ସାହିରେ ଶ୍ରୀମନ୍ଦିରର ୪ଜଣ ସେବାୟତଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଆକ୍ରମଣକାରୀମାନେ ଶ୍ରୀମନ୍ଦିରରେ ଯାତ୍ରୀ ଗୁମାସ୍ତା ଭାବେ କାର୍ଯ୍ୟ କରନ୍ତି। ଯାତ୍ରୀ ବ୍ୟବସାୟକୁ ନେଇ ପୂର୍ବରୁ ଏହି ଦୁଇ ଗୋଷ୍ଠୀ ଭିତରେ ବିବାଦ ରହିଥିଲା। ପୂର୍ବ ବିବାଦକୁ ନେଇ ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଗୁରୁବାର ପୋଲିସ ଉକ୍ତ ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ମୁଦୁଲି ଜାଗା ନିକଟ ନୀଳକଣ୍ଠନଗରର ରାକେଶ ମହାପାତ୍ର, ପଣାପ୍ରିୟା ଲେନ୍‌ର ସନ୍ତୋଷ କୁମାର ମହାନ୍ତି, ଥାନାପତି ନଗର ମଣିମହାସୁଆର ଜାଗାର ନିର୍ମଳ କୁମାର ପ୍ରଧାନ, ହାତୀଶାଳର ସୁଜିତ କୁମାର ମହାନ୍ତି ଏବଂ କଟକ ବଡ଼ମ୍ବା ଥାନା ଅନ୍ତର୍ଗତ ନରସିଂହପୁରର ଶ୍ରୀକାନ୍ତ କୁମାର ପର୍ବତ। ଏମାନଙ୍କଠାରୁ ୩ଟି ଖଣ୍ଡା, ୩ଟି ମୋଟର ସାଇକେଲ, ୫ଟି ମୋବାଇଲ ଫୋନ ଜବତ କରାଯାଇଛି। ଏନେଇ ଟାଉନ ଥାନାରେ ଏକ କେସ୍ (ନଂ.୧୦୫/୨୩) ରୁଜୁ ହୋଇଛି। ଅଭିଯୁକ୍ତମାନେ ଜିଲା ବାହାରକୁ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ବ୍ରହ୍ମଗିରି ଓ ପୁରୀ ସହରର ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା। ସିଆର୍‌ପିସି ୧୧୦ରେ କେତେଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ରାତିପ୍ରାୟ ୧୨ଟାରେ ଗୁଡ଼ିଆସାହିର ମଧୁସୂଦନ ପତ୍ରୀ, କାଶୀନାଥ ପ୍ରତିହାରୀ, ବଟକୃଷ୍ଣ ମହାପାତ୍ର ଏବଂ ରାଜନ ପୂଜାପଣ୍ଡା ଶଙ୍କରେଶ୍ୱର ମନ୍ଦିର ନିକଟରେ ଭୋଜି ଖାଇସାରି ଘରକୁ ଫେରୁଥିଲେ। କାଶୀନାଥଙ୍କ ଘର ସମ୍ମୁଖରେ ପୂର୍ବରୁ ଛକି ରହିଥିବା ୧୨ରୁ ୧୫ ଜଣ ଦୁର୍ବୃତ୍ତ ହଠାତ୍ ଉକ୍ତ ୪ ଜଣଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଖଣ୍ଡା, ଭୁଜାଲି ପ୍ରଭୃତି ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଆକ୍ରମଣରେ ମଧୁସୂଦନଙ୍କ ବାମହାତରେ ଗଭୀର ଆଘାତ ଲାଗିଥିବାବେଳେ ଅନ୍ୟ ତିନିଜଣ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଦୁର୍ବୃତ୍ତମାନେ ସମ୍ପୃକ୍ତ ୪ଜଣଙ୍କ ଗାଡ଼ିକୁ ଭଙ୍ଗାଭଙ୍ଗି କରି ପଳାଇଯାଇଥିଲେ। ଗୁରୁତର ଅବସ୍ଥାରେ ମଧୁସୂଦନ ଏବଂ ଅନ୍ୟମାନେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ପୋଲିସ ଖବର ପାଇ ମେଡିକାଲ ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅପରପକ୍ଷରେ ଆକ୍ରମଣର ଦୃଶ୍ୟ ନିକଟସ୍ଥ ସିସିଟିଭିରେ କଏଦ ହୋଇଛି। ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି ଯେ, ଗାଡ଼ି ଉପରେ ସମ୍ପୃକ୍ତ ୪ଜଣ ସେବାୟତ ବସି କଥା ହେଉଥିଲେ। କିଛି ସମୟ ପରେ କେତୋଟି ଗାଡ଼ିରେ ମୁଖାପିନ୍ଧା ଯୁବକମାନେ ସେଠାରେ ପହଞ୍ଚି ହଠାତ୍ ସେମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେମାନେ ଯିଏ ଯୁଆଡ଼େ ପାରିଲେ ଜୀବନ ବିକଳରେ ଦୌଡ଼ିଥିଲେ। ଏହାସତ୍ତ୍ୱେ ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ପରେ ସେଠାରେ ଥିବା ଗାଡ଼ିଗୁଡ଼ିକୁ ଭାଙ୍ଗି ଫେରାର ହୋଇଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଏସ୍‌ପି କହିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ୩ଟିମ୍ ଗଠନ ହୋଇଛି। ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏହାପରେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ଅଭିଯୁକ୍ତ ରାକେଶଙ୍କ ନାମରେ ୩, ନିର୍ମଳଙ୍କ ନାମରେ ୨ ଏବଂ ସନ୍ତୋଷଙ୍କ ନାମରେ ଗୋଟିଏ ମାମଲା ରହିଛି। ଘଟଣାର ୧୮ ଘଣ୍ଟା ଭିତରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସ୍‌ପି କହିଛନ୍ତି। ସେହିପରି ଏକ ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଗୋକୁଳାନନ୍ଦ ଦାସ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଗୋକୁଳାନନ୍ଦ ଦାସ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୩।୨୦୨୩

| | |
|---|---|
| ୪.୪୦.୨୨୧ ଟଙ୍କା | |
| ସୁନା | ୭୦୦ ମିଲିଗ୍ରାମ୍ |
| ରୁପା | ୫.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ବ୍ରହ୍ମଗିରି, ୧୬।୩(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ କୌଶଲ୍ୟାପୁର ଗ୍ରାମରେ ଗୁରୁବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମଇଁଷି ଜଗୁଆଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋତରା ବେହେରା(୫୫)। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଜଣେ ବ୍ୟକ୍ତି ବେଆଇନ ଭାବେ ଏଲ୍‌ଆଇ ପଏଣ୍ଟ ଚଲାଇବା ପାଇଁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ନେଇଥିଲେ। ସେହି ବାଟରେ କୋତରା ମଇଁଷି ଆଣି ଆସୁଥିବା ସମୟରେ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ପରିସ୍ଥିତି ନିୟନ୍ତ୍ରଣ କରିଛି।

### ସୁନିତା, ସୋନିକା ପାଇବେ ପ୍ରୋତ୍ସାହନ ରାଶି

#### ଘୋଷଣା କଲେ ଝାଡ଼େଶ୍ୱରୀ କ୍ଲବ କର୍ମକର୍ତ୍ତା

ପୁରୀ ଅଫିସ, ୧୬।୩: ଝାଡ଼ଖଣ୍ଡ ଯୋଗାସନ ସଂଘ ପକ୍ଷରୁ ରାଞ୍ଚିରେ ପ୍ରଥମ ମହିଳା ଖେଲୋ ଇଣ୍ଡିଆ ଲିଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଝାଡ଼େଶ୍ୱରୀ କ୍ଲବର ପ୍ରତିଯୋଗୀମାନେ ଭାଗନେଇ ସ୍ୱର୍ଣ୍ଣପଦକ ଜିତି ଗୌରବ ଆଣିଛନ୍ତି। ୧୮ବର୍ଷରୁ କମ୍ ଆର୍ଟିଷ୍ଟିକ ଯୋଗାସନରେ ପୁରୀର ସୁନିତା ମାଝୀ ଏବଂ ଟ୍ରାଡିଶନାଲ ବିଭାଗରେ ସୋନିକା ଦାସ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଛନ୍ତି। ଏହି ଦୁଇ କ୍ରୀଡ଼ାବିତ୍‌ଙ୍କ ସମେତ ବର୍ଷା ପ୍ରିୟଦର୍ଶିନୀ ଜେନା, ଅଲିଭାରାଣୀ ମଲ୍ଲିକ, ସୋନିକା ଦାସ, ସାଇନା ସୋନାଲିକା ପାତ୍ର, ଆଦ୍ୟାଶା ଜେନା ଏବଂ ଅମ୍ରିତା ଅନନ୍ୟା ଜେନା ପ୍ରମୁଖ ଭାଗ ନେଇ ଓଡ଼ିଶାକୁ ଉପବିଜେତା କରାଇଥିଲେ। ରାଞ୍ଚିରେ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ରାଜ୍ୟରୁ ପ୍ରାୟ ୩୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଜାତୀୟ ପ୍ରଶିକ୍ଷକ ନିଖିଳ କୁମାର ଦଳାଇ ମ୍ୟାନେଜର ଓ ମଧୁଛନ୍ଦା ସ୍ୱାଇଁ ଅନ୍ତର୍ଜାତୀୟ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। କ୍ରୀଡାବିତ୍‌ମାନେ ଆଗାମୀ ଦିନରେ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ପାଇଁ ଅଭ୍ୟାସ ଜାରି ରଖିଛନ୍ତି। ମଙ୍ଗଳବାର ଝାଡ଼େଶ୍ୱରୀ କ୍ଲବ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ଦାସ ଓ କୋଷାଧ୍ୟକ୍ଷ ଜିତେନ୍ଦ୍ରନାଥ ଦାସ ଯୋଗଦେଇ ଖେଳାଳିମାନଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ବିଶ୍ୱଯୋଗ ସଂଘ, କେନ୍ଦ୍ରୀୟ ଯୁବ ବ୍ୟାପାର ମନ୍ତ୍ରଣାଳୟ ଏବଂ କେନ୍ଦ୍ରୀୟ ଅଲିମ୍ପିକ ଯୋଗ ସଂଘ ଦ୍ୱାରା ଏହି ପ୍ରତିଯୋଗିତା ପରିଚାଳିତ ହୋଇଥିଲା।

# ଆନ୍ଦୋଳନକାରୀ- ଅଟୋ ଚାଳକ ମୁହାଁମୁହିଁ

ପିପିଲି, ୧୬।୩(ଡି.ଏନ୍.ଏ.)

ଡ୍ରାଇଭର ମହାସଂଘର ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପିପିଲି ଟୋଲ୍ ପ୍ଲାଜାଠାରେ ସକାଳୁ ଆନ୍ଦୋଳନକାରୀ ମୋ ବସକୁ ଅଟକାଇ ଥିଲେ। ଫଳରେ ଘଣ୍ଟା ଘଣ୍ଟା ଧରି ପୁରୀ, କୋଣାର୍କ ଓ ପିପିଲି ଯାଉଥିବା ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନକାରୀ ମୋ ବସ୍‌କୁ ଛାଡିଥିଲେ। ଏହାର କିଛି ସମୟ ପରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହି ବାଟ ଦେଇଯାଉଥିବା ଅଟୋକୁ ଆନ୍ଦୋଳନକାରୀ ଛାଡି ନ ଥିଲେ। ଫଳରେ ଆନ୍ଦୋଳନକାରୀ ଓ ଅଟୋ ଚାଳକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପରେ ଆନ୍ଦୋଳନକାରୀଙ୍କ ବିରୋଧରେ ଅଟୋ ଚାଳକ ସଂଘ ପିପିଲି ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଏପରି ମିଥ୍ୟା ଅଭିଯୋଗ କରି ଆନ୍ଦୋଳନକୁ ବନ୍ଦ କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ଆନ୍ଦୋଳନକାରୀ କହିଛନ୍ତି।

# ସୌନ୍ଦର୍ଯ୍ୟକରଣରେ ଜଳ ଫୁଆରା ପ୍ରକଳ୍ପ ଅନ୍ତରାୟ

## ଜିଲାପାଳ, ଶ୍ରୀମନ୍ଦିର ପ୍ରଶାସକଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୬।୩

ନରେନ୍ଦ୍ର ପୁଷ୍କରିଣୀ ସୌନ୍ଦର୍ଯ୍ୟକରଣରେ ଜଳ ଫୁଆରା ପ୍ରକଳ୍ପ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ କରି ସାମାଜିକ କର୍ମୀ ପ୍ରମୋଦ କୁମାର ସିଂ ଜିଲାପାଳ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯେ, ଶ୍ରୀକ୍ଷେତ୍ର ନରେନ୍ଦ୍ର ପୋଖରୀରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବର୍ତ୍ତମାନ ସମୟରେ ପୁଷ୍କରିଣୀ ଭିତର ଚତୁଃପାର୍ଶ୍ୱ ପାଚେରି କାନ୍ଥରେ ପଥର ଖୋଦେଇ ହୋଇ ଉନ୍ନତିମୂଳକ ସୌନ୍ଦର୍ଯ୍ୟକରଣ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ମାତ୍ର ଏଥିରେ ଅନ୍ତରାୟ ସୃଷ୍ଟି କରୁଛି ପୁଷ୍କରିଣୀ ମଧ୍ୟରେ ଥିବା ଜଳଫୁଆରା ପ୍ରକଳ୍ପ। ପ୍ରଥମ ପର୍ଯ୍ୟାୟରେ ଜଳଫୁଆରାରେ ପ୍ରାୟ ୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପରେ କାର୍ଯ୍ୟକ୍ଷମ ନ ହୋଇ ନଷ୍ଟ ହୋଇ ପଡ଼ିବାରୁ ପୁନର୍ବାର ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହୋଇ ପ୍ରକଳ୍ପଟିର ପୁନଃ ନିର୍ମାଣ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ଗୋଟିଏ ଦିନ ବି ପର୍ଯ୍ୟଟକଙ୍କ କାର୍ଯ୍ୟରେ ଏହା ଲାଗି ନାହିଁ। ତେଣୁ ଏହି ପ୍ରକଳ୍ପଟିକୁ ସମ୍ପୂର୍ଣ୍ଣ ହଟାଇ ଦେବା ଆବଶ୍ୟକ ରହିଛି। ବର୍ତ୍ତମାନ ଯଦି ପ୍ରକଳ୍ପଟିକୁ ନ ହଟାଯାଏ, ତେବେ ପର୍ଯ୍ୟଟକଙ୍କ ବସିବା ପାଇଁ ନିର୍ମାଣ ହୋଇଥିବା ଶେଡ୍ ବାଧାପ୍ରାପ୍ତ ହେବ। ଯାହାକି ଆଗାମୀ ଦିନରେ ପୁନଃ ସ୍ଥାପନ ହୋଇପାରିବ ନାହିଁ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବା ପରେ ଯଦି ଆବଶ୍ୟକ ମନେହୁଏ, ତେବେ ପୁନର୍ବାର ଅନ୍ୟ ଏକ ଅତ୍ୟାଧୁନିକ ସ୍ୱୟଂସମ୍ପୂର୍ଣ୍ଣ ଜଳଫୁଆରା ପ୍ରକଳ୍ପ ନିର୍ମାଣ କରାଯାଇପାରିବ ବୋଲି ସିଂ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# 'ଭତ୍ତା ବୃଦ୍ଧି ନ ହେଲେ ୨୨ରେ ସତ୍ୟାଗ୍ରହ'

## କଳାବ୍ୟାଜ୍ ପରିଧାନ କରିବେ ହିତାଧିକାରୀ

ପୁରୀ ଅଫିସ, ୧୬।୩: ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ବିଭିନ୍ନ ସମସ୍ୟା ନେଇ ଗୁରୁବାର ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ପୀଠ ସଭାକକ୍ଷରେ ଓଡ଼ିଶା ରାଜ୍ୟ ଭତ୍ତା ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର କର୍ମକର୍ତ୍ତା କହିଛନ୍ତି, ରାଜ୍ୟର ସମସ୍ତ ବ୍ଲକର ହିତାଧିକାରୀମାନେ ଏକାଠି ହୋଇ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ବୃଦ୍ଧି ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଏବଂ ବିରୋଧୀ ଦଳ ନେତାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ବିଧାନସଭାରେ ଶୂନ୍ୟକାଳରେ ଏହି ବିଷୟ ଉପରେ ଆଲୋଚନା ହୋଇଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ ଯେ, ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ନିଜ ଦରମା ଓ ଭତ୍ତା ବୃଦ୍ଧିଲାଗି ବିଧାୟକମାନେ ଦାବି କରୁଥିବାବେଳେ ଉକ୍ତ ପ୍ରସଙ୍ଗରେ ଚୁପ୍ ବସିଛନ୍ତି। ସରକାର ଯେଉଁ ଭତ୍ତା ଦେଉଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଅନ୍ୟ ରାଜ୍ୟରେ ହିତାଧିକାରୀମାନେ ମାସକୁ ପ୍ରାୟ ୩ହଜାର ଟଙ୍କା ପାଉଥିବା ବେଳେ ଆମ ରାଜ୍ୟର ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୧୫୦୦ ଟଙ୍କା ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୭୦୦ ଟଙ୍କା ମିଳୁଛି। ଭିନ୍ନକ୍ଷମମାନେ ବ୍ୟାଙ୍କକୁ ଯାଇ ଭତ୍ତା ଟଙ୍କା ଆଣିବା ପାଇଁ ନିର୍ଦ୍ଦେଶ ରହିଛି। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭତ୍ତା ଏବେ ୩ରୁ ୬ମାସରେ ଥରେ ମିଳୁଛି। ଫଳରେ ଚଳିବା କଷ୍ଟକର ହୋଇପଡୁଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଯଦି ସରକାର ପଦକ୍ଷେପ ନ ନିଅନ୍ତି, ତେବେ ଆସନ୍ତା ୨୨ତାରିଖରେ ରାଜ୍ୟର ବିଭିନ୍ନ ଜିଲାରୁ ହିତାଧିକାରୀମାନେ କଳା ବ୍ୟାଜ୍ ପିନ୍ଧି ପୁରୀ ଗାନ୍ଧୀ ସ୍ମୃତି ପୀଠରେ ଏକାଠି ହୋଇ ସତ୍ୟାଗ୍ରହ କରିବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଆବାହକ ମାନସ କୁମାର ପ୍ରଧାନ, ସଙ୍ଗଠକ ସବ୍ୟସାଚୀ ରଥ, ପ୍ରକାଶ ସେଠୀ, ଗୋବିନ୍ଦ ସାହୁ, ପୀତାମ୍ବର ଦାସ, ଗଙ୍ଗାଧର ବରାଳ ଏବଂ ପ୍ରମିଳା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ରାଜ୍ୟ ଆବାହକ ମାନସ କୁମାର ପ୍ରଧାନ ଏବଂ ଅନ୍ୟମାନେ।





ପୁରୀ ଝାଡ଼େଶ୍ୱରୀ କ୍ଲବ ପରିସରରେ ଆୟୋଜିତ ଶୁଟିଂବଲ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ପୁରସ୍କୃତ ଖେଳାଳିମାନେ ।

# ଶୁଟିଂବଲ୍ ଚାମ୍ପିୟନଶିପ ଉଦ୍‌ଯାପିତ

ପୁରୀ ଅଫିସ, ୧୬।୩: ପୁରୀ ଝାଡ଼େଶ୍ୱରୀ କ୍ଲବ ପରିସରରେ ଗତ ଦୁଇଦିନ ଧରି ଚାଲିଥିବା ଶୁଟିଂବଲ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଶୁଟିଂବଲ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଓଡ଼ିଶା ଶୁଟିଂବଲ ଆସୋସିଏଶନକୁ ଜୋନ ୩ର ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଅନୁମତି ମିଳିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ କୈଳାଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ସଂଘର ସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିରପ୍ରଶାସକ ପ୍ରମୋଦ ପୃଷ୍ଟି, ଅତିରିକ୍ତ ସବ୍‌କଲେକ୍ଟର ରବୀନ୍ଦ୍ରନାଥ ପ୍ରଧାନ, ସଂଘର ଫାଉଣ୍ଡର ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ସଂଘର ସମ୍ପାଦକ ସିତେନ୍ଦ୍ର ନାଥ ଦାସ ଏବଂ ଶୁଟିଂବଲ୍ ଫେଡେରେଶନ୍ ଅଫ୍ ଇଣ୍ଡିଆର ସମ୍ପାଦକ ରବୀନ୍ଦ୍ର କୁମାର ତୋମାର ଯୋଗଦେଇଥିଲେ। ପ୍ରତିଯୋଗିତାର ପୁରୁଷ ବିଭାଗରେ ମଧ୍ୟପ୍ରଦେଶ ଓ ନାଗାଲାଣ୍ଡ ଚାମ୍ପିୟନ ହୋଇଥିବା ବେଳେ ରାଜସ୍ଥାନ ଓ ଆସାମ ରନର୍ସଅପ୍ ହୋଇଥିଲେ। ସେହିପରି ମହିଳା ବିଭାଗରେ ରାଜସ୍ଥାନ ଓ ଆସାମ ଚାମ୍ପିୟନ ହୋଇଥିବାବେଳେ ପଣ୍ଡିଚେରୀ, ଡାମନଡିୟୁ ରନର୍ସ ଅପ୍ ହୋଇଥିଲେ। ପୁରୁଷ ବିଭାଗରେ ପଣ୍ଡିଚେରୀ, ଡାମନଡିଉ ଏବଂ ମହିଳା ବର୍ଗରେ ବିହାର, ତ୍ରିପୁରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲ। କାର୍ଯ୍ୟକ୍ରମ ଶେଷରେ ଜିତେନ୍ଦ୍ରନାଥ ଦାସ ଧନ୍ୟବାଦ ଦେଇଥିଲେ।

# ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବେଗୁନିଆ, ୧୬।୩ (ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପିତୁକୁଳି ଆଦର୍ଶ ବିଦ୍ୟାଳୟ ନିକଟରେ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ପୁଆଣିଆ ଗ୍ରାମର ଯୁଗଳ ବେହେରା(୬୮)। ଗୁରୁବାର ରାତି ପ୍ରାୟ ୮ଟା୫୦ରେ ଯୁଗଳ ରାଜପଥ କଡ଼ରେ ଚାଲି ଚାଲି ଯାଉଥିଲେ। ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶିଳ୍ପୀ ଅଶୋକଙ୍କ ଅଭିନବ କଳାକୃତି

## ପଥରରେ ଦେବୀ ମିନାକ୍ଷୀଙ୍କ ବିବାହ ବେଳର ଦୃଶ୍ୟ

ପୁରୀ ଅଫିସ ୧୬।୩

ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ଅଶୋକ ମହାପାତ୍ର ଏକ ଅଭିନବ କଳାକୃତି ନିର୍ମାଣ କରିଛନ୍ତି। ସେ କାଠରେ କାରୁକାର୍ଯ୍ୟ ନିର୍ମାଣ କରି ୨୦୦୩ରେ ଜାତୀୟ ପୁରସ୍କାର- ଏବଂ ୧୯୯୭ରେ ରାଜ୍ୟ ପୁରସ୍କାର ପାଇଥିଲେ। ଏଯାବତ୍ ମହାପାତ୍ର ସମୁଦାୟ ୧୫ଟି ପୁରସ୍କାର ପାଇଛନ୍ତି। ମହାପାତ୍ର ଜଣେ ପଥର ଶିଳ୍ପୀ ଭାବେ ବେଶ୍ ଜଣାଶୁଣା। ପୁରୀ ପଥୁରିଆ ସାହିରେ ନିଜ ଘରେ ମଦୁରାଇ ମୀନାକ୍ଷୀ ମନ୍ଦିରର ଦେବୀ ମିନାକ୍ଷୀଙ୍କ ବିବାହ ବେଳର ଦୃଶ୍ୟକୁ ମହାପାତ୍ର ପଥରରେ ତିଆରି କରିଛନ୍ତି। ମଦୁରାଇରେ ଦେବୀଙ୍କ ନିତ୍ୟ ବିବାହ ଉତ୍ସବ ହେବାର ପରମ୍ପରା ରହିଛି। ବିବାହ ଦୃଶ୍ୟର ମନୋରମ ସୂକ୍ଷ୍ମ କାରୁକାର୍ଯ୍ୟ ମହାପାତ୍ର ପଥରରେ ନିର୍ମାଣ କରିଥିଲେ ମଧ୍ୟ ପଥର ବିଗ୍ରହ ଚାରିପଟେ କାଠ ଖୋଦେଇ କାରୁକାର୍ଯ୍ୟ ଅତୀବ ରମଣୀୟ ଭାବେ ସ୍ଥାନିତ କରିଛନ୍ତି। ମଝିରେ ଦେବ ଦେବ ମହାଦେବ ରହିଛନ୍ତି। ମଦୁରାଇ ମନ୍ଦିରର ଏପରି ଏକ ବିରଳ ଦୃଶ୍ୟ ନିର୍ମାଣ କରି ଏବେ ସେ ଚର୍ଚ୍ଚାକୁ ଆସିଛନ୍ତି। ଅତ୍ୟନ୍ତ ନିଷ୍ଠା ତଥା ଶିଳ୍ପୀର ଦୃଦୟ ନେଇ ସେ ୩୦୦ରୁ ଊର୍ଦ୍ଧ୍ୱ କଳାକୃତି ନିର୍ମାଣ କରି ଜାତୀୟ ସ୍ତରରେ ଓଡ଼ିଶାକୁ ଗର୍ବିତ କରିଛନ୍ତ। ତାଙ୍କର ଏପରି କଳାକୁ ଦେଖି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ପ୍ରଂଶସା କରିବା ସହ ଓଡ଼ିଶାର ନାମକୁ ଜାତୀୟ ସ୍ତରରେ ପତିପାଦିତ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି।



# 'ରତ୍ନଭଣ୍ଡାର ପ୍ରସଙ୍ଗରେ ଜାଣିଶୁଣି ପଛଘୁଞ୍ଚା ଦେଉଛି ପ୍ରଶାସନ'

## ହାଇକୋର୍ଟରେ ସତ୍ୟପାଠ ଦାଖଲ କରିପାରିଲାନି

ପୁରୀ ଅଫିସ, ୧୬।୩: ରତ୍ନଭଣ୍ଡାର ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ଗୁରୁବାର ସତ୍ୟପାଠ ଦାଖଲ କରିନାହିଁ। ରତ୍ନଭଣ୍ଡାର ପ୍ରସଙ୍ଗରୁ ଶ୍ରୀମନ୍ଦିର ପ୍ରଶାସନ ଜାଣିଶୁଣି ଦୂରେଇ ରହିବାକୁ ଚେଷ୍ଟା କରୁଛି। ଯଦି ରତ୍ନଭଣ୍ଡାରର ସ୍ଥିତି ଠିକ୍ ରହିଛି, ତେବେ ସତ୍ୟପାଠ ଦାଖଲ କରିବାରେ ରାଜ୍ୟ ସରକାର ପଛଘୁଞ୍ଚା କାହିଁକି ଦେଉଛନ୍ତି ବୋଲି ଜଗନ୍ନାଥପ୍ରେମୀ ପ୍ରଶ୍ନ କରିଛନ୍ତି। ଏପରିକି ଦୁଇଦିନ ପୂର୍ବେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମଧ୍ୟ ରତ୍ନଭଣ୍ଡାର ସମ୍ପର୍କରେ ପଦୁଟିଏ ଆଲୋଚନା ନ ହେବା ପରିଚାଳନା କମିଟି ସଦସ୍ୟମାନଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ସୃଷ୍ଟି କରିଛି। ୨୦୧୮ ଏପ୍ରିଲ ୪ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସେତେବେଳେ ମନ୍ଦିର ପ୍ରଶାସନ ଅଣଦେଖା କରିଥିବା ସାଧାରଣରେ ଅଭିଯୋଗ ଉଠିଥିଲା। ଫଳରେ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଅଡୁଆରେ ପଡ଼ିଛନ୍ତି।

ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ କାଠଗଡ଼ାରେ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର। ୨୦୨୨ ଅକ୍ଟୋବରରେ ଶ୍ରୀମନ୍ଦିର ପ୍ରଶାସନକୁ ରତ୍ନଭଣ୍ଡାର ସ୍ଥିତି ଓ ଖୋଲିବା ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ସେ ନେଇ ତତ୍ପରତା ଦେଖାଇ ନ ଥିଲା କି ଆଗ୍ରହ ପ୍ରକାଶ କରି ନ ଥିଲା। ପୁଣି ଚଳିତବର୍ଷ ଜାନୁୟାରୀ ୫ରେ ରତ୍ନଭଣ୍ଡାର ସ୍ଥିତି ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ମାର୍ଚ୍ଚ ୧୬ (ଗୁରୁବାର) ଏହାର ଶୁଣାଣି ରହିଥିଲା। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ସତ୍ୟପାଠ ଦାଖଲ କରିନାହିଁ। ତେଣୁ ଜୁନ୍ ୨୬ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଜୁଲାଇ ୧୦ରେ ଶୁଣାଣି ରହିଛି। ଏଠାରେ ପ୍ରଶ୍ନ ଉଠୁଛି ରତ୍ନଭଣ୍ଡାର ପ୍ରସଙ୍ଗରେ କ'ଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାରମ୍ବାର ଦିନ ଗଡ଼ାଇ ଚାଲିଛି। ଏନେଇ ସାମାଜିକ କର୍ମୀ ଦିଲୀପ ବରାଳ କହିଛନ୍ତି, ୨୦୧୮ ଏପ୍ରିଲ ୪ ତାରିଖଠାରୁ ରତ୍ନଭଣ୍ଡାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବା ନେଇ ୧୭ଜଣିଆ ପ୍ରତିନିଧି କମିଟି ଜାଣିବା ସହ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ଦେଇଥିଲେ। ସମସ୍ତ ତଥ୍ୟ ପାଇବା ପରେ ଓ ରତ୍ନଭଣ୍ଡାର ସ୍ଥିତି ଜାଣିବା ପରେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଜାଣିଶୁଣି ଅବହେଳା କରୁଛନ୍ତି। ଏହାର ମୁଖ୍ୟ ରହସ୍ୟ ହେଉଛି ରତ୍ନଭଣ୍ଡାର ଅଳଙ୍କାର ସୁରକ୍ଷିତ ନାହିଁ। ରତ୍ନଭଣ୍ଡାରୁରୁ ରତ୍ନ ସବୁ ଲୁଟ୍ ହୋଇଥିବା ନେଇ ଅନେକ ବର୍ଷ ଧରି ସେବାୟତ ଓ ଭକ୍ତମାନେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ରତ୍ନଭଣ୍ଡାର ମରାମତି କରିବାକୁ ହେଲେ ରତ୍ନ ଅଳଙ୍କାର ସ୍ଥାନାନ୍ତର କରିବାକୁ ପଡ଼ିବ। ରତ୍ନଅଳଙ୍କାର ସ୍ଥାନାନ୍ତର କରିବା ସମୟରେ ଅଳଙ୍କାର ଗୁଡ଼ିକର ଗଣତି ମଣତି କରିବାକୁ ପଡ଼ିବ। ଫଳରେ ଅଳଙ୍କାର ପୂର୍ବ ତାଲିକା ଅନୁଯାୟୀ ନ ମିଳିଲେ ବା କମିଗଲେ ସରକାର ଭାଙ୍ଗିଯିବାର ଭୟ ରହିଛି। ତେଣୁ ସରକାର ଜାଣିଶୁଣି ରତ୍ନଭଣ୍ଡାର ମରାମତି କରିବାକୁ ଚାହୁଁନାହାନ୍ତି। ଜାଣିଶୁଣି ତାରିଖ ପରେ ତାରିଖ ଗଡ଼ାଉଛନ୍ତି ବୋଲି ବରାଳ ଅଭିଯୋଗ କରିଛନ୍ତି। ଅନେକ ଜଗନ୍ନାଥପ୍ରେମୀ ଅନୁରୂପ ମତ ରଖି ଏଥିପାଇଁ ରାଜ୍ୟ ସରକାରଙ୍କୁ ଦୋଷ ଦେବା ସହ ତୁରନ୍ତ ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି କରାଯିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ପୋଲିସ-ଡ୍ରାଇଭର ମୁହାଁମୁହିଁ



ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

**ଖୋର୍ଦ୍ଧା ଅଫିସ,୧୬।୩:**

୧୦ ଦଫା ଦାବି ନେଇ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଫଳରେ ୧୬ ଓ ୫୭ ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ରାଜପଥର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା ଶହଶହ ମାଲବାହୀ ଟ୍ରକ୍ ଏବଂ ଅନ୍ୟ ଯାନବାହନ। ୩୬ଘଣ୍ଟା ପରେ ଅର୍ଥାତ୍ ଗୁରୁବାର ପୋଲିସର ତାଗିଦ୍ ପରେ ଡ୍ରାଇଭରମାନେ ରାଜପଥ ଅବରୋଧରୁ ହଟିଥିଲେ। ମଧ୍ୟାହ୍ନ ୧୨ଟାରେ ପୋଲିସ ରାଜପଥର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହନକୁ ଚଳାଚଳ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏନେଇ ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକରେ କିଛି ସମୟ ପାଇଁ ପୋଲିସ ଏବଂ ଡ୍ରାଇଭର ମୁହାଁମୁହିଁ ହୋଇଥିଲେ। ତେବେ କୌଣସି ପରିସ୍ଥିତିରେ ରାଜପଥରେ ଯାନବାହନ ଅଟକାଇବାକୁ ସୁଯୋଗ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। କେହି ରାଜପଥରେ ଗାଡିକୁ ଅଟକାଇବାକୁ ଚେଷ୍ଟା କଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଡ୍ରାଇଭରମାନେ ରାଜପଥର ଉଭୟ ପାର୍ଶ୍ୱ ରାସ୍ତା ଅବରୋଧରୁ ହଟିଥିଲେ। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଆଦର୍ଶ ଥାନାଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଆଇଆଇସି କେସି ସ୍ୱାଇଁ, ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ଅଞ୍ଜଳି ନାୟକ, ଥାନା ଏସ୍‌ଆଇ ପି.ଏଲ୍. ବେହେରା, ଏଏସ୍‌ଆଇ ସୁରେଶ କୁମାର ଦାସଙ୍କ ସମେତ ୧୦ଜଣ ପୋଲିସ ଅଧିକାରୀ, ଏକ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ଏନେଇ ସଦର ଏସ୍‌ଡିପିଓ ଦାସ କହିଥିଲେ, ରାଜପଥରେ ଚଳନ୍ତା ଯାନବାହନକୁ ନ ରୋକିବା ଲାଗି କୁହାଯାଇଛି। ଏହାକୁ ଅମାନ୍ୟ କଲେ କିମ୍ବା ଆଇନ ହାତକୁ ନେବାକୁ ଉଦ୍ୟମ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ମହଙ୍ଗା ହେଲା ପରିବା

**ଖୋର୍ଦ୍ଧା ଅଫିସ/ଜଟଣୀ,୧୬।୩(ଡି.ଏନ୍.ଏ):**

ଡ୍ରାଇଭର ମହାସଂଘର ଆନ୍ଦୋଳନ ପ୍ରଭାବରେ ପନିପରିବା ବଜାରକୁ ଆସି ପାରୁନାହିଁ। ଫଳରେ ଦର ବଢ଼ିବାରେ ଲାଗିଛି। ବଜାରରେ ପରିବା ଯାହା ଗଚ୍ଛିତ ରହିଥିଲା, ତାହା ବିକ୍ରି ଚାଲିଛି। ପ୍ରତି ପରିବା କିଲୋ ପିଛା ୧୦ରୁ ୨୦ ଟଙ୍କା ବୃଦ୍ଧି ପାଇଛି। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜପଥ ଅବରୋଧ ଯୋଗୁ ପରିବା ଆସିପାରୁନାହିଁ। ଫଳରେ ଏଭଳି ସ୍ଥିତି ହୋଇଛି ବୋଲି ବେପାରୀମାନେ କହିଛନ୍ତି। ଖୋର୍ଦ୍ଧା ବଜାରକୁ ହଳଦିଆ, ବାଙ୍କୀ, ବୋଲଗଡ଼, ବେଗୁନିଆ, ଜଙ୍କିଆ, ମଳିପଡା ଆଦି ସ୍ଥାନରୁ ପରିବା ଆସିଥାଏ। ତେବେ ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁ ପରିବା ଦର ଉପରେ ପ୍ରଭାବ ପଡିଛି। ଆଳୁ ପୂର୍ବରୁ କେଜି ପିଛା ୧୫ରୁ ୧୭ ଟଙ୍କା ବିକ୍ରି ହେଉଥିବା ବେଳେ ଏବେ ୨୦ରୁ ୨୫ ଟଙ୍କା, ଟମାଟ ୩୦ରୁ ୪୦, ବାଇଗଣ ୪୦ରୁ ୬୦, ଜହ୍ନି ୫୦ରୁ ୬୦, କଳରା ୫୦ରୁ ୬୦, ଭେଣ୍ଡି ୫୦ରୁ ୬୦, କାକୁଡି ୫୦ରୁ ୭୦, ଗାଜର ୫୦ରୁ ୭୦, ବନ୍ଧାକୋବି ୩୦ରୁ ୪୦, ଝୁଡଙ୍ଗ ୫୦ରୁ ୬୦ ଏବଂ ଗ୍ରୀନ ମଟର ଏବଂ ବିନ ଏବେ ଶହେ ଟଙ୍କାରେ ବିକ୍ରି ହେଉଛି। କଂଗ୍ରେସ ପିସିସି ସଭ୍ୟ ଶିଶିର ପରିଡା କୁହନ୍ତି, ଆନ୍ଦୋଳନ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ବଢିବାରେ ଲାଗିଛି। ୫୦ଟଙ୍କା ତଳକୁ ପରିବା ନାହିଁ। ଏଭଳି ସ୍ଥିତି ଚାଲିଲେ, ଆଗକୁ ସାଧାରଣ ଜନତା ହଇରାଣ ହେବେ। ସରକାର ଏଥିପ୍ରତି ତୁରନ୍ତ ପଦକ୍ଷେପ ଦେବା ଆବଶ୍ୟକ। ବେପାରୀ ସନ୍ତୋଷ ସାହୁ କୁହନ୍ତି, ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁ ପରିବା ବଜାର ପ୍ରଭାବିତ ହୋଇଛି। ରାତି ପାହିଲେ ଚାଷୀ ସିଧାସଳଖ ପରିବା ଧରି ପହଞ୍ଚିଥାନ୍ତି। ତେବେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କାରେ ଚାଷୀ ଆସି ନାହାନ୍ତି। ଫଳରେ ପରିବା ଦର ବଢିଛି।



# ବ୍ରାଉନ୍‌ସୁଗାର ଜବତ, ୪ ବେପାରୀ ଗିରଫ

**ଜଟଣୀ,୧୬।୩(ଡି.ଏନ୍.ଏ.):**



ଜଟଣୀ ଥାନାର ସ୍ପେଶାଲ ପୋଲିସ ଟିମ୍ ଖଣ୍ଟୁଆଳ ମନ୍ଦିର ନିକଟରେ ଚଢ଼ାଉ କରି ୪ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ବ୍ଲକ ଅଧୀନ ରଥିପୁର ଗ୍ରାମର ଫାୟାଜ ମହମ୍ମଦ (୨୬), ତିରିମଲ ମଝିସାହିର ପିଲୁ ଓରଫ ନିହାରରଞ୍ଜନ ବିଶ୍ୱାଳ(୨୮), ଖୋର୍ଦ୍ଧା ପଲା ମଝିସାହିର ପପୁନି ଓରଫ ସଂଗ୍ରାମ ସାହୁ (୨୦) ଏବଂ ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର କୁନି ଓରଫ ଗୌତମ ଜେନା(୪୦)। ଏମାନଙ୍କ ନିକଟରୁ ୧୧.୬୦ ଗ୍ରାମ ବ୍ରାଉନସୁଗାର, ୩ଟି ମୋବାଇଲ ଫୋନ ଏବଂ ୨୨୫୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏନ୍‌ଡିପିଏସ ଆକ୍ଟରେ ମାମଲା(ନଂ. ୧୦୨/୨୩)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ କହିଛନ୍ତି।

ପତ୍ର ସଂଖ୍ୟା 1769 ତା.15.03.2023

**ଦୈନିକ ସାପ୍ତାହିକ ବଜାର ନିଲାମ ନୋଟିସ**

**No.C-2652:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ ଦୈନିକ ଓ ସାପ୍ତାହିକ ବଜାର ନିମନ୍ତେ ଚଳିତ ବର୍ଷ ୨୦୨୩-୨୦୨୪ ଆର୍ଥିକ ବର୍ଷର ୧ ଏପ୍ରିଲ, ୨୦୨୩ ମାସଠାରୁ ୩୧ ମାର୍ଚ୍ଚ, ୨୦୨୪ ପାଇଁ ଆସନ୍ତା ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା.୨୮.୦୩.୨୦୨୩ ପୂର୍ବାହ୍ନ ଘ.୧୧.୩୦ ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ । ନିଲାମ ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍ (www.smcsambalpur.nic.in) ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍,ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ । ଟେଣ୍ଡର ପେପର ଉପଲବ୍ଧ ସମୟ- ତା.୧୫.୦୩.୨୦୨୩ରିଖଠାରୁ ତା.୨୬.୦୩.୨୦୨୩ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବା ସମୟ ତା.୨୮.୦୩.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୩୦ ।

ସ୍ୱା./-ଆୟୁକ୍ତ,
ସମ୍ବଲପୁର ମହାନଗର ନିଗମ,
ସମ୍ବଲପୁର

OIPR-13122/11/0110/2223

# ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି



ଜଟଣୀର ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବା ପାଇଁ ଲୋକଙ୍କ ଲମ୍ବା ଲାଇନ।

**ଖୋର୍ଦ୍ଧା ଅଫିସ/ଜଟଣୀ,୧୬।୩(ଡି.ଏନ୍.ଏ):**

ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ମଧ୍ୟ ପେଟ୍ରୋଲ ପମ୍ପ ଉପରେ ପଡିଛି। ତୈଳ କମ୍ପାନୀ ଗାଡିଗୁଡିକ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନ ପାରି ରାଜପଥରେ ଅଟକି ରହିଛି। ଫଳରେ ଆଗକୁ ତେଲ ନ ମିଳିବା ଆଶଙ୍କାରେ ଲୋକେ ପେଟ୍ରୋଲ ପମ୍ପରେ ଭିଡ଼ ଲଗାଇଥିଲେ। ଗୁରୁବାର ଦିନତମାମ ଖୋର୍ଦ୍ଧା ପୁରୁଣା ମେଡିକାଲ ରୋଡ ସ୍ଥିତ ପେଟ୍ରୋଲ ପମ୍ପ ସମେତ ଜାତୀୟ ରାଜପଥରେ ରହିଥିବା ପେଟ୍ରୋଲ ପମ୍ପରେ ଲୋକଙ୍କ ଭିଡ଼ ରହିଥିଲା। ଆଗାମୀ ତିନିଦିନ ପାଇଁ ତୈଳ ଗଚ୍ଛିତ ରହିଥିବା ବେଳେ ଗଣଧାରଣା ଜାରି ରହିଲେ, ଆଗକୁ ସମସ୍ୟା ଉପୁଜିପାରେ ବୋଲି କେତେଜଣ ପେଟ୍ରୋଲ ପମ୍ପ ମାଲିକ କହିଛନ୍ତି। ଏନେଇ ଯୁବ ବ୍ୟବସାୟୀ ସନ୍ତୋଷ ସାହୁ କୁହନ୍ତି, ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଛି। ଦୈନିକ ଯାତାୟତ ଲାଗି ବାଇକ ଭରସା। ଆଗକୁ ତେଲ ନ ମିଳିଲେ, ମୋ ଭଳି ଅନେକଙ୍କ ଜୀବିକା ଠପ ହୋଇଯିବ। ସେହିପରି ଯୁବ ବ୍ୟବସାୟୀ ଅଜିତ ସାହୁ କୁହନ୍ତି, ରାତି ପାହିଲେ ଚାଷୀଙ୍କଠାରୁ ପରିବା ନେଇ ଗାଡିରେ ଖୋର୍ଦ୍ଧା, ଜଙ୍କିଆ ବଜାରରେ ପହଞ୍ଚାଇଥାଏ। ଏବେ ପେଟ୍ରୋଲ ପମ୍ପରେ ତେଲ ମିଳିବା ନେଇ ଆଶଙ୍କା ସୃଷ୍ଟି ହେବା ଫଳରେ ମୋ ଭଳି ବ୍ୟବସାୟୀ ପ୍ରଭାବିତ ହେବେ। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-5148

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

**Tender Call Notice No.H.O./P&C/EST-E-1226/02/2016 7626, Dated 13.03.2023**

**NOTICE INVITING TENDER THROUGH e-Procurement-2nd**

Name of the Work: Construction of Internal Road and Drains in Proposed MSME Park (North) at Panchapada, Jharsuguda.
Estimated Cost: Rs.728.28 Lakhs (approx.)
Period of Completion: 05 (Five) Calendar Months
Pre-Bid meeting is to be conducted on dtd.24.03.2023 at 3.30 PM.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/EST/E-165/2022-23 | 17.00 hours of 20.03.2023 | 17.00 hours of 04.04.2023 |

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in. and IDCO website www.idco.in.

**Sd./-Chief General Manager (P&C)**
**IDCO, Bhubaneswar**
**OIPR-14003/11/0327/2223**

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ବ୍ରହ୍ମଗିରି,୧୬।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା କୌଶଲ୍ୟାପୁର ଗ୍ରାମରେ ଗୁରୁବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମଇଁଷି ଜଗୁଆଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋତରା ବେହେରା(୫୫)।ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଜଣେ ବ୍ୟକ୍ତି ବେଆଇନ ଭାବେ ଏଲ୍‌ଆଇ ପଏଣ୍ଟ ଚଲାଇବା ପାଇଁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ନେଇଥିଲେ। ସେହି ବାଟରେ କୋତରା ମଇଁଷି ଆଣି ଆସୁଥିବା ସମୟରେ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ପରିସ୍ଥିତି ନିୟନ୍ତ୍ରଣ କରିଛି।

# ବିନା ଡ୍ରେସ୍‌କୋଡ୍‌ରେ ପାଠ ପଢ଼ାଇଲେ

**ବେଗୁନିଆ,୧୬।୩(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶିକ୍ଷା ବିଭାଗର ପେନସନ ପରିସରଭୁକ୍ତ ମିଳିତ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଗୁରୁବାର ଡ୍ରେସ୍‌କୋଡ୍ ପରିଧାନ ନ କରି ବିଦ୍ୟାଳୟରେ ଶିକ୍ଷାଦାନ ଦେଉଥିବା ଦେଖିବାକୁ ମିଳିଛି। ୩ଦଫା ଦାବି ନେଇ ଆସନ୍ତା ୧୭ରେ ବିଧାନସଭା ପରିସରରେ ମହାସଂଘ ଧାରଣାରେ ବସିବାର ଥିଲା। ହେଲେ ଏହାକୁ ଅନୁମତି ଦେଇ ନ ଥିଲେ ରାଜ୍ୟ ସରକାର। ଏହାର ପ୍ରତିବାଦରେ ଡ୍ରେସ୍‌କୋଡ୍ ପରିଧାନ ନ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଥିଲା। ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ ଲାଗୁ କରିବା, ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ଠିକା ନିଯୁକ୍ତି ବାତିଲ କରି କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିୟମିତ କରିବା ସହିତ ୬ ଓ ୮ ବର୍ଷ ଶିକ୍ଷା ସହାୟକ କାର୍ଯ୍ୟକାଳକୁ ନେଶନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ଆଦି ଦାବି ରହିଛି। ସରକାର ଦାବି ପୂରଣ ନ କଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ବେଗୁନିଆ ବ୍ଲକର ସଂଘ ସମ୍ପାଦକ ରବିନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

**ଟାଙ୍ଗୀ(ଖୋର୍ଦ୍ଧା),୧୬।୩ (ଡି.ଏନ୍.ଏ.):**

ଚିଲିକା ଅଞ୍ଚଳର ବିଶିଷ୍ଟ ସାମାଜିକକର୍ମୀ, କ୍ରୀଡ଼ାବିତ୍ ତଥା ସୁସଙ୍ଗଠକ ଇଂ.ଦୋଳଗୋବିନ୍ଦ ବଳିୟାରସିଂହ (୮୧) ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ନରେନ୍ଦ୍ରପୁର ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ସାନପୁଅ ମୁଖାଗ୍ନି ଦେଇଥିଲେ। ଶୋଭାଯାତ୍ରାରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ଆଇନଜୀବୀ ବିକ୍ରମ କେଶରୀ ମହାରଥୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଚିଲିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୂର୍ବତନ ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଚିଲିକା ପୂଜ୍ୟପୂଜା ସଂସଦ ସଭାପତି ଦିଲୀପ କୁମାର ଶତପଥୀ, ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସାଧାରଣ ସମ୍ପାଦକ ଗୋଦାବରୀଶ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଛାତ୍ର ଜୀବନରେ ଦୋଳଗୋବିନ୍ଦ ଜଣେ ଭଲ ଫୁଟବଲ୍ ଓ ଭଲିବଲ୍ ଖେଳାଳି ଭାବେ ପରିଚିତ ଥିବା ବେଳେ ଭଲିବଲର ରାଜ୍ୟସ୍ତରୀୟ ନେତୃତ୍ୱ ନେଇ ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ। ସେ ଜୟପ୍ରକାଶ ନାରାୟଣଙ୍କ ଡାକରାରେ ଚାକିରିରୁ ଇସ୍ତଫା ଦେଇ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ।

# ଋଣଗ୍ରହୀତାଙ୍କୁ ମାଡ଼ ମାରିଲେ ଫାଇନାନ୍ସ ଏଜେଣ୍ଟ

**ନିରାକାରପୁର, ୧୬।୩(ଡି.ଏନ୍.ଏ.):**

ବିଭିନ୍ନ ଫାଇନାନ୍ସ କମ୍ପାନୀ ଲୋନରେ ଲୋକମାନଙ୍କୁ ସହଜରେ ଗାଡ଼ି ଯୋଗାଇ ଦେଉଛନ୍ତି। ଗାଡ଼ି ନେଇଥିବା ଲୋକେ ଗୋଟିଏ କିମ୍ବା ଦୁଇଟି କିସ୍ତି ନ ଦେବା ପରେ ଉକ୍ତ ଫାଇନାନ୍ସ କମ୍ପାନୀର ଏଜେଣ୍ଟମାନେ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଥାନା ଅଧୀନ ଡିଆ ପଞ୍ଚାୟତ ବଟସାହି ଗ୍ରାମର ଜଣେ ଯୁବକ ବାଇକରେ ରାମେଶ୍ୱର ଛକରୁ ଘରକୁ ଫେରୁଥିଲେ। ଏହି ସମୟରେ

**ଟଙ୍କା ଛଡ଼ାଇନେଲେ, ଥାନାରେ ମାମଲା**

ଦୁଇଟି ବାଇକରେ କେତେଜଣ ଯୁବକ ହଠାତ୍ ପହଞ୍ଚି ହଠାତ୍ ଗାଡ଼ି ରଖିବାକୁ କହିଥିଲେ। ସେମାନେ ନିଜକୁ ଫାଇନାନ୍ସ କମ୍ପାନୀର ଏଜେଣ୍ଟ ବୋଲି ପରିଚୟ ଦେବା ସହ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିବା ସହ ୧୦ହଜାର ଟଙ୍କା ଛଡ଼ାଇ ନେଇଥିଲେ। ତେବେ ବାଇକକୁ ନେବା ପାଇଁ ଉଦ୍ୟମ କରୁଥିବା ବେଳେ କୌଶଳକ୍ରମେ ଯୁବକଜଣଙ୍କ ସେଠାରୁ ଖସିଆସି ମାମୁଘର ପଦ୍ମପୁରରେ ପହଞ୍ଚିଥିଲେ। ଏନେଇ ସମ୍ପୃକ୍ତ ଯୁବକଙ୍କ ମାମୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# FINAL SELECTION LIST OF JAIL WARDER - 2022

No.D-346

| CIRCLE | UR (Male) | | | UR (Female) | ST (Male) | ST (Female) | SC (Male) | EXSM | SM | HG | | |
|---|---|---|---|---|---|---|---|---|---|---|---|---|
| BARIPADA | 2201008232 | 2201003705 | 2201010230 | 2201005824 | 2201001000 | 2201016630 | 2201011415 | 2201006324 | 2201013975 | 2201005672 | | |
| | 2201008004 | 2201014183 | 2201002599 | | 2201015876 | 2201016808 | 2201016058 | | | 2201012109 | | |
| | 2201008257 | 2201015524 | 2201003706 | | 2201012105 | 2201010284 | 2201008580 | | | | | |
| | 2201010461 | 2201013255 | 2201005515 | | | | 2201012711 | | | | | |
| | 2201005331 | 2201006067 | 2201006861 | | | | 2201007824 | | | | | |
| | 2201009339 | 2201015239 | 2201011304 | | | | 2201015138 | | | | | |
| | 2201006710 | 2201011710 | 2201001081 | | | | 2201009740 | | | | | |
| | 2201014060 | 2201014228 | 2201011677 | | | | 2201013909 | | | | | |
| | 2201010411 | 2201015627 | 2201000720 | | | | 2201000435 | | | | | |
| | 2201005219 | 2201005431 | 2201006058 | | | | | | | | | |
| | 2201008313 | 2201010245 | 2201008451 | | | | | | | | | |
| | 2201014919 | 2201015600 | 2201015184 | | | | | | | | | |
| | 2201006539 | 2201015820 | 2201000990 | | | | | | | | | |
| | UR (Male) | | | | | UR (Female) | ST (Male) | | ST (Female) | SC (Male) | | EXSM |
| BERHAMPUR | 2202031286 | 2202044838 | 2202024275 | 2202031517 | 2202022436 | 2202026529 | 2202038787 | 2202019240 | 2202018432 | 2202032100 | 2202031863 | 2202035469 |
| | 2202043427 | 2202032005 | 2202018988 | 2202031963 | 2202040118 | | 2202038788 | 2202037867 | 2202034760 | 2202037891 | 2202040210 | |
| | 2202044727 | 2202019882 | 2202022260 | 2202031464 | 2202040180 | | 2202023830 | 2202023211 | | 2202040199 | 2202040307 | **SM** |
| | 2202031947 | 2202031989 | 2202019791 | 2202031698 | 2202038086 | | 2202024727 | 2202037804 | | 2202040145 | 2202040109 | |
| | 2202032110 | 2202022257 | 2202026722 | 2202043366 | 2202042120 | | 2202031276 | 2202020647 | | 2202031417 | 2202031560 | **HG** |
| | 2202031920 | 2202019952 | 2202019652 | 2202031696 | 2202037964 | | 2202028977 | 2202039289 | | 2202019983 | 2202033757 | 2202024145 |
| | 2202031969 | 2202043533 | 2202026742 | 2202032200 | 2202018998 | | 2202019142 | | | 2202040072 | 2202032193 | 2202032896 |
| | 2202031972 | 2202022178 | 2202033897 | 2202020014 | 2202040278 | | 2202025786 | | | 2202031245 | 2202040133 | 2202034037 |
| | 2202024200 | 2202033120 | 2202031520 | 2202024352 | 2202042043 | | 2202027068 | | | 2202023634 | 2202022261 | |
| | 2202022272 | 2202033007 | 2202040372 | 2202024286 | 2202026892 | | 2202022052 | | | 2202039068 | | |
| | UR (Male) | | | | | UR (Female) | ST (Male) | | ST (Female) | SC (Male) | | SC (Female) |
| CHOUDWAR | 2203050020 | 2203052920 | 2203052569 | 2203060695 | 2203052644 | 2203071437 | 2203062770 | 2203051405 | | 2203045921 | 2203063529 | 2203062426 |
| | 2203058026 | 2203057750 | 2203046795 | 2203063419 | 2203071023 | 2203070618 | 2203049522 | 2203059605 | **HG** | 2203053044 | 2203059885 | |
| | 2203050008 | 2203051609 | 2203060479 | 2203056559 | 2203058152 | 2203049205 | 2203047013 | 2203049595 | 2203057548 | 2203060690 | 2203058406 | **EXSM** |
| | 2203050113 | 2203063875 | 2203057998 | 2203052817 | 2203057391 | | 2203051122 | 2203048574 | | 2203053497 | 2203055253 | 2203051750 |
| | 2203057706 | 2203059756 | 2203063424 | 2203057799 | 2203059238 | | 2203048230 | | | 2203057932 | 2203049975 | 2203054415 |
| | 2203064093 | 2203063473 | 2203057861 | 2203059051 | 2203060732 | | 2203047822 | | | 2203046325 | | 2203063178 |
| | 2203058050 | 2203063386 | 2203054169 | 2203057777 | 2203064450 | | 2203051001 | | | 2203053427 | | |
| | 2203056385 | 2203063402 | 2203057836 | 2203056450 | 2203060618 | | 2203050769 | | | 2203048644 | | **SM** |
| | 2203064153 | 2203060433 | 2203064219 | 2203056491 | | | 2203050667 | | | 2203059202 | | 2203047747 |
| | 2203058243 | 2203057988 | 2203053099 | 2203063247 | | | 2203056495 | | | 2203056959 | | |
| | UR (Male) | | | | | UR (Female) | SEBC (Male) | EXSM | HG | | | |
| KORAPUT | 2204073304 | 2204074305 | 2204080779 | 2204080953 | 2204082272 | 2204072283 | 2204081159 | 2204077503 | 2204079134 | | | |
| | 2204073250 | 2204081744 | 2204074464 | 2204072616 | 2204080812 | 2204072300 | 2204080589 | | 2204077242 | | | |
| | 2204075913 | 2204075009 | 2204078574 | 2204074549 | | 2204082492 | | | 2204074480 | | | |
| | 2204078403 | 2204076417 | 2204080063 | 2204074302 | | 2204081225 | | | | | | |
| | 2204076879 | 2204073518 | 2204079586 | 2204079699 | | | | | | | | |
| | 2204076935 | 2204075897 | 2204080949 | 2204072625 | | | | | | | | |
| | 2204071955 | 2204077158 | 2204075521 | 2204080274 | | | | | | | | |
| | 2204075054 | 2204079849 | 2204078931 | 2204080340 | | | | | | | | |
| | 2204079883 | 2204077222 | 2204071821 | 2204079442 | | | | | | | | |
| | 2204073210 | 2204076916 | 2204075238 | 2204079047 | | | | | | | | |
| | 2204075808 | 2204079922 | 2204075088 | 2204080286 | | | | | | | | |
| | UR (Male) | | | | UR (Female) | ST (Male) | ST (Female) | SC (Male) | | EXSM | | |
| SAMBALPUR | 2205091948 | 2205099125 | 2205084283 | 2205086739 | 2205084160 | 2205089626 | 2205100082 | 2205089638 | 2205090099 | 2205100765 | | |
| | 2205085489 | 2205089677 | 2205093004 | 2205093072 | 2205083342 | 2205087814 | | 2205086558 | 2205088031 | 2205087400 | | |
| | 2205092443 | 2205087165 | 2205087733 | 2205092524 | 2205094224 | 2205082857 | | 2205099155 | 2205085446 | | | |
| | 2205092442 | 2205086371 | 2205091425 | 2205084844 | 2205097641 | 2205099589 | | 2205095087 | 2205091089 | **SM** | | |
| | 2205099563 | 2205096997 | 2205092976 | 2205091820 | 2205097680 | 2205099339 | | 2205088392 | 2205093780 | 2205087401 | | |
| | 2205086767 | 2205096931 | 2205095066 | 2205082962 | | 2205099305 | | 2205095194 | 2205096588 | | | |
| | 2205089687 | 2205097171 | 2205099075 | 2205087519 | | 2205101445 | | 2205089660 | 2205085231 | **HG** | | |
| | 2205098366 | 2205087830 | 2205085102 | | | | | 2205100535 | 2205090238 | 2205084387 | | |
| | 2205092193 | 2205093752 | 2205095035 | | | | | 2205090005 | 2205089669 | 2205100917 | | |
| | 2205088051 | 2205094172 | 2205089491 | | | | | 2205093890 | 2205090631 | 2205102304 | | |
| | | | | | | | | | 2205084383 | 2205087766 | | |

OIPR-12024/11/0021/2223

# ବସ୍‌ଷ୍ଟାଣ୍ଡରେ ସମାନ ସ୍ଥିତି, ତମାଣ୍ଡୋରେ ଧସ୍ତାଧସ୍ତି

**ଡ୍ରାଇଭର ଆନ୍ଦୋଳନର ଦ୍ୱିତୀୟ ଦିନ**

- ଆନ୍ଦୋଳନରତ ଡ୍ରାଇଭରଙ୍କ ସହ ବାହାର ରାଜ୍ୟ ଡ୍ରାଇଭର ମୁହାଁମୁହିଁ
- ପୋଲିସ ଉପସ୍ଥିତିରେ ଅଟକ ଥିବା ଟ୍ରକ୍ ଗଡ଼ିଲା
- ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସର ମୃଦୁ୍ୟ ଲାଠି ଚାଳନା





ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ଅଟକି ରହି ହନ୍ତସନ୍ତ ହେଉଛନ୍ତି। ତମାଣ୍ଡୋ ନିକଟ ଜାତୀୟ ରାଜପଥରେ ଆନ୍ଦୋଳନରତ ଡ୍ରାଇଭର ଓ ବାହାର ରାଜ୍ୟ ଡ୍ରାଇଭର ମୁହାଁମୁହିଁ ହୋଇଛନ୍ତି।

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୧୦ଦଫା ଦାବି ନେଇ ବୁଧବାରଠାରୁ ହେଉଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ସାରା ରାଜ୍ୟରେ ଗମନାଗମନ ଓ ପରିବହନ କ୍ଷେତ୍ରରେ ସମସ୍ୟା ଲାଗି ରହିଛି। ଲୋକମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେବା ସହ ସ୍ଥିତି ଧୀରେ ଧୀରେ ଜଟିଳ ହେବାରେ ଲାଗିଛି। ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ମଧ୍ୟ ଗୁରୁବାର ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଷ୍ଟାଣ୍ଡରେ ଶହଶହ ବସ୍‌ଗୁଡ଼ିକ ଧାଡ଼ି ହୋଇ ରହିଥିଲେ ମଧ୍ୟ ଚାଲି ପାରି ନ ଥିଲା। ବସ୍ ଚାଲୁ ନ ଥିବାରୁ ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ନିରାଶରେ ଫେରୁଥିବାବେଳେ ଆଉ କିଛି ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଡ୍ରାଇଭରଙ୍କ ରାସ୍ତା ଅବରୋଧ ଯୋଗୁ ୧୬ ନଂ. ଜାତୀୟ ରାଜପଥର ତମାଣ୍ଡୋଠାରେ କିଛି ସମୟ ପାଇଁ ସ୍ଥିତି ଅଣାୟତ୍ତ ହୋଇଥିଲା। ବୁଧବାରଠାରୁ ବାହାର ରାଜ୍ୟର ଟ୍ରକଗୁଡ଼ିକୁ ଡ୍ରାଇଭରମାନେ ଅଟକ ରଖିଥିଲେ। ଫଳରେ ଆଳୁ, ପିଆଜ, ମାଛ, ଫଳ, ତେଲ ଆଦି ବୋଝେଇ ଟ୍ରକଗୁଡ଼ିକ ଅଟକି ରହିଥିଲା। ସେସବୁ ଟ୍ରକ୍‌ର ଡ୍ରାଇଭର ଓ କର୍ମଚାରୀମାନେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଫସି ରହି ହଟହଟା ହୋଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ୨ଟାବେଳେ ସେମାନେ ପୋଲିସ ସହାୟତାରେ ଟ୍ରକ୍‌ଗୁଡ଼ିକୁ ଆଗକୁ ନେବାରୁ ଆନ୍ଦୋଳନରତ ଓଡ଼ିଶା ଡ୍ରାଇଭରମାନେ ଏହାକୁ ବିରୋଧ କରିବାରୁ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ସହ ଗଣ୍ଡଗୋଳ ହୋଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ପୋଲିସକୁ ମୃଦୁ୍ୟ ଲାଠିଚାଳନା କରିବାକୁ ପଡ଼ିଥିଲା। ଅତିରିକ୍ତ ଡିସିପି ପି.କେ. ରାଉତ ଓ ଅନ୍ୟ ପୋଲିସ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଇବାପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ପରେ କିଛି ସମୟ ଧରି ଟ୍ରକ୍ ଚଳାଚଳ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରି ନ ଥିଲା।

## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟରେ ଆର୍ଥିକ ସାକ୍ଷରତା ଶିବିର

**ବାରଙ୍ଗ,୧୬।୩(ଡି.ଏନ୍.ଏ.):** ମେଣ୍ଢାଶାଳଠାରେ ଥିବା ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଓ ସେବା ସମବାୟ ସମିତି ତରଫରୁ ନାବାର୍ଡ ସହାୟତାରେ ଏକ ଆର୍ଥିକ ସାକ୍ଷରତା ଶିବିର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ମହେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷିତ ଏହି ଶିବିରରେ ସରପଞ୍ଚ କୌଶଲ୍ୟା ବଳିୟାରସିଂହ, ଭାବଗ୍ରାହୀ ସାହୁ, ମେଣ୍ଢାଶାଳ ବ୍ୟାଙ୍କ ଶାଖା ପରିଚାଳକ ସସ୍ମିତା ନାୟକ, ସୁପରଭାଇଜର ସନ୍ତୋଷ କୁମାର ମଙ୍ଗରାଜ ଅତିଥିଭାବେ ଯୋଗଦେଇ ନାବାର୍ଡ ତରଫରୁ ସମବାୟ ବ୍ୟାଙ୍କ ମାଧ୍ୟମରେ ଯୋଗାଇ ଦିଆଯାଉ ଥିବା ଋଣର ସୁପରିଚାଳନା କରି ଚାଷୀମାନେ କିପରି ଉପକୃତ ହୋଇପାରିବେ ସେନେଇ ଆଲୋଚନା କରିଥିଲେ। ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀମାନଙ୍କୁ ସମବାୟ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇ ସ୍ୱାବଲମ୍ବୀ କରାଯାଉଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ୬ଜଣ ଚାଷୀଙ୍କୁ ନୂଆ କରି ଋଣ ପ୍ରଦାନ କରାଯାଇଥିଲା। ସମ୍ପାଦକ ହିମାଂଶୁ ଶେଖର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ୨୨ରେ ଆରାଧନା ନୃତ୍ୟ ଉତ୍ସବ

**ଭୁବନେଶ୍ୱର,୧୬।୩(ବ୍ୟୁରୋ):** ଆରାଧନା ନୃତ୍ୟ ମନ୍ଦିର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆସନ୍ତା ୨୨ତାରିଖରେ ପ୍ରଥମ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଲୋକନୃତ୍ୟ ଏବଂ ଚିତ୍ରାଙ୍କନ କରାଯିବ। ଏହି ଅବସରରେ ପାଲା ଗାୟକ ଅମରେନ୍ଦ୍ର ପଟ୍ଟନାୟକ ଏବଂ ଅଭିନେତା ଦୀପଙ୍କର ପଟ୍ଟନାୟକଙ୍କୁ ପୁରସ୍କୃତ କରାଯିବ। ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟ ଗୁରୁ ଭରତ ଚନ୍ଦ୍ର ଗିରି, ଓଡ଼ିଶୀ ଶାସ୍ତ୍ରୀୟ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଏବଂ ତବଲା ବାଦକ ଗୁରୁ କରୁଣାକର ଦାଶଙ୍କୁ ତ୍ରିବିଦ୍ୟା ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ସଭାପତି ଡମ୍ବରୁଧର ପାତ୍ର ସୂଚନା ଦେଇଛନ୍ତି।

## ପେଟ୍ରୋଲ ଟାଙ୍କିରେ ତେଲ ସରିଲା, ଭିଡ଼ ବଢ଼ିଲା

ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ବଜାରରୁ ସରି ଆସିଲାଣି। ବିଶେଷକରି ବାହାର ରାଜ୍ୟରୁ ଆସୁଥିବା ସାମଗ୍ରୀଗୁଡ଼ିକ ଠିକ୍ ଭାବେ ଭୁବନେଶ୍ୱରରେ ପହଞ୍ଚିପାରୁନାହିଁ। ସେହିପରି ତେଲ ଗାଡି ଅଟକି ରହିଥିବାରୁ ରାଜଧାନୀର ବିଭିନ୍ନ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ସରିବାରେ ଲାଗିଛି। ତେଲ ଆସିପାରୁ ନ ଥିବାରୁ ସହରରେ ଥିବା କେତେକ ଟାଙ୍କି ବନ୍ଦ ହୋଇଯାଇଥିବାବେଳେ ଆଉ ଯେଉଁଠି ତେଲ ରହିଛି, ସେଠାରେ ଗ୍ରାହକଙ୍କ ଅସମ୍ଭାଳ ଭିଡ଼ ସୃଷ୍ଟି ହୋଇଛି। ଗୁରୁବାର ଶହୀଦନଗର, ମଞ୍ଚେଶ୍ୱର, ନୟାପଲ୍ଲୀ, ଚନ୍ଦ୍ରଶେଖରପୁର, ଜନପଥ ଆଦି ଅଞ୍ଚଳରେ ଥିବା ପେଟ୍ରୋଲ ଟାଙ୍କିରେ ଗ୍ରାହକ ତେଲ ପକାଇବାକୁ ବହୁ ସମୟ ଧାଡ଼ିରେ ରହିଥିଲେ। ଯେଉଁ ଟାଙ୍କି ବନ୍ଦ ହୋଇଯାଇଥିଲା ତାହା ଆଗରେ କିଛି ବ୍ୟବସାୟୀ ବୋତଲରେ ତେଲ ରଖି ଅଧିକ ଦାମ୍‌ରେ ବିକ୍ରି କରିଥିଲେ। ମଞ୍ଚେଶ୍ୱରସ୍ଥିତ ଭାରତ ପେଟ୍ରୋଲିୟମ ପମ୍ପରେ ତେଲ ପକାଉଥିବା ନିଆଳିର ମନୋଜ ନାୟକ କହିଛନ୍ତି, ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଠିଆ ହୋଇଛି। ଭିଡ଼ ଯୋଗୁ ସମସ୍ୟା ହୋଇଥିବା ସେ କହିଛନ୍ତି। ତେବେ ଡ୍ରାଇଭରଙ୍କ ଏହି ଆନ୍ଦୋଳନ ଚାଲୁ ରହିଲେ ଅଧିକ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି।





## ଆଇଗିଣିଆ ଗଦିରେ ପଚିଲାଣି ଆଳୁ

ଡ୍ରାଇଭର ଆନ୍ଦୋଳନ ଯୋଗୁ ପରିବା ବଜାର ଉପରେ ଅଧିକ ପ୍ରଭାବ ପଡ଼ିଛି। ଭୁବନେଶ୍ୱର ଉପକଣ୍ଠ ଆଇଗିଣିଆସ୍ଥିତ ଆଳୁ ଗଦିରୁ ଅନ୍ୟସ୍ଥାନକୁ ମାଲ୍ ପରିବହନ ହୋଇପାରୁ ନ ଥିବାରୁ ତାହା ପଚିବା ଆରମ୍ଭ କରିଛି। ସେପଟେ ୩ ଦିନ ପୂର୍ବରୁ ଆସିଥିବା ଆଳୁ ଅନ୍‌ଲୋଡ୍ ହୋଇପାରୁ ନ ଥିବାରୁ ଟ୍ରକରେ ତାହା ମଧ୍ୟ ଗରମରେ ଶୁଖିବା ସହ ପଚିଯାଉଥିବା ସୂଚନା ମିଳିଛି। ବ୍ୟବସାୟୀ ବୀରେନ୍ଦ୍ର ସାହୁ କହିଛନ୍ତି, ମଙ୍ଗଳବାରଠାରୁ ଆଳୁ ଗାଡ଼ି ଏଠାରେ ଠିଆ ହୋଇଛି। କୌଣସି ବ୍ୟବସାୟୀ ଏଠାକୁ ଆଳୁ ନେବା ପାଇଁ ଆସି ପାରୁ ନ ଥିବାରୁ ଏଠାରେ ଆଳୁ ପଚିଲାଣି ବୋଲି ସେ କହିଛନ୍ତି। ତେବେ ଆଇଗିଣିଆ ଆଳୁ ଗଦି ଛଡ଼ା ୧ ନଂ. ହାଟ ଓ ରାଜଧାନୀର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି।

# ଅପମାନର ପ୍ରତିବାଦ କଲା ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋ ସଂଘ





ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ମୁଖ୍ୟରାସ୍ତାରେ ଅଟୋ ଥୋଇ ଧାରଣା ଦିଆଯାଇଛି।

- ମାଷ୍ଟରକ୍ୟାଣ୍ଟିନ ଛକରେ ଧାରଣା, ବିକ୍ଷୋଭ
- ପୋଲିସ କମିଶନରଙ୍କ ସହ ଆଲୋଚନା ପରେ ପ୍ରତ୍ୟାହୃତ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ଆନ୍ଦୋଳନ କରାଯାଇଛି। ମାଷ୍ଟରକ୍ୟାଣ୍ଟିନ୍ ମୁଖ୍ୟରାସ୍ତାରେ ଶତାଧିକ ଅଟୋ ଥୋଇ ସଂଘ ପକ୍ଷରୁ ପୂର୍ବାହ୍ନରେ ଧାରଣା ଦିଆଯାଇଥିଲା। ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ହେଉଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ବୁଧବାର ସେମାନଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗ ଆଣି ସଂଘ ପକ୍ଷରୁ ଏହି ପ୍ରତିବାଦ କରାଯାଇଥିଲା। ଆନ୍ଦୋଳନରତ ଡ୍ରାଇଭରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ତେବେ ଆନ୍ଦୋଳନ ଯୋଗୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ମାଷ୍ଟରକ୍ୟାଣ୍ଟିନ ଛକରେ ଟ୍ରାଫିକ ଜାମ୍ ସ୍ଥିତି ଉପୁଜିଥିଲା। ଅଧିକ ପୋଲିସ କର୍ମଚାରୀ ସେଠାରେ ମୁତୟନ ହୋଇ ସ୍ଥିତି ସୁଧାରିଥିଲେ। ବାପୁଜୀନଗର ଅଭିମୁଖେ ଯାଇଥିବା ରାସ୍ତା ମଝିରେ ପୋଲିସ କର୍ମଚାରୀମାନେ ଠିଆ ହୋଇ ଗୋଟିଏ ପାର୍ଶ୍ୱକୁ ଖାଲି କରାଯାଇ ଗାଡ଼ିଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘ ଚେୟାରମ୍ୟାନ ଦୀନବନ୍ଧୁ ନାୟକଙ୍କ ସମେତ ଏକ ଟିମ୍ ପୋଲିସ ଭବନ ଯାଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଆଲୋଚନା କରିଥିଲେ। ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଅଟୋ ଚାଳକଙ୍କୁ ସୁରକ୍ଷା ଯୋଗାଇଦିଆଯିବାର ପ୍ରତିଶ୍ରୁତି ଦିଆଯିବା ପରେ ସଂଘ ପକ୍ଷରୁ ଏହି ଆନ୍ଦୋଳନକୁ ପ୍ରତ୍ୟାହୃତ କରାଯାଇଥିଲା। ତେବେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ୧୦ ହଜାରରୁ ଊର୍ଦ୍ଧ୍ୱ ଅଟୋ ଥୋଇ ରାଜାରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସଂଘ ସଦସ୍ୟ ରାକେଶ ନାଏକ କହିଛନ୍ତି। ସୂଚନାଯୋଗ୍ୟ, ଡ୍ରାଇଭରଙ୍କ ଆନ୍ଦୋଳନବେଳେ ବୁଧବାର ବିଭିନ୍ନ ସ୍ଥାନରେ କାର୍ ଓ ଅଟୋକୁ ଅଟକାଯାଇ ଏହାର ଚାଳକମାନଙ୍କୁ ଫୁଲମାଳ ପିନ୍ଧାଯିବା ସହ ହାତରେ ସିଲଟ୍ ଧରାଯାଇଥିଲା। ଏପରିକି ମୁଣ୍ଡିଆ ମାରି ଆନ୍ଦୋଳନରେ ଯୋଡ଼ିହେବାକୁ ବୁଝାଯାଇଥିଲା। ଏଥିଯୋଗୁ ନାଗରିକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଅଭିଯୋଗ ଆଣି ସଂଘ ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା।

# କିମ୍‌ସ କ୍ୟାନ୍‌ସର୍ ସେଣ୍ଟରରେ ରେଡିଏଶନ୍ ଅଙ୍କୋଲୋଜି କ୍ଲିନିକାଲ୍ ସେବା ଆରମ୍ଭ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**



କିମ୍‌ସ କ୍ୟାନ୍‌ସର୍ ସେଣ୍ଟରର ରେଡିଏଶନ୍ ଅଙ୍କୋଲୋଜି କ୍ଲିନିକାଲ ସେବା ଆରମ୍ଭ ହୋଇଛି। ଏଠାରେ ଏଣିକି କର୍କଟ ରୋଗୀଙ୍କ ପାଇଁ ରେଡିଓଥେରାପି ଅଭ୍ୟାସ ଏବଂ ଏଥିସହ ସଂଶ୍ଳିଷ୍ଟ ଗବେଷଣା କାର୍ଯ୍ୟ ଓ ରୋଗୀ ସେବା ହୋଇପାରିବ। କିମ୍‌ସ କ୍ୟାନ୍‌ସର ସେଣ୍ଟର (କେସିସି)ରେ ସମସ୍ତ ପ୍ରକାର କର୍କଟ ରୋଗର ବହୁବିଧ ଉପଚାର ନିମନ୍ତେ ଗୋଟିଏ ସ୍ଥାନରେ ସବୁ ସୁବିଧା ଓ ସେବା ଉପଲବ୍ଧ ହେବ। ଏହା ଓଡ଼ିଶାର ପ୍ରଥମ କର୍କଟ ରୋଗ ପରିଚାଳନା କେନ୍ଦ୍ର ବୋଲି କୁହାଯାଉଛି। କେସିସିରେ ସର୍ଜିକାଲ୍ ଅଙ୍କୋଲୋଜି, ମେଡିକାଲ୍ ଅଙ୍କୋଲୋଜି, ରେଡିଏଶନ୍ ଅଙ୍କୋଲୋଜି, ପୀଡ଼ା ଉପଶମ ଯତ୍ନ ଏବଂ ନିଉକ୍ଲିୟର ମେଡିସିନ୍ ବିଭାଗ ରହିଥିବା ବେଳେ ଏସବୁ ବିଭାଗରେ ଅଭିଜ୍ଞ ବିଶେଷଜ୍ଞମାନେ ସେବା ଯୋଗାଇ ଦେଉଛନ୍ତି। ଏବେ କେସିସିର ମେଡିକାଲ୍ ଅଙ୍କୋଲୋଜି ବିଭାଗରେ ଡେ-କେୟାର, କେମୋଥେରାପି ଏବଂ ଇମ୍ୟୁନୋଥେରାପି ଆଦି ଚିକିତ୍ସା ଓ ସେବା ଯୋଗାଇ ଦିଆଯାଉଛି। ଏଥିସହ କର୍କଟ ରୋଗ ନିରୂପଣ, କ୍ୟାନ୍‌ସର ରେଜିଷ୍ଟ୍ରେଶନ୍, ବହୁବିଧ ଟିଉମର୍ ନିଦାନ ଓ ପରୀକ୍ଷା, ଏଣ୍ଡୋସ୍କୋପି, ସର୍ଜିକାଲ୍ ଅଙ୍କୋଲୋଜି, ରେଡିଏଶନ୍ ଅଙ୍କୋଲୋଜି, ମେଡିକାଲ୍ ଅଙ୍କୋଲୋଜି ଏବଂ ପୀଡ଼ା ଉପଶମ ଯତ୍ନ ଆଦି କିମ୍‌ସ କ୍ୟାନ୍‌ସର ସେଣ୍ଟର କ୍ଲିନିକାଲ୍ ସେବାରେ ଅନ୍ତର୍ଭୁକ୍ତ।

କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିମ୍‌ସରେ ଏହି ଅତ୍ୟାଧୁନିକ କ୍ୟାନ୍‌ସର ସେଣ୍ଟର କର୍କଟ ରୋଗୀଙ୍କ ପାଇଁ ଆଶ୍ୱାସନା ଆଣିବ। ଏଠାରେ ସମସ୍ତ ପ୍ରକାର କର୍କଟ ରୋଗ ଚିକିତ୍ସା ନିମନ୍ତେ ବହୁବିଧ ପଦ୍ଧତି ଓ ଏକ ଟ୍ୟୁମର ବୋର୍ଡ ରହିଛି। ଟ୍ୟୁମର ବୋର୍ଡ ରୋଗ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହ ନୈତିକ ଓ ସମ୍ବେଦନପୂର୍ଣ୍ଣ ଅନୁଶୀଳନ ଉପରେ ନଜର ରଖିବ। ଏଠାରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏବଂ ରୋଗୀଙ୍କ ଆର୍ଥିକ ସାଧନକୁ ଦୃଷ୍ଟିରେ ରଖି କର୍କଟ ରୋଗର ଚିକିତ୍ସା ତଥା ପରିଚାଳନା କରାଯାଇଥାଏ ବୋଲି ସାମନ୍ତ କହିଛନ୍ତି। କେସିସି ନିର୍ଦ୍ଦେଶକ ପ୍ରଫେସର ଡା. ବିଧୁ କଲ୍ୟାଣ ମହାନ୍ତି କହିଛନ୍ତି, ଏହି ସେଣ୍ଟର ଆଗାମୀ ଦିନରେ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ମାନବ ସମ୍ବଳ ତାଲିମ, ଶୈକ୍ଷିକ କାର୍ଯ୍ୟକ୍ରମ ଓ ଗବେଷଣା କାର୍ଯ୍ୟ ହାତକୁ ନେବ। ଏହାଛଡ଼ା ଏହି କେନ୍ଦ୍ର ସମନ୍ୱିତ ରୋଗୀ ଯତ୍ନ, ଆହାର ଓ ଫିଜିଓଥେରାପି ପଦ୍ଧତି ଏବଂ କର୍କଟ ରୋଗ ଗବେଷଣା ଉପରେ ଗୁରୁତ୍ୱ ଦେବ। ରେଡିଏଶନ୍ ଅଙ୍କୋଲୋଜି ବିଭାଗରେ ଦୁଇଟି ଲିନିଅର ଆକ୍ସିଲେରେଟର, ହାଇଡୋଜ ବ୍ରାକିଥେରାପି ଏବଂ ରେଡିଏଶନ୍ ଥେରାପି ଉପଲବ୍ଧ ବୋଲି ସାମନ୍ତ ସୂଚନା ଦେଇଛନ୍ତି।





ରସୁଲଗଡ଼ ପଟୁ ଜିଜିପି କଲୋନୀର ପ୍ରବେଶ ପଥ ରାସ୍ତାକୁ ବାରମ୍ବାର ଖୋଳା ପୋତା ଯୋଗୁ ପ୍ରାୟ ବର୍ଷେ ହେବ ଲୋକେ ଯିବାଆସିବାରେ ହଇରାଣ ହେଉଛନ୍ତି। ଶୀଘ୍ର କାମ ସମ୍ପୂର୍ଣ୍ଣ ନ କରି ମାସ ମାସ ଧରି ପକାଇ ରଖାଯାଉଥିବାରୁ ତୀବ୍ର ଅସନ୍ତୋଷ ଲାଗି ରହିଛି। ଏପରିସ୍ଥିତିରେ ଗୁରୁବାର ଏକ କାର୍‌ର ଆଗଚକ ଖାଲରେ ପଶିଯିବାରୁ ଲୋକେ ଉଠାଉଛନ୍ତି। (ଫଟୋ– ବିକାଶ)

# ଟ୍ରଷ୍ଟ ନାଁରେ ଚାଲିଥିଲା ସେକ୍ସ ର୍‍ୟାକେଟ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

**ଜଣେ ଦଲାଲ, ୨ ଗ୍ରାହକ ଅଟକ: ଯୁବତୀ ଉଦ୍ଧାର**



ସାଇସେବା ଟ୍ରଷ୍ଟ ନାଁରେ ଚାଲିଥିଲା ସେକ୍ସ କାରବାର। ତାହା ପୁଣି ରାଜଧାନୀରେ। ଲିଙ୍ଗରାଜ ଥାନା ଅନ୍ତର୍ଗତ ନାଗେଶ୍ୱର ଟାଙ୍ଗୀସ୍ଥିତ ଏକ ଘରେ ସେକ୍ସ ର୍‍ୟାକେଟ ଚାଲିଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରି ଓ ୨ ଜଣଙ୍କ ଗ୍ରାହକ ସହ ଜଣେ ଯୁବତୀ ଓ ଜଣେ ଦଲାଲଙ୍କୁ ଧରିଛି। ସେମାନେ ହେଲେ ଦଲାଲ ନରେଶ କୁମାର ରାଣା, ୨ ଗ୍ରାହକ ରାଜକିଶୋର ସାହୁ ଓ ସୁଶାନ୍ତ ପ୍ରଧାନ। ସେମାନଙ୍କଠାରୁ ୩ଟି ମୋଟରସାଇକେଲ, ସାଢେ ୭ ହଜାର ଟଙ୍କା, ଗୋଟିଏ ଲାପ୍‌ଟପ୍, ୪ ଡାଏରି ସହ ବହୁ ଆପତ୍ତିଜନକ ଜିନିଷ ଜବତ ହୋଇଛି। ଏନେଇ ଏକ ମାମଲା ନଂ.୮୮/୨୩ ରୁଜୁ କରାଯାଇଥିବା ଥାନାଧିକାରୀ ଶରତ ପାତ୍ର କହିଛନ୍ତି। ଦୀର୍ଘଦିନ ଧରି ସାଇସେବା ଟ୍ରଷ୍ଟ ନାଁରେ ଚାଲିଥିବା ଅଫିସ୍ ଓ ଉକ୍ତ କୋଠାକୁ ପୋଲିସ ସିଲ୍ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ସେକ୍ସ କାରବାର ଘଟଣାରେ ଆଉ କେଉଁମାନଙ୍କ ସଂପୃକ୍ତି ରହିଛି, ଦଲାଲମାନେ କେଉଁସବୁ ସ୍ଥାନରୁ ଯୁବତୀଙ୍କୁ ସେଠାକୁ ଆଣୁଥିଲେ, କେତେ ଟଙ୍କା ଦେଉଥିଲେ ତା'ର ଖୋଳତାଡ ଜାରି ରଖିଛି କମିଶନରେଟ ପୋଲିସ।

ସୂଚନାନୁସାରେ, ଦୁଇ ଦଲାଲ ନାଗେଶ୍ୱର ଟାଙ୍ଗୀରେ ଥିବା ଉକ୍ତ ବିଲ୍ଡିଂକୁ ଭଡ଼ାରେ ନେଇ ସେଠାରେ ସାଇସେବା ଟ୍ରଷ୍ଟ ନାଁରେ ଏକ ଅଫିସ୍ ଖୋଲିଥିଲେ। ପ୍ରତ୍ୟେକ ଦିନ ସେଠାକୁ ଅନେକ ବ୍ୟକ୍ତି ଯିବାଆସିବା କରିବା ସହ ଦାମୀ ଗାଡ଼ି ଲାଗୁଥିଲା। ତେଣୁ କଲୋନୀର କେତେଜଣ ଯୁବକ ସନ୍ଦେହ କରିବା ସହ ଆସୁଥିବା ଯୁବତୀ, ଯୁବକଙ୍କ ଉପରେ ନଜର ରଖିଥିଲେ। ଗୁରୁବାର ଅପରାହ୍ନରେ ରୁମ୍ ଭିତରେ ସେକ୍ସ କାରବାର ଚାଲିଥିବା ଯୁବକମାନେ ଜାଣିବା ପରେ ଲିଙ୍ଗରାଜ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ସେଠାକୁ ଯାଇ ଗ୍ରାହକ ବେଶରେ ପଚରାଉଚରା କରିବା ପରେ ଅତର୍କିତ ଭାବେ ଚଢାଉ କରିଥିଲେ। ଧରାପଡିଥିବା ୨ଯୁବକ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ କାବୁ କରିନେଇଥିଲା। ତେବେ ଉଦ୍ଧାର ଯୁବତୀ ଜଣକ କୋରାପୁଟର ବୋଲି ଜଣାପଡିଛି।

## ଉତ୍କଳ ସାହିତ୍ୟ ସମାଜର ରାଜ୍ୟସ୍ତରୀୟ ପ୍ରତିଯୋଗିତା

**କଟକ ଅଫିସ:** ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ଛାତ୍ରୀଛାତ୍ର ଓ ଲେଖିକା, ଲେଖକ ଭାଗ ନେଇପାରିବେ। ଛାତ୍ରୀଛାତ୍ରମାନେ ସେମାନଙ୍କ ଶିକ୍ଷାନୁଷ୍ଠାନ ବିଭାଗୀୟ ମୁଖ୍ୟଙ୍କ ସୁପାରିସକ୍ରମେ ଆସନ୍ତା ଏପ୍ରିଲ ୧୦ ତାରିଖ ସୁଦ୍ଧା ଲେଖାଗୁଡ଼ିକୁ ଉତ୍କଳ ସାହିତ୍ୟ ସମାଜ ଠିକଣାରେ ପଠାଇବେ। ଆସନ୍ତା ଏପ୍ରିଲ ୯ରେ ଉତ୍କଳ ସାହିତ୍ୟ ସମାଜ ପରିସରରେ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।



ଗୁରୁବାର ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ପ୍ରଭାବ: କଟକ ମିଶନରୋଡ ଅଞ୍ଚଳର ଏକ ପେଟ୍ରୋଲ ପମ୍ପରେ ଗାଡ଼ିରେ ପେଟ୍ରୋଲ ପକାଇବା ପାଇଁ ଲମ୍ୱାଧାଡ଼ି।



ଗନ୍ତବ୍ୟସ୍ଥଳକୁ ଯିବା ପାଇଁ କଟକ ଲିଙ୍କ୍ ରୋଡରେ ଯାତ୍ରୀମାନେ ଅପେକ୍ଷା କରିଛନ୍ତି।



ଟ୍ରେନ୍‌ରେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ କଟକ ରେଳଷ୍ଟେଶନରେ ଲୋକଙ୍କ ଭିଡ଼।



ଆନ୍ଦୋଳନ ଯୋଗୁ ଲିଙ୍କ୍‌ରୋଡ୍ ପାର୍ଶ୍ୱରେ ଅଟକି ରହିଥିବା ବସ୍।

### ଦ୍ୱିତୀୟ ଦିନରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ଯାତାୟାତ ବାଧାପ୍ରାପ୍ତ

**କଟକ ଅଫିସ/ ସାଲେପୁର, ୧୬ା୩ (ଡି.ଏନ୍.ଏ)**

ବିଭିନ୍ନ ଦାବି ନେଇ ଡ୍ରାଇଭରମାନେ ଚଳାଇଥିବା ଷ୍ଟିୟରିଂ ଛାଡ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏଥିପାଇଁ ଜୀବନଯାତ୍ରା ପ୍ରଭାବିତ ହୋଇଥିବାବେଳେ ପରିବା ଦର ମହଙ୍ଗା ହୋଇଛି। ଡ୍ରାଇଭରମାନେ ବିଭିନ୍ନ ସ୍ଥାନରେ ଯାତ୍ରୀବାହୀ ଗାଡ଼ିଗୁଡ଼ିକୁ ଅଟକାଇବା ଫଳରେ ଲୋକମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ହନ୍ତସନ୍ତ ହୋଇଛନ୍ତି। ପ୍ରଥମ ଦିନ ଅପେକ୍ଷା ଅଧିକ ଗାଡ଼ିମୋଟର ଚଳାଚଳ କରିଥିଲେ ବି ଜୀବନଯାତ୍ରା ସ୍ୱାଭାବିକ ନ ଥିଲା। ଫଳରେ ଲୋକମାନେ ଟ୍ରେନରେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଷ୍ଟେଶନରେ ଭିଡ଼ ଜମାଇଥିଲେ। ଅପରପକ୍ଷରେ ଚାଳକମାନେ ବିଭିନ୍ନ ସ୍ଥାନରେ ଧାରଣାରେ ବସି ରହି ସେମାନଙ୍କ ଦାବି ପୂରଣ ପାଇଁ ସରକାରଙ୍କ ଉପରେ ଚାପ ପକାଇଥିଲେ। ଏପଟେ ଘରୋଇ ଯାତ୍ରୀବାହୀ ବସ୍ ମାଲିକ ସଂଘ ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯାଇଛି। ଘରୋଇ ବସ୍‌ଗୁଡ଼ିକ ଚଳାଚଳରେ ଅସୁବିଧା ହେଉଥିବା କାରଣରୁ ସରକାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ନ କଲେ ରାଜ୍ୟରେ ବସ୍ ଚଳାଚଳ ବନ୍ଦ କରିବାକୁ ଚେତାବନୀ ଦିଆଯାଇଥିଲା।

ଅପରପକ୍ଷରେ ଆନ୍ଦୋଳନ ଯୋଗୁ ହଜାର ହଜାର ଟ୍ରକ ରାସ୍ତାରେ ଅଟକି ରହିଛି। ବିଶେଷକରି ପରିବା ବୋଝେଇ ଟ୍ରକ ଓ ତେଲ ଟ୍ୟାଙ୍କର ସ୍ୱାଭାବିକ ଭାବେ ଚଳାଚଳ କରୁନାହିଁ। ଆନ୍ଦୋଳନ ଯୋଗୁ କଟକର କିଛି ପେଟ୍ରୋଲ ପମ୍ପ ବନ୍ଦ ହୋଇଯାଇଥିବାବେଳେ ଆଉ କିଛି ପେଟ୍ରୋଲ ପମ୍ପରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି। ସେହିପରି ପରିବା ଦର ମଧ୍ୟ ବଢିବାରେ ଲାଗିଛି। ପରିବହନ ବାଧାପ୍ରାପ୍ତ ଯୋଗୁ ବ୍ୟବସାୟୀମାନେ ପରିବା ଦର ବଢାଇ ଦେଇଛନ୍ତି। କଟକ ଛତ୍ରବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବାଇଗଣ କେଜି ୩୦ଟଙ୍କାରୁ ବୃଦ୍ଧି ପାଇ ୬୦ଟଙ୍କା ହୋଇଛି। ସେହିପରି ଭେଣ୍ଡି କେଜି ୪୦ରୁ ୫୦ ଟଙ୍କା, ଜହ୍ନି ୪୫ରୁ ୫୦ ଟଙ୍କା, ଟମାଟୋ ୨୦ରୁ ୨୫ ଟଙ୍କା, କାକୁଡି ୩୦ରୁ ୫୦ ଟଙ୍କା ରହିଛି। ସମସ୍ୟାର ସମାଧାନ ନ ହେଲେ ପରିବା ଦର ଆକାଶଛୁଆଁ ହେବା ଆଶଙ୍କା ରହିଛି। ତେବେ ସରକାର ଚାଳକମାନଙ୍କ ଦାବି ଉପରେ ଆଲୋଚନା କରିଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ଦାବି ପୂରଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ସାଲେପୁର ଶାଖା ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ୨ଦିନରେ ପହଞ୍ଚିଛି। ଏହି ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ଖାରଖିଆରେ ୧୦ ଦଫା ଦାବି ନେଇ ଆନ୍ଦୋଳନଜାରି ରଖିଛନ୍ତି। ଏନେଇ ଆନ୍ଦୋଳନକାରୀଙ୍କ ପକ୍ଷରୁ ଗୁରୁବାର ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ସାଲେପୁରର ପୂର୍ବତନ ବିଧାୟକ ତଥା କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ସମର୍ଥନ ଦେବା ସହ ସେମାନଙ୍କ ଦାବିର ଯଥାର୍ଥ ରହିଛି ବୋଲି କହିଥିଲେ। ଡ୍ରାଇଭର ବିନା ରାଜ୍ୟ ଚାଲିବା ଅସମ୍ଭବ। ସେମାନଙ୍କ ଦାବିକୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ। ଅପରପକ୍ଷେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ତୋରାଫ ଖାନ, ଗୌତମ ପୁହାଣ, ସଞ୍ଜୟ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ବଳରାମ ବେହେରା, ପ୍ରତାପ କୁମାର ସେଠୀ, ଉମାକାନ୍ତ ଖୁଣ୍ଟିଆଙ୍କ ସହ ଶାଖାର କର୍ମକର୍ତ୍ତା, ସଦସ୍ୟମାନେ ସାମିଲ ରହିଛନ୍ତି।



କଟକ-ଅନୁଗୋଳ ବସଷ୍ଟାଣ୍ଡ ଶୂନ୍‌ଶାନ୍।

- ବସ୍‌ଷ୍ଟାଣ୍ଡ ଶୂନ୍‌ଶାନ
- ପେଟ୍ରୋଲ ପମ୍ପରେ ଲମ୍ୱା ଧାଡ଼ି
- ପରିବା ଦର ମହଙ୍ଗା

## ସଂକ୍ଷେପରେ

### ବିଜେଡି କଟକ ଜିଲା, ନଗର କମିଟି ପୁନର୍ଗଠିତ

**ଭୁବନେଶ୍ୱର, ୧୬ା୩(ବ୍ୟୁରୋ):** ବିଜେଡି କଟକ ଜିଲା ଓ ନଗର କମିଟି ପୁନର୍ଗଠିତ ହୋଇଛି। କଟକ ଜିଲା ବିଜେଡି କମିଟିରେ ଦେବାଶିଷ ସାମନ୍ତରାୟ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। କମିଟିରେ ୩୪ ଉପସଭାପତି ଓ ୩୦ ସାଧାରଣ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ନରେନ୍ଦ୍ର ବାରିକ କଟକ ଜିଲା କମିଟି କୋଷାଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏହାସହ ୩୭ ଜଣ ସମ୍ପାଦକ ଓ ୮ ଜଣ ଯୁଗ୍ମ ସମ୍ପାଦକଙ୍କୁ ଜିଲା କମିଟିରେ ନିଯୁକ୍ତି ଦିଆଯାଇଛି। ସେହିପରି ବିଜେଡି କଟକ ନଗର କମିଟି ସଭାପତି ଭାବେ ମଧୁସୂଦନ ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଇଞ୍ଜିନିୟର ସୁବ୍ରତ ଘଡ଼ାଇ ଓ ସୂର୍ଯ୍ୟସାରଥି ବେହେରା କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ୧୫ ଜଣ ଉପ ସଭାପତି, ୨ ଜଣ ସାଧାରଣ ସମ୍ପାଦକ, ୩୫ ଜଣ ସମ୍ପାଦକ ନିଯୁକ୍ତ ହୋଇଛି। ଚିରଞ୍ଜୀବ ପ୍ରଧାନ ବିଜେଡି କଟକ ନଗର କମିଟି କୋଷାଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।

### ଡ୍ରାଇଭରଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

**କଟକ ସଦର, ୧୬ା୩(ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ବଉଳକୁଦ ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଶଙ୍କର୍ଷଣ ଦେବତା। ଜଗତପୁର ଥାନା ଅନ୍ତର୍ଗତ ଭୟରପୁର ଗ୍ରାମର ସୁଶାନ୍ତ ଜେନା ଓ ଶଙ୍କର୍ଷଣ ପେଶାରେ କାର ଡ୍ରାଇଭର। ବୁଧବାର ଡ୍ରାଇଭରମାନେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିଥିବାବେଳେ ସୁଶାନ୍ତ ବଉଳକୁଦରେ ପହଞ୍ଚିଥିଲେ। କାର ଷ୍ଟେପିନ କିଣିବା ପାଇଁ ଉଭୟ ଯୋବ୍ରା ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପୁଣି ଘରକୁ ଫେରିବା ପରେ ଅଭିଯୁକ୍ତଙ୍କ ଘର ପାଖରେ ଉଭୟ ମଧ୍ୟରେ ମାରପିଟ୍ ହୋଇଥିଲା। ଏହି ସମୟରେ ସୁଶାନ୍ତଙ୍କ ଛାତିକୁ ବୁଟ୍‌ରେ ମାରିବା ଦ୍ୱାରା ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଶଙ୍କର୍ଷଣ ପୋଲିସ ଆଗରେ ସ୍ୱୀକାର କରିଥିବା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୯୦/୨୩) ରୁଜୁ ହୋଇଛି।




କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

## ଗୁରୁପୂଜନ ଉତ୍ସବ

**ଫୁଲନଖରା, ୧୬ା୩(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଗୁରୁ ପୂଜନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗାୟକ ଚକ୍ରଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲର ପ୍ରଫେସର ଡା. ରବି ନାରାୟଣ ପଣ୍ଡା ଯୋଗଦେଇ ଗୁରୁ-ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ଦେଇଥିଲେ। ଅନ୍ୟ ଅତିଥି ଭାବେ ପାଲାଗାୟକ ସୁଦର୍ଶନ ମହାପାତ୍ର, ଡ. ରାଜକିଶୋର ନାୟକ, ଲକ୍ଷ୍ମଣ ଚରଣ ରାଉତ, ରବିନାରାୟଣ କର, ଗବେଷକ ହଂସନାଥ ସାହୁ, କବି ସୁଦାମା ଚରଣ ଜେନା, ଆଇନଜୀବୀ ପ୍ରତାପ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ପାଲାକାରମାନେ ଗୁରୁ ମଦନ ମୋହନ ଜେନାଙ୍କୁ ପୂଜା କରିଥିଲେ। ସିଦ୍ଧାନ୍ତଦର୍ଶୀ ଫାଉଣ୍ଡେଶନ ସମ୍ପାଦକ ଜ୍ଞାନପ୍ରିୟ କାନୁନ୍‌ଗୋ ଓ ବିପିନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁବଳ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

## ମାର୍ଚ୍ଚ ଶେଷ ସୁଦ୍ଧା ସରିବ ପଙ୍କୋଦ୍ଧାର

**କଟକ ଅଫିସ, ୧୬ା୩**

କଟକ ସହରରେ ଥିବା ଛୋଟବଡ଼ ଡ୍ରେନ୍‌ଗୁଡିକରୁ ଚଳିତମାସ ଶେଷ ସୁଦ୍ଧା ପଙ୍କୋଦ୍ଧାର କାର୍ଯ୍ୟ ସରିବ। ଏଥିପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଟେଣ୍ଡର ମାଧ୍ୟମରେ ତିନୋଟି ଘରୋଇ ସଂସ୍ଥା(ଜାଗୃତି, ମଞ୍ଜୁ ଓ ପ୍ରତ୍ୟୁଷ)କୁ ଦାୟିତ୍ୱ ଦିଆଯାଇଛି। ଏବେ ପଙ୍କୋଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଆସନ୍ତା ସୋମବାର ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏ ସଂକ୍ରାନ୍ତରେ ସମୀକ୍ଷା କରାଯିବା ସହିତ ସମସ୍ତ ପରିମଳ ନିରୀକ୍ଷକ ସେମାନଙ୍କ ୱାର୍ଡରେ କେତେ ପ୍ରତିଶତ ପଙ୍କୋଦ୍ଧାର କାର୍ଯ୍ୟ ସରିଛି ତାହାର ତାଲିକା ଦେବେ। ଟେଣ୍ଡର ନିୟମାନୁସାରେ ଉକ୍ତ ସଂସ୍ଥା ସେମାନଙ୍କୁ ବଣ୍ଟାଯାଇଥିବା ୱାର୍ଡରେ ପଙ୍କୋଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ତେଣୁ ଉକ୍ତ ସଂସ୍ଥା କେତେ ପ୍ରତିଶତ ପଙ୍କୋଦ୍ଧାର କାର୍ଯ୍ୟ କରିଛି, କେଉଁ ୱାର୍ଡରେ ଡ୍ରେନ୍ ଏବଂ କେତେ କିଲୋମିଟର କାର୍ଯ୍ୟ କରିଛି ସେ ସମ୍ପର୍କିତ ତାଲିକା ପରିମଳ ନିରୀକ୍ଷକଙ୍କୁ ପ୍ରଦାନ କରାଯିବ। ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୃକ୍ତ ସଂସ୍ଥା ପଙ୍କୋଦ୍ଧାର କାର୍ଯ୍ୟ ସାରିବାକୁ ଡା. ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ୱାର୍ଡରେ ସମ୍ପୃକ୍ତ ସଂସ୍ଥା ପଙ୍କୋଦ୍ଧାର କରିବ, ସେଠାକାର କର୍ପୋରେଟର ଦସ୍ତଖତ କରିବା ପରେ ହିଁ ଅଧିକାରୀଙ୍କୁ ଦିଆଯିବ ବୋଲି ଜଣାପଡିଛି।

## ସ୍ୱଚ୍ଛ ଶକ୍ତି ଗ୍ରହଣ ଦିଗରେ ସଚେତନତା ଆବଶ୍ୟକ

**କଟକ ଅଫିସ, ୧୬ା୩**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ)ର ଗ୍ରାହକ ଆଇନ କେନ୍ଦ୍ର ପକ୍ଷରୁ ଉପଭୋକ୍ତା ଅଧିକାର ଦିବସ ଅବସରରେ ଏକ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ମାଧ୍ୟମରେ ଗ୍ରାହକଙ୍କୁ ସଶକ୍ତିକରଣ' ବିଷୟବସ୍ତୁ ଉପରେ ଉକ୍ତ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ ଯୋଗଦେଇ ସହର ଓ ଗ୍ରାମୀଣ ଉପଭୋକ୍ତାଙ୍କୁ ସ୍ୱଚ୍ଛ ଶକ୍ତି ଗ୍ରହଣ କରିବା ଦିଗରେ ସଚେତନ କରାଯିବା ଆବଶ୍ୟକ ବୋଲି କହିଥିଲେ। ଏହି ସମ୍ମିଳନୀରେ ଶିଳ୍ପ ବିଶେଷଜ୍ଞମାନେ ଯୋଗଦେଇ ପରିବେଶ ଅନୁକୂଳ ଉତ୍ପାଦ ଏବଂ ସେବାକୁ ପ୍ରୋତ୍ସାହିତ କରିବା ସହିତ ବର୍ଜ୍ୟବସ୍ତୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ରାଜ୍ୟ ଓ ଜିଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗର ବିଶେଷଜ୍ଞ ଓ ସଦସ୍ୟ, ଫେଡେରେଶନ ଅଫ୍ କଞ୍ଜ୍ୟୁମର ଅର୍ଗାନାଇଜେଶନର କର୍ମକର୍ତ୍ତା ଯୋଗଦେଇଥିଲେ। ଅଧ୍ୟାପକ ଡ. ମୟଙ୍କ ତିୱାରୀ ଓ ଡ. ସୁଦତ୍ତ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଦ୍‌ଘାଟନର ୮ ଦିନରେ ଭାଙ୍ଗିପଡ଼ିଲା ଡ୍ରେନ



ଡ୍ରେନରେ ଗଳିପଡ଼ିଥିବା ପାଣିଟାଙ୍କି ଗାଡ଼ି।



ଭାଙ୍ଗିପଡ଼ିଥିବା ଡ୍ରେନ୍।

**ଚୌଦ୍ୱାର/ମଙ୍ଗୁଳି-ଜଗତ୍‌ପୁର (ଡି.ଏନ୍.ଏ.)୧୬ା୩**

- ଖସିପଡ଼ିଲା ପାଣି ଟ୍ୟାଙ୍କର
- ନିମ୍ନମାନର କାର୍ଯ୍ୟ ଅଭିଯୋଗ ଆଣିଲେ ସ୍ଥାନୀୟ ଲୋକେ

ଚୌଦ୍ୱାର ପୌରପାଳିକା ଅଧୀନ ୧୯ନମ୍ବର ୱାର୍ଡ ହାଉସିଂ ବୋର୍ଡ କଲୋନୀରେ ଗତ ୮ଦିନ ତଳେ ଉଦ୍‌ଘାଟିତ ହୋଇଥିବା ଏକ ଡ୍ରେନ୍ ଏବଂ ଏଥିରେ ପକାଯାଇଥିବା ସ୍ଲାବ ଭାଙ୍ଗି ଯାଇଛି। ଫଳରେ ଗୁରୁବାର ସକାଳେ ସେହି ଡ୍ରେନ୍ ଦେଇ ଯାଉଥିବା ଏକ ପାଣି ଟ୍ୟାଙ୍କର ଡ୍ରେନ୍ ମଧ୍ୟକୁ ଖସି ପଡ଼ିଛି। ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଡ୍ରେନ୍‌କୁ ଗତ ୯ତାରିଖରେ ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ଡ୍ରେନ୍ ଓ ସ୍ଲାବ ଭାଙ୍ଗି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ହାଉସିଂ ବୋର୍ଡ କଲୋନୀର ନିର୍ମଳା ବେହେରାଙ୍କ ଘର ସମ୍ମୁଖରେ ନିର୍ମାଣ ହୋଇଥିବା ଡ୍ରେନ୍ ଦେଇ ଗୁରୁବାର ସକାଳ ପ୍ରାୟ ୮ଟାରେ ଏକ ପାଣି ଟାଙ୍କି ଯାଉଥିବାବେଳେ ଏହା ଉପରେ ଥିବା ସ୍ଲାବ୍ ଭାଙ୍ଗିଯିବାରୁ ପାଣି ଟ୍ୟାଙ୍କର ଗଳି ପଡ଼ିଥିଲା। ପରେ ଉକ୍ତ ଟ୍ୟାଙ୍କରରୁ ପାଣି ନିଷ୍କାସନ କରାଯିବା ପରେ ଏହାକୁ ଡ୍ରେନ୍ ମଧ୍ୟରୁ କଢ଼ାଯାଇଥିଲା। ତେବେ ଉକ୍ତ ଡ୍ରେନ୍ ଏବଂ ସ୍ଲାବ ଅତି ନିମ୍ନମାନର କରାଯାଇଥିବାରୁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ ହେଉଛି। ଠିକାଦାର ଆବଶ୍ୟକ ପରିମାଣର ସିମେଣ୍ଟ ଏବଂ ରଡ୍ ବ୍ୟବହାର କରି ନ ଥିବାରୁ ଡ୍ରେନ ଉପରେ ପଡିଥିବା ଅଧିକାଂଶ ସ୍ଲାବରେ ଗୋଡ଼ି ଏବଂ ବାଲି ବାହାରି ରଡ଼ ଦେଖାଯାଉଛି। ଏପରି କି ଡ୍ରେନ୍ ନିର୍ମାଣ ସମୟରେ ସ୍ଥାନୀୟ ଲୋକମାନେ ନିମ୍ନମାନର କାମ ଅଭିଯୋଗ କରି ଏହାର ଭିଡ଼ିଓ ପୌର ନିର୍ବାହୀ ଯନ୍ତ୍ରୀଙ୍କ ମୋବାଇଲକୁ ପଠାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ବାସିନ୍ଦା ଶ୍ରୀଧର ମହାରଣା କହିଛନ୍ତି। ଏପରି କି ସ୍ଲାବର ଆକାର ଠିକ୍ ନ ଥିବାରୁ ଏହା ଉପର ଦେଇ ଚାଲିଲେ ଶବ୍ଦ ହେଉଥିବା ଶ୍ରୀଧର ଅଭିଯୋଗ କରିଛନ୍ତି। ସେହିପରି ରାଜମିସ୍ତ୍ରି ବିଷ୍ଣୁ ବେହେରାଙ୍କ କହିବା ହେଲା ନିୟମ ଅନୁସାରେ ସ୍ଲାବରେ ଆବଶ୍ୟକ ସଂଖ୍ୟାର ରଡ୍ ବନ୍ଧା ଏବଂ କମ୍ ସିମେଣ୍ଟ ବ୍ୟବହାର କରାଯାଇଥିବାରୁ ଏଭଳି ସ୍ଥିତି ଉପୁଜିଲା। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ କାମ ବେଳେ ପୌର କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ରିପୋର୍ଟ ଦେବା ପରେ ପ୍ରକଳ୍ପ ଉଦଘାଟନ କରାଯାଇଥିଲା। ତେବେ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ମୋତେ ଜଣା ନାହିଁ। ଏବେ ମୁଁ ନିଜେ ସେ କାମର ଫାଇଲ ଚେକ୍ କରିବା ସହ ସ୍ଲାବ ଏବଂ ଡ୍ରେନ୍‌ର ସ୍ଥିତି ଅନୁଧ୍ୟାନ କରିବି। ଯଦି କାମଟି ନିମ୍ନମାନର ହୋଇଥାଏ କନିଷ୍ଠ ଯନ୍ତ୍ରୀ ଏହାର ଉତ୍ତରଦାୟୀ ରହିବେ ଏବଂ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାପାତ୍ର କହିଛନ୍ତି।

**ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ମାଲିକଙ୍କୁ ନୋଟିସ୍**

ପୁରୀ ଅଫିସ : ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଛି। ବେଆଇନ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ କମ୍ପ୍ଲେକ୍ସ ତିଆରି ହେବା ଜଣାପଡ଼ିବା ପରେ ମାଲିକଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି, କମ୍ପ୍ଲେକ୍ସ ମାଲିକ ଅଚ୍ୟୁତାନନ୍ଦ ମହାନ୍ତିଙ୍କ ବିରୋଧରେ ନୋଟିସ୍ ଜାରି କରାଯାଇଛି। ୧୫ ତାରିଖରେ ତାଙ୍କ ବିରୋଧରେ ଏନକ୍ରୋଚ୍‌ମେଣ୍ଟ କେସ ରୁଜୁ କରାଯାଇଛି। ତାଙ୍କୁ ୭ଦିନ ସମୟ ଦିଆଯାଇଛି। ୨୩ ତାରିଖରେ ସେ ହାଜର ହୋଇ ପକ୍ଷ ରଖିବେ। ଯଦି ତାଙ୍କ ନିକଟରେ କିଛି ପ୍ରମାଣପତ୍ର ଥାଏ ତାହାକୁ ସେ ଦାଖଲ କରିବେ।

## ସଂକ୍ଷେପରେ

### ନିୟମ ଖିଲାପ, ଖାଦ୍ୟ ଦୋକାନ ସିଲ୍

**ଭୁବନେଶ୍ୱର, ୧୬।୩ (ବ୍ୟୁରୋ) :** ଅପରିଷ୍କାର ଓ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ଓ ପରିବେଷଣ ରୋକିବାକୁ ବିଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରାଯାଉଛି। ଗୁରୁବାର ୱାର୍ଡ ନଂ.୫୦ ଅନ୍ତର୍ଗତ ରାଜଧାନୀ କଲେଜ ନିକଟରେ ଥିବା ଏକ ଖାଦ୍ୟ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ସମ୍ପୃକ୍ତ ବ୍ୟବସାୟୀ ପରିମଳ ନିୟମ ଖିଲାପ କରିଥିବାବେଳେ ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ କରୁଥିଲେ। କମିଶନର ବିଜୟ ଅମୃତା କୁଲାଙ୍ଗେ ନିଜେ ସେଠାରେ ସ୍ଥିତି ଯାଞ୍ଚ କରିବା ପରେ ସମ୍ପୃକ୍ତ ଦୋକାନକୁ ସିଲ୍ କରାଯାଇଥିଲା। ଏଭଳି ଚଢ଼ାଉ ଆଗକୁ ମଧ ଜାରି ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### 'ଯୁବ ସମାଜ ଡିଜିଟାଲ ନିଶାର ଶିକାର ହେଉଛନ୍ତି'

**ରମାଦେବୀ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର**

**ଭୁବନେଶ୍ୱର,୧୬।୩ (ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନଙ୍କର ୩ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପୂଜାରୀ ଯୋଗଦେଇ କହିଥିଲେ, ଏକ ସବୁଜ ବିଶ୍ୱ ନିର୍ମାଣ କରିବା ଆଜି ଆମ ସମୟର ବଡ଼ ଆହ୍ୱାନ। ଆଜିର ଯୁବ ସମାଜ ଡିଜିଟାଲ ନିଶାର ଶିକାର ହେଉଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନେ ନେତୃତ୍ୱକାରୀ ଭୂମିକା ଗ୍ରହଣ କରିପାରିବେ। ସମାଜରେ ଏକ ବଡ଼ ପରିବର୍ତ୍ତନ ଆଣିପାରିବେ। ଏହି ପ୍ରଶିକ୍ଷଣ ଶିବିରରେ ଏକ ପ୍ଲାଷ୍ଟିକ ମୁକ୍ତ ଜୀବନ ପାଇଁ ଆହ୍ୱାନ ସମୟୋପଯୋଗୀ ପଦକ୍ଷେପ। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ଓଡ଼ିଶାରେ ଦୁର୍ଘଟଣାର ଘଣ୍ଟାଏ ଭିତରେ ଡାକ୍ତରଖାନାକୁ ନେବାରେ ବିଳମ୍ବ କରୁଥିବାର ଅନେକ, ବିଶେଷକରି ଯୁବପିଢ଼ି ମୃତ୍ୟୁବରଣ କରୁଛନ୍ତି। ଏହା ତାଙ୍କର ପରିବାର ଓ ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ସେହିପରି ମାନସିକ ସ୍ୱାସ୍ଥ୍ୟ ଆଜି ସମାଜର ପ୍ରତ୍ୟେକ ବର୍ଗ ପାଇଁ ଏକ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ଅନ୍ୟତମ ଅତିଥି ଭାବେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ରେଡ୍‌କ୍ରସର ୭ଟି ମୌଳିକ ନୀତି ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଡ. ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲାବେଳେ ଡ.ରେବତୀକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ। ରାଜ୍ୟ ରେଡ୍‌କ୍ରସ ଶାଖାର ସଚିବ ବିଭୂତି ଭୂଷଣ ପଟ୍ଟନାୟକ, କୁଳସଚିବ ଶ୍ୟାମଳୀ ମହାପାତ୍ର, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ, ଲୋକସମ୍ପର୍କ ଅଧିକାରୀ ଡ. ମାନସ ବେହେରା, ରେଡକ୍ରସ ଅଧିକାରୀ ଡ. ବିମଳା ପାତ୍ର, ଉପକୁଳସଚିବ ଡ. ଦିଲୀପ କୁମାର ବିଶି, ଡ. ନବନୀତ କାଉର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ୩୦ଟି ଜିଲାର ୩୦୦ସ୍ୱେଚ୍ଛାସେବୀ ଶିବିରରେ ଅଂଶଗ୍ରହଣ କରିଥିଲେ। ଡ. କଳ୍ପନା ଦାସ, ଡ. ଫକୀର ସାହୁ ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷିତ କରିବେ।

# ଶିଶୁପାଳଗଡ଼ରେ ବନ୍ଦ ହେଉନି ବେଆଇନ ଖନନ

**ଭୁବନେଶ୍ୱର (ବ୍ୟୁରୋ) /ପୁରୁଣା ଭୁବନେଶ୍ୱର,୧୬।୩ (ଡି.ଏନ.ଏ.)**

**ରାଜ୍ୟ ସରକାରଙ୍କୁ ଟୁଇଟ୍ କଲେ କେନ୍ଦ୍ରମନ୍ତ୍ରୀ**



ଶିଶୁପାଳଗଡ଼ ଇତିହାସର ନିଦର୍ଶନ। ଏହି ଅମୂଲ୍ୟ ଐତିହ୍ୟ ଦିଗରେ ପଦକ୍ଷେପ ଗ୍ରହଣ କରିବା ନିହାତି ଜରୁରୀ। ରାଜ୍ୟ ସରକାର ଶିଶୁପାଳଗଡ଼ରେ ଚାଲିଥିବା ବେଆଇନ ଜବରଦଖଲକୁ ତୁରନ୍ତ ବନ୍ଦ କରନ୍ତୁ। ସଂରକ୍ଷିତ ଶିଶୁପାଳଗଡ଼ରେ ଚାଲିଥିବା ବେଆଇନ ଖନନ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଜଣାଇଛନ୍ତି। ଗତ ଜାନୁୟାରୀ ୧୦ରେ ହାଇକୋର୍ଟ ଶିଶୁପାଳଗଡ଼ରେ ବେଆଇନ ଖନନ ସଂକ୍ରାନ୍ତ ମାମଲାର ରାୟ ପ୍ରକାଶ କରିଥିଲେ। ୬ମାସ ମଧ୍ୟରେ ରାଜ୍ୟ ସରକାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଶେଷକରି ଶିଶୁପାଳଗଡ଼ର ଚିହ୍ନିତ ଅଞ୍ଚଳକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)କୁ ହସ୍ତାନ୍ତର କରିବେ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଓ ସ୍ଥାନୀୟ ତହସିଲଦାର ମିଳିତ ଭାବେ ଘଟଣାସ୍ଥଳ ସର୍ଭେ କରିବେ। ସେହିପରି ଶିଶୁପାଳଗଡ଼ରେ ଥିବା ସମସ୍ତ ସରକାରୀ ଜମିକୁ ଚିହ୍ନଟ କରି ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରିବେ। ଏହି କାମ ୯୦ଦିନ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ ଜମି ଚିହ୍ନଟ ସରିଛି ସତ, କିନ୍ତୁ ଜମି ମାଫିଆ ବେଆଇନ ଭାବେ ଜବରଦଖଲ କରିବା ସହ ଖୋଳିବିଦାରି ଶିଶୁପାଳଗଡ଼କୁ ଧ୍ୱଂସ ତାଡି ଚାଲିଛନ୍ତି। ଶିଶୁପାଳଗଡ଼ର ଚାରିପଟେ ଥିବା ରାମପର୍ଚ୍ଚକୁ ତାଡ଼ି ମାଟି ବୋହି ନେଇ ଯାଉଛନ୍ତି। ପ୍ରାଚୀନ କଳିଙ୍ଗର ରାଜଧାନୀ ଭାବେ ଦିନେ ମୁଣ୍ଡ ଟେକିଥିବା ଶିଶୁପାଳଗଡ଼ ଆଜି ନିଶ୍ଚିହ୍ନ ଦିଗରେ ଛିଡ଼ା ହୋଇଛି। ଏକାମ୍ର ଜନଜାଗରଣ ମଞ୍ଚର ସଭାପତି ଲକ୍ଷ୍ମୀନାରାୟଣ ନାୟର ଏଏସ୍ଆଇକୁ ଚିଠି ଲେଖି ଏହି ବେଆଇନ ଖନନ କାମ ଶୀଘ୍ର ବନ୍ଦ ନ କଲେ ଶିଶୁପାଳଗଡ଼ ନିଶ୍ଚିହ୍ନ ହେବାରୁ କେହି ରୋକିପାରିବେନି ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ଦୋଷୀମାନଙ୍କୁ ଚିହ୍ନଟ କରି ଉଦାହରଣ ଭଳିକ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ୧୦୦ ମିଟର ଦୂରରେ କୌଣସି କାମ ହୋଇପାରିବ ନାହିଁ ଓ ୨୦୦ ମିଟର ଭିତରେ କିଛି ଗୁରୁତ୍ୱପୂର୍ଣ୍ଣ ହେଲେ ଯାଇ ନବୀକରଣ ବା ପୁନଃନିର୍ମାଣ ପାଇଁ ସ୍ଥାନ ଦିଆଯିବ। କିନ୍ତୁ ଏବେ ଖନନ ହେବା ସହ ଶିଶୁପାଳଗଡ଼ର ଆଖପାଖରେ ଘର ମଧ୍ୟ ଗଢ଼ି ଉଠିଲାଣି। ଅନ୍ୟପକ୍ଷେ ଏକାମ୍ରକ୍ଷେତ୍ରର ଶୁକସାରୀ ମନ୍ଦିର ପାଖେ ଖନନ ହେବା ସମୟରେ ଅନେକ ଐତିହାସିକ ଏହାକୁ ବିରୋଧ କରିଥିଲେ। ସେହି ସମୟରେ ରାଜ୍ୟ ସରକାର ୯ଜଣ ବିଶିଷ୍ଟ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିଦ୍‌ଙ୍କୁ ନେଇ ଏକ କମିଟି ଗଠନ କରିଥିଲେ। ଭୁବନେଶ୍ୱରରେ କୌଣସି ଐତିହ୍ୟ ଖନନ ହେଲେ କମିଟି ତାହାକୁ ଚିହ୍ନଟ କରିବ। କିନ୍ତୁ ଶିଶୁପାଳଗଡ଼ରେ ଐତିହ୍ୟ ଜବରଦଖଲ ସହ ବେଆଇନ ଖନନ କରି ଘର ତିଆରି ଚାଲିଥିଲେ ମଧ କମିଟିର ଭୂମିକା କିଛି ଜଣାପଡୁନି। ତେବେ ବର୍ତ୍ତମାନ ଏହି ବେଆଇନ ଖନନକୁ କେମିତି ବନ୍ଦ କରାଯିବ ସେ ନେଇ ବିରାଟ ବଡ଼ ପ୍ରଶ୍ନ ଉଠିଛି।

**ପିସିଆର୍ ଉପସ୍ଥିତିରେ ବି ବେଆଇନ କାମ ଚାଲୁଛି**

ଭୁବନେଶ୍ୱର ସର୍କଲର ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିଦ୍ ଦିବିସଦ ଗଡ଼ନାୟକ କହିଛନ୍ତି, ଲୋକମାନେ ଜାଗ୍ରତ ନୁହନ୍ତି। ଆମ ଐତିହ୍ୟ ପାଇଁ ଆମେମାନେ ସତର୍କ ହେବା କଥା। ଯଦି ସ୍ଥାନୀୟ ଲୋକେ ଏହାର ମୂଲ୍ୟ ବୁଝିପାରୁନାହାନ୍ତି, ତେବେ ଏହାଠାରୁ ବଡ଼ ଦୁଃଖ ଆଉକିଛି ନାହିଁ। ହାଇକୋର୍ଟଙ୍କ ରାୟ ପରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର, ରାଜ୍ୟ ସଂସ୍କୃତି ମନ୍ତ୍ରୀ, ନିର୍ଦ୍ଦେଶକ, ସଚିବ ସମେତ କେନ୍ଦ୍ରକୁ ମଧ ଚିଠି ଲେଖାଯାଇଛି। ସେମାନେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ କହିଛନ୍ତି। ଧଉଳି ଥାନାରେ ମାମଲା ମଧ ରୁଜୁ ହୋଇଛି। ପିସିଆର୍ ଗାଡ଼ି ଉପସ୍ଥିତିରେ ବି ଏହି ବେଆଇନ କାମ ସେମିତି ଚାଲିଛି। କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ମୋତେ ଲଜ୍ଜା ଲାଗୁଛି, ମୁଁ ଓଡ଼ିଶାର ଲୋକ। ଖୁବ୍‌ଶୀଘ୍ର ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଗଲେ ହୁଏତ କିଛି ସମାଧାନର ବାଟ ବାହାରି ପାରିବ ବୋଲି ଆଶା।

# କାନ୍ଥରେ ପୋଷ୍ଟର ମାରିବାରୁ ୧୧ ସଂସ୍ଥା ନାମରେ ମାମଲା




**ଭୁବନେଶ୍ୱର, ୧୬।୩ (ବ୍ୟୁରୋ)**

କାନ୍ଥବାଡ଼ରେ ପୋଷ୍ଟର ମାରିବାରୁ ୧୧ଟି ସଂସ୍ଥା ନାମରେ ମାମଲା ରୁଜୁ କରିଛି ବିଏମ୍‌ସି। ଏଥିସହ ସେମାନଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ନୋଟିସ୍ ମଧ ଜାରି କରାଯାଇଛି। ସହରକୁ ସୁନ୍ଦର କରି ଗଢି ତୋଳିବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରୟାସ କରାଯାଉଛି। ଏଭଳି କାନ୍ଥ, ବାଡ଼, ଇଲେକ୍ଟ୍ରିପୋଲ, ଗଛ ଆଦିରେ ପୋଷ୍ଟର ମାରିବା ଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଛି। ତେଣୁ ଏହାକୁ ଗୁରୁତର ସହ ନିଆଯାଉଛି। ଜନସାଧାରଣଙ୍କୁ ବାରମ୍ବାର ତାଗିଦ୍ କରିବା ପରେ ବି ସେମାନେ ସୁଧୁରୁ ନ ଥିବାରୁ ବିଏମ୍‌ସି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛି।

# ୪.୪୦ଲକ୍ଷ ଟଙ୍କା ଜବତ, ୧୫ ଗିରଫ



**ଜୁଆ ଆଡ୍ଡାରେ ଚଢ଼ାଉ**

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରାରେ ନିକଟସ୍ଥ ଜଙ୍ଗଲରେ ଥିବା ଏକ ଘରେ ବେଆଇନ ଭାବେ ଚାଲିଥିବା ଜୁଆ ଆଡ୍ଡା ଉପରେ କମିଶନରେଟ ପୋଲିସର ୨ଟି ଟିମ୍ ଗୁରୁବାର ଚଢ଼ାଉ କରି ୧୫ ଜୁଆଡିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ପୋଲିସ ନଗଦ ୪ ଲକ୍ଷ ୪୦ ହଜାର ଟଙ୍କା, ୧୯ ମୋବାଇଲ, ୫ ବାଇକ୍, ଗୋଟିଏ କାର୍ ଓ ତାସ ପତା ଆଦି ଜବତ କରିଛି। ଅନ୍ୟପଟେ ଆଉ କେତେଜଣ ଜୁଆଡି ପୋଲିସ ଗାଡି ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି। ସୂଚନାନୁସାରେ, ପାଣ୍ଡରାରେ ଗତ କିଛି ଦିନ ହେବ ସନ୍ଧ୍ୟା ହେଲେ କେତେଜଣ ଯୁବକ ଦାମୀ କାର୍‌ରେ ଆସି ଏକାଠି ହେବା ସହ ଜୁଆ ଖେଳ ଅଞ୍ଚଳରେ ଉତ୍ପାତ କରୁଥିବା ପୋଲିସ ପାଖରେ ଅଭିଯୋଗ ହୋଇଥିଲା। ଏହି ଗ୍ୟାଙ୍ଗକୁ ଧରିବା ପାଇଁ କମିଶନରେଟ ପୋଲିସ ପୂର୍ବରୁ ଅନେକଥର ଯୋଜନା କରି ଫେଲ୍ ମାରିଥିଲା। ଗୁରୁବାର ଅପରାହ୍ନରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ ବିଶେଷ ସୂତ୍ରରୁ ଖବରପାଇ ପାଣ୍ଡରାରେ ଚାଲିଥିବା ଜୁଆ ଆଡ୍ଡାରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଘଟଣାସ୍ଥଳରୁ କେତେଜଣ ଯୁବକ ଖସି ପଳାଇଥିବାବେଳେ ୧୫ଜଣ ଜୁଆଡିଙ୍କୁ ଗୋଡାଇ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ କଟକ, ଭୁବନେଶ୍ୱର, ପୁରୀ ଅଞ୍ଚଳର ବୋଲି ସୂଚନା ମିଳିଛି।

# ଦୃଷ୍ଟିହୀନ ବ୍ୟବସାୟୀଙ୍କ ସମସ୍ୟା ଶୁଣୁନି ବିଏମ୍‌ସି



ବିଏମ୍‌ସି ଆଇସିଓଏମ୍‌ସି ଟାୱାର ସମ୍ମୁଖରେ ଦୃଷ୍ଟିହୀନ ବ୍ୟବସାୟୀମାନେ ଧାରଣାରେ ବସିଛନ୍ତି।

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

- ଥଇଥାନ କରିବାର ପ୍ରତିଶ୍ରୁତିକୁ ୭ମାସ ବିତିବ
- ବିଏମ୍‌ସି ଟାୱାର ଆଗରେ ଧାରଣା

ପ୍ରଥମେ ଉଚ୍ଛେଦ ପରେ ପ୍ରତିଶ୍ରୁତି ଦେଇ ଦିବ୍ୟାଙ୍ଗ ଉଠାଦୋକାନୀଙ୍କ ଥଇଥାନ କଥା ଭୁଲିଯାଇଛି ବିଏମ୍‌ସି। ୩ମାସ ମଧ୍ୟରେ ଦୃଷ୍ଟିହୀନ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବ ବୋଲି ୨୦୨୨ ଅଗଷ୍ଟରେ ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ଇତି ମଧ୍ୟରେ ପ୍ରତିଶ୍ରୁତିକୁ ୭ମାସ ପୂରିବାକୁ ବସିଲାଣି, ଭେଣ୍ଡିଂ ଜୋନ୍ ତ ଦୂରର କଥା ଅସ୍ଥାୟୀ ଭାବେ ଏକ ସୁରକ୍ଷିତ ସ୍ଥାନ ମଧ ସେମାନଙ୍କୁ ଦିଆଯାଇନି। ଯାହାକୁ ନେଇ ବ୍ୟବସାୟୀମାନେ କ୍ଷୋଭ ପ୍ରକାଶ କରିବା ସହ ୧୪ ତାରିଖରୁ ବିଏମ୍‌ସି ଆଇସିଓଏମ୍‌ସି ଟାୱାର ସମ୍ମୁଖରେ ଧାରଣା ଦେଇଛନ୍ତି। ଇତି ମଧ୍ୟରେ ୩ଦିନ ବିତିଯାଇଥିଲେ ବି ଏନେଇ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଅପରପକ୍ଷେ କିଛି ସ୍ଥାୟୀ ସମାଧାନ ନ ହେବା ଯାଏ ଧାରଣାରେ ବସିବୁ ବୋଲି ବ୍ୟବସାୟୀମାନେ ଅଡ଼ି ବସିଛନ୍ତି। ୟୁନିଟ-୨ ସ୍ଥିତ ମାର୍କେଟ ବିଲ୍ଡିଂରେ ୨୦ବର୍ଷରୁ ଦୀର୍ଘ ସମୟ ଧରି ୨୩ଜଣ ଦୃଷ୍ଟିହୀନ ବ୍ୟବସାୟୀ ଉଠାଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ଖେଳନା, ଇୟରବଡ, ନେଲକଟର, ସେଫ୍ଟିପିନ, ଗନ୍ଧକର୍ପୂର ଭଳି ଜିନିଷ ବିକି ସେଥିରୁ ଦି' ପଇସା କମାଉଥିଲେ। ମାତ୍ର ଗତ ଜୁଲାଇ ୩୧ରେ ଉଠାଦୋକାନୀ ଏବଂ ସ୍ଥାୟୀ ଦୋକାନୀଙ୍କ ଗଣ୍ଡଗୋଳ ପରେ ସବୁକିଛି ବଦଳି ଯାଇଥିଲା। ମାର୍କେଟ ଭିତରେ ଉଠାଦୋକାନୀଙ୍କୁ ପୂରାଇ ଦିଆଯିବ ନାହିଁ ବୋଲି ଦାବି କରି ୪ଦିନ ଧରି ମାର୍କେଟକୁ ବନ୍ଦ ରଖାଯାଇଥିଲା। ସ୍ଥାୟୀ ବ୍ୟବସାୟୀଙ୍କ ସପକ୍ଷରେ ନିଷ୍ପତ୍ତି ହେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମାତ୍ର ଏଠାରେ ବ୍ୟବସାୟ କରି ଚଳୁଥିବା ଏହି ୨୩ଜଣ ଦୃଷ୍ଟିହୀନ ବ୍ୟବସାୟୀଙ୍କ ଭାତହାଣ୍ଡି ଉଜୁଡ଼ିଯାଇଛି। ସେବେଠାରୁ ସ୍ଥାୟୀ ଜାଗା ଖଣ୍ଡେ ପାଇବା ପାଇଁ ଏମାନେ ବାରଦୁଆର ବୁଲୁଛନ୍ତି। ଏନେଇ ବ୍ୟବସାୟୀ ବଂଶୀଧର ପ୍ରଧାନ କହିଛନ୍ତି, ଉଚ୍ଛେଦ ହେବା ପରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟିବାରୁ ଆମକୁ ମାର୍କେଟ ବିଲ୍ଡିଂରେ ବ୍ୟବସାୟ କରିବାକୁ ପ୍ରତିଶ୍ରୁତି ଦେବା ସହ ଆମ ପାଇଁ ଆଇକାର୍ଡର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ମାତ୍ର ପରେ ସେଥିରୁ ଓହରି ଯାଇଥିଲେ। ସେହିପରି ନ୍ୟାୟ ପାଇବା ପାଇଁ ଗତ ଅଗଷ୍ଟ ୮ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲୁ। ସେଠାରୁ ପ୍ରତିଶ୍ରୁତି ପାଇ ଫେରିବା ପରେ ବିଏମ୍‌ସି ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡରେ ଡ୍ରେନ୍ କଡରେ ବ୍ୟବସାୟ କରିବାକୁ ଜାଗା ଚିହ୍ନଟ କରାଯାଇଥିଲା। ମାତ୍ର ସେହି ସ୍ଥାନ ୟୁରିନାଲ କଡରେ ହୋଇଥିବାବେଳେ ସେଠାରେ ନିଶାଖୋରଙ୍କ ପ୍ରାଦୁର୍ଭାବ ଦେଖାଦେଉଛି। ଏଭଳି ସ୍ଥିତିରେ ସେଠାରେ ବ୍ୟବସାୟ କରି ହେଉନାହିଁ ବୋଲି ବଂଶୀଧର କହିଛନ୍ତି।

## ୧୫ ଦିନରେ ୧୦,୯୦୮ ଜଣଙ୍କ ଚାଲାଣ କଟିଛି

### ଟ୍ରାଫିକ ନିୟମ ଉଲ୍ଲଂଘନ ନେଇ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ବିନା ହେଲ୍‌ମେଟରେ ଗାଡି ଚଳାଇବା, ଚଳାଇବା ସମୟରେ ମୋବାଇଲରେ କଥା ହେବା, ଗୋଟିଏ ବାଇକ୍‌ରେ ୩ଜଣ ଯାତ୍ରା ଆଦି ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି କ୍ରମରେ ଚଳିତ ମାର୍ଚ୍ଚ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ କରାଯାଇଥିବା ସତନ୍ତ୍ର ଅଭିଯାନରେ ମୋଟ ୧୦,୯୦୮ଜଣ ବ୍ୟକ୍ତିଙ୍କ ବିରୋଧରେ ଜରିମାନା ପାଇଁ ଚାଲାଣ ଜାରି କରାଯାଇଛି। ସେଥିମଧ୍ୟରୁ ବିନା ହେଲମେଟ ନିମନ୍ତେ ମୋଟ ୩୪୫୨ ଜଣ, ୩ ଜଣିଆ ଗାଡି ଚାଳନା ନିମନ୍ତେ ୧୦୩ ଜଣ, ଭୁଲ ଦିଗରେ ଗାଡି ଚାଳନା ନିମନ୍ତେ ୧୯୮ ଜଣ, ଗାଡି ଚଲାଉଥିବା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ୧୨୦ଜଣ, ବେଆଇନି ପାର୍କିଂ ନିମନ୍ତେ ୨୩୩ ଜଣ ଓ ଦ୍ରୁତି ଗତିରେ ଗାଡି ଚାଳନା ନିମନ୍ତେ ୨୫୩୨ଜଣ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜରିମାନା ଆଦାୟ କରାଯାଇଥିଲା ଏବଂ ୨୧୨ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ନିମନ୍ତେ ଆଞ୍ଚଳିକ ପରିବହନ ବିଭାଗକୁ ନିବେଦନ କରାଯାଇଥିଲା ବୋଲି କମିଶନରେଟ ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାସହ ଟ୍ରାଫିକ ନିୟମ ମାନିବାକୁ ଜନସାଧାରଣଙ୍କୁ ପରାମର୍ଶ କରାଯାଇଛି।

# ଓଡ଼ିଶୀ ସଙ୍ଗୀତରେ ଗୁରୁ ସିଂହାରୀ ଶ୍ୟାମସୁନ୍ଦରଙ୍କ ସ୍ମୃତି ସନ୍ଧ୍ୟା




ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ଶ୍ୟାମସୁନ୍ଦର କରଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିଦ୍ୱୟ।

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ଗୁରୁ କେଳୁଚରଣ ମହାପାତ୍ର ଓ ଗବେଷଣା କେନ୍ଦ୍ର ଦ୍ୱାରା ଓଡ଼ିଶୀ ସଙ୍ଗୀତ ଜଗତର ପ୍ରବୀଣ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ଉତ୍କଳ ରଙ୍ଗ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ, ସଙ୍ଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢୀ, ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତ ଗାୟିକା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଶ୍ରୀଜଗନ୍ନାଥ ମର୍ଦ୍ଦଳ ପ୍ରତିଷ୍ଠାନ ଛାତ୍ରୀମାନେ ସମୂହ ଓଡ଼ିଶୀ ମର୍ଦ୍ଦଳ ପରିବେଷଣ କରିଥିଲେ। ଏହି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମଟି ଖୁବ୍ ଚିତ୍ତାକର୍ଷକ ଏବଂ ଦର୍ଶକଙ୍କ ମହଲରେ ଖୁବ୍ ଆଦୃତ ହୋଇଥିଲା। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ରଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ବଳିଆର ସିଂ ସଂଯୋଜନା କରିଥିଲେ।

# ୧୫ ଦିନ ମଧ୍ୟରେ ସମସ୍ତ ଡ୍ରେନ୍ ଯାଞ୍ଚ ହେବ

**ଭୁବନେଶ୍ୱର, ୧୬।୩ (ବ୍ୟୁରୋ)**



ବିଏମ୍‌ସିର ସମନ୍ୱୟ ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ବର୍ଷା ମୁକାବିଲା ପାଇଁ ବିଏମ୍‌ସିର ସମନ୍ୱୟ ବୈଠକ**

ବର୍ଷା ସମୟରେ ଭୁବନେଶ୍ୱରରେ ଜଳବନ୍ଦୀ ସମସ୍ୟା ସତେ ଯେପରି ଏକ ନିତିଦିନିଆ ଘଟଣା। ପ୍ରତିଥର ବର୍ଷା ସମୟରେ ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼େ। ଏଥିରୁ ମୁକ୍ତି ପାଇବା ପାଇଁ ବିଏମ୍‌ସି ସବୁ ପ୍ରକାର ଚେଷ୍ଟା କରୁଥିବା କହୁଥିଲେ ବି ସବୁଥର ଫେଲ୍ ମାରିଛି। ତେବେ ଆଗକୁ ବର୍ଷା ହେବାର ସମ୍ଭାବନା ଥିବାରୁ ଜଳବନ୍ଦୀ ପାଇଁ ପୁଣି ଯେପରି ନିନ୍ଦିତ ହେବାକୁ ନ ପଡିବ ସେଥିପାଇଁ ବିଏମ୍‌ସି ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛି। ଗୁରୁବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ସହରରେ ଥିବା ସମସ୍ତ ଡ୍ରେନ୍‌ର ସ୍ଥିତି ଅନୁଧ୍ୟାନ କରାଯିବ। ଯେଉଁ ସ୍ଥାନରେ ଜଳ ନିଷ୍କାସନ ସମସ୍ୟା ଉପୁଜୁଛି ସେଠାରେ କାମ କରାଯିବ। ସେହିପରି ଖୋଲା ରହିଥିବା ଡ୍ରେନ୍ ଚିହ୍ନଟ କରିବା, ଜଳବନ୍ଦୀ ସମସ୍ୟା ଉପୁଜୁଥିବା ସ୍ଥାନ ଚିହ୍ନଟ କରାଯିବ। ଭୁବନେଶ୍ୱରରେ ବିଏମ୍‌ସି, ପିଡବ୍ଲୁଡି ଏବଂ ଇଡ୍‌କୋର ଡ୍ରେନ୍ ରହିଛି। ତେଣୁ ପ୍ରତ୍ୟେକ ବିଭାଗ ନିଜ ନିଜ ଡ୍ରେନ୍‌ଗୁଡିକର ବ୍ୟକ୍ତିଗତ ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କରିବେ। ସେହିପରି ପ୍ଲାଷ୍ଟିକ ଜିନିଷ ପଡି ଡ୍ରେନ୍‌ଗୁଡିକ ଜାମ୍ ହୋଇ ଯାଉଥିବାରୁ ବଡ଼ ବଡ଼ ଡ୍ରେନ୍‌ଗୁଡିକରେ ଜାଲି ଲଗାଇବା ପାଇଁ ଯୋଜନା କରାଯାଉଛି। ସେହିପରି ବର୍ଷା ସମୟରେ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା ଜଳମଗ୍ନ ହୋଇପଡେ। ଏଥିପାଇଁ ଆଇଆର୍‌ସି ଅଞ୍ଚଳରୁ ଆସୁଥିବା ପାଣିକୁ ଅନ୍ୟ ଆଡକୁ ଡାଇଭର୍ଟ କରିବାକୁ ଯୋଜନା ରଖାଯାଇଛି। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ କାର୍ଯ୍ୟ କରାଯିବ। ଏଥିସହ ପ୍ଲାଷ୍ଟିକ ଡ୍ରେନ୍ ପାଇଁ ସମସ୍ୟା ଆଣୁଥିବାରୁ ପ୍ଲାଷ୍ଟିକ୍ ଏନ୍‌ଫୋର୍ସମେଣ୍ଟକୁ ବଢାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ବୈଠକରେ ବିଏମ୍‌ସିର ବିଭିନ୍ନ ଅଧିକାରୀଙ୍କ ସମେତ ଏନଏଚ୍ଏଆଇ, ଆର୍ ଆଣ୍ଡ ବି, ୱାଟ୍‌କୋ, ପୋଲିସ, ଇଡ୍‌କୋ, ଇରିଗେଶନ, ଡ୍ରେନେଜ୍, ଅଗ୍ନିଶମ, ଫରେଷ୍ଟ, ଟିପିସିଓଡିଏଲ୍ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ୱାର୍କ ଅର୍ଡର ମିଳୁ ନ ଥିବାରୁ କାମ ଆରମ୍ଭ ହେଉନି

**ଭୁବନେଶ୍ୱର, ୧୬।୩ (ବ୍ୟୁରୋ)**



ବିଏମ୍‌ସି ୱାର୍କ୍ସ କମିଟି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ବିଏମ୍‌ସି ୱାର୍କ୍ସ କମିଟି ବୈଠକ**

- କାମ ଖିଲାପକାରୀ କଣ୍ଟ୍ରାକ୍ଟରଙ୍କୁ କଳା ତାଲିକାଭୁକ୍ତ କରିବ କମିଟି
- କ୍ଷେତ୍ର ପରିଦର୍ଶନ କରିବାକୁ କର୍ପୋରେଟରଙ୍କୁ ମେୟରଙ୍କ ତାଗିଦ୍

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ଥିବା ୬୭ଟି ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରତି ୱାର୍ଡକୁ ୧କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ୱାର୍ଡରେ କେଉଁଭଳି ଉନ୍ନୟନମୂଳକ କାର୍ଯ୍ୟ ହେବ, ସେନେଇ ପ୍ରସ୍ତାବ ଦିଆଯାଇଥିବା ବେଳେ ତାହା ପାରିତ ହୋଇଛି। ମାତ୍ର ୱାର୍କ ଅର୍ଡର ମିଳି ନ ଥିବାରୁ କାମ ଆରମ୍ଭ ହୋଇପାରୁନାହିଁ। ଫଳରେ ଅଧିକାଂଶ କାମ ଅଟକି ପଡିଥିବାରୁ ମେୟର ସୁଲୋଚନା ଦାସ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ପାରିତ ହୋଇଥିବା ସମସ୍ତ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୱାର୍କ ଅର୍ଡର ଜାରି ହେବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଯେଉଁ କଣ୍ଟ୍ରାକ୍ଟରମାନେ କାମ ଖରାପ କରୁଛନ୍ତି, ସେନେଇ ସମ୍ପୃକ୍ତ ୱାର୍ଡର କର୍ପୋରେଟର କମିଟିକୁ ଅବଗତ କରାଇବେ। ଏହାଦ୍ୱାରା କମିଟି ତାହା ତଦାରଖ କରି ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କୁ କଳା ତାଲିକାଭୁକ୍ତ କରାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ବିଏମ୍‌ସିର ୱାର୍କ୍ସ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କମିଟି ଚେୟାରମ୍ୟାନ ଅମରେଶ ଜେନା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସେହିପରି କର୍ପୋରେଟରମାନେ ନିଜ ନିଜ ଅଞ୍ଚଳ ବୁଲି ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ମେୟର ତାଗିଦ୍ କରିଥିଲେ। ଅପରପକ୍ଷେ ମହାନଗର ନିଗମର ୬୭ଟି ୱାର୍ଡ ପାଇଁ ଆବଶ୍ୟକ ସଂଖ୍ୟକ ଇଞ୍ଜିନିୟର ନାହାନ୍ତି। ଜଣେ ଇଞ୍ଜିନିୟରଙ୍କ ଦାୟିତ୍ୱରେ ୪/୫ଟି ୱାର୍ଡ ରହିଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବେ ଆଗେଇପାରୁ ନାହିଁ। ତେଣୁ ସମସ୍ତ ୱାର୍ଡରେ ଇଞ୍ଜିନିୟର ନିଯୁକ୍ତ କରିବା ପାଇଁ ସରକାରଙ୍କୁ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଏମ୍‌ସିର ନିଜସ୍ୱ ଗୋଟିଏ ବି ୱାର୍ଡ ଅଫିସ ନାହିଁ। ଯେଉଁ କେତୋଟି ହାତଗଣତି ୱାର୍ଡରେ ୱାର୍ଡ ଅଫିସ ରହିଛି ସେଗୁଡିକ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର କିମ୍ବା କର୍ପୋରେଟରଙ୍କ ନିଜ ପ୍ରଚେଷ୍ଟାରେ ଚାଲିଛି। ତେଣୁ ସମସ୍ତ ୱାର୍ଡରେ ୱାର୍ଡ ଅଫିସ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ତେବେ ୬୭ଟି ୱାର୍ଡ ଅଫିସ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ହୋଇଥିବାବେଳେ ସେଥିରୁ ୩୦ଟି ୱାର୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଛି। ସେହିପରି ଜିଏ ବିଭାଗ ଚିହ୍ନଟ କରିଥିବା ଜାଗା ମଧ୍ୟରୁ ପ୍ରାୟ ୧୪ଟି ୱାର୍ଡରେ ଅଫିସ୍ ପାଇଁ ଚିହ୍ନଟ ହୋଇଥିବା ସ୍ଥାନ ଛୋଟ ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସମସ୍ତ କାର୍ଯ୍ୟ ଆରମ୍ଭ କରିବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କମିଟିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ବେଗୁନିଆ,୧୬।୩(ଡି.ଏନ୍.ଏ.):ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପିତୁକୁଳି ଆଦର୍ଶ ବିଦ୍ୟାଳୟ ନିକଟରେ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ପୁଆଣିଆ ଗ୍ରାମର ଯୁଗଳ ବେହେରା(୬୮)। ପୋଲିସ ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୮ଟା୫୦ରେ ଯୁଗଳ ରାଜପଥ କଡ଼ରେ ଚାଲି ଚାଲି ଯାଉଥିଲେ। କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ବେଗୁନିଆ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଜହ୍ନିକୁଦାରୁ ସାତପଡ଼ା ବ୍ରିଜ୍ ପାଇଁ ଦାବି ତେଜିଲା

କୃଷ୍ଣପ୍ରସାଦ,୧୬।୩(ଡି.ଏନ୍.ଏ.):ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମଣଦେଓ ଗ୍ରାମରେ ଜିଲା ପାଇକ ସମ୍ପାଦକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ପାଇକ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ପାଇକ ସଙ୍ଗଠନ ସଭାପତି ଭୀମସେନ ପ୍ରଧାନ, ମୁଖ୍ୟ ସଞ୍ଚାଳକ ଇଂ. ଶିଶିର କୁମାର ନାୟକ, ସମ୍ପାଦକ ଅମରେନ୍ଦ୍ର ମହାପାତ୍ର, ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂ, ପାଇକ ସଙ୍ଗଠକ ବନ ବିହାରୀ ବେହେରା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଜୟଂସେନ, ଉପସଭାପତି ସୁକାନ୍ତ ବିଶ୍ୱାଳ, ରବୀନ୍ଦ୍ର ନାଥ ସେନାପତି, ପ୍ରଫୁଲ୍ଲ ସାମନ୍ତରାୟ, ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାଇକଗୁରୁ ଦଣ୍ଡପାଣି ଜେନା, ଭୋବନୀ ବିଶ୍ୱାଳ, ଦୋଳ ଗୋବିନ୍ଦ ବିଶ୍ୱାଳ, ରମେଶ ବିଶ୍ୱାଳ, ଗଙ୍ଗାଧର ସୁନ୍ଦରାୟ, ଭଗବାନ ବରାଳ, ଗଜେନ୍ଦ୍ର ପାତ୍ର, ଗୋପ ଜେନା, ପ୍ରଫୁଲ୍ଲ ଜଗଦେବ, ପ୍ରଭାତ ପଳେଇ, ଫକୀର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପାଇକମାନେ ହିଁ ପ୍ରଥମେ ଦେଶ ସ୍ୱାଧୀନ ପାଇଁ ପାଇକ ବିଦ୍ରୋହ କରିଥିଲେ। ଏହା ପରେ ମେଳି ଆରମ୍ଭ ହୋଇଥିବା ଶିଶିର କୁମାର ନାୟକ କହିଥିଲେ। ପାରିକୁଦ ହେଉଛି ବୀରପାଇକଙ୍କ ମାଟି। ସାତପଡ଼ା-ଜହ୍ନିକୁଦା ଚିଲିକାରେ ଏକ ସ୍ଥାୟୀ ବ୍ରିଜ୍ ନିର୍ମାଣ ପାଇଁ ପାଇକମାନେ ଏକଜୁଟ ହୋଇ ରାଜରାସ୍ତାକୁ ଓହ୍ଲାଇବା ସହ ଆମ ନ୍ୟାର୍ଯ୍ୟ ଦାବିକୁ ପୂର୍ଣ୍ଣ କରିବା ବୋଲି ମତପ୍ରକାଶ ପାଇଥିଲା। ପାଇକ ଗୁରୁ ବ୍ରଜ ମୋହନ ବିଶ୍ୱାଳଙ୍କ ଦ୍ୱାଦଶାହ ସ୍ମୃତିଚାରଣ ସଭାରେ ଜିଲା ପାଇକ ମହାସଂଘ, ରାଜ୍ୟ କଳିଙ୍ଗ ପାଇକ ସଙ୍ଗଠନର ନେତୃ ମଣ୍ଡଳୀ ଯୋଗଦେଇଥିଲେ। ପାଇକମାନେ ବିଭିନ୍ନ ପାଇକ ଖେଳ ପ୍ରଦର୍ଶନ କରିଥିଲେ।

### ସହଯୋଗର ହାତ ବଢ଼ାଇଲେ ବିଜେଡି ନେତ୍ରୀ ବାସନ୍ତୀ

ଖୋର୍ଦ୍ଧା ଅଫିସ,୧୬।୩: ଟାଙ୍ଗୀ ଥାନା ଭୂଷଣ୍ଡପୁର ଗ୍ରାମରେ ବାଣ ବିସ୍ଫୋରଣରେ ଦୋଳଗୋବିନ୍ଦ ବେହେରା, ନିରଞ୍ଜନ ବେହେରା, ମହେଶ୍ୱର ବେହେରା, ବ୍ରଜବନ୍ଧୁ ବେହେରା ଏବଂ ସହଦେବ ବେହେରା ମୃତ୍ୟୁ ଘଟିଛି। ଗୁରୁବାର ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାନେତ୍ରୀ ବାସନ୍ତି ମହାପାତ୍ର ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଗୋଧୂଳି ଲଗ୍ନରେ ଭେଟ ହେଲେ ହରିହର

## ସରିଲା ହରିରାଜପୁର ମେଳଣ

ଜଟଣୀ,୧୬।୩(ଡି.ଏନ୍.ଏ.)

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଶେଷ ଦିବସରେ ଗୋଧୂଳି ଲଗ୍ନରେ ହରିହର ଭେଟ ଅନୁଷ୍ଠିତ ହୋଇଯାଇଛି। ମେଳଣ ପଡ଼ିଆରେ ଖୁଣ୍ଟିଲାଗି ହୋଇଥିବା ହରି ଓ ହର ସମସ୍ତ ଠାକୁର ସହ ସ୍ଥାନାଧିପତି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥଙ୍କ ସହିତ ଭେଟ ହୋଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷରେ ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଅରାଗଡ଼ର ଶ୍ରୀ କୁନ୍ତେଶ୍ୱର ଦେବ, କୁସୁମାଟି ଶ୍ରୀ ଗତେଶ୍ୱର ଦେବ, କନ୍ତିଆର ଶ୍ରୀ ବାଲୁଙ୍କେଶ୍ୱର ଦେବ, ଭଁସରର ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଭେଟ ସମୟରେ ସମସ୍ତ ଦୋଳବିମାନଙ୍କୁ ଭକ୍ତମାନେ ଫଗୁ ଅର୍ପଣ କରିବା ସହିତ ଦୋଳ ବିମାନକୁ ଘେରି ନାଚିଥାନ୍ତି। ଏହାପରେ ଅଧରପଣା ସୋମନାଥଙ୍କୁ ସମର୍ପଣ କରାଯାଇ ଦୁଆରି ଭୋଗ ଖାଇ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ହରିହର ଭେଟଟି ଗୋଧୂଳି ଲଗ୍ନ ତଥା ସୂର୍ଯ୍ୟାସ୍ତ ସମୟରେ ଆରମ୍ଭ ହୋଇଥାଏ। ଚଳିତବର୍ଷ ଏହି ହରିହର ଭେଟ ଦେଖିବା ପାଇଁ ୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନେକ ଶ୍ରଦ୍ଧାଳୁ ଏହି ଭେଟ ଦେଖିବା ଓ ଫଗୁ ପକାଇବା ପାଇଁ ମାନସିକ କରିଥାନ୍ତି। ଏହି ଦିଅଁ ମେଳଣରେ ସାମିଲ ହେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ମାନସିକଧାରୀ ଆସିଥିଲେ। ମେଳଣ ଉଦ୍ଯାପନୀ ଉତ୍ସବ ପାଇଁ ଶାନ୍ତିଶୃଙ୍ଖଳା ଦିଗପ୍ରତି ଧ୍ୟାନ ରକ୍ଷା କରିବା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୋଲିସ ଓ ଗୃହରକ୍ଷୀମାନେ ନିୟୋଜିତ ହୋଇଥିଲେ। ସେହିପରି ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ଓ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ନିୟୋଜିତ କରାଯାଇଥିଲା।

ହରିରାଜପୁର ମଳେଣରେ ସବୁଠୁ ଆକର୍ଷଣ ଥିଲା ଓଡ଼ିଆ ଅନୁଷ୍ଠାନ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବ। ଏହି ଶେଷ ସନ୍ଧ୍ୟାରେ ଏମ୍‌ପିଙ୍କ ପ୍ରତିନିଧି ମଳୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ସାମାଜିକ କର୍ମୀ ତଥା ସ୍ଥାନୀୟ ବିଧାୟକଙ୍କ ଧର୍ମପତ୍ନୀ ଜାଗୃତି ପଣ୍ଡା ମହାରଥୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ହରିରାଜପୁର ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ହିରାଲାଲ ଶର୍ମା, ପିପିଲି ଆମ୍ବାର ଅଧ୍ୟକ୍ଷ ପ୍ରକାଶ କୁମାର ଧଳ, ବିଷ୍ଣୁପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ ମାନପତ୍ର ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ଶିଶୁ କଳାକାରଙ୍କୁ ମଞ୍ଚ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମେଳଣ ପଡ଼ିଆରେ ପଞ୍ଚୁଦୋଳ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆତସବାଜି ପ୍ରଦର୍ଶନରେ ଅଂଶଗ୍ରହଣ କରିଥିବା ବୁଣାକାର, କୁଞ୍ଜ କାରିଗର, ଡେକୋରେଟର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିବା ନେଇ କ୍ଲବ ସଦସ୍ୟ ଟୁଲୁ ପ୍ରଧାନ କହିଛନ୍ତି। ଜିତେନ୍ଦ୍ର ଚମ୍ପତି, ପ୍ରକାଶ ଦାଶ, ଲିଟୁ ଚମ୍ପତି, ରଞ୍ଜନ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ହରିରାଜପୁର ମେଳଣରେ ଲୋକଙ୍କ ଗହଳି।

## ଆଜିଠୁ କୁଦିଆରୀ ଦଶଦୋଳ ମେଳଣ

ଜଟଣୀ,୧୬।୩(ଡି.ଏନ୍.ଏ.):

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀରେ ଶୁକ୍ରବାରଠାରୁ ଆରମ୍ଭ ହେବ କୁଦିଆରୀ ଦଶଦୋଳ ମେଳଣ ଉତ୍ସବ। ସମସ୍ତ ନୀତିକାନ୍ତି ପରେ ରାତି ୧୨ଟାରେ ମନ୍ଦିରରୁ ବାହାରିବେ ଶ୍ରୀପତିତପାବନ ଓ ଚନ୍ଦ୍ରଶେଖର ଦେବ। ଘଣ୍ଟଘଣ୍ଟା, ତୁରୀ ଆଲଟ ଚମାର, ପାରମ୍ପରିକ ନୃତ୍ୟ ବାଜାରେ କମ୍ପିବ ମେଳଣ ପଡିଆ। ମା' ଝଡ଼େଶ୍ୱରୀ ଓ ସନ୍ତୋଷୀ ମା' ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ପଡିଆରେ ବଲିଉଡ ନାଇଟର ଆୟୋଜନ କରାଯାଉଥିବା ବେଳେ ଏଥିରେ ସଙ୍ଗୀତ ପରିବେଷଣ କରିବେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁରେଶ ୱାଡେକର ଏବଂ ସାଥି। ସେହିପରି ମୁକୁଳା ଆକାଶ ଯୁବଗୋଷ୍ଠୀ ପକ୍ଷରୁ ମେଳଣ ପଡିଆରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କୁ ନେଇ ମେଲୋଡି ସହିତ ୧୮ ତାରିଖରେ ସଂକୀର୍ତ୍ତନ, ୧୯ରେ ବାବା ଏଜୁକେସନ ସୋସାଇଟି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହିତ ଯାତ୍ରା ପରିବେଷଣ, ୨୦ ତାରିଖ ଗୋଧୂଳି ବେଳାରେ ଠାକୁରଙ୍କ ମେଳଣ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ପାଇଁ ଆୟୋଜକ ମେଳଣ କମିଟି ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।


ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମଣଦେଓ ଗ୍ରାମରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପାଇକବୀର।

## ମଦ ଦୋକାନ ଭାଙ୍ଗିଲେ ମହିଳା

ବାଲୁଗାଁ,୧୬।୩(ଡି.ଏନ୍.ଏ.):

ବାଲୁଗାଁ ଥାନା ଅଧୀନ ସରନଈ ଓଭରବ୍ରିଜ ତଳେ ସଡ଼କ ଦୁର୍ଘଟଣାରେ ନିମିକ୍ଷେତା ଗ୍ରାମର ବିଜୟ ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରନଈ ଗାଁ ମୁହଁରେ ବେଆଇନଭାବେ ମଦ କାରବାର ହେଉଥିବାରୁ ଆଖପାଖ ଗ୍ରାମର ଲୋକେ ମଦ୍ୟପାନ କରି ଦୁର୍ଘଟଣାର ଶିକାର ହେବା ସହ ପରିବାରରେ ଅଶାନ୍ତି ଲାଗି ରହୁଛି। ଗୁରୁବାର ସରନଈ ଓ ନିମିକ୍ଷେତା ଗ୍ରାମର ମହିଳା ଗୋଷ୍ଠୀ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କ ଅଡ୍ଡାସ୍ଥଳୀ ଉପରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ସମ୍ପୃକ୍ତ ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ମହିଳାମାନେ ଭଙ୍ଗାରୁଜା କରିବା ସହ ଦେଶୀ ମଦ ପ୍ୟାକେଟକୁ ନଷ୍ଟ କରିଦେଇଥିଲେ। ମଦ୍ୟପାନ କରି ଦୁଇଜଣ ଯୁବକ ବାଇକରେ ଆସି ବିଜୟଙ୍କୁ ଧକ୍କା ଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମହିଳାମାନେ ଅଭିଯୋଗ ଆଣିଛନ୍ତି।

## ସରିଲା ମାଲୁଦ ପଞ୍ଚଦୋଳ ମେଳଣ




କୃଷ୍ଣପ୍ରସାଦ,୧୬।୩(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦର ଐତିହାସିକ ପଞ୍ଚଦୋଳ ମେଳଣ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳଣରେ ବିଭିନ୍ନ ଗ୍ରାମରୁ ୨୩ବିମାନରେ ଆସିଥିବା ଠାକୁରଙ୍କ ସମାଗମ ହୋଇଥିଲା। ପାଣିରେ ପଶି ଠାକୁରଙ୍କ ମିଳିତ ଆଗମନ ଓ ପ୍ରସ୍ଥାନ ମୁଖ୍ୟ ଆକର୍ଷଣ ରହିଥିଲା। ଏଥିସହିତ ଗ୍ରାମୀଣ ପୁସ୍ତକ ମେଳାରେ ପ୍ରବଳ ଲୋକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ୩ଶହ ବର୍ଷର ଏହି ମେଳଣକୁ ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକ ୨୪ମୌଜା ପରିଚାଳନା କମିଟି ସହାୟତାରେ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ବୈଠକ

ଖୋର୍ଦ୍ଧା ଅଫିସ,୧୬।୩:

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀଙ୍କ ସମେତ ସମସ୍ତ ଜିଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏପ୍ରିଲ ପହିଲାକୁ ଓଡ଼ିଶା ଦିବସ ଭାବେ ପାଳନ କରାଯିବ। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୋର ସାଢେ ୪ଟାରେ ରାମଧୁନ ନଗର ପରିକ୍ରମା କରିବ। ସକାଳ ସାଢେ ୭ଟାରେ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବ। ଏହି ଉପଲକ୍ଷେ ପ୍ରଶାସନ ପକ୍ଷରୁ ସମସ୍ତ ବିଦ୍ୟାଳୟ ଓ କଲେଜ ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ। ସନ୍ଧ୍ୟାରେ ଜୟୀ ରାଜଗୁରୁ ଭବନରେ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମସ୍ତ ସରକାରୀ କାର୍ଯ୍ୟାଳୟକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯିବା ନେଇ ନିଷ୍ପତ୍ତି ହୋଇଛି।


ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

# ମଧ୍ୟରାତ୍ରିରେ ଜମିବ ଜମାଣ ଉତ୍ସବ

ଖୋର୍ଦ୍ଧା ଅଫିସ,୧୬।୩:

**ଠେଙ୍ଗାହାଟ ଦଶ ଦୋଳମେଳଣ**

ଖୋର୍ଦ୍ଧା ଠେଙ୍ଗାହାଟ ଦଶ ଦୋଳମେଳଣ ଉତ୍ସବର ଶୁକ୍ରବାର ମଧ୍ୟରାତ୍ରରେ ଜମିବ ଜମାଣ ଉତ୍ସବ। ଗାଦି ଠାକୁର ଶ୍ରୀସିଦ୍ଧେଶ୍ୱରଙ୍କ ନିମନ୍ତ୍ରଣରେ ୨୧ଠାକୁର ବିମାନରେ ଆସି ମେଳଣ ପଡିଆରେ ବିଜେ କରିବେ। ବିରାଟ ପଟୁଆରରେ ବିମାନରେ ବିଜେ ହୋଇ ଠେଙ୍ଗାହାଟ ଠାରୁ ବାହାରି ଉପରସାହି ବାସେଳି ସାହି, ମଠସାହି, ରାଧାବଲ୍ଲଭ ସାହି, ପୁରୁଣା ଦମକଳ ଛକ, ଟ୍ରାଫିକ ଛକ, ଆଦର୍ଶ ଥାନା ଦେଇ, ସମବାୟ ବ୍ୟାଙ୍କ ଛକ, ମାଛମାର୍କେଟ, ପୌରପରିଷଦ କାର୍ଯ୍ୟାଳୟ ଦେଇ ଠେଙ୍ଗାହାଟ ମେଳଣ ପଡ଼ିଆରେ ଏକତ୍ରିତ ହେବେ। ସେହିପରି ସାଗୁଆନବଗିଚା, ସାମନ୍ତରାପୁର, ସ୍ୱପ୍ନେଶ୍ୱରସାହି ଗୁଡ଼ିକରୁ ମଧ୍ୟ ବିଭିନ୍ନ ଶୋଭାଯାତ୍ରା ସାହି ପରିକ୍ରମା କରି ପଡ଼ିଆକୁ ପ୍ରବେଶ କରିବେ। ଏହି ଉତ୍ସବ ୩ଦିନ ଧରି ଚାଲିବ। ଆସନ୍ତା ୨୦ତାରିଖ ହରିହର ଭେଟ ଓ ଫଗୁ ଖେଳ ପରେ ସମାପନ ହେବ। ଦୁଇ ବର୍ଷ ପରେ ଉତ୍ସବ ଚଳିତବର୍ଷ ଧୁମ୍ ଧାମରେ ପାଳନ କରାଯିବ। ଆତସବାଜିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଶାନ୍ତିଶୃଙ୍ଖଳା ସହ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ବୋଲି କମିଟି ପକ୍ଷରୁ କୁହାଯାଇଛି। ଅନୁଷ୍ଠାନ ପକ୍ଷରୁ ପ୍ରକାଶ କୁମାର ଦାସ, ଲାଲ ମୋହନ ସ୍ୱାଇଁ, ଲଳିତ ମୋହନ ମହାପାତ୍ର, ମନୋଜ କୁମାର ବାରିକ, ସର୍ବେଶ୍ୱର ପ୍ରଧାନ, ପ୍ରତାପ ବେହେରା, କୃଷ୍ଣଚନ୍ଦ୍ର ଭୂଜବଳ, ଲକ୍ଷ୍ମୀଧର ବେହେରା, ଆଶୀର୍ବାଦ ବେହେରା, ପପୁ ବେହେରା, କୁନା ବେହେରା, ଜିତେନ୍ଦ୍ର ସାହୁ, ବିଜୟ ବେହେରା, ଦିଲ୍ଲୀପ ବେହେରା, ବିରେନ୍ଦ୍ର ବେହେରା ପ୍ରମୁଖଙ୍କ ଉପସ୍ଥିତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

# ଏଏପି ପକ୍ଷରୁ ସ୍କୁଲ ବଞ୍ଚାଅ ଅଭିଯାନ

ବେଗୁନିଆ,୧୬।୩(ଡି.ଏନ୍.ଏ.):

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତର ଏକ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଆମ୍ ଆଦମୀ ପାର୍ଟି (ଏଏପି)ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ନିର୍ବାଚନ ମଣ୍ଡଳୀ ଏଏପି ସଭାପତି କଳ୍ପତରୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଶୁଭାଶିଷ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ସାଙ୍ଗଠନିକ ସମ୍ପାଦକ ପ୍ରମୋଦ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦିଲ୍ଲୀର ପୂର୍ବତନ ଶିକ୍ଷାମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ରାଜନୈତିକ ଆକ୍ରୋଶ ରଖି ଗିରଫଦାରୀକୁ ବୈଠକରେ ନିନ୍ଦା କରାଯାଇଥିଲା। ସେହିପରି କିଛିଦିନ ହେବ ବେଗୁନିଆ ବ୍ଲକ ଅଞ୍ଚଳରେ ଭୁଶୁଡ଼ି ପଡ଼ିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା। ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଓ ଶୈକ୍ଷିକ ବାତାବରଣର ଅଭାବ ପରିଲକ୍ଷିତ ହୋଇଛି। ଏହାକୁ ସୁଧାରିବା ପାଇଁ ବାରମ୍ବାର ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନି। ତେବେ ପିଲାଙ୍କ ଭବିଷ୍ୟତ ପାଇଁ ସ୍କୁଲ ବଞ୍ଚାଅ ଅଭିଯାନ ଆରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଅଭିଭାବକ ଓ ଦଳୀୟ କର୍ମକର୍ତ୍ତା ସାମିଲ ହୋଇ ସଚେତନ ହେବା ସହ ଅଭିଯାନକୁ ସଫଳ କରିବାକୁ ସଭାପତି ପଣ୍ଡା ନିବେଦନ କରିଥିଲେ। ଶଙ୍କର ପଣ୍ଡା, କବିରାଜ ଗୋଛି, ବିଜୟ ବଳିୟାରସିଂହ, ଆଶିଷ ପାଇକରାୟଙ୍କ ସମେତ ୧୧ ପଞ୍ଚାୟତର ବହୁ ଦଳୀୟ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଏଏପି କର୍ମକର୍ତ୍ତା।

# ଭ୍ରାମ୍ୟମାଣ ଆଧାର ସେବା ଶୁଭାରମ୍ଭ

## ୨୦୧୫ ପୂର୍ବର କାର୍ଡ ହେବ ସଂଶୋଧନ

ଖୋର୍ଦ୍ଧା ଅଫିସ,୧୬।୩ :

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଭ୍ରାମ୍ୟମାଣ ଆଧାର ସେବା ଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଜିଲାପାଳ କାର୍ଯ୍ୟାଳୟ ପରିସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆଧାର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜଣେ ମଣିଷର ପରିଚୟ। ଏଥିରେ ବ୍ୟକ୍ତିଗତ ତଥ୍ୟ ଯଥା ନାମ, ଜନ୍ମତାରିଖ, ଲିଙ୍ଗ, ଠିକଣା ଏବଂ ଯୋଗାଯୋଗ ନମ୍ବର ଉଚିତ୍ ସମୟରେ ଅପଡେଟ କରିବା ଜରୁରୀ। ସବୁକ୍ଷେତ୍ରରେ ଆଧାରକାର୍ଡର ଆବଶ୍ୟକ ରହିଛି। ସରକାରୀ ସୁବିଧା ପାଇଁ ସରକାର ଏହାକୁ ବାଧ୍ୟତାମୂଳକ କରିଛନ୍ତି। ଯେଉଁମାନେ ୨୦୧୫ ପୂର୍ବରୁ ଆଧାର ପଞ୍ଜୀକରଣ କରିଥିବେ, ସେମାନଙ୍କ ଆଧାର ଭେରିଫାଇ ଓ ଡକ୍ୟୁମେଣ୍ଟ ଅପଡେଟ୍ ନିହାତି ଆବଶ୍ୟକ। ନଚେତ୍ ଆଧାର ଇନ୍‌ଭ୍ୟାଲିଡ କିମ୍ବା କୌଣସି କାର୍ଯ୍ୟରେ ବ୍ୟବହାର ହୋଇପାରିବ ନାହିଁ। ଆଧାର ଗାଡି ନିକଟକୁ ଆସି ନିଜର ୧୦ବର୍ଷ ପୁରୁଣା ଆଧାର କାର୍ଡ ଅପଡେଟ ଲାଗି ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ଭ୍ରାମ୍ୟମାଣ ଆଧାର ସେବା ଗାଡି ସମସ୍ତ ବ୍ଲକ ଓ ପଞ୍ଚାୟତ ସ୍ତରରେ ପହଞ୍ଚିବ। ଲୋକେ ଏହାର ସୁବିଧା ନେବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।



ଭ୍ରାମ୍ୟମାଣ ଆଧାର ସେବା ଶୁଭାରମ୍ଭ ଅବସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଦମ୍ପତିଙ୍କଠାରୁ ସୁନାଚେନ ଲୁଟ୍ ଘଟଣା
### ଜେଲଗଲେ ଅଭିଯୁକ୍ତ

ନିଶ୍ଚିନ୍ତକୋଇଲି,୧୬।୩(ସ୍ୱ.ପ୍ର.)
କଟକ-ଚାନ୍ଦବାଲି ରାସ୍ତାରେ ଏକ ଦମ୍ପତିଙ୍କଠାରୁ ସୁନା ଚେନ ଲୁଟ୍ ଘଟଣାରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। ସେ ହେଲେ ଯାଜପୁର ଅଞ୍ଚଳର ଶଶୀକାନ୍ତ ଜେନା। ଏନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ସାଲେପୁର ଏସ୍‌ଡିପିଓ ବିମଳ ପ୍ରସାଦ ବାରିକ। ତାଙ୍କଠାରୁ ପୋଲିସ ୩ଟି ସୁନା ଚେନ୍, ଖେଳଣା ବନ୍ଧୁକ, ଛୁରି ଓ ବେନାମୀ ନମ୍ବର ପ୍ଲେଟ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୦୮/୨୩)ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ କଟକ-ଚାନ୍ଦବାଲି ରାସ୍ତାରେ ଏକ ଦମ୍ପତିଙ୍କଠାରୁ ସୁନା ଚେନ ଲୁଟି ୨ ଅଭିଯୁକ୍ତ ବାଇକରେ ଚମ୍ପଟ ମାରିଥିଲେ। ସ୍ଥାନୀୟ କଲେଜ ଛକ ନିକଟରେ ଗାଡ଼ିରୁ ତେଲ ସରିଯିବାରୁ ପେଟ୍ରୋଲ ଟାଙ୍କିକୁ ତେଲ ପକାଇବାକୁ ଯାଇଥିଲେ। ସେମାନଙ୍କୁ ପିଛା କରି ଆସୁଥିବା ଲୋକେ ଉଭୟଙ୍କୁ ଧରି ନିସ୍ତୁକ ପିଟିଥିଲେ। ଏହି ସମୟରେ ଜଣେ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଶଶୀକାନ୍ତଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଥିଲେ।

### ଧାର୍ମିକ ସ୍ଥଳୀରେ ଖର୍ଚ୍ଚ ହୋଇଛି ଏମ୍‌ପି ପାଣ୍ଠି

କଟକ ସଦର,୧୬।୩(ଡି.ଏନ୍.ଏ.)- ୨୦୦୦-୨୨ ମାର୍ଚ୍ଚ ସୁଦ୍ଧା କଟକ ସଦର ବ୍ଲକ ପ୍ରଶାସନ ଜରିଆରେ ସାଢ଼େ ୩ କୋଟି ଟଙ୍କା ବିଭିନ୍ନ ଧାର୍ମିକ ସ୍ଥଳରେ ଖର୍ଚ୍ଚ କରାଯାଇଛି। ଏ ସମ୍ପର୍କରେ ଗୁରୁବାର ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ କଟକ ଜିଲା ଯୋଜନା ଓ ସଂଯୋଜନା ବିଭାଗ ରିପୋର୍ଟ ଦାଖଲ କରିଛି। ଜଣେ ଲୋକ ସଭା ଓ ୫ ଜଣ ରାଜ୍ୟ ସଭା ସଦସ୍ୟ କଟକ ସଦର, କଟକ ମହାନଗର ନିଗମ ଅଞ୍ଚଳର ବିଭିନ୍ନ ଧାର୍ମିକ ସ୍ଥଳରେ ଏହି ଅର୍ଥ ଖର୍ଚ୍ଚ କରିବା ପାଇଁ ବିଭିନ୍ନ ସମୟରେ ସୁପାରିସ କରିଛନ୍ତି। ୧୯୯୭ରେ ସୁପ୍ରିମକୋର୍ଟ ଧାର୍ମିକ ସ୍ଥଳୀରେ ଏମ୍‌ପି ପାଣ୍ଠି ଖର୍ଚ୍ଚ ଉପରେ ଅଙ୍କୁଶ ଲଗାଇବା ପରେ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ୍ ଜାରି କରିଥିଲେ। ଏହି ଅର୍ଥ କେବଳ ପାନୀୟଜଳ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର ମଙ୍ଗଳ ଓ ରାସ୍ତା ଆଲୋକୀକରଣ ବାବଦରେ ଖର୍ଚ୍ଚ କରାଯାଇପାରିବ। ହେଲେ ଏଠାରେ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରାଯାଇ ଉକ୍ତ ଅର୍ଥ ବିଭିନ୍ନ ଧାର୍ମିକ ସ୍ଥଳୀରେ ଖର୍ଚ୍ଚ କରାଯାଇଥିବା କଟକ ଜିଲା ଯୋଜନା ଓ ସଂଯୋଜନା ବିଭାଗର ଜନ ସୂଚନା ଅଧିକାରୀ ପତ୍ରସଂଖ୍ୟା ୭୩୬/୧୦।୩।୨୦୨୩ରେ ସୂଚନା ଆୟୁକ୍ତଙ୍କର କୋର୍ଟରେ ଦାଖଲ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏପରି କି ବେଆଇନ ଭାବେ କଟକ ସଦର ଓ ସହର ମଧ୍ୟରେ ଥିବା ସୁରକ୍ଷିତ ପ୍ରାଚୀନ କୀର୍ତ୍ତି ସ୍ଥଳୀରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ବିନା ଅନୁମତିରେ ଏହି ଅର୍ଥ ବେଆଇନ ଭାବେ ଖର୍ଚ୍ଚ କରାଯାଇଥିବା ଉକ୍ତ ରିପୋର୍ଟରୁ ଜଣାପଡିଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ଗୟଳବାଙ୍କ-ଭଗୀପୁର ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ବାଙ୍କୀ,୧୬।୩(ସ୍ୱ.ପ୍ର.)
କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କ ଗ୍ରାମରେ ପଞ୍ଚଦୋଳ ମେଳଣ ଯାତ୍ରା ସମୟରେ ଘଟିଛି ଗୋଷ୍ଠୀ ସଂଘର୍ଷ। ନିକଟସ୍ଥ ଭଗୀପୁର ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ପରସ୍ପର ଉପରକୁ ଟେକାପଥର, କାଚ ବୋତଲ ମାଡ଼ କରିଛନ୍ତି। ଏପରି କି ଘଟଣାର ଆପୋସ ସମାଧାନ କରିବାକୁ ଯାଇଥିବା ପୋଲିସ ଆକ୍ରମଣର ଶିକାର ହୋଇଛି। ଏଥିରେ ଜଣେ ପୋଲିସ ଏଏସ୍‌ଆଇ ଆହତ ହୋଇଥିବାବେଳେ ଏକାଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ବାଙ୍କୀ ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ବାଙ୍କୀ ଥାନା ଅଧିକାରୀ ସୌମେନ୍ଦ୍ର ତ୍ରିପାଠୀ, କଇଁମୁଣ୍ଡି ଫାଣ୍ଡି ଅଧିକାରୀ ପ୍ରମୁଖ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣା ସ୍ଥଳରେ ୨ ପ୍ଲାଟୁନ ପୋଲିସ ମୁତୟନ କରାଯିବା ସହ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ ଗୟଳବାଙ୍କ ଗ୍ରାମରେ ଦୋଳ ମେଳଣ ଯାତ୍ରା ପାଇଁ ବୁଧବାର ରାତିରେ ଅପେରା ହେଉଥିଲା। ଏହାକୁ ଦେଖିବାକୁ ନିକଟସ୍ଥ ଭଗୀପୁର ଗ୍ରାମର କେତେଜଣ ଯୁବକ ଯାଇଥିଲେ। ଏହି ସମୟରେ ଯାତ୍ରା ପେଣ୍ଡାଲ ଆଗରେ ବସିବାକୁ ନେଇ ଉଭୟ ଗ୍ରାମର ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ, ଠେଲାପେଲା ଏବଂ ମାରପିଟ ହୋଇଥିଲା। ପରେ ଲୋକମାନେ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଗୁରୁବାର ସକାଳେ ଗୟଳବାଙ୍କ ଗ୍ରାମର କେତେଜଣ ଲୋକ ଭଗୀପୁର ଦେଇ ଯାଉଥିବାବେଳେ ସେଠାରେ ଭଗିପୁର ଗ୍ରାମର ଯୁବକମାନେ ସେମାନଙ୍କୁ ଅଟକାଇବା ସହ ଆକ୍ରମଣ କରିଥିଲେ। ଏହା ଜଣାପଡ଼ିବା ପରେ ଉଭୟ ଗ୍ରାମ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। କଟକ-ବାଙ୍କୀ ମୁଖ୍ୟ ରାସ୍ତା ଏକ ପ୍ରକାର ରଣକ୍ଷେତ୍ର ପାଲଟି ଯାଇଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଟେକାପଥର, ଢେଲା ଓ କାଚ ବୋତଲ ମାଡ଼ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଖବରପାଇ ବାଙ୍କୀ ପୋଲିସ ଘଟଣାସ୍ଥଳକୁ ଯାଇ ଉଭୟ ଗାଁ ମଧ୍ୟରେ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଉଭୟ ଗାଁର ଲୋକେ ପୁନର୍ବାର ପରସ୍ପରକୁ ଟେକାପଥର ମାଡ଼ କରିବାରୁ ବାଙ୍କୀ ପୋଲିସ ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ସମେତ କେତେଜଣ ପୋଲିସ କର୍ମଚାରୀ ଓ ଗ୍ରାମବାସୀ ଆହତ ହୋଇଥିଲେ। ଏଏସ୍‌ଆଙ୍କ ଛାତି ଏବଂ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡ଼ିଛି।


ଗୋଷ୍ଠୀ ସଂଘର୍ଷବେଳେ ଆହତ ପୋଲିସ ଅଧିକାରୀ।

**ଦୋଳ ମେଳଣର ଅପେରାକୁ କେନ୍ଦ୍ରକରି ବିବାଦ**
- ପରସ୍ପରକୁ ଟେକାପଥର, କାଚ ବୋତଲ ମାଡ଼
- ବୁଝାମଣା କରିବାକୁ ଯାଇ ପୋଲିସ ଆହତ
- ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

# ବେକାର ଯୁବତୀ, ଯୁବକଙ୍କ ପାଇଁ ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର

ବାଙ୍କୀ,୧୬।୩(ସ୍ୱ.ପ୍ର.)
ଗୁରୁବାର ବାଙ୍କୀ ଡମପଡ଼ା ବ୍ଲକରେ ବେକାର ଯୁବତୀଯୁବକଙ୍କ ପାଇଁ ଏକ ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଭୁବନେଶ୍ୱର ଆନୁକୂଲ୍ୟରେ ଜିଲା ନିୟୋଜନ ଅଧିକାରୀ ଓ କଟକ ପ୍ରଶାସନଙ୍କ ମିଳିତ ସହଯୋଗରେ ଏହି ଶିବିର ଆୟୋଜନ ହୋଇଥିଲା। ଏଥିରେ ଜିଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ଦାଶ, ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ୟାମଳ କୁମାର ରାୟ, ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମି ସାହୁ ଓ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ବେଉରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଳିକାମାନେ କିପରି ବୈଷୟିକ ଶିକ୍ଷାକ୍ଷେତ୍ରରେ ଅଧିକ ଶିକ୍ଷାଲାଭ କରିବେ ତାହା ଉପରେ ଆଲୋଚନା ହୋଇଥିଲା। ଏଥିସହ ତାଲିମ ଗ୍ରହଣ କରି କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ କହିଥିଲେ। ଏଥିରେ ୧୮ରୁ ୩୫ ବର୍ଷ ମଧ୍ୟରେ ଯୁବତୀଯୁବକମାନେ ତାଲିମ ନେଇପାରିବେ । ଉକ୍ତ ତାଲିମ ଶିବିର ଭୁବନାନନ୍ଦ ସ୍କୁଲ ଅଫ୍ ଇଂଜିନିୟରିଙ୍ଗ କଲେଜ କଟକ , ମଧୁସୂଦନ ଆଇ.ଟି.ଆଇ ଚୌଦ୍ୱାରା, ଟେକ୍ସଟାଇଲ ଇନଷ୍ଟିଚ୍ୟୁଟ୍ ଚୌଦ୍ୱାର, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ କଟକ ଓ ଦକ୍ଷତା ବିକାଶ ପ୍ରାଧିକରଣ ସହ ସହବନ୍ଧିତ ହୋଇଥିବା ୫ଟି ବେସରକାରୀ ତାଲିମ ଅନୁଷ୍ଠାନର ଅଧିକାରୀମାନେ ଉପସ୍ଥିତ ଥିଲେ। ଗୁରୁବାର ଏହି ଶିବିରରେ ୮୯ଜଣ ଯୁବତୀଯୁବକ ଯୋଗଦେଇଥିଲେ।


ଶିବିରରେ ଯୋଗଦେଇଥିବା ଅତିଥିମାନେ ।

# ଅଞ୍ଚଳବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଉ
## ସିଡିଏ ଅଧ୍ୟକ୍ଷଙ୍କୁ ଦାବିପତ୍ର


ଆବାସିକ ସଂଘର ସଦସ୍ୟମାନେ ସିଡିଏ ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

କଟକ ଅଫିସ, ୧୬।୩:
ସିଡିଏ ସେକ୍ଟର-୧୩ ଅଞ୍ଚଳରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳର ଆବାସିକ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ସଂଘ ପକ୍ଷରୁ ସିଡିଏ ଅଧ୍ୟକ୍ଷଙ୍କୁ ଗୁରୁବାର ଦିଆଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ସେକ୍ଟର-୧୩ ଅଞ୍ଚଳରେ ୪ ବର୍ଷ ହେବ ଅଞ୍ଚଳବାସୀ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହିଛନ୍ତି। ଏହାଦ୍ୱାରା ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେକ୍ଟର-୧୩ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ, ସ୍ୱେରେଜ୍ ଲାଇନ୍ ଓ ସ୍ୱେରେଜ୍ ପମ୍ପହାଉସ, ଡ୍ରେନେଜ୍ ଲାଇନ୍ ଚାମ୍ବର ଉପର କଭର, ନୂତନ ଲାଇନ, ଅନ୍ୟ ସେକ୍ଟରକୁ ସଂଯୋଗ ରାସ୍ତା, ଜଙ୍ଗଲ ସଫା କରିବାକୁ ଦାବି କରାଯାଇଛି। ସଂଘ ସମ୍ପାଦକ ସୋମା ରଞ୍ଜନ ପଟ୍ଟନାୟକ, ସତ୍ୟବ୍ରତ ଦାଶ, ଅକ୍ଷୟ କୁମାର ସ୍ୱାଇଁ ଓ ଚନ୍ଦ୍ରଶେଖର ଶତପଥୀ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ସଂଘ ପକ୍ଷରୁ ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ଏକ ଦାବିପତ୍ର ଦିଆଯାଇଛି। ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର, ସିମେଣ୍ଟ ପୋଲ, କେବୁଲ ସଂଯୋଗ ଆଦି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

- ବସ୍‌ଷ୍ଟାଣ୍ଡ ଶୂନ୍‌ଶାନ
- ପେଟ୍ରୋଲ ପମ୍ପରେ ଲମ୍ବା ଧାଡି

### ବିଜେଡି ମହିଳା ସମାବେଶ ପାଇଁ ପ୍ରସ୍ତୁତି

ଆଠଗଡ଼,୧୬।୩ (ସ୍ୱ.ପ୍ର.)
ଆଠଗଡ଼ ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ସମାବେଶ ଓ ଆଲୋଚନାଚକ୍ର ଶୁକ୍ରବାର ଅପରାହ୍ନ ୩ଟାରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ମହିଳା ସଶକ୍ତୀକରଣ, ଲିଙ୍ଗଗତ ସମତା, ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଅବଦାନ ତଥା ସାମ୍ପ୍ରତିକ ସାମାଜିକ-ରାଜନୈତିକ ପରିପ୍ରେକ୍ଷୀରେ ମହିଳାଙ୍କ ଭୂମିକା ଆଦି ବିଷୟରେ ଆଲୋଚନା ହେବ। ନ୍ୟାଶନାଲ ଫେଡେରେଶନ ଅଫ ଇଣ୍ଡିଆନ ଓମେନର କାର୍ଯ୍ୟକର୍ତ୍ତା ଡ. ଅମୃତା ପାଠକ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁଭଦ୍ରା ଦାସ, ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଇନଜୀବୀ ସୁଜାତା ଦାଶ, ଅଡଶପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ବରିଷ୍ଠ ପ୍ରଧାପିକା ଚିରଶ୍ରୀ ଇନ୍ଦ୍ରଶ୍ରୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ନାରୀ ସଶକ୍ତୀକରଣ ତଥା ସମାଜସେବା କ୍ଷେତ୍ରରେ ଅବଦାନ ଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏନେଇ ଗୁରୁବାର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଆଠଗଡ଼ ଓ ଟିଗିରିଆ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ବେହେରା,ରୂପା ଦଳେଇ,କଟକ ଜିଲା ବିଜେଡ଼ି ସମ୍ପାଦିକା ମଧୁସ୍ମିତା ସେଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

# ଅଳଙ୍କାର ହଲ୍‌ମାର୍କିଂ ଉପରେ ସଚେତନତା

କଟକ,୧୬।୩:
ରାଜ୍ୟର ପ୍ରମୁଖ ହୀରା ପ୍ରତିଷ୍ଠାନ ଅଗ୍ରୱାଲ ଡାଇମଣ୍ଡ ଜୁଏଲର୍ସ ଏବଂ ଆମେରିକା ଜେମୋଲୋଜିକାଲ ଇନ୍‌ଷ୍ଟିଚ୍ୟୁଟ (ବିଶ୍ୱର ସର୍ବବୃହତ୍ ହୀରା ସାର୍ଟିଫିକେଟ ଏଜେନ୍ସି)ର ମିଳିତ ସହାୟତାରେ ସ୍ଥାନୀୟ କ୍ୟାଣ୍ଟେନମେଣ୍ଟଠାରେ ହୀରା ହଲ୍‌ମାର୍କିଂ ଉପରେ ଏକ ଜନସଚେତନତା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କ୍ୟାଣ୍ଟେନମେଣ୍ଟ ରୋଡ୍‌ସ୍ଥିତ ଚାଇ ବ୍ରେକ୍‌ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ସାମାଜିକ ଜନସଚେତନତା କରାଯାଇଥିଲା। ଏପରିକି ଅଳଙ୍କାର ବ୍ୟବସାୟରେ ଖୁଚୁରା ବ୍ୟବସାୟୀ ଏବଂ ଗ୍ରାହକଙ୍କୁ ସୁନାଗହଣାର ହଲ୍‌ମାର୍କିଂ ପ୍ରଣାଳୀ ଏବଂ ହୀରାର ଗୁଣ ୪-ସି, ହୀରା ଉପରେ ଜ୍ଞାନ ଓ କ୍ରୟ ପୂର୍ବରୁ ଏହାକୁ ଠିକ୍ ଭାବେ ଯାଞ୍ଚ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଶିକ୍ଷା ଦେବା ଭଳି ବିଷୟ ଉପରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ ଅଗ୍ରୱାଲ ଡାଇମଣ୍ଡ ଜୁଏଲର୍ସର ମାଲିକ ଗୌରବ ଅଗ୍ରୱାଲ ଏବଂ ଆମେରିକା ଜେମୋଲୋଜିକାଲ ଇନ୍‌ଷ୍ଟିଚ୍ୟୁଟର ପ୍ରଶିକ୍ଷକ ଆକାଶ ମିତ୍ର ହଲ୍ ମାର୍କିଂ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଅଗ୍ରୱାଲ, ଅନ୍‌ମୋଲ କୁମାର, ହେମଲତା , ପ୍ରୀତି, ଶାଳିନୀ , ଆୟୁଷ ପାଟନୀଙ୍କ ସମେତ ୬୦ରୁ ଅଧିକ ଏଣ୍ଟରପ୍ରାଇଜର ଏବଂ ଗ୍ରାହକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅଗ୍ରୱାଲ ଡାଇମଣ୍ଡ ଜୁଏଲର୍ସର ମାଲିକ ଗୌରବ ଅଗ୍ରୱାଲ ଓ ଅନ୍ୟମାନେ ।

### ୧୮ରେ ସାରଳା ସାହିତ୍ୟ ସଂସଦର ବସନ୍ତ ଉତ୍ସବ

କଟକ ଅଫିସ, ୧୬।୩: ସାରଳା ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ ଉତ୍ସବ ଓ କବିତା ପାଠ କଟକ ସାରଳା ଭବନରେ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ୫ ଜଣ ପ୍ରତିଭାଧାରୀ ପ୍ରଫେସର ରଘୁନାଥ ମେହେର, ଯାଜ୍ଞସେନୀ ସାହା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, କୈଳାସ ଚନ୍ଦ୍ର ସ୍ୱାଇଁ ଓ ଶିକ୍ଷାବିତ୍ ଡ. ବନ୍ଦିତା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିରେ ଜଷ୍ଟିସ ଏ.ଏସ୍. ନାଇଡୁ ଉଦ୍‌ଘାଟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ କଥାଶିଳ୍ପୀ ପ୍ରାଧ୍ୟାପକ ତରୁଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଅନୁଷ୍ଠାନ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଗୁରୁବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଖପରଚଣ୍ଡୀଙ୍କ ପୀଠକୁ ପର୍ଯ୍ୟଟନ ମାନ୍ୟତା ଦାବି

ବାଙ୍କୀ,୧୬।୩(ସ୍ୱ.ପ୍ର.)
ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ସୀମାନ୍ତ ଗାଁ ସାମନ୍ତରାପୁରରେ ଥିବା ପୁରାଣ ପ୍ରସିଦ୍ଧ ତଥା ବୌଦ୍ଧଯୁଗୀୟ ମନ୍ଦିର ଖପରଚଣ୍ଡୀ ଦେବୀଙ୍କ ପୀଠକୁ ପର୍ଯ୍ୟଟନ ମାନ୍ୟତା ଦେବାକୁ ଦାବି ହୋଇଛି। ଏଥିସହ ଏହାର ଉନ୍ନତୀକରଣ ପାଇଁ ମଧ୍ୟ ଦାବି ହୋଇଛି। ଏ ନେଇ ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମାଜସେବୀ ଅକ୍ଷୟ କୁମାର ସାମଲ, କବି ଲଲାଟେନ୍ଦୁ ପଣ୍ଡା ଓ ପରିବେଶବିତ୍ ଦୀପକ କୁମାର ସାମନ୍ତରା ପ୍ରମୁଖ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଅନୁରୋଧ କରିଛନ୍ତି । ପୂର୍ବରୁ ଏକ ଓସ୍ତଗଛମୂଳରେ ମା’ ପୂଜା ପାଉଥିଲେ। ମା’ଙ୍କ ମୁଖ୍ୟ ଅସ୍ତ୍ର ହେଲା ଖର୍ପର। ଏହି ଅସ୍ତ୍ର ସାହାଯ୍ୟରେ ମା’ଶତ୍ରୁଙ୍କୁ ସଂହାର କରିଥାନ୍ତି ବୋଲି ଜନଶ୍ରୁତି ରହିଛି। ଡମପଡ଼ା ଓ ଖୋର୍ଦ୍ଧା ମଧ୍ୟରେ ଯୁଦ୍ଧ ହୋଇଥିବା ବେଳେ ମା’ଖପରଚଣ୍ଡୀ ଖୋର୍ଦ୍ଧା ଶତ୍ରୁଙ୍କୁ ବିନାସ କରିଥିବା ଲୋକ କଥା ରହିଛି। ଖ୍ରୀ.୧୭୧୦ରେ ଡମପଡ଼ା ଗଡ଼ର ତତ୍କାଳୀନ ରାଜା କୃପାସିନ୍ଧୁ ନରେନ୍ଦ୍ର ଭ୍ରମର ରାୟ ଏକ ମନ୍ଦିର ନିର୍ମାଣ କରି ମା’ଙ୍କୁ ସେଠାରେ ସ୍ଥାପନ କରିଛନ୍ତି। ମା’ଙ୍କୁ ଶବର ସମ୍ପ୍ରଦାୟର ଦେହୁରୀ ପୂଜାରୀମାନେ ପୂଜା କରିଥାନ୍ତି। ମା’ଶାବରୀ ବିଗ୍ରହୀ ଭାବେ ପରିଚିତ। ବର୍ଷ ସାରା ଏଠାରେ ବିଭିନ୍ନ ପ୍ରକାରର ପୂଜାନୀତି ହୋଇଥାଏ। ବିଶେଷକରି ଷୋଳପୂଜା ଅବସରରେ ମା’ଙ୍କୁ ସ୍ୱତନ୍ତ୍ର ପୂଜା କରାଯାଏ। ଏହା ଏକ ପ୍ରାଚୀନ ବୌଦ୍ଧଯୁଗୀୟ ପୀଠ ଭାବେ ପରିଚିତ। ଡମପଡ଼ା ଗଡ଼ର ରାଜା ପୂଜାର୍ଚ୍ଚନା ପାଇଁ କିଛି ଜମି ଦେଇଛନ୍ତି। ଏଠାରେ ବିବାହ, ବ୍ରତ ଓ ପୂଜାପାର୍ବଣ ପାଇଁ ବହୁ ଦୂରଦୂରାନ୍ତରୁ ଜନସାଧାରଣ ଆସିଥାନ୍ତି ।



### ପଞ୍ଚାୟତ କାର୍ଯ୍ୟାଳୟରେ ଆର୍ଥିକ ସାକ୍ଷରତା ଶିବିର

ବାରଙ୍ଗ,୧୬।୩(ଡି.ଏନ୍.ଏ.):
ମେଣ୍ଢାଶାଳଠାରେ ଥିବା ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଓ ସେବା ସମବାୟ ସମିତି ତରଫରୁ ନାବାର୍ଡ ସହାୟତାରେ ଏକ ଆର୍ଥିକ ସାକ୍ଷରତା ଶିବିର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସେବା ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସରପଞ୍ଚ କୌଶଲ୍ୟା ବଳିୟାରସିଂହ, ଭାବଗ୍ରାହୀ ସାହୁ, ମେଣ୍ଢାଶାଳ ବ୍ୟାଙ୍କ ଶାଖା ପରିଚାଳକ ସସ୍ମିତା ନାୟକ, ସୁପରଭାଇଜର ସନ୍ତୋଷ କୁମାର ମଙ୍ଗରାଜ ଅତିଥିଭାବେ ଯୋଗଦେଇ ନାବାର୍ଡ ତରଫରୁ ସମବାୟ ବ୍ୟାଙ୍କ ମାଧ୍ୟମରେ ଯୋଗାଇ ଦିଆଯାଉ ଥିବା ଋଣ ଓ ଏହାକୁ ସୁପରିଚାଳନା କରି ଚାଷୀମାନେ କିପରି ଉପକୃତ ହୋଇପାରିବେ ସେଥିପାଇଁ ଆଲୋଚନା କରିଥିଲେ। ବର୍ତ୍ତମାନ ପ୍ରଦାନ କରାଯାଉଥିବା ଋଣ, ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀମାନଙ୍କୁ ସମବାୟ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇ ସ୍ୱାବଲମ୍ବୀ କରାଯାଉଛି। ଏହି ଶିବିରରେ ମେଣ୍ଢାଶାଳ, ଅରିସଲ, ଅଙ୍ଗାରପଡା, କଣ୍ଟାବାଡ଼, ସିମିଳିପାଟଣା, ମଳିପଡାରୁ ସମବାୟ କର୍ମଚାରୀ, ଶତାଧିକ ଚାଷୀ ଯୋଗଦେଇଥିଲେ।

# ବଡ଼ମ୍ବାରେ ପୁଣି ହାତୀ ଉପଦ୍ରବ

ବଡ଼ମ୍ବା,୧୬।୩(ଡି. ଏନ. ଏ )
ବଡ଼ମ୍ବା ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। କିଛିଦିନ ହେବ ଏକ ଦନ୍ତାହାତୀ ଏହି ବ୍ଲକର ବିଭିନ୍ନ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରୁଛି। ଉକ୍ତ ହାତୀ

ଏ ଗାଁରୁ ସେ ଗାଁରେ ପଶି ବହୁ ଲୋକଙ୍କ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ଦେଉଛି। ଅନେକ ସମୟରେ ଗ୍ରାମବାସୀ ମଧ୍ୟ ଆହତ ହେଉଛନ୍ତି। ଏନେଇ ଲୋକଙ୍କ ମଧ୍ୟରେ ଭୟରବାତାବରଣ ଖେଳିଯାଇଛି। ବୁଧବାର ରାତିରେ ପୁନର୍ବାର ଗୋପାଳପୁର ଗ୍ରାମରେ ପଶି ହାତୀ ଉତ୍ପାତ କରିଛି। ଏହି ସମୟରେ ଜଣେ ମହିଳାଙ୍କୁ ଶୁଣ୍ଢରେ ଉଠାଇ ଫିଙ୍ଗି ଦେବାରୁ ସେ ଆହତ ହୋଇଛନ୍ତି। ଅପରପକ୍ଷେ ହାତୀକୁ ଦେଖି ଦୌଡୁଥିବାବେଳେ ପଡ଼ିଯିବାରୁ ୨ ଜଣ ଆହତ ହୋଇଛନ୍ତି।

ଏସବୁ ସତ୍ତ୍ୱେ ବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀଟି ରାତିରେ ଗୋପାଳପୁର ଗାଁର ପ୍ରାୟ ୫ ଜଣଙ୍କ ଘର କବାଟ ଭାଙ୍ଗି ଦେବା ସହ ଧାନ, ଚାଉଳ, ମୁଗ ଓ ବିରି ଆଦି ଖାଇ ନଷ୍ଟ କରି ଦେଇଛି। ବିଭିନ୍ନ ଆସବାବପତ୍ର ଓ ସାଇକେଲ୍ ଆଦି ଭାଙ୍ଗିଦେଇଛି। ଜଣେ ବ୍ୟକ୍ତି ବଗିଚାର ଲୁହାତାର ଘେରା ଯାଇଥିବା ସିମେଣ୍ଟ ଖୁଣ୍ଟିକୁ ଭାଙ୍ଗି ବିଭିନ୍ନ ଫଳ ଗଛ ନଷ୍ଟ କରିଦେଇଛି। ଗୁରୁବାର ସୁଦ୍ଧା ବଡମ୍ବା ବ୍ଲକର ଗୋପାଳପୁର, ଖଳିମାଟି, ବଡ଼ମ୍ବା ଦଳିତ ସାହି, କାନ୍ଥିତଳ ସାହି, ଗୁଣ୍ଡଦ୍ୱାର, ଆସେଲୀପୁର, ଖାରୋଡ଼ ନୁଆସାହି ଇତ୍ୟାଦି ଗ୍ରାମରେ ହାତୀ ପଶି ପ୍ରବଳ ନଷ୍ଟ କରିଛି। ସୂଚନାଯୋଗ୍ୟ, ହାତୀଟି ୫ ଦିନ ହେବ ବ୍ଲକରେ ୧୦ ଗ୍ରାମରେ ପଶି ବହୁତ କ୍ଷୟକ୍ଷତି କରିଛି। ତୁରନ୍ତ ଜନବସତି ଅଞ୍ଚଳରୁ ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।


ହାତୀ ଭାଙ୍ଗି ଦେଇଥିବା ଚାଳଘର ।

- ୫ ଜଣଙ୍କ ଘର କବାଟ ଭାଙ୍ଗିବା ସହ ଫସଲ ନଷ୍ଟ କଲା
- ଜଣେ ମହିଳାଙ୍କ ସମେତ ୩ ଆହତ
- ୫ ଦିନ ହେବ ୧୦ ଗ୍ରାମରେ ବ୍ୟାପକ କ୍ଷତି କରିଛି



ପୁରୀ ହରେକୃଷ୍ଣପୁର ଛକଠାରେ ଗୁରୁବାର ପୋଲିସ କର୍ଡନରେ ପର୍ଯ୍ୟଟକଙ୍କ ଗାଡ଼ିକୁ ସୁରକ୍ଷିତ ଭାବେ ଛଡ଼ାଯାଉଛି।



ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁ ଗୁରୁବାର ପୁରୀ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଛି।



ପୁରୀ ସହରରେ ଅଟୋ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ଚାଲି ଚାଲି ଯାଉଛନ୍ତି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ୪ ବେପାରୀ ଗିରଫ

**ଜଟଣୀ,୧୬।୩(ଡି.ଏନ୍.ଏ.):** ଜଟଣୀ ଥାନାର ସ୍ପେଶାଲ ପୋଲିସ ଟିମ୍ ଖଣ୍ଡୁଆଳ ମନ୍ଦିର ନିକଟରେ ଚଢ଼ାଉ କରି ୪ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ବ୍ଲକ ଅଧୀନ ରଥିପୁର ଗ୍ରାମର ଫାୟାଜ ମହମ୍ମଦ (୨୬), ତିରିମଲ ମଝିସାହିର ପିଲୁ ଓରଫ ନିହାରରଞ୍ଜନ ବିଶ୍ୱାଳ(୨୮), ଖୋର୍ଦ୍ଧା ପଲା ମଝିସାହିର ପପୁନି ଓରଫ ସଂଗ୍ରାମ ସାହୁ (୨୦) ଏବଂ ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର କୁନି ଓରଫ ଗୌତମ ଜେନା(୪୦)। ଏମାନଙ୍କ ନିକଟରୁ ୧୧.୬୦ ଗ୍ରାମ ବ୍ରାଉନସୁଗାର, ୩ଟି ମୋବାଇଲ ଫୋନ ଏବଂ ୨୨୫୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏନ୍‌ଡିପିଏସ ଆକ୍ଟରେ ମାମଲା(ନଂ. ୧୦୨/୨୩)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲଣ କରାଯାଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ କହିଛନ୍ତି।

### ଋଣ ଗ୍ରହୀତାଙ୍କୁ ମାଡ଼ ମାରିଲେ ଫାଇନାନ୍ସ ଏଜେଣ୍ଟ

**ଟଙ୍କା ଛଡ଼ାଇନେଲେ, ଥାନାରେ ମାମଲା**

**ନିରାକାରପୁର,୧୬।୩(ଡି.ଏନ୍.ଏ.):** ବିଭିନ୍ନ ଫାଇନାନ୍ସ କମ୍ପାନୀ ଲୋନରେ ଲୋକମାନଙ୍କୁ ସହଜରେ ଗାଡ଼ି ଯୋଗାଇ ଦେଉଛନ୍ତି। ଗାଡ଼ି ନେଇଥିବା ଲୋକେ ଗୋଟିଏ କିମ୍ବା ଦୁଇଟି କିସ୍ତି ନ ଦେବା ପରେ ଉକ୍ତ ଫାଇନାନ୍ସ କମ୍ପାନୀର ଏଜେଣ୍ଟମାନେ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଥାନା ଅଧୀନ ଡିଆ ପଞ୍ଚାୟତ ବଟସାହି ଗ୍ରାମର ଜଣେ ଯୁବକ ବାଇକରେ ରାମେଶ୍ୱର ଛକରୁ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଟି ବାଇକରେ କେତେଜଣ ଯୁବକ ହଠାତ୍ ପହଞ୍ଚି ହଠାତ୍ ଗାଡ଼ି ରଖିବାକୁ କହିଥିଲେ। ସେମାନେ ନିଜକୁ ଫାଇନାନ୍ସ କମ୍ପାନୀର ଏଜେଣ୍ଟ ବୋଲି ପରିଚୟ ଦେବା ସହ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିବା ସହ ୧୦ହଜାର ଟଙ୍କା ଛଡ଼ାଇ ନେଇଥିଲେ। ତେବେ ବାଇକକୁ ନେବା ପାଇଁ ଉଦ୍ୟମ କରୁଥିବା ବେଳେ କୌଶଳକ୍ରମେ ଯୁବକଜଣଙ୍କ ସେଠାରୁ ଖସିଆସି ମାମୁଘର ପଦ୍ମପୁରରେ ପହଞ୍ଚିଥିଲେ। ସମ୍ପୃକ୍ତ ଯୁବକଙ୍କ ମାମୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବ୍ରିଟିଶ ଅମଳର ସ୍କୁଲ

**ଗୋପ,୧୬।୩ (ଡି.ଏନ୍.ଏ.)**

- କୋଠରି ଛାତରୁ ପୁଣି ଖସିଲା ପଲସ୍ତରା
- ବିପଦରେ ୮ଶହ ଛାତ୍ରୀଛାତ୍ର

ଗୋପ ବ୍ଲକରେ ଥିବା ବ୍ରିଟିଶ ଶାସନ ଅମଳର ନିଗମାନନ୍ଦ ସ୍ମାର୍ଟ ସ୍କୁଲ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ସ୍କୁଲ ଛାତରୁ କଂକ୍ରିଟ୍ ପଲସ୍ତରା ଖସିଥିବାବେଳେ ଗୁରୁବାର ପୁଣି ପଲସ୍ତରା ଖସିଛି। ସ୍କୁଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ୩ଟି ବିଭାଗକୁ ଚିଠି ଲେଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ।

ସୂଚନା ମୁତାବକ, ଗଣେଶ୍ୱରପୁର ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାଶ ୧୯୪୪ ମସିହାରେ ଏହି ସ୍କୁଲ ପ୍ରତିଷ୍ଠା କରିଥିଲେ। ଗତ ଫେବୃୟାରୀ ୪ ତାରିଖରେ ସ୍କୁଲର ଗୋଟିଏ କୋଠରି ଛାତରୁ ଅତଡ଼ା ଖସିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ଦେଖାଯାଇଥିଲା। ସେଥିପାଇଁ ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ସ୍କୁଲ ଚିଠି ନମ୍ବର ୩୯, ୪୩ ଓ ୪୪ରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଗୋପ ବ୍ଲକ ବିଡିଓ ସହିତ ଜିଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କୁ ମରାମତି ପାଇଁ ଚିଠି ଲେଖି ଜଣାଇଥିଲେ। ପରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିର୍ଦ୍ଦେଶରେ ଯନ୍ତ୍ରୀମାନେ ଆସି ସ୍କୁଲ ଦେଖିଥିଲେ। ଉକ୍ତ କୋଠରିଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସ୍କୁଲ କର୍ତ୍ତୃପକ୍ଷ ସେହି କୋଠରିରେ ପିଲାଙ୍କୁ ବସାଇ ନ ଥିଲେ। ଗୁରୁବାର ମାଟ୍ରିକ ପରୀକ୍ଷା ଚାଲିଥିବାବେଳେ ପୁଣି ସେହି କୋଠରି ଛାତରୁ ଅତଡ଼ା ଖସିଥିବା ଜଣାପଡ଼ିଛି। ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ବାଚନ ମଣ୍ଡଳୀରେ ଏହି ସ୍କୁଲଟି ଥିବାବେଳେ ସରକାରଙ୍କ ସ୍ମାର୍ଟ ସ୍କୁଲ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଗୋପ ବ୍ଲକରୁ ବଦଳି ହୋଇଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ସ୍ମାର୍ଟ ସ୍କୁଲ କାର୍ଯ୍ୟାଦେଶ ରହିଥିଲା। କିନ୍ତୁ ସେହି ଯନ୍ତ୍ରୀ ଜଣକ କେତେ ବିଲ୍ କଲେ କେତେ ଟଙ୍କା ଖର୍ଚ୍ଚ କରାଗଲା ତାହାର ଫାଇଲ୍ ଏବେ ବ୍ଲକରେ ନାହିଁ। ସେଥିପାଇଁ ପଞ୍ଚାୟତିରାଜ ବିଭାଗ ସଚିବ ଓ ଜିଲାପାଳଙ୍କୁ ଦୃଷ୍ଟି ଦେବାକୁ ଦାବି ହୋଇଛି। ତେବେ ଏହି ପୁରାତନ ବ୍ରିଟିଶ ଅମଳର ସ୍କୁଲଟି ଗଣଶିକ୍ଷାମନ୍ତ୍ରୀଙ୍କ ଅଞ୍ଚଳରେ ଥିବା ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସ୍କୁଲରେ ଅଧ୍ୟୟନରତ ୮ ଶହ ଛାତ୍ରୀଛାତ୍ର ଏବେ ବିପଦପୂର୍ଣ୍ଣ ଭାବରେ ରହିଥିବା ଜଣାପଡ଼ିଛି। ଏହି ଅଭିଯୋଗ ସମ୍ପର୍କରେ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ପଟ୍ଟନାୟକଙ୍କୁ ପଚାରିବାରେ, ସେ ଚିଠି ଲେଖି ୩ ଗୋଟି ବିଭାଗକୁ ଜଣାଇଥିବା କହିଛନ୍ତି। ଏଥିସହ ଛାତ୍ରୀଛାତ୍ରଙ୍କ ଲାଗି ପରିସ୍ରାଗାର ନ ଥିବା କହିଛନ୍ତି।



ଛାତରୁ ଖସିଥିବା ପଲସ୍ତରା।

# ଗାଡ଼ି ଚଳାଚଳ ବନ୍ଦ ଯୋଗୁ ପରିବା ଦର ବୃଦ୍ଧି

**କଣାସ,୧୬।୩ (ସ୍ୱ.ପ୍ର.)**

ରାଜ୍ୟରେ ୨ଦିନ ହେଲା ଡ୍ରାଇଭର ସଂଘ ୧୦ଦଫା ଦାବି ନେଇ ଆନ୍ଦୋଳନ କରୁଛନ୍ତି। ସେଥିପାଇଁ କଣାସ ବ୍ଲକର ଗାଉପଡା, ରାଣୀପଡା ନିକଟ କଣାସ-ଡେଲାଙ୍ଗରେ ଲୋକେ ଯାତାୟାତରେ ଅସୁବିଧା ଭୋଗୁଥିବା ଦେଖିବାକୁ ମିଳୁଛି। ବୁଧବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁର ସ୍ୱାସ୍ଥ୍ୟ ଖରାପ ଥିବାରୁ ତାକୁ ଭୁବନେଶ୍ୱର ନେବାକୁ ଡାକ୍ତର ଲେଖିଥିଲେ। ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଟେଲିଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ଥିବାରୁ ଘରୋଇ ଗାଡ଼ି ଯୋଗେ ଶିଶୁଙ୍କୁ ଭୁବନେଶ୍ୱର ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ବାଇକ୍ ଯୋଗେ ଶିଶୁଟିକୁ ଭୁବନେଶ୍ୱର ନିଆଯାଇଥିଲା। ଅଖିଚକ ବନ୍ଦ ଥିବାରୁ ବାହାର ରାଜ୍ୟରୁ ଓଡ଼ିଶାକୁ କଞ୍ଚା ପନିପରିବା ଆସିପାରୁନାହିଁ। ଏଥିପାଇଁ କଣାସରେ ପରିବା ଚଡ଼ା ଦରରେ ବିକ୍ରି ହେଉଛି। ଏଥିସହ ଅଣ୍ଡା ଓ କ୍ଷୀର ମିଳୁ ନ ଥିବା ଜଣାପଡ଼ିଛି। ଆଳୁ କିଲୋ ୧୮ଟଙ୍କା, ପିଆଜ ୨୨ଟଙ୍କା, ଅଦା ୧୨୦ଟଙ୍କା, ରସୁଣ ୧୦୦ଟଙ୍କା ହୋଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଦୋକାନୀ ବିଭିନ୍ନ ସ୍ଥାନରୁ ବାଇକ୍ ଯୋଗେ କଞ୍ଚାପରିବା ଆଣି ଦୋକାନରେ ଅଧିକ ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି।



ଶ୍ରୀମନ୍ଦିର ଉତ୍ତର-ପଶ୍ଚିମ ଦ୍ୱାର ସମ୍ମୁଖ ରାସ୍ତାରେ ଗୁରୁବାର ଡ୍ରେନ ଜଳ ଜମି ରହିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି।

## ଟ୍ରଷ୍ଟ ନାଁରେ ଚାଲିଥିଲା ସେକ୍ସ ର୍ୟାକେଟ

**ଭୁବନେଶ୍ୱର,୧୬।୩ (ବ୍ୟୁରୋ)**

ସାଇସେବା ଟ୍ରଷ୍ଟ ନାଁରେ ଚାଲିଥିଲା ସେକ୍ସ କାରବାର। ତାହା ପୁଣି ରାଜଧାନୀରେ। ଲିଙ୍ଗରାଜ ଥାନା ଅନ୍ତର୍ଗତ ନାଗେଶ୍ୱର ଟାଙ୍ଗିସ୍ଥିତ ଏକ ଘରେ ସେକ୍ସ ର୍ୟାକେଟ ଚାଲିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଓ ୨ ଜଣଙ୍କ ଗ୍ରାହକ ସହ ଜଣେ ଯୁବତୀ ଓ ଜଣେ ଦଲାଲଙ୍କୁ ଧରିଛି। ସେମାନେ ହେଲେ ଦଲାଲ ନରେଶ କୁମାର ରାଣା, ୨ ଗ୍ରାହକ ରାଜକିଶୋର ସାହୁ ଓ ସୁଶାନ୍ତ ପ୍ରଧାନ। ସେମାନଙ୍କଠାରୁ ୩ଟି ମୋଟରସାଇକେଲ, ସାଢ଼େ ୭ ହଜାର ଟଙ୍କା, ଗୋଟିଏ ଲାପଟପ୍, ୪ ଡାଏରି ସହ ବହୁ ଆପତ୍ତିଜନକ ଜିନିଷ ଜବତ ହୋଇଛି। ଏନେଇ ଏକ ମାମଲା ନଂ.୮୮/୨୩ ରୁଜୁ କରାଯାଇଥିବା ଥାନାଧିକାରୀ ଶରତ ପାତ୍ର କହିଛନ୍ତି। ଦୀର୍ଘଦିନ ଧରି ସାଇସେବା ଟ୍ରଷ୍ଟ ନାଁରେ ଚାଲିଥିବା ଅଫିସ୍ ଓ ଉକ୍ତ କୋଠାକୁ ପୋଲିସ ସିଲ୍ କରିବ ବୋଲି ସେ ସୂଚନା ଦେଇଛନ୍ତି।ଏହିଘଟଣାରଅଧିକଖୋଳତାଡ ଜାରି ରଖିଛି କମିଶନରେଟ ପୋଲିସ।

## '୨ଶହ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ଛାଡ଼ କରାଯାଉ'



ଖବରଦାତା ସମ୍ମିଳନୀରେ ଆମ୍ ଆଦ୍‌ମୀ ପାର୍ଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ପୁରୀ ଅଫିସ, ୧୬।୩**

**ଏଏପି ପକ୍ଷରୁ ଆମ ଅଧିକାର କ୍ୟାମ୍ପେନ ଆରମ୍ଭ**

ରାଜ୍ୟରେ ୨ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ଛାଡ଼ କରାଯିବାକୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଦାବି କରିଆସୁଛି। ମାତ୍ର ଏଥିପ୍ରତି ରାଜ୍ୟ ସରକାର କର୍ଣ୍ଣପାତ ନ କରି ବେସରକାରୀ କମ୍ପାନୀକୁ ବିଦ୍ୟୁତ ବିତରଣ ଦାୟିତ୍ୱ ଦେଇ ମନଇଚ୍ଛା ବିଦ୍ୟୁତ କାଟ କରି ଲୋକଙ୍କୁ ହଇରାଣ କରୁଥିବା ଏଏପି ପୁରୀ ଜିଲା ଶାଖା ଅଭିଯୋଗ କରିଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ଏଏପି ପକ୍ଷରୁ ବିଦ୍ୟୁତ ଆମ ଅଧିକାର କ୍ୟାମ୍ପେନ୍ ଆରମ୍ଭ ହୋଇଥିବା ଦଳର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ଏଏପି ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆବାହକ ସଞ୍ଜୀବ ମହାନ୍ତି, ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି ଏବଂ ପୁରୀ ପୌରପାଳିକା ଏଏପି ଅଧ୍ୟକ୍ଷ ରାକେଶ ନନ୍ଦ କହିଛନ୍ତି, ବିଦ୍ୟୁତ କାଟକୁ ନେଇ କିଛି ମାସ ପୂର୍ବରୁ ଏଏପି ଆନ୍ଦୋଳନ କରିଥିଲା। ଅତିକମ୍‌ରେ ୨୦୦ ୟୁନିଟ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ ଯୋଗାଣ ପାଇଁ ଏଏପି ଦାବି କରିଆସୁଛି। ତେବେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷରେ ବକେୟା ବିଲ୍ ଆଦାୟ ଆଳରେ ପୁରୀ ସହରରେ ଗରିବ ଲୋକଙ୍କ ବିଦ୍ୟୁତ କାଟ କରୁଛନ୍ତି। ବାରମ୍ବାର ବିଦ୍ୟୁତ ଦର ବଢ଼ିବାରୁ ଲୋକେ ବିଲ୍ ପଇଠ କରିବାକୁ ସକ୍ଷମ ହେଉନାହାନ୍ତି। ପୁରୀ ପୌରସଂସ୍ଥା ଅଧୀନ ୯ ନମ୍ବର ୱାର୍ଡର ମୀନା ଦେଈ କରୋନା ସ୍ଥିତି ସାଙ୍ଗକୁ ଘରେ କେହି ନ ଥିବାରୁ ଅର୍ଥ ପଇଠ କରିପାରି ନ ଥିଲେ। ପରେ ଅଧିକ ବିଲ୍ ଯୋଗୁ କିଛି କିଛି ଅର୍ଥ ମାସକୁ ପଇଠ କରୁଥିଲେ ମଧ୍ୟ ତାଙ୍କର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏଏପି ବିଦ୍ୟୁତ ଆମ ଅଧିକାର କ୍ୟାମ୍ପେନ୍ ମାଧ୍ୟମରେ ସେହି ଗରିବ ପରିବାରର ବିଦ୍ୟୁତ ଲାଇନ୍‌କୁ ପୁରୀ ଯୁବ ସଭାପତି ଅଂଶୁମାନ ଶତପଥୀଙ୍କ ନେତୃତ୍ୱରେ ସଂଯୋଗ କରାଯାଇଛି। କୌଣସି ଅସହାୟ ଲୋକଙ୍କ ବିଦ୍ୟୁତ କାଟ କରାଯାଉଥିଲେ ତାହାକୁ ବିରୋଧ କରିବାକୁ ଏଏପି ଆହ୍ୱାନ ଦେଇଛି।

## ଦୟା, ରାଜୁଆ ନଦୀର ଜଳ ବିଷାକ୍ତ:ନଦୀକୂଳବାସୀ ଚର୍ମ ରୋଗରେ ଆକ୍ରାନ୍ତ

**କଣାସ,୧୬।୩ (ସ୍ୱ.ପ୍ର.):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖାନଦୀ ରାଜୁଆ ଓ ମକରାନଦୀ ଜଳକୁ ବ୍ୟବହାର କରି ନଦୀକୂଳବାସୀ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୈନନ୍ଦିନ ଶହ ଶହ ରୋଗୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଦେଖିବାକୁ ମିଳୁଛି। ଖବର ନେବାରେ ଜଣାପଡ଼ିଛି, ଭୁବନେଶ୍ୱର ସହରର ନର୍ଦ୍ଦମା ଜଳକୁ ଗଙ୍ଗୁଆ ନାଳ ଦେଇ ଦୟାନଦୀକୁ ଛଡା ଯାଉଥିବାରୁ ଦୟାନଦୀ ଜଳ ବିଷାକ୍ତ ହେଉଛି। ଏପରିକି ନଦୀରେ ଥିବା ମାଛ ମରି ଭାସୁଛନ୍ତି। ଦୋକନ୍ଦାଠାରେ ଦୟାନଦୀର ଜଳର ରଙ୍ଗ କଳା ଦେଖାଯାଉଥିବାବେଳେ ସେହି ଜଳରେ ଗାଧୋଇ ଲୋକଙ୍କ ଗୋଡ଼ହାତ, ଶରୀର ସାରା ଘା' ହୋଇଯାଇଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋଠା ମାଲିକଙ୍କୁ ନୋଟିସ୍ ଜାରି

**ପୁରୀ ଅଫିସ ୧୬।୩**

**ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଘଟଣା**



ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ଅଗ୍ନିକାଣ୍ଡ ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଛି। ବେଆଇନ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ କମ୍ପ୍ଲେକ୍ସ ତିଆରି ହେବା ଜଣାପଡ଼ିବା ପରେ ମାଲିକଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ଅପରପକ୍ଷରେ ଏହି ଅଗ୍ନିକାଣ୍ଡ ଘଟଣାକୁ ୮ଦିନ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ମାଲିକଙ୍କ ଦେଖାନାହିଁ। ନୋଟିସ ସମ୍ପର୍କରେ ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି, ବେଆଇନ ଭାବେ ଜମି ହାତେଇବା ଘଟଣାରେ କମ୍ପ୍ଲେକ୍ସ ମାଲିକଙ୍କ ବିରୋଧରେ ନୋଟିସ୍ ଜାରି କରାଯାଇଛି। ୧୫ ତାରିଖରେ ତାଙ୍କ ବିରୋଧରେ ଏନକ୍ରୋଚ୍‌ମେଣ୍ଟ କେସ ରୁଜୁ କରାଯାଇଛି। ସେହିପରି ବିଲ୍‌ଡିଂର ମାଲିକ ଅଚ୍ୟୁତାନନ୍ଦ ମହାନ୍ତିଙ୍କ ତିନିପୁଅଙ୍କୁ ନୋଟିସ୍ ଜାରି କରାଯାଇଛି। ତାଙ୍କୁ ୭ଦିନ ସମୟ ଦିଆଯାଇଛି। ଆସନ୍ତା ୨୩ ତାରିଖରେ ସେ ହାଜର ହୋଇ ତାଙ୍କ ପକ୍ଷ ରଖିବେ। ଯଦି ତାଙ୍କ ନିକଟରେ କିଛି କାଗଜପତ୍ର ଥାଏ କିମ୍ବା କିଛି ପ୍ରମାଣପତ୍ର ଥାଏ ତାହାକୁ ସେ ଦାଖଲ କରିବେ। ଯଦି ସେ ହାଜର ନ ହୁଅନ୍ତି ତେବେ ତାଙ୍କୁ ଆଉ ଗୋଟେ ସର୍ଟ ନୋଟିସ ଜାରି କରାଯିବ। ସେହିପରି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଅଗ୍ନିକାଣ୍ଡ ଅଚାନକ ଭାବେ ଘଟିଥିଲା। ଅଗ୍ନିଶମ କର୍ମଚାରୀ ଓ ଅନ୍ୟମାନେ ମିଶି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ତେବେ ଅଗ୍ନିକାଣ୍ଡ ଘଟଣାରେ ଯେଉଁମାନଙ୍କ ଅବହେଳା ରହିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିଠି ଆସିଛି। ଆଇନ ଅନୁଯାୟୀ କାର୍ଯ୍ୟ କରାଯିବ। ତଦନ୍ତ ସମୟରେ ଯେଉଁମାନଙ୍କର ଦୋଷ ଜଣାପଡ଼ିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଗତ ୮ତାରିଖ ରାତିରେ ଶର୍ଟସର୍କିଟ୍ ଯୋଗୁ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ନିଆଁ ଲାଗିଥିଲା। ପରେ ନିଆଁ ବ୍ୟାପିଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ୩୬ ଘଣ୍ଟା ଲାଗିଥିଲା। ପରେ କମ୍ପ୍ଲେକ୍ସ ପଛପଟେ ଏକ ମନ୍ଦିର ଥିବା ଜଣାପଡ଼ିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, କମ୍ପ୍ଲେକ୍ସ ହୋଇଥିବା ୨୫ ଡିସିମିଲି ଯାଗାରୁ ଶ୍ରୀମନ୍ଦିର ପ୍ରଶାସନ ନାମରେ ୨୨ ଡିସିମିଲି ଓ କମ୍ପ୍ଲେକ୍ସ ମାଲିକଙ୍କ ନାମରେ ମାତ୍ର ୩ ଡିସିମିଲି ଜମି ରହିଛି। ପରେ ଉକ୍ତ ଜମିକୁ ମହାପ୍ରଭୁଙ୍କ ନାମରେ ଫେରାଇ ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତହସିଲଦାରଙ୍କୁ ଚିଠି କରାଯାଇଥିଲା।

# ଗୋଧୂଳି ଲଗ୍ନରେ ଭେଟ ହେଲେ ହରିହର

**ଡେଲାଙ୍ଗ,୧୬।୩ (ଡି.ଏନ୍.ଏ.)**

ଡେଲାଙ୍ଗସ୍ଥିତ ହରିରାଜପୁରରେ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଙ୍କ ଚାଲିଥିବା ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନର ମେଳଣର ଅପରାହ୍ନରେ ଗୋଧୂଳି ଲଗ୍ନରେ ହରିହର ଭେଟ ଅନୁଷ୍ଠିତ ହୋଇଯାଇଛି। ମେଳଣ ପଡ଼ିଆରେ ଖୁଣ୍ଟିଲାଗି ହୋଇଥିବା ହରି ଓ ହର ସମସ୍ତ ଠାକୁର ସହ ସ୍ଥାନାଧିପତି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥଙ୍କ ସହିତ ଭେଟ ହୋଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷରେ ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଅରାଗଡ଼ର ଶ୍ରୀ କୁନ୍ତେଶ୍ୱର ଦେବ, କୁସୁମାଟି ଶ୍ରୀ ଗଡେଶ୍ୱର ଦେବ, କନ୍ତିଆର ଶ୍ରୀ ବାଲୁଙ୍କେଶ୍ୱର ଦେବ, ଭଁସରର ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଭେଟ ସମୟରେ ସମସ୍ତ ଦୋଳବିମାନଙ୍କୁ ଭକ୍ତମାନେ ଫଗୁ ଅର୍ପଣ କରିବା ସହିତ ଦୋଳ ବିମାନକୁ ଘେରି ନାଚିଥାନ୍ତି। ଏହାପରେ ଅଧରପଣା ସୋମନାଥଙ୍କୁ ସମର୍ପଣ କରାଯାଇ ଦୁଆରି ଭୋଗ ଖାଇ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ହରିହର ଭେଟଟି ଗୋଧୂଳି ଲଗ୍ନ ତଥା ସୂର୍ଯ୍ୟାସ୍ତ ସମୟରେ ଆରମ୍ଭ ହୋଇଥାଏ। ଚଳିତବର୍ଷ ଏହି ହରିହର ଭେଟ ଦେଖିବା ପାଇଁ ୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନେକ ଶ୍ରଦ୍ଧାଳୁ ଏହି ଭେଟ ଦେଖିବା ଓ ଫଗୁ ପକାଇବା ପାଇଁ ମାନସିକ କରିଥାନ୍ତି। ଏହି ଦିଆଁ ମେଳଣରେ ସାମିଲ ହେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ମାନସିକଧାରୀ ଆସିଥିଲେ। ମେଳଣ ଉଦ୍‌ଯାପନୀ ଉତ୍ସବ ପାଇଁ ଶାନ୍ତିଶୃଙ୍ଖଳା ଦିଗପ୍ରତି ଧ୍ୟାନ ରକ୍ଷା କରିବା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୋଲିସ ଓ ଗୃହରକ୍ଷୀମାନେ ନିୟୋଜିତ ହୋଇଥିଲେ। ସେହିପରି ଡେଲାଙ୍ଗ ତହସିଲଦାର ନିବେଦିତା ପରିଡ଼ା, ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ଓ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ନିୟୋଜିତ କରାଯାଇଥିଲା।

ହରିରାଜପୁର ମଳେଣରେ ସବୁଠୁ ଆକର୍ଷଣ ଥିଲା ଓଡ଼ିଆ ଅନୁଷ୍ଠାନ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବ। ଏହି ଶେଷ ସନ୍ଧ୍ୟାରେ ଏମ୍‌ପିଙ୍କ ପ୍ରତିନିଧି ମଳୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ବିଧାୟକ ମନ୍ତ୍ରୀ ସୁଶାନ୍ତ ସିଂ, ସାମାଜିକ କର୍ମୀ ତଥା ସ୍ଥାନୀୟ ବିଧାୟକଙ୍କ ଧର୍ମପତ୍ନୀ ଜାଗୃତି ପଣ୍ଡା ମହାରଥୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ହରିରାଜପୁର ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ହିରାଲାଲ ଶର୍ମା, ପିପିଲି ଆମ୍ବାର ଅଧ୍ୟକ୍ଷ ପ୍ରକାଶ କୁମାର ଧଳ, ବିଷ୍ଣୁପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଖବରଦାତାଙ୍କୁ ମାନପତ୍ର ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ଶିଶୁ କଳାକାରଙ୍କୁ ମଞ୍ଚ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମେଳଣ ପଡ଼ିଆରେ ପଞ୍ଚୁଦୋଳ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆତସବାଜି ପ୍ରଦର୍ଶନରେ ଅଂଶଗ୍ରହଣ କରିଥିବା ବୁଣାକାର, କୁଞ୍ଜ କାରିଗର, ଡେକୋରେଟର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିବା ନେଇ କ୍ଲବ ସଦସ୍ୟ ଗୁଲୁ ପ୍ରଧାନ କହିଛନ୍ତି। ଜିତେନ୍ଦ୍ର ଚମ୍ପତି, ପ୍ରକାଶ ଦାଶ, ଲିଟୁ ଚମ୍ପତି, ରଞ୍ଜନ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ହରିରାଜପୁର ମେଳଣ ଉଦ୍‌ଯାପିତ**

- ପୋଲିସର ବ୍ୟାପକ ବ୍ୟବସ୍ଥା
- ୨୫ରୁ ଊର୍ଦ୍ଧ୍ୱ ଖବରଦାତା ସମ୍ମାନିତ



ହରିରାଜପୁର ମେଳଣର ଉଦ୍‌ଯାପନୀ ଦିବସରେ ହରିହର ଭେଟ ନୀତି ସମ୍ପନ୍ନ କରାଯାଉଛି।



ଡେଲାଙ୍ଗ ମହୋତ୍ସବରେ ସମ୍ବର୍ଦ୍ଧିତ ଖବରଦାତା ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ମାର୍ଚ୍ଚ, ୨୦୨୩




ଏରିକ୍ ଗାର୍‌ସେଟ୍ଟୀ ଭାରତରେ ଆମେରିକାର ରାଷ୍ଟ୍ରଦୂତ ନିଯୁକ୍ତ ହେବା ସ୍ପଷ୍ଟ ହୋଇଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଏରିକ୍‌ଙ୍କର ଘନିଷ୍ଠ ସମ୍ପର୍କ ରହିଥିବାରୁ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଦୁଇବର୍ଷର ବିଳମ୍ବ ପରେ ବୁଧବାର ପୂର୍ବତନ ଲସ୍ ଏଞ୍ଜେଲସ୍ ମେୟର ଏରିକଙ୍କ ପ୍ରାର୍ଥିତ୍ୱକୁ ଆମେରିକା ସିନେଟ ୫୨-୪୨ ଭୋଟରେ ମଞ୍ଜୁରୀ ପ୍ରଦାନ କରିଛି।



# ଫଡ଼ନବିସ୍‌ଙ୍କ ସ୍ତ୍ରୀଙ୍କୁ ବ୍ଲାକ୍‌ମେଲ୍: ଡିଜାଇନର୍ ଗିରଫ



ଅମୃତା ଫଡ଼ନବିସ୍



ଡିଜାଇନର ଅନିକ୍ଷା

**ମୁମ୍ବାଇ ୧୬।୩**

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସ୍ତ୍ରୀ ତଥା ବ୍ୟାଙ୍କର ଅମୃତା ଫଡ଼ନବିସ୍‌ଙ୍କୁ ମୁମ୍ବାଇର ଜଣେ ଡିଜାଇନର୍ ବ୍ଲାକ୍‌ମେଲ୍ କରିବା ନେଇ ଥାନାରେ ଅଭିଯୋଗ ହେବାପରେ ଗୁରୁବାର ଉକ୍ତ ଡିଜାଇନରଙ୍କୁ ପୋଲିସ ଗିରଫ କରିଛି। ଅନିକ୍ଷା ନାମ୍ନୀ ଡିଜାଇନଙ୍କ ବିରୋଧରେ ଫେବୃୟାରୀ ୨୦ରେ ଅମୃତା ମୁମ୍ବାଇସ୍ଥିତ ମାଲାବାର ହିଲ୍ ଥାନାରେ ଏଫ୍‌ଆଇଆର୍ କରିଥିଲେ। ଅନିକ୍ଷାଙ୍କ ବାପା ଅନୀଲ ଜୟସିଂଘାଲିଙ୍କ ବିରୋଧରେ ଅନେକ ଥାନାରେ ମାମଲା ରହିଛି। ସେଗୁଡ଼ିକରୁ ତାଙ୍କ ନାଁକୁ ହଟାଇବା ଲାଗି ଲାଞ୍ଚ ସ୍ୱରୂପ ଅନିକ୍ଷା ୧ କୋଟି ଟଙ୍କା ଅମୃତାଙ୍କୁ ଦେବାକୁ କହିଥିବା ଅଭିଯୋଗରେ ଉଲ୍ଲେଖ କରିଥିଲେ। ୨୦୨୧ ନଭେମ୍ବରରେ ପ୍ରଥମ ଥର ଅମୃତା ଡିଜାଇନର୍‌ଙ୍କ ସମ୍ପର୍କରେ ଆସିଥିଲେ। ଅନିକ୍ଷା ଅନେକ ଡିଜାଇନ୍ଡ ପୋଷାକ ଓ ଅଳଙ୍କାର ଅମୃତାଙ୍କୁ ପଠାଇଥିଲେ। ଫେବୃୟାରୀ ୧୬ରେ ଡିଜାଇନର୍ ଅମୃତାଙ୍କୁ ଫୋନ୍ କରି କହିଥିଲେ, ବାପା ଅନୀଲ ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ଦୋଷମୁକ୍ତ କରିଦେଲେ ତା' ବଦଳରେ ସେ କୋଟିଏ ଟଙ୍କା ଦେବେ । ଲାଞ୍ଚ କଥା ଶୁଣି ଅମୃତା ସଙ୍ଗେ ସଙ୍ଗେ ଫୋନ୍ କାଟି ଦେଇଥିଲେ। ଅନିକ୍ଷା ଅମୃତାଙ୍କୁ ଏକ ବ୍ୟାଗ୍ ଭର୍ତ୍ତି ଟଙ୍କା ଯାଚିଥିବାବେଳେ ସେ ଅମୃତାଙ୍କୁ ବ୍ଲାକ୍‌ମେଲ୍ କରୁଥିବା ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ନିଜ ପ୍ରତିକ୍ରିୟାରେ କହିଥିଲେ।




ପ୍ରଥମ ଚାଇନା-ୟୁରୋପ ପରିବହନ ଟ୍ରେନ୍ ସେବା ଗୁରୁବାର ଆରମ୍ଭ ହୋଇଛି। ବେଜିଂର ପିନ୍‌ଗୁ ରେଳ ଷ୍ଟେଶନ୍‌ରୁ ୫୫ କଣ୍ଟେନର ନେଇ ମସ୍କୋ ଅଭିମୁଖେ ଏକ କାର୍ଗୋ ଟ୍ରେନ୍ ଯାତ୍ରା ଆରମ୍ଭ କରିଛି। ୧୮ ଦିନରେ ୯,୦୦୦ କି.ମି. ଅତିକ୍ରମ କରିବା ପରେ ଟ୍ରେନ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିବ।

## ଫ୍ରେଡି ନେଲାଣି ୪୦୦ ଜୀବନ



**ଲିଲୋଙ୍ଗୱେ ୧୬। ୩:** ମାଲାୱିର ଓ ମୋଜାମ୍ବିକ୍‌ରେ ଫ୍ରେଡି ବାତ୍ୟା ଯୋଗୁ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ମାଲାୱିର ୮୮,୦୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଷ୍ଟ୍ରପତି ଲାଜାରସ ଚକୱେରା ସଦର୍ନ ରିଜିୟନରେ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହ ବୈଶ୍ୱିକ ସାହାଯ୍ୟ ମାଗିଛନ୍ତି। ଫ୍ରେଡି ଯୋଗୁ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବାତ୍ୟାରେ ପ୍ରଭାବିତ ଫାଲୋମ୍ବେ, ମୁଲାଞ୍ଜେ, ସଞ୍ଜେ ଚିକ୍ୱାୱା ଜିଲାରେ ପ୍ରଶାସନ ପକ୍ଷରୁ ରେସ୍କ୍ୟୁ ଅପରେଶନ୍ ଜାରି ରହିଛି। ଗତ ୧୧ରେ ଫ୍ରେଡି ମାଲାୱିର ଦକ୍ଷିଣାଞ୍ଚଳରେ ଲ୍ୟାଣ୍ଡ୍‌ଫଲ୍ କରିଥିଲା।

# କଶ୍ମୀରକୁ ଫେରାଅ ରାଜ୍ୟ ମାନ୍ୟତା

୨୦୧୮ ଜୁନ୍‌ରେ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ସରକାରରୁ ମେଣ୍ଟ ସହଯୋଗୀ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରଠୁ ଜମ୍ମୁ-କଶ୍ମୀରରେ କେନ୍ଦ୍ରୀୟ ଶାସନ ଚାଲିଛି। ଉପତ୍ୟକାର ରାଜନୈତିକ ଦଳଗୁଡ଼ିକ ବିଧାନସଭା ନିର୍ବାଚନ ପାଇଁ ଦାବି କରିଆସୁଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସମେତ କେନ୍ଦ୍ରୀୟ ପଦାଧିକାରୀମାନେ ଅନୁକୂଳ ପାଗ ଦେଖି ଭୋଟ କରାଯିବ ବୋଲି ବାରମ୍ବାର ଆଶ୍ୱାସନା ଦେଉଛନ୍ତି। କିନ୍ତୁ ଏଯାଏ ନିର୍ବାଚନର ଦେଖା ନାହିଁ। ଏପରି କି ଭାରତର ନିର୍ବାଚନ କମିଶନ (ଇସିଆଇ) ମଧ ନିଜ ଉତ୍ତରଦାୟିତ୍ୱ ଭୁଲିଯାଇଛନ୍ତି। ତେଣୁ ଜମ୍ମୁ-କଶ୍ମୀରରେ ତୁରନ୍ତ ବିଧାନସଭା ନିର୍ବାଚନ କରାଇ ଉପତ୍ୟକାବାସୀଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ଫେରାଇଦେବାକୁ ବିରୋଧୀ ଦଳ ନେତାମାନେ ଦାବି କରିଛନ୍ତି। ଏଥିସହ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ନିମନ୍ତେ କେନ୍ଦ୍ର ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ସ୍ଥାନୀୟ ରାଜନୈତିକ ଦଳଗୁଡ଼ିକ ଜାତୀୟ ସ୍ତରର ବିରୋଧୀ ଦଳଗୁଡ଼ିକ ସହ ହାତ ମିଳାଇଛନ୍ତି।

## ବିଧାନସଭା ନିର୍ବାଚନ କରାଇବା ପାଇଁ ସିଇସିଙ୍କୁ ଭେଟିଲେ ବିରୋଧୀ

**ନୂଆଦିଲ୍ଲୀ/ଶ୍ରୀନଗର, ୧୬।୩**

ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ଫେରସ୍ତ ଦାବିକୁ ଜାତୀୟ ସ୍ତରର ବିରୋଧୀ ନେତାମାନେ ଗୁରୁବାର ସମର୍ଥନ କରିଛନ୍ତି। ଏଥିସହ ଏହି ପ୍ରାକ୍ତନ ରାଜ୍ୟରେ ଅବିଳମ୍ବେ ବିଧାନସଭା ନିର୍ବାଚନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏପରି କି ବିରୋଧୀ ଦଳଗୁଡ଼ିକର ନେତାମାନେ ଆସନ୍ତା ମେ'ରେ କଶ୍ମୀରବାସୀଙ୍କ ସମର୍ଥନରେ ଶ୍ରୀନଗର ଗସ୍ତ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସିପିଆଇଏମ୍, ଆର୍‌ଜେଡି, ଏସ୍‌ପି, ଏଏପି ସମେତ ଅନ୍ୟ ବିରୋଧୀ ଦଳ ନେତାମାନଙ୍କୁ ସାକ୍ଷାତ କରିଛନ୍ତି। ପରେ ସେମାନେ ଭାରତର ନିର୍ବାଚନ କମିଶନଙ୍କୁ ଭେଟି ତୁରନ୍ତ ବିଧାନସଭା ନିର୍ବାଚନ କରାଇବା ପାଇଁ ଏକ ସ୍ମାରକପତ୍ର ଦେଇଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି, ସବୁ ବିରୋଧୀ ଦଳର ନେତାମାନେ ଶ୍ରୀନଗର ଗସ୍ତକରି ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ ସମର୍ଥନ ଜଣାଇବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ କହିଛନ୍ତି, ନିର୍ବାଚନ ବିଳମ୍ବ କରାଇବାର କୌଣସି ଯଥାର୍ଥତା ନାହିଁ ବୋଲି ସମସ୍ତ ବିରୋଧୀ ଦଳ ଏକମତ। ଜମ୍ମୁ-କଶ୍ମୀରରେ ୨୦୧୪ରେ ଶେଷ ଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗତ ୫ ବର୍ଷ ଧରି ଏହି କେନ୍ଦ୍ରଶାସିତ ଅଞ୍ଚଳରେ କୌଣସି ନିର୍ବାଚିତ ସରକାର ନାହିଁ। ଏହି ସ୍ଥଳେ ସାଧାରଣ ଲୋକଙ୍କ ପ୍ରତି ଉତ୍ତରଦାୟୀ ନ ଥିବା ଅମଲାତନ୍ତ୍ରକୁ ସରକାର ଚଳାଇବାକୁ ଦିଆଯାଇଛି। ଫଳରେ କଶ୍ମୀରବାସୀ ସମ୍ବିଧାନ ପ୍ରଦତ୍ତ ନିଜ ମୌଳିକ ଓ ଗଣତାନ୍ତ୍ରିକ ଅଧିକାରଗୁଡ଼ିକରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ସମେତ ଅନ୍ୟ ସ୍ଥାନୀୟ ନିର୍ବାଚନଗୁଡ଼ିକ କେବେ ହେଲେ ବିଧାନସଭା ଭୋଟର ବିକଳ୍ପ ନୁହେଁ। ଏହି ସମସ୍ତ ବିଷୟ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କୁ କୁହାଯାଇଛି। ସିଇସି ନିର୍ବାଚନ ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ପ୍ରସଙ୍ଗରେ କମିଶନ ଖୁବ୍‌ଶୀଘ୍ର ଏକ ବୈଠକ ଡାକିବେ ବୋଲି ଫାରୁକ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ମାରକପତ୍ରରେ ପାୱାଙ୍କର ସମେତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ଏଏପି ନେତା ସଞ୍ଜୟ ସିଂ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏଥିସହ ଜମ୍ମୁ-କଶ୍ମୀର ଏବଂ ଲଦାଖକୁ ଦୁଇଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ସେବେଠୁ ଅଦ୍ୟାବଧି ରାଜ୍ୟ ମାନ୍ୟତା ଫେରସ୍ତ ଏବଂ ନିର୍ବାଚନ କରାଇବା ଦାବି ନେଇ ଏହା ହେଉଛି ସବୁଠୁ ବଡ଼ ପଦକ୍ଷେପ।

## ଉପତ୍ୟକାରେ ସରକାର ଚଳାଉଛି ଅମଲାତନ୍ତ୍ର: ଫାରୁକ୍



## ଏମ୍‌ପି/ବିଧାୟକଙ୍କ ନାମରେ ୨.୯୮% ମନିଲଣ୍ଡରିଂ ମାମଲା

**ନୂଆଦିଲ୍ଲୀ, ୧୬।୩ :** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ଦାଏର ହୋଇଥିବା ଏତଲା ମଧ୍ୟରୁ ମାତ୍ର ୨.୯୮% ବର୍ତ୍ତମାନର କିମ୍ବା ପୂର୍ବତନ ଏମ୍‌ପି ଏବଂ ବିଧାୟକମାନଙ୍କ ନାମରେ ରହିଥିବା ସୂଚନା ଦିଆଯାଇଛି। ମନିଲଣ୍ଡରିଂ ନିରୋଧୀ ଆଇନରେ ଦୋଷୀସାବ୍ୟସ୍ତ ହାର ୯୬% ବୋଲି ଇଡି କହିଛି। ଇଡି ଗତ ଜାନୁୟାରୀ ୩୧ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ପ୍ରକାଶ କରିଥିବା ତଥ୍ୟାନୁସାରେ ମୋଟ ୫,୯୦୬ ଏତଲା ଦାଏର ହୋଇଥିବାବେଳେ ସେଥିରୁ ବର୍ତ୍ତମାନର ଓ ପୂର୍ବତନ ଏମ୍‌ପି, ବିଧାୟକ ଓ ବିଧାନ ପରିଷଦ ସଦସ୍ୟମାନଙ୍କ ନାଁରେ ୧୭୬ଟି ରହିଛି। ପିଏମ୍‌ଏଲ୍‌ଏରେ ମୋଟ ୧,୧୪୨ ଚାର୍ଜସିଟ୍‌ଦାଖଲ ହୋଇଥିବାବେଳେ ଏତଲା ତଥା ଅଭିଯୋଗ ଆଧାରରେ ୫୧୩ ଜଣଙ୍କୁ ଗିରଫ କରାଯାଇଛି।

## ଇଡିରେ ହାଜର ହେଲେନି କେସିଆର୍‌ଙ୍କ ଝିଅ

**ନୂଆଦିଲ୍ଲୀ, ୧୬।୩:** ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ବିଆର୍‌ଏସ୍ ନେତ୍ରୀ କେ. କବିତା ଗୁରୁବାର ଇଡି ଅଫିସରେ ହାଜର ହୋଇନାହାନ୍ତି। ସେ ତାଙ୍କ ନିଷ୍ପତ୍ତି ଜଣାଇଦେବାକୁ ବିଆର୍‌ଏସ୍ ସାଧାରଣ ସମ୍ପାଦକ ସୋମା ଭରତ କୁମାରଙ୍କୁ ଇଡିଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ। ଏହା ପରେ ଇଡି କବିତାଙ୍କୁ ମାର୍ଚ୍ଚ ୨୦ରେ ହାଜର ହେବା ଲାଗି ସାନି ସମନ ଜାରି କରିଛନ୍ତି।

## ସିସୋଡିଆଙ୍କ ନାଁରେ ସିବିଆଇର ସାନି ମାମଲା

**ନୂଆଦିଲ୍ଲୀ, ୧୬।୩:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଏଏପି ନେତା ମନୀଷ ସିସୋଡିଆଙ୍କ ବିରୋଧରେ ଗୁରୁବାର ସିବିଆଇ ସାନି ଦୁର୍ନୀତି ମାମଲା ରୁଜୁ କରିଛି। ୨୦୧୫ରେ ଏଏପି ଦିଲ୍ଲୀରେ କ୍ଷମତାକୁ ଆସିବା ପରେ ଗଠିତ ଫିଡ୍‌ବ୍ୟାକ୍ ୟୁନିଟ୍ (ଏଫ୍‌ବିୟୁ)ର ଭୁଲ୍ ଯୋଗୁ ଦିଲ୍ଲୀ ସରକାରଙ୍କର ୩୬ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହୋଇଥିବା ସିବିଆଇ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ଅନେକ ମିଥ୍ୟା ମାମଲା ଲଗାଇ ସିସୋଡିଆଙ୍କୁ ଜେଲରେ ରଖିବାକୁ ଚାହୁଁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଅରବିନ୍ଦକେଜରିୱାଲକହିଛନ୍ତି।

## ମୋଦିଙ୍କୁ ନୋବେଲ ପୁରସ୍କାର ଗୁଜବ

**ନୂଆଦିଲ୍ଲୀ, ୧୬।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନବରତ ପ୍ରୟାସ କରୁଛନ୍ତି। ତେଣୁ ମୋଦି ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଦୃଢ଼ ଦାବିଦାର। ଏହି ପୁରସ୍କାର ଲାଗି ତାଙ୍କ ନାମ ବିଚାରକୁ ନିଆଯାଇପାରେ ବୋଲି ନରୱେଜିଆନ୍ ନୋବେଲ ପ୍ରାଇଜ୍ କମିଟି ସଦସ୍ୟ ଆସ୍‌ଲେ ତୋଜେ ଟୁଇଟ୍ କରିଥିବା ନେଇ ଖବର ପ୍ରକାଶ ପାଇଥିଲା। ଏନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହାକୁ ତୋଜେ ଖଣ୍ଡନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ବୋଲି ତୋଜେ କହିଛନ୍ତି।

## ଶୀତଳ ଭଣ୍ଡାର ଭୁଶୁଡ଼ିଲା: ୨ ଶ୍ରମିକ ମୃତ, ୯ ଉଦ୍ଧାର

**ସମ୍ଭଲ, ୧୬।୩:** ଉତ୍ତରପ୍ରଦେଶର ସମ୍ଭଲ ଜିଲାରେ ଏକ ଶୀତଳଭଣ୍ଡାର ଗୁରୁବାର ଭୁଶୁଡ଼ି ପଡ଼ିବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆହୁରି ଅନେକେ ଫସିରହିଥିବା ଆଶଙ୍କା କରାଯାଉଛି। ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ସହ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବାକୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱାମୀଙ୍କୁ ବାଣ୍ଟିନେଲେ ଦୁଇ ସ୍ତ୍ରୀ

**ଗ୍ୱାଲିଅର, ୧୬। ୩**

ମଧ୍ୟପ୍ରଦେଶର ଗ୍ୱାଲିଅରରେ ଜଣେ ସଫ୍ଟୱେର ଇଞ୍ଜିନିୟର ନିଜ ୨ ସ୍ତ୍ରୀଙ୍କୁ ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି। ସେ ୨୦୧୮ରେ ଗ୍ୱାଲିଅରର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଉଭୟେ ଦୁଇବର୍ଷ ଗୁରୁଗ୍ରାମରେ ଏକାଠି ରହିବା ପରେ ୨୦୨୦ରେ କୋଭିଡ୍ ଯୋଗୁ ଇଞ୍ଜିନିୟରଜଣକ ସ୍ତ୍ରୀଙ୍କୁ ଗ୍ୱାଲିଅରସ୍ଥିତ ଶଶୁର ଘରକୁ ପଠାଇଦେଲେ। ବହୁଦିନ ପରେ ବି ସେ ପ୍ରଥମ ସ୍ତ୍ରୀଙ୍କ ନିକଟକୁ ଫେରି ନ ଥିଲେ। ପ୍ରଥମ ସ୍ତ୍ରୀ ଗୁରୁଗ୍ରାମସ୍ଥିତ ସ୍ୱାମୀଙ୍କ ଅଫିସରେ ପହଞ୍ଚିଥିଲେ। ସ୍ୱାମୀ ଜଣେ ସହକର୍ମୀଙ୍କୁ ବିବାହ କରିଥିବା ସେଠାରେ ସେ ଜାଣିବାକୁ ପାଇଥିଲେ । ସେ କିଛିଦିନ ଅଫିସ ସମ୍ମୁଖରେ ଧାରଣାରେ ବସିବା ପରେ ଏକ ଫାମିଲି କୋର୍ଟରେ ସ୍ୱାମୀଙ୍କ ନାଁରେ ଅଭିଯୋଗ କରିଥିଲେ। କାଉନ୍‌ସେଲିଂରେ ବ୍ୟକ୍ତିଜଣକ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ଛାଡ଼ିବାକୁ ଅରାଜି ହୋଇଥିଲେ। ତେବେ ଆପୋସ ବୁଝାମଣାରେ ଏକ ଏଗ୍ରିମେଣ୍ଟ କରାଯାଇଥିଲା। ସେ ଦୁଇ ସ୍ତ୍ରୀଙ୍କୁ ଗୋଟିଏ ଲେଖାଏ ଫ୍ଲାଟ୍ ଦେବେ। ଗୋଟିଏ ସପ୍ତାହରେ ପ୍ରଥମ ସ୍ତ୍ରୀଙ୍କ ସହ ୩ ଦିନ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ସହ ଆଉ ୩ଦିନ ବିତାଇବେ ବୋଲି ଚୁକ୍ତିନାମାରେ ସର୍ତ୍ତ ରହିଥିଲା। ରବିବାର ସେ ନିଜ ଇଚ୍ଛା ମୁତାବକ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କ ପାଖରେ ରହିବେ ବୋଲି ସ୍ଥିର କରାଯାଇଥିଲା। ହିନ୍ଦୁ ପରିବାର ଆଇନ ଅନୁସାରେ ଜଣେ ବ୍ୟକ୍ତି ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ନ ଦେବା ପର୍ଯ୍ୟନ୍ତ ଦ୍ୱିତୀୟ ବିବାହ କରିପାରିବେ ନାହିଁ। କିନ୍ତୁ ଆପୋସ ବୁଝାମଣା ଅନୁସାରେ ଇଞ୍ଜିନିୟରଜଣକ ୨ ଜଣ ସ୍ତ୍ରୀଙ୍କ ସହ ରହିବା ନେଇ ଚୁକ୍ତି ସମ୍ପାଦନକାରୀ ଆଇନଜୀବୀ ହରିଶ ଦିୱାନ କହିଛନ୍ତି।

# ଆମେରିକା ଡ୍ରୋନ୍ ଉପରେ ଇନ୍ଧନ ଫିଙ୍ଗିଥିଲା ରୁଷିଆ ଯୁଦ୍ଧବିମାନ

**ୱାଶିଂଟନ, ୧୬।୩**

ରୁଷିଆ ଯୁଦ୍ଧବିମାନ ସୁଖୋଇ-୨୭ ଗତ ୧୪ ତାରିଖରେ କୃଷ୍ଣ ସାଗର ଉପର ଅନ୍ତର୍ଜାତୀୟ ବାୟୁସୀମାରେ ଆମେରିକାର ବାୟୁସେନାର ଏମ୍‌କ୍ୟୁ-୯ ଡ୍ରୋନ୍‌କୁ ପିଛା କରିବା ସହ ଇନ୍ଧନ ଛାଡ଼ିଥିଲା। ଇନ୍ଧନ ଛାଡୁଥିବା ଦୃଶ୍ୟର ଏକ ସଂକ୍ଷିପ୍ତ ଭିଡିଓ ଆମେରିକା ପକ୍ଷରୁ ଜାରି କରାଯାଇଛି। ଟୁଇଟରରେ ଆମେରିକାର ୟୁରୋପୀୟାନ କମାଣ୍ଡ ପକ୍ଷରୁ ପୋଷ୍ଟ କରାଯାଇଥିବା ଭିଡିଓରେ ରୁଷିଆ ଜେଟ୍ ଏମ୍‌କ୍ୟୁ-୯ ଡ୍ରୋନ୍ ପଛରେ ପହଞ୍ଚିବା ପରେ ଇନ୍ଧନ ଛାଡ଼ି ଏହା ଉପର ଦେଇ ଅତିକ୍ରମ କରିଥିଲା। ଫଳରେ ଡ୍ରୋନ୍‌ର ପ୍ରୋପେଲର କାର୍ଯ୍ୟ କରି ନ ଥିଲା। ଏହାର କିଛି ସମୟ ପରେ ରୁଷିଆ ଜେଟ୍ ପୁଣିଥରେ ଉକ୍ତ ଡ୍ରୋନ୍‌କୁ ପିଛା କରିଥିଲା ଓ ଇନ୍ଧନ ଫିଙ୍ଗିଥିଲା। ଯାହା ଫଳରେ ପ୍ରୋପେଲର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ବୋଲି ଆମେରକା କହିଛି।



## ସେନା ହେଲିକପ୍ଟର ଦୁର୍ଘଟଣା: ୨ ପାଇଲଟ ମୃତ

**ଗୁଆହାଟୀ, ୧୬।୩:** ଭାରତୀୟ ସେନାର ଚିତା ହେଲିକପ୍ଟର ଅରୁଣାଚଳପ୍ରଦେଶର ପଶ୍ଚିମ କାମେଙ୍ଗ ଜିଲାର ମଣ୍ଡଲ ନିକଟରେ ଗୁରୁବାର ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣ ପାଇଲଟଙ୍କ ମୃତ୍ୟୁ ଘଟିଛି। ମୃତ ପାଇଲଟଦ୍ୱୟ ହେଲେ ଲ୍ୟୁଟନାଣ୍ଟ କର୍ନେଲ ଭି.ଭି.ବି. ରେଡ୍ଡୀ ଏବଂ ମେଜର ଜୟନ୍ତ ଏ। ହେଲିକପ୍ଟରଟି ସକାଳ ୯ଟା ୧୫ ମିନିଟ୍ ସମୟରେ ବୋମଡିଲା ନିକଟରେ ଉଡୁଥିବାବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ଯୋଗଯୋଗ ଛିନ୍ନ ହୋଇଥିଲା। ଏହା ବୋମଡିଲା ପଶ୍ଚିମ ପାର୍ଶ୍ୱରେ ଥିବା ମଣ୍ଡଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ସେଠାକୁ ୫ଟି ଉଦ୍ଧାରକାରୀ ଟିମ୍ ପଠାଯାଇଥିଲା।



# ସାମ୍ବିଧାନିକ ପୀଠରେ ରାୟ ସଂରକ୍ଷିତ

## ମହାରାଷ୍ଟ୍ର ରାଜନୈତିକ ବିବାଦ ମାମଲା

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

ମହାରାଷ୍ଟ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ମଧ୍ୟରେ ବିବାଦରୁ ସୃଷ୍ଟ ରାଜନୈତିକ ସଙ୍କଟକୁ ନେଇ ସୁପ୍ରିମକୋର୍ଟରେ ଦାଏର ଏକାଧିକ ପିଟିଶନ ଉପରେ ସୁପ୍ରିମକୋର୍ଟ ଗୁରୁବାର ରାୟ ସଂରକ୍ଷିତ ରଖିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉଭୟ ଗୋଷ୍ଠୀଙ୍କ ସମେତ ରାଜ୍ୟପାଳଙ୍କ କାର୍ଯ୍ୟାଳୟର ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏମ୍.ଆର୍. ଶାହା, କୃଷ୍ଣ ମୁରାରୀ, ହିମା କୋହଲି ଏବଂ ପି.ଏସ୍. ନରସିଂହ ରହିଛନ୍ତି। ଏକନାଥ ଗୋଷ୍ଠୀ ତରଫରୁ ବରିଷ୍ଠ ଆଇନଜୀବୀ ନୀରଜ କିଷନ କୌଲ, ହରିଶ ସାଲ୍‌ଭେ, ମହେଶ ଜେଠମାଲାନି ଏବଂ ଆଇନଜୀବୀ ଅଭିକଳ୍ପ ପ୍ରତାପ ସିଂ ଯୁକ୍ତି ରଖିଥିବାବେଳେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରତିନିଧିତ୍ୱ କରିଥିଲେ। ୨୦୨୨ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଆସ୍ଥାଭୋଟ ଲୋଡ଼ିବା ଲାଗି ତତ୍କାଳୀନ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଦେଇଥିବା ନିର୍ଦ୍ଦେଶକୁ ରଦ୍ଦ କରାଯାଉ ବୋଲି ଗୁରୁବାର ଉଦ୍ଧବ ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟରେ ଦାବି କରାଯାଇଥିଲା। ଶିବସେନା ବିଧାୟକମାନଙ୍କ ମଧ୍ୟରେ ମତଭେଦକୁ ନେଇ ଆସ୍ଥାଭୋଟ ଲାଗି ନିର୍ଦ୍ଦେଶ ଦେବାରେ ରାଜ୍ୟପାଳଙ୍କ ଆଚରଣକୁ ନେଇ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ପ୍ରଶ୍ନ ଉଠାଇଥିଲେ। ଏଭଳି ନିର୍ଦ୍ଦେଶ ଯୋଗୁ ଏକ ନିର୍ବାଚିତ ସରକାର ଭାଙ୍ଗିପାରେ ଜାଣି ରାଜ୍ୟପାଳ ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ କ୍ଷମତାର ଅପବ୍ୟବହାର କରିପାରିବେ ନାହିଁ ବୋଲି ସିବଲ ବୁଧବାର କୋର୍ଟଙ୍କୁ କହିଥିଲେ।

ପିଟିଶନଗୁଡ଼ିକର ଶୁଣାଣି ଫେବୃୟାରୀ ୨୧ରୁ ଆରମ୍ଭ ହୋଇଥିଲା। ୯ ଦିନର ଶୁଣାଣି ପରେ ରାୟ ସଂରକ୍ଷିତ ରଖାଯାଇଛି। ଶିବସେନାରେ ବିଭାଜନ ଯୋଗୁ ଗତବର୍ଷ ଜୁନ୍‌ରେ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଦେଖାଦେଇଥିଲା। ଏହି ପରିପ୍ରେକ୍ଷୀରେ ୨୦୧୬ର ନବମ ରେବିଆ ରାୟକୁ ବିଚାରକୁ ନେବା ଲାଗି ୭ ଜଣିଆ ପୀଠକୁ ପିଟିଶନଗୁଡ଼ିକୁ ପଠାଇବା ପାଇଁ ହୋଇଥିବା ଆବେଦନକୁ ଫେବୃୟାରୀ ୧୭ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ବାଚସ୍ପତିଙ୍କୁ ବହିଷ୍କାର କରିବା ପାଇଁ ଯଦି ପୂର୍ବରୁ ଗୃହରେ ନୋଟିସ୍ ହୋଇଥିବ, ତେବେ ସେ କୌଣସି ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ ବୋଲି ୨୦୧୬ ରାୟରେ କୁହାଯାଇଥିଲା। ସୂଚନାଯୋଗ୍ୟ, ଆସ୍ଥା ଭୋଟ ଲୋଡ଼ିବା ପାଇଁ ତତ୍କାଳୀନ ରାଜ୍ୟପାଳ ଭଗତ ସିଂ କୋଶିଆରୀ ନିର୍ଦ୍ଦେଶ ଦେବାରୁ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ୩୧ ମାସର ମହାବିକାଶ ଅଘାଡ଼ି ସରକାର ଭାଙ୍ଗିଯାଇଥିଲା। ଆସ୍ଥାଭୋଟରେ ପରାଜିତ ହେବାକୁ ପଡ଼ିବ ଅନୁଭବ କରି ଠାକ୍‌ରେ ଇସ୍ତଫା ଦେବା ପରେ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ସେନା-ଭାଜପା ସରକାର ଗଠିତ ହୋଇଥିଲା। ଶାସକ ଦଳର ଦୁଇଗୋଷ୍ଠୀ ମଧ୍ୟରେ ମତଭେଦ ଆଧାରରେ ଆସ୍ଥାଭୋଟ ଡକାଯିବାରୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ଠାକ୍‌ରେ ସରକାର ଭାଙ୍ଗିଯାଇଥିଲା। ଏକ ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ ରାଜ୍ୟପାଳ ତାଙ୍କ କ୍ଷମତାର ଅପବ୍ୟବହାର କରିପାରିବେ ନାହିଁ ବୋଲି ବୁଧବାର ସାମ୍ବିଧାନିକ ପୀଠ ଟିପ୍ପଣୀ ଦେଇଥିଲେ।

ସେନାର ଉଭୟ ଗୋଷ୍ଠୀ ପକ୍ଷରୁ ଦାଏର ପିଟିଶନରେ ଦଳବଦଳ ଏବଂ ଅଯୋଗ୍ୟ ଘୋଷଣା ଆଦି ଉପରେ ଏକାଧିକ ସାମ୍ବିଧାନିକ ପ୍ରଶ୍ନ ଉଠାଯାଇଥିବାରୁ ଗତବର୍ଷ ଅଗଷ୍ଟ ୨୩ରେ ତତ୍କାଳୀନ ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ପିଟିଶନଗୁଡ଼ିକର ବିଚାର ପାଇଁ ୫ ଜଣିଆ ପୀଠକୁ ପଠାଇ ଦେଇଥିଲେ। ବାଲାସାହେବ ଠାକ୍‌ରେ ଶିବସେନା ଗଠନ କରିଥିବାବେଳେ ଗତ ମାସରେ ନିର୍ବାଚନ କମିଶନ ଏକନାଥ ଗୋଷ୍ଠୀକୁ ପ୍ରକୃତ ଶିବସେନାର ସ୍ୱୀକୃତି ଦେବା ସହ ଧନୁତୀର ଚିହ୍ନ ବ୍ୟବହାର ଲାଗି ଅନୁମତି ଦେବାରୁ ଉଦ୍ଧବ ଗୋଷ୍ଠୀକୁ ଶକ୍ତ ଝଟକା ଲାଗିଥିଲା।




ମାସିକ ସର୍ବନିମ୍ନ ଦରମା ୧୮ହଜାର ଟଙ୍କାକୁ ବୃଦ୍ଧି, ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ସମାବେଶ।

# ଜଙ୍ଗଲ ବିଭାଗର ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

- ଆଦିବାସୀଙ୍କୁ ଜମିପଟ୍ଟା ପ୍ରଦାନରେ ଓଡ଼ିଶା ୧ ନମ୍ବର: ମନ୍ତ୍ରୀ
- ପ୍ରଭାବଶାଳୀଙ୍କ ସମ୍ପୃକ୍ତିରେ ବନ୍ୟପ୍ରାଣୀ ବିଦେଶକୁ ରପ୍ତାନି ହେଉଛି: ମୋହନ
- ଜଙ୍ଗଲ ଆମ ଅର୍ଥନୀତିର ମୁଖ୍ୟ ଆଧାର ହୋଇଛି: ଅମର
- ବନୀକରଣରେ ଓଡ଼ିଶାର ବାସ୍ତବ ସ୍ଥିତି କ'ଣ ଜାଣିବା ଦରକାର: ରାଜନ

ଜଙ୍ଗଲ ନିଆଁ ନିୟନ୍ତ୍ରଣ କରିବାରେ ରାଜ୍ୟସରକାର ବିଫଳ ହୋଇଛନ୍ତି। ୨୨ ଜିଲାରେ ବର୍ତ୍ତମାନ ୧୨୦୦ ଜଙ୍ଗଲ ଜଳୁଛି। ବର୍ଷା ନ ହେଲେ ଜଙ୍ଗଲ ନିଆଁ ଲିଭୁନାହିଁ। ଏହା ସରକାରୀକୃତ। ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଛି। ସେହିପରି ବନ୍ୟପ୍ରାଣୀଙ୍କ ସୁରକ୍ଷା ବର୍ତ୍ତମାନ ପ୍ରଶ୍ନବାଚୀ। ବନ୍ୟପ୍ରାଣୀ ଚୋରି ଓ ଚୋରାଚାଲାଣରେ ପ୍ରଭାବଶାଳୀ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ବିଧାନସଭାରେ ଗୁରୁବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଖର୍ଚ୍ଚଦାବି ଆଲୋଚନାବେଳେ ଏଭଳି ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ ସଦସ୍ୟ। ଜବାବରେ ଶାସକ ବିଜେଡି ସଦସ୍ୟ କହିଛନ୍ତି, ବନାଗ୍ନି ରୋକିବାକୁ ସରକାର ପଦକ୍ଷେପ ନେଇଛନ୍ତି। ପ୍ରକୃତିର ସୁରକ୍ଷା ସମସ୍ତଙ୍କ ମିଳିତ ଦାୟିତ୍ୱ। ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ୍ କହିଛନ୍ତି, ଓଡ଼ିଶାରେ ଜଙ୍ଗଲ ପରିଧି ବୃଦ୍ଧି ପାଇଛି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତକରି ବିରୋଧୀ ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି। ଉପବାଚସ୍ପତି ରଜନୀକାନ୍ତ ସିଂହ ବାଚନିକ ଭୋଟରେ ବିଭାଗୀୟ ଖର୍ଚ୍ଚଦାବି ପାରିତ କରାଇଛନ୍ତି।

ଆଲୋଚନାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଅମାତ୍ କହିଛନ୍ତି, ଜଙ୍ଗଲ ଅଧିକାର ଆଇନ ଅନୁସାରେ ଆଦିବାସୀଙ୍କୁ ଜମିପଟ୍ଟା ପ୍ରଦାନ କରିବାରେ ଓଡ଼ିଶା ୧ ନମ୍ବର ରାଜ୍ୟ। ରାଜ୍ୟରେ ସର୍ବମୋଟ୍ ୬୧,୨୦୪.୧୭ ବର୍ଗ କି.ମି. ସରକାରୀ ନଥିଭୁକ୍ତ ଜଙ୍ଗଲ ଅଛି। ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ୨୦୨୧ ସର୍ବେକ୍ଷଣ ତଥ୍ୟ ଅନୁସାରେ ରାଜ୍ୟରେ ମୋଟ୍ ୫୨୧୫୫.୯୫ ବର୍ଗ କି.ମି.ର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ରହିଛି। ବନ ସଂରକ୍ଷଣ ସଂସ୍ଥାର ୨୦୧୯ ଓ ୨୦୨୧ ତଥ୍ୟ ମଧ୍ୟରେ ରାଜ୍ୟରେ ୫୩୭ ବର୍ଗ କି.ମି. ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଓ ୩୫୬ ବର୍ଗ କି.ମି. ବୃକ୍ଷ ଆଚ୍ଛାଦିତ ଅଞ୍ଚଳ (ମୋଟ୍ ୮୯୩ ବର୍ଗ କି.ମି.)ର ଅଭିବୃଦ୍ଧି ହୋଇଛି। ସବୁଜ ମହାନଦୀ ମିଶନ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୫୩ କୋଟି ଅର୍ଥ ବରାଦ ହୋଇଛି। ସେହିପରି ପରିବେଶ ପର୍ଯ୍ୟଟନର ବିକାଶ ପାଇଁ ବିଭାଗ ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରୁଛି। ବନାଗ୍ନିକୁ ପ୍ରତିହତ କରିବା ପାଇଁ ବିଭାଗ ଦ୍ୱାରା ନିରବଚ୍ଛିନ୍ନ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ କାମ୍ପା ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇ ୧.୯୦ କୋଟି କାର୍ଯ୍ୟ ଦିବସ ସୃଷ୍ଟି କରାଯିବାର ଆକଳନ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରି କହିଛନ୍ତି, ପରିବେଶ ପ୍ରଦୂଷଣର ପ୍ରତିକାର ପାଇଁ ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଜଳବାୟୁ ପରିବର୍ତ୍ତନରେ ଆମେ ସମସ୍ତେ ପ୍ରଭାବିତ। ତାପଜ ବିଦ୍ୟୁତ୍ ପରିବର୍ତ୍ତେ ଜଳବିଦ୍ୟୁତ୍ କାରଖାନା ଅଧିକ ହେଲେ ଉତ୍ପାଦନ ଖର୍ଚ୍ଚ କମିବା ସହ ପରିବେଶ ପ୍ରଦୂଷଣ ହ୍ରାସ ପାଇପାରନ୍ତା। ଓଡ଼ିଶାରେ ଜଙ୍ଗଲ ବୃଦ୍ଧି ହୋଇଥିବା କୁହାଯାଉଥିଲେ ବି ବାସ୍ତବତା କିନ୍ତୁ ଭିନ୍ନ। ବିଭାଗୀୟ ସ୍ଥାୟୀ କମିଟି ସୁପାରିଶଗୁଡ଼ିକୁ ବିଭାଗ ଗ୍ରହଣ କରୁନାହିଁ। ଜଙ୍ଗଲ ନିଆଁ ସରକାରୀକୃତ ପାଲଟିଛି। ବନ୍ୟପ୍ରାଣୀ ବିଦେଶକୁ ରପ୍ତାନି କରାଯାଉଛି। ଏହାର ଏକ ର‌୍ୟାକେଟ୍ ରହିଛି, ଏଥିରେ ପ୍ରଭାବଶାଳୀ ଅଧିକାରୀ ସମ୍ପୃକ୍ତ ଥିବାରୁ ଏହି ଘଟଣା ବଢ଼ିଚାଲିଛି। ସେହିପରି ପରିପୂରକ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କ ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଅନ୍ୟପକ୍ଷରେ ସବୁଜ ମହାନଦୀ ମିଶନକୁ ୫ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଏହି ମିଶନରେ ରୋପଣ ହୋଇଥିବା ଚାରା ମଧ୍ୟରୁ ୭୦% ଚାରା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି, ଜଙ୍ଗଲ ଆମ ଅର୍ଥନୀତିର ମୁଖ୍ୟ ଆଧାର ହୋଇଛି। ଲୋକଙ୍କୁ ସମ୍ପୃକ୍ତ କରାଇ ବନ ସୁରକ୍ଷା ସମିତି ଗଠନ କରାଯାଇଛି। ଜଙ୍ଗଲ ସମ୍ପଦର ସୁରକ୍ଷାରେ ସେମାନେ ଭାଗୀଦାର ହେଉଛନ୍ତି। ପ୍ରକୃତିର ସୁରକ୍ଷା ପାଇଁ ସମସ୍ତଙ୍କ ମିଳିତ ଦାୟିତ୍ୱ ରହିଛି। କେବଳ କର୍ମଚାରୀଙ୍କୁ ଦୋଷ ଦେଇ ଖସିଗଲେ ହେବନାହିଁ। ବନାଗ୍ନି ପ୍ରଶମନରେ ରାଜ୍ୟର ସଫଳତା ପ୍ରଶଂସନୀୟ। କଂଗ୍ରେସ ବିଧାୟକ ସି. ଏସ୍.ରାଜନ ଏକ୍କା କହିଛନ୍ତି, ବନୀକରଣରେ ଓଡ଼ିଶା ୩ୟ ଥିବା ରିପୋର୍ଟ କହୁଛି। ହେଲେ ବାସ୍ତବରେ ଏହାର ସ୍ଥିତି କ'ଣ ତାହା ଜାଣିବାର ଆବଶ୍ୟକତା ଅଛି। ଭାଜପା ସଦସ୍ୟ ଗଣେଶ ରାମସିଂ ଖୁଣ୍ଟିଆ ଶିମିଳିପାଳରେ ପରିବେଶ-ପର୍ଯ୍ୟଟନର ବ୍ୟବସ୍ଥା କରାଯିବା ଉପରେ ମତ ରଖିଛନ୍ତି। ବିଜେଡି ବିଧାୟକ ଧ୍ରୁବଚରଣ ସାହୁ କହିଛନ୍ତି, ରାଜ୍ୟର ଭୌଗୋଳିକ କ୍ଷେତ୍ରଫଳର ୩୯.୩୧ ଭାଗ ଜଙ୍ଗଲ, ଯାହା ଜାତୀୟ ହାରଠୁ ଅଧିକ। କଂଗ୍ରେସ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ କହିଛନ୍ତି, ୪୦ରୁ ୫୦ ଭାଗ ଜଙ୍ଗଲ ନଷ୍ଟ ହୋଇସାରିଲାଣି। ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗୁଛି। ଏଥିପାଇଁ ଡିସେମ୍ବରରୁ ସଚେତନତା କାର୍ଯ୍ୟକ୍ରମ ହେବା ଆବଶ୍ୟକ। ଜଙ୍ଗଲରେ ଅସୁରକ୍ଷିତ ମଣି ହାତୀ ଜନବସତିମୁହାଁ ହେଉଛନ୍ତି। ଏହା ଭିତରେ ବହୁ ହାତୀ ବିଭିନ୍ନ କାରଣରୁ ମଲେଣି। ମଣିଷ ମଧ୍ୟ ହାତୀ ଆକ୍ରମଣର ଶିକାର ହେଉଛି। ଭାଜପା ବିଧାୟକ ସନାତନ ବିଜୁଳି କହିଛନ୍ତି, ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା କରା ନ ଗଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ। ଏଥିପାଇଁ ସରକାର ଦାୟୀ ରହିବେ। ଖର୍ଚ୍ଚଦାବି ଆଲୋଚନାରେ ବିଧାୟକ ରାଜକିଶୋର ଦାସ, ଦାଶରଥୀ ଗମାଙ୍ଗୋ, କୁସୁମ ଟେଟେ, ମୁକେଶ ପାଲ, ପ୍ରକାଶ ସୋରେନ୍, ସୁବାସ ଚନ୍ଦ୍ର ବେହେରା, ପ୍ରଦୀପ କୁମାର ଦିଶାରୀ, ମକରନ୍ଦ ମୁଦୁଲି ଭାଗନେଇ ମତ ଦେଇଛନ୍ତି।

# ଦୀର୍ଘବର୍ଷ ରହି ବେପାରରେ ମାତୁଛନ୍ତି ଅଫିସର

**ବିଧାନସଭାରେ ବିରୋଧୀଙ୍କ ଅଭିଯୋଗ**

## ଜନପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି

**ଭୁବନେଶ୍ୱର,୧୬।୩(ବ୍ୟୁରୋ)**

ଜଣେ ଜଣେ ଅଫିସର ୩/୪ଟା ବିଭାଗ ମାଡ଼ି ବସିଛନ୍ତି। ଦୀର୍ଘ ବର୍ଷ ଧରି ଗୋଟିଏ ବିଭାଗରେ ରହୁଛନ୍ତି। ପ୍ରଶାସନିକ କାର୍ଯ୍ୟ ଛାଡ଼ି ନିଜ ବେପାରରେ ମାତୁଛନ୍ତି। ଜନପ୍ରତିନିଧିମାନେ ଫୋନ କଲେ ଖାତିର କରୁନାହାନ୍ତି। ବୁକ୍ ସର୍କୁଲାର ତୁଳିକି ଗଲାଣି। ଏଇଟା କ'ଣ ୫-ଟି। ଗୋଟିଏ ଜାଗାରେ ଦୀର୍ଘ ବର୍ଷ ଧରି ରହୁଥିବା ଆଇଏଏସ୍ ଏବଂ ଓଏଏସ୍ ଅଧିକାରୀମାନଙ୍କୁ ନେଇ ବିରୋଧୀ ଗୁରୁବାର ସରକାରଙ୍କ ଉପରେ ବର୍ଷିଛନ୍ତି।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଲେ, ପ୍ରତ୍ୟେକ ଜିନିଷ ପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଗୋଟିଏ ଅଫିସ୍‌ରେ ଯଦି ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ରହିବେ, ତାଙ୍କୁ ବଦଳି କରାଯିବନି ତେବେ ରାଜ୍ୟରେ ଶାସନ ଚାଲିବ କେମିତି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାପାଳ ଦୀର୍ଘ ବର୍ଷ ହେବ ଗୋଟିଏ ଜାଗାରେ ରହିଛନ୍ତି। ସେମାନେ ପ୍ରଶାସନିକ କାମ ଛଡ଼ା ନିଜ ବେପାରରେ ବ୍ୟସ୍ତ ରହୁଛନ୍ତି। ୨୦୧୪ରୁ ନଗର ଉନ୍ନୟନ ବିଭାଗ ସଚିବ ରହିଲେଣି। ୯ ବର୍ଷ ହେବ ସେ ଗୋଟିଏ ବିଭାଗରେ ରହିଛନ୍ତି। ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବ ୨୦୧୭ରୁ ରହିଲେଣି। ଅରୁଣ ବୋଥ୍ରା, ଲୋହାନୀ ଦୀର୍ଘବର୍ଷ ଧରି ଗୋଟିଏ ଜାଗାରେ ରହିଲେଣି। ଜଣେ ଜଣେ ଅଫିସର ଏକାଧିକ ବିଭାଗ ଦାୟିତ୍ୱରେ ରହୁଛନ୍ତି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ, ବିଭିନ୍ନ ଜିଲାର ଜିଲାପାଳ, ବ୍ଲକରେ ବିଡିଓ ଦୀର୍ଘବର୍ଷ ଧରି ଗାଦି ଛାଡୁନାହାନ୍ତି। ଏଇଟା କ'ଣ ସରକାର, ଏଇଟା କ'ଣ ୫ଟି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦେବାକୁ ଜୟନାରାୟଣ ବାଚସ୍ପତିଙ୍କ ତୁରନ୍ତ ଦାବି କରିଥିଲେ। ବିରୋଧୀ ଦଳ ନେତାଙ୍କ ସହ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ତାଳ ମିଳାଇଥିଲେ। ସେ କହିଛନ୍ତି, ବିରୋଧୀ ଦଳ ନେତାଙ୍କ ସହ ମୁଁ ଏକ ମତ। ଗୋଟିଏ ବିଭାଗରେ ଜଣେ ସଚିବ ୯ ବର୍ଷ ଧରି ରହିଛନ୍ତି। ବିଧାୟକ ଟେଲିଫୋନ କଲେ ସେ ଉଠାଉନାହାନ୍ତି। ବୁକ୍ ସର୍କୁଲାର ତୁଳିକି ଗଲାଣି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି ଜଣେ ଅଫିସର ଗୋଟିଏ ବିଭାଗରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଖାଦ୍ୟ ଯୋଗାଣ ବିଭାଗ ସଚିବ କିପରି ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଅଛନ୍ତି। କେନ୍ଦୁଝର ଜିଲାପାଳଙ୍କୁ ଟ୍ରାନ୍ସଫର କରାଯାଉ ନାହିଁ। ସେଠାରେ ଖଣି ଅଛି, ମାଲ ଅଛି। ଖଣି ପଇସାରେ ଏ ସରକାର ଚାଲିଛି। ଜନପ୍ରତିନିଧିଙ୍କ କଥା ଅଫିସର ଶୁଣୁନାହାନ୍ତି। ବିଧାନସଭାରେ ଏଥିକ୍ସ କମିଟି ତାହାହେଲେ କାହିଁକି ଅଛି। ବ୍ଲକରେ ପିସି କାରବାର ବହୁ ମାତ୍ରାରେ ବଢ଼ିଯାଇଛି। ବାଚସ୍ପତି ଏ ଦିଗରେ ଧ୍ୟାନ ଦେବା ଦରକାର ବୋଲି ସେମାନେ କହିଛନ୍ତି। ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଅଭିଯୋଗ କଲେ ଯେ କୋଏଡା ବିଡିଓ ପଲବୀ ରାଣୀ ରାଜ ମନମୁଖି ଶାସନ କରୁଛନ୍ତି। କୌଣସି କାର୍ଯ୍ୟ ପାଇଁ ଫୋନ କଲେ ଉଠାଉନାହାନ୍ତି। ସରପଞ୍ଚଙ୍କୁ ଅସଦ ବ୍ୟବହାର କରୁଛନ୍ତି। ମାଆ, ଭାଇଙ୍କ ନାଁରେ ଠିକା କାମ କରୁଛନ୍ତି। ଘରେ ଅଫିସ କାମ କରୁଛନ୍ତି। ବ୍ଲକକୁ ଆସୁନାହାନ୍ତି। ବ୍ଲକ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ତୁରନ୍ତ ତାଙ୍କୁ ସେଠାରୁ ବଦଳି କରିବାକୁ ଲକ୍ଷ୍ମଣ ମୁଣ୍ଡା ଦାବି କରିଥିଲେ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏଥିପ୍ରତି ଧ୍ୟାନ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗଣତନ୍ତ୍ର ପାଇଁ ପରୀକ୍ଷାର ବେଳ: ରାହୁଲ

**ନୂଆଦିଲ୍ଲୀ,୧୬।୩**



ଯଦି ଭାରତୀୟ ଗଣତନ୍ତ୍ର ଚାଲୁଥାଏ ତେବେ ପାର୍ଲାମେଣ୍ଟରେ ତାଙ୍କୁ କହିବାକୁ ଦିଆଯିବ ବୋଲି ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ବ୍ରିଟେନରେ ଭାରତୀୟ ଗଣତନ୍ତ୍ର ଉପରେ ମନ୍ତବ୍ୟ ଦେଇ ଶାସକ ଭାଜପା ପକ୍ଷରୁ ସମାଲୋଚନାର ଶିକାର ହେବା ପରେ ୱାୟନାଡ୍ ଏମ୍‌ପି ଏହା ପ୍ରକାଶ କରିଛନ୍ତି। ଏହାକୁ ସେ ଭାରତୀୟ ଗଣତନ୍ତ୍ର ପାଇଁ ପରୀକ୍ଷାର ସମୟ ଭାବେ ଅଭିହିତ କରିଛନ୍ତି।

ଲଣ୍ଡନରୁ ଫେରିବା ପରେ ଏଆଇସିସି କାର୍ଯ୍ୟାଳୟରେ ପ୍ରଥମ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ଭାଜପାର ୪ ନେତା ଜଣେ ସାଂସଦଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ସମ୍ପୃକ୍ତ ଏମ୍‌ପିଙ୍କୁ ସେମାନଙ୍କ ଭଳି ସମାନ ସୁଯୋଗ ଦିଆଯିବ ନା ମୁହଁ ବନ୍ଦ କରିବାକୁ କୁହାଯିବ। କେନ୍ଦ୍ରର ୪ ମନ୍ତ୍ରୀ ଆଣିଥିବା ଅଭିଯୋଗର ଉତ୍ତର ଦେବା ଅଧିକାର ତାଙ୍କର ରହିଛି। ତେଣୁ ତାଙ୍କୁ କହିବା ପାଇଁ ସୁଯୋଗ ଦେବାକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଅନୁରୋଧ କରିଥିବା ରାହୁଲ ପ୍ରକାଶ କରିଛନ୍ତି।

**ଡ୍ରାଇଭରଙ୍କ 'ଷ୍ଟିୟରିଂ ଛାଡ଼' ଆନ୍ଦୋଳନ**

# ବିଜେଡି-ଭାଜପା ଟୁଇଟ୍ ଯୁଦ୍ଧ

**ଭୁବନେଶ୍ୱର, ୧୬।୩(ବ୍ୟୁରୋ)**

- ଘଟଣାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ: ଧର୍ମେନ୍ଦ୍ର
- ଆଗେ ଭାଜପା ଶାସିତ ମଧ୍ୟପ୍ରଦେଶରେ ଏହା ଲାଗୁ କରାନ୍ତୁ: ସସ୍ମିତ
- ଆଲୋଚନା ଜରିଆରେ ତୁରନ୍ତ ସମାଧାନ ହେଉ: ପିସିସି ସଭାପତି

ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ନେଇ ରାଜ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖିବାକୁ ମିଳୁଛି। କେଉଁଠି ପେଟ୍ରୋଲ ପମ୍ପରେ ତେଲ ଶେଷ ହୋଇଗଲାଣି ତ ଆଉ କେଉଁଠାରେ ଗାଡ଼ି ନ ଆସିପାରିବାରୁ ବଜାରରେ ପନିପରିବା ମିଳିବାରେ ସମସ୍ୟା ସୃଷ୍ଟି ହେଲାଣି। ତେବେ ଏହି ଘଟଣାକୁ ନେଇ ଏବେ ରାଜନୀତି ଆରମ୍ଭ ହୋଇଛି। ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିବା ପରେ ବିଜେଡି ଏହାର ପାଲଟା ଜବାବ ଦେଇ ଭାଜପା ଶାସିତ ରାଜ୍ୟରେ ଏହା ସମ୍ଭବ କି ବୋଲି ପ୍ରଶ୍ନ କରିଛି। ପୁଣି ବିଜେଡିକୁ ଭାଜପା ନେତା ଟୁଇଟ୍ କରି ଜବାବ ଦେଉଥିବା ବେଳେ ମୁହଁ ଖୋଲିଛି କଂଗ୍ରେସ। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ସାଧାରଣ ଲୋକେ ହଇରାଣ ହେଲେଣି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ନିଜ ଉପସ୍ଥିତିରେ ସମସ୍ତ ଡ୍ରାଇଭର ସଂଘ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରନ୍ତୁ। ୨ ଦିନ ହେଲା ଡ୍ରାଇଭର ବନ୍ଧୁମାନଙ୍କ ଆନ୍ଦୋଳନ ଚାଲିଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ କିଛି ମାତ୍ରାରେ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳୁଛି। ଡ୍ରାଇଭରଙ୍କ ଏ ଆନ୍ଦୋଳନ ଆଜିର ନୁହେଁ। ବର୍ଷେ ପୂର୍ବରୁ ଏହା ଆରମ୍ଭ ହୋଇଥିଲା। ସେତେବେଳେ ଡ୍ରାଇଭର ମହାସଂଘ ଓ ସରକାର ମଧ୍ୟରେ ଆଲୋଚନା ହୋଇ ଏ ଆନ୍ଦୋଳନ ସ୍ଥଗିତ ରହିଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଥିଲୁ। କିଛିଦିନ ପୂର୍ବରୁ ସମାନ ଦାବିକୁ ଦୋହରାଇ ଡ୍ରାଇଭର ବନ୍ଧୁମାନେ ଦଣ୍ଡବତ ଯାତ୍ରା କରିଥିଲେ। ତାଙ୍କ ସହ ରାଜ୍ୟ ସରକାର ଆଲୋଚନା ନ କରି ରାସ୍ତା ବାହାର ନ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ବିଜେଡି ଏମ୍‌ପି ସସ୍ମିତ ପାତ୍ର ଟୁଇଟ୍ କରି କହିଛନ୍ତି, କେଉଁ ଭାଜପା ଶାସିତ ରାଜ୍ୟରେ ଡ୍ରାଇଭରଙ୍କ ପାଇଁ ଏଭଳି ନୀତି କାର୍ଯ୍ୟକାରୀ ହୋଇଛି ଧର୍ମେନ୍ଦ୍ର ଭାଇ କୁହନ୍ତୁ। ଧର୍ମେନ୍ଦ୍ର ଭାଇ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ଡ୍ରାଇଭରମାନଙ୍କ ପାଇଁ କେନ୍ଦ୍ରରୁ କିଛି କରିପାରିବେ । ଯଦି ବିଜେଡି ସରକାର ଓଡ଼ିଶାରେ ଏଭଳି ନୀତି କାର୍ଯ୍ୟକାରୀ କରନ୍ତି ତେବେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ଆସିଥିବା ଭାଜପା ଶାସିତ ରାଜ୍ୟ ମଧ୍ୟପ୍ରଦେଶରେ ଏହାକୁ ଲାଗୁ କରିବେ କି ବୋଲି ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିବା ସହ ସସ୍ମିତ ଉତ୍ତର ଦାବି କରିଛନ୍ତି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ଟୁଇଟ୍ କରି ସସ୍ମିତଙ୍କୁ କହିଛନ୍ତି, ରାଜ୍ୟରେ ଡ୍ରାଇଭର ଭାଇମାନଙ୍କ ସମସ୍ୟାକୁ ସମାଧାନ ନ କରି ବିଜେଡି ସରକାର ଆନ୍ଦୋଳନକୁ ବଢାଇବା ଭଳି ମାନସିକତାରେ ଅଛି ବୋଲି ସସ୍ମିତଙ୍କ ଟୁଇଟ୍‌ରୁ ସ୍ପଷ୍ଟ ହେଉଛି। ତେବେ ମୁକେଶ ମହାଲିଙ୍ଗଙ୍କ ସମେତ ବିଧାୟକ ନାଉରି ନାଏକ, ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟମାନେ ତମାଣ୍ଡୋଠାରେ ଡ୍ରାଇଭରମାନେ ଆନ୍ଦୋଳନ କରିଥିବା ସ୍ଥଳକୁ ଯାଇ ଆଲୋଚନା କରିଛନ୍ତି। ତୁରନ୍ତ ପରିବହନ ମନ୍ତ୍ରୀ ଏବଂ ଶାସକ ଦଳ ନେତା ସେମାନଙ୍କ ସହ ଆସି ଭେଟି ଆଲୋଚନା କରିବାକୁ ନାଉରି ଦାବି କରିଛନ୍ତି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ୧୦ଦଫା ଦାବି ନେଇ ବୁଧବାରଠାରୁ ଟ୍ରକ୍ ଡ୍ରାଇଭର ସଂଘ ଚଳାଇଥିବା ଆନ୍ଦୋଳନକୁ ଭାଜପାର ସମର୍ଥନ ଏକ ନାଟକବାଜି ବ୍ୟତୀତ ଅନ୍ୟ କିଛି ନୁହେଁ। ଡ୍ରାଇଭର ଭାଇଙ୍କୁ ଅନୁରୋଧ ଭାଜପାର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନରେ ପଡ଼ନ୍ତୁ ନାହିଁ ବୋଲି ଲେନିନ୍ କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଏହି ଆନ୍ଦୋଳନ ଲାଗି ଲୋକେ ଯାତାୟାତ ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଡ୍ରାଇଭର ଭାଇମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି। ଏଥିପାଇଁ ଧନ୍ୟବାଦ ଦେଉଛି। ମୁଖ୍ୟମନ୍ତ୍ରୀ ଆଉ ଧୈର୍ଯ୍ୟ ପରୀକ୍ଷା ନ କରି ଆଲୋଚନା ଜରିଆରେ ତୁରନ୍ତ ସମାଧାନ କରନ୍ତୁ ବୋଲି ଶରତ କହିଛନ୍ତି।



ତମାଣ୍ଡୋଠାରେ ଆନ୍ଦୋଳନ ସ୍ଥଳରେ ଡ୍ରାଇଭରମାନଙ୍କ ସହ ଭାଜପା ନେତା ଆଲୋଚନା କରୁଛନ୍ତି ।

**ନୀତି ରାଜନୀତି**

# ପାର୍ଲାମେଣ୍ଟରେ ବିରୋଧୀଙ୍କ ମାନବଶୃଙ୍ଖଳ




ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିକରି ଗୁରୁବାର ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ, ରାମଗୋପାଳ ଯାଦବ, ଡିଏମ୍‌କେର ଟି.ଆର୍. ବାଲୁ, ଏନ୍‌ସି ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା ପ୍ରମୁଖ ପାର୍ଲାମେଣ୍ଟ ପରିସରରେ ମାନବ ଶୃଙ୍ଖଳ କରିଛନ୍ତି।

**ଆଦାନୀ ଦୁର୍ନୀତିର ଜେପିସି ତଦନ୍ତ ଦାବିକୁ ଅଣଦେଖା**

- ସଂସଦରେ ଅଚଳାବସ୍ଥା ସୃଷ୍ଟି କରିଛି କେନ୍ଦ୍ର: ଖାର୍ଗେ
- ବିଦେଶରେ ଭାରତକୁ ବଦନାମ କରିବା ରାହୁଲଙ୍କ ଅଭ୍ୟାସ: ଭାଜପା

**ନୂଆଦିଲ୍ଲୀ,୧୬।୩**

ଆଦାନୀ ଗ୍ରୁପ୍‌କୁ ନେଇ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଅଣାଯାଇଥିବା ଷ୍ଟକ୍ସ ଦୁର୍ନୀତି ଅଭିଯୋଗ ଏବଂ କମ୍ପାନୀ ମୁଖ୍ୟ ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କକୁ ନେଇ ତଦନ୍ତ ଦାବିରେ ବିରୋଧୀ ଏମ୍‌ପିମାନେ ଅଡ଼ିବସିଛନ୍ତି। ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଲଗାତର ଚତୁର୍ଥ ଦିନ ଅଚଳାବସ୍ଥା ଜାରି ରହିଛି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଉଭୟ ଗୃହର ମଧ୍ୟଭାଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିବାରୁ ଲୋକ ସଭା ଓ ରାଜ୍ୟ ସଭାକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଅଚଳାବସ୍ଥା ମଧ୍ୟରେ ବିରୋଧୀ ନେତାମାନେ ଆଦାନୀ ଗ୍ରୁପ୍ ବିରୋଧରେ ଆଗତ ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ସଂସଦ ପରିସରରେ ମାନବଶୃଙ୍ଖଳ ଗଢ଼ିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିକୁ ଅଣଦେଖା କରିବା ପାଇଁ ପାର୍ଲାମେଣ୍ଟ ଚଳାଇ ନ ଦେବାକୁ କେନ୍ଦ୍ର ଷଡ଼ଯନ୍ତ୍ର କରିଛି। ଏପରି କି ସେମାନେ ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଭଳି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଚାହୁଁନାହାନ୍ତି। ପ୍ରଧାନମନ୍ତ୍ରୀ ବିଦେଶକୁ ଯାଇ ଅନେକ ଥର ଭାରତ ବିରୋଧୀ ମନ୍ତବ୍ୟ ଦେଇଛନ୍ତି। ସେ ପ୍ରଥମେ କ୍ଷମା ମାଗନ୍ତୁ। ରାହୁଲ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ। ଏହି ବିକ୍ଷୋଭରେ ଖାର୍ଗେଙ୍କ ସମେତ ଡିଏମ୍‌କେର ଟି.ଆର୍. ବାଲୁ, ଏଏପିର ସଞ୍ଜୟ ସିଂ, ବିଆର୍‌ଏସ୍ ନେତା କେଶବ ରାଓ, ଆର୍‌ଜେଡି ସଦସ୍ୟ ପ୍ରଫେସର ମନୋଜ ଝା, ସମାଜବାଦୀ ପାର୍ଟି ନେତା ରାମଗୋପାଳ ବର୍ମା, ସିପିଆଇର ବିନୟ ବିଶ୍ୱମ୍, ନ୍ୟାଶନାଲ କଂଗ୍ରେସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଶିବସେନା (ଉଦ୍ଧବ ଗୋଷ୍ଠୀ)ର ପ୍ରିୟଙ୍କା ଚତୁର୍ବେଦୀ, ରାଷ୍ଟ୍ରୀୟ ଲୋକ ଦଳ ମୁଖ୍ୟ ଜୟନ୍ତ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ। ଇତିମଧ୍ୟରେ ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିରେ ଦିଲ୍ଲୀ କଂଗ୍ରେସ ପକ୍ଷରୁ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀମାନେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଣ୍ଡନରେ ଭାରତୀୟ ଗଣତନ୍ତ୍ର ବିରୋଧରେ ମତ ଦେଇ ବିଦେଶୀ ଶକ୍ତିଙ୍କୁ ନିମନ୍ତ୍ରଣ କରିଥିବା ଅଭିଯୋଗ ଆଣି ଶାସକ ଦଳ ସଦସ୍ୟମାନେ ତାଙ୍କଠାରୁ କ୍ଷମା ଦାବି କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ରାହୁଲଙ୍କ ମନ୍ତବ୍ୟ ଭାରତୀୟ ଗଣତନ୍ତ୍ରର ସଫଳତା ବା ବିଫଳତାର ମାପକାଠି ନୁହେଁ। ବିଦେଶ ମାଟିରେ ଭାରତକୁ ନ୍ୟୂନ ଦର୍ଶାଇବା ତାଙ୍କର ଏକ ଅଭ୍ୟାସ ହୋଇଗଲାଣି।

# ସେବି ମୁଖ୍ୟଙ୍କୁ ସମନ ଦାବିକୁ ବିଜେଡିର ସମର୍ଥନ

**ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ**

**ନୂଆଦିଲ୍ଲୀ, ୧୬।୩**

ଦୀର୍ଘଦିନର ନୀରବତା ପରେ ବିଜେଡି ଆଦାନୀ ଗ୍ରୁପ୍‌ର ଷ୍ଟକ୍ ଜାଲିଆତି ଅଭିଯୋଗ ଉପରେ ନିଜ ଆଭିମୁଖ୍ୟ ରଖିଛି। ସେବି ମୁଖ୍ୟ ଏବଂ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବରିଷ୍ଠ ଅଧିକାରୀମାନଙ୍କୁ ସଂସଦୀୟ ଷ୍ଟାଣ୍ଡିଂ କମିଟି (ଜେପିସି)ରେ ହାଜର ହେବା ଲାଗି ବିରୋଧୀ ଦଳଗୁଡ଼ିକର ଦାବିକୁ ବିଜେଡି ସମର୍ଥନ ଜଣାଇଛି। ଅର୍ଥ ସମ୍ପର୍କିତ ଜେପିସି ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗର ତଦନ୍ତ କରିବା ସହ ସେବି ମୁଖ୍ୟ ଏବଂ ଆର୍‌ବିଆଇର ବରିଷ୍ଠ ଅଧିକାରୀମାନଙ୍କୁ ସମନ କରାଯାଉ ବୋଲି ବୈଠକରେ ବରିଷ୍ଠ କଂଗ୍ରେସ ଏମ୍‌ପି ମନୀଷ ତିୱାରୀ ଦାବି ରଖିଥିବାବେଳେ ଏହାକୁ ବିଜେଡି ଏମ୍‌ପି ପିନାକୀ ମିଶ୍ର ଏବଂ ଅମର ପଟ୍ଟନାୟକଙ୍କ ସମେତ ଟିଏମ୍‌ସିର ସୌଗତ ରାୟ ସମର୍ଥନ କରିଥିଲେ। ଅନ୍ୟପକ୍ଷରେ ଭାଜପାର ଏମ୍‌ପି ରବିଶଙ୍କର ପ୍ରସାଦ, ସୁଶୀଲ କୁମାର ମୋଦି, ଏସ୍.ଏସ୍. ଆଲୁୱାଲିଆ ପ୍ରମୁଖ ବିରୋଧୀଙ୍କ ଦାବିକୁ ବିରୋଧ କରିଥିଲେ। ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ କମିଟି ଦ୍ୱାରା ସମାନ୍ତରାଳ ତଦନ୍ତ କରାଯାଇପାରିବ ନାହିଁ ବୋଲି ସେମାନେ କହିଥିଲେ।

# ଡବ୍ଲୁଟିସି ଫାଇନାଲ

**ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲୁଟିସି) ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଇଂଲଣ୍ଡର ଓଭାଲରେ ଅନୁଷ୍ଠିତ ହେବ। ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ଫାଇନାଲରେ ଭାରତ ପ୍ରତିପକ୍ଷ ନ୍ୟୁଜିଲାଣ୍ଡଠାରୁ ହାରି ଯାଇଥିଲା। କ୍ରମାଗତ ଦ୍ୱିତୀୟଥର ଫାଇନାଲ ଖେଳିବାକୁ ଯାଉଥିବାରୁ ଦଳୀୟ ସନ୍ତୁଳନ ରକ୍ଷା କରିବା ଟିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ।**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ କ୍ରିକେଟ ସିରିଜ ନିକଟରେ ଶେଷ ହୋଇଛି। ପୂର୍ବାନୁମାନ ଅନୁସାରେ ଭାରତ ୨-୧ରେ ସିରିଜ ଜିତି ବର୍ଡର-ଗାଭାସ୍କର ଟ୍ରଫି ହାସଲ କରିଛି। ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ସାଇକେଲ (ଚକ୍ର)ରେ ପ୍ରଦର୍ଶନ ଭିତ୍ତିରେ ଭାରତ ଓ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଏହି ଦୁଇ ଦଳ ମଧ୍ୟରେ ଆଉ ଏକ ମୁକାବିଲା ଦେଖିବାକୁ ପାଇବେ କ୍ରିକେଟ ପ୍ରଶଂସକ। ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଫାଇନାଲ ଇଂଲଣ୍ଡର ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।

ଗତ ସିରିଜରେ ଅଷ୍ଟ୍ରେଲିଆ ଦଳରେ ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, କାମେରନ ଗ୍ରୀନ୍ ଓ ଡେଭିଡ୍ ୱାର୍ନର ଅଧିକାଂଶ ଭାଗରେ ଖେଳିପାରି ନ ଥିଲେ। ଜୋଶ୍ ହାଜେଲଉଡ୍ ଆଦୌ ଖେଳି ନ ଥିଲେ। ଭାରତୀୟ ପରିବେଶ ଏବଂ ଇଂଲଣ୍ଡ ପରିବେଶ ମଧ୍ୟରେ ଅନେକ ପ୍ରଭେଦ ରହିବ। ଓଭାଲର ପେସ୍ ଫ୍ରେଣ୍ଡଲୀ ପିଚ୍‌ରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲରଙ୍କୁ ମୁକାବିଲା କରିବା ଭାରତ ପାଇଁ କଡ଼ା ପରୀକ୍ଷା ସଦୃଶ ହେବ। ସେଠାରେ ଭାରତ କେବେହେଲେ ୩ ସ୍ପିନରଙ୍କୁ ନେଇ ଖେଳିପାରିବ ନାହିଁ। ତେବେ ୨ ସ୍ପିନରଙ୍କୁ ନେଇ ଖେଳିବା ଗମ୍ଭୀରତାର ସହ ବିଚାର କରାଯାଇପାରେ। ୨୦୨୧ରେ ସାଉଥାମ୍ପଟନ୍‌ରେ ଅନୁଷ୍ଠିତ ଫାଇନାଲରେ ଭାରତ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ନେଇ ୩-୨ (୩ ପେସ୍-୨ ସ୍ପିନ୍) ଫର୍ମାଟରେ ଖେଳିଥିଲା।

ମାତ୍ର ତାହା ବିଶେଷ କାମ ଦେଇ ନ ଥିଲା। ଅଶ୍ୱିନ ସବୁଠାରୁ ଭଲ ବୋଲିଂ କରିଥିଲେ, ମାତ୍ର ଜାଡେଜା ଫଳପ୍ରଦ ହୋଇ ନ ଥିଲେ। ଓଭରକାଷ୍ଟ ସିମିଂ କଣ୍ଡିଶନରେ ନ୍ୟୁଜିଲାଣ୍ଡ ପ୍ରଭାବୀ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା। ସେଠାରେ ନ୍ୟୁଜିଲାଣ୍ଡ ୪ ସ୍ପେଶାଲିଷ୍ଟ ଫାଷ୍ଟ ବୋଲର ଏବଂ କଲିନ ଡି ଗ୍ରାଣ୍ଡହୋମ୍‌ଙ୍କ ରୂପରେ ଜଣେ ମିଡିୟମ ପେସରଙ୍କୁ ଖେଳାଇ ଫାଇଦାରେ ରହିଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଭାରତ କେବଳ ୩ ଜଣ ପେସ୍ ବୋଲରଙ୍କୁ ନେଇ ଖେଳିଥିଲା। ଏହାପରେ ଇଂଲଣ୍ଡ ମାଟିରେ ଭାରତ ୫ ଟେଷ୍ଟ ଖେଳିଥିଲେ ହେଁ କେବେ ୩-୨ ଫର୍ମାଟ୍‌ରେ ଖେଳି ନ ଥିଲା। ୪-୧ ଭିତ୍ତିରେ କେବଳ ଜଣେ ସ୍ପିନର ଜାଡେଜାଙ୍କୁ ନେଇ ଭାରତ ପଡ଼ିଆକୁ ଓହ୍ଲାଇଥିଲା। ଅଶ୍ୱିନଙ୍କ ଅପେକ୍ଷା ଜାଡେଜା ଭଲ ବ୍ୟାଟର ହୋଇଥିବାରୁ ପ୍ରଥମ ପସନ୍ଦ ହୋଇଥିଲେ। ଭାରତ ସିରିଜକୁ ୨-୨ରେ ଡ୍ର ରଖିଥିବାରୁ ଆଗାମୀ ମ୍ୟାଚ୍‌ରେ ମଧ୍ୟ ୪-୧ ଫର୍ମାଟରେ ଖେଳିବାକୁ ପସନ୍ଦ କରିବା ଆଶା କରାଯାଉଛି। କାରଣ ଜୁନ୍‌ରେ ଓଭାଲ ପିଚ୍ ସ୍ପିନ୍ ଫ୍ରେଣ୍ଡଲୀ ହେବା ସମ୍ଭାବନା ନାହିଁ।

ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତା ହେଉଛି ମୁଖ୍ୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଫାଇନାଲ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଭାରତ ୪ ଦ୍ରୁତ ବୋଲରଙ୍କୁ ଚୟନ କରିବା ନିଶ୍ଚିତ କଷ୍ଟକର ହେବ। ଏ କ୍ଷେତ୍ରରେ ମହମ୍ମଦ ଶାମି ଓ ମହମ୍ମଦ ସିରାଜ ପ୍ରଥମ ପସନ୍ଦ ନୂଆ ବଲ ପାର୍ଟନର ହୋଇପାରନ୍ତି। ଉମେଶ ଯାଦବ, ଶାର୍ଦ୍ଦୂଳ ଠାକୁର ଓ ଜୟଦେବ ଉନାଡକଟ୍‌ଙ୍କ ମଧ୍ୟରୁ ଅନ୍ୟ ୨ ସ୍ଥାନ ପୂରଣ କରାଯାଇପାରେ। ୨୦୧୮ରେ ଶେଷଥର ପାଇଁ ଟେଷ୍ଟ ଖେଳିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ର୍ଥ ସିମରର ଭୂମିକା ତୁଲାଇପାରନ୍ତି। ଗତ ଭାରତ-ଅଷ୍ଟ୍ରେଲିଆ ସିରିଜରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବାରୁ ଦ୍ରୁତ ବୋଲରମାନେ ଅଧିକ ସମୟ ବୋଲିଂ ସୁଯୋଗ ପାଇନାହାନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲୁଟିସି) ଫାଇନାଲ ପୂର୍ବରୁ ଭାରତୀୟ ଖେଳାଳିମାନେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଖେଳିବାରେ ବ୍ୟସ୍ତ ରହିବେ। ତେଣୁ ବୋଲରମାନେ ଲମ୍ବା ସ୍ପେଲ୍ ବୋଲିଂ ପାଇଁ ସୁଯୋଗ ପାଇବେ ନାହିଁ। ଏ କ୍ଷେତ୍ରରେ ୪ ଦ୍ରୁତ ବୋଲରଙ୍କ ଅପେକ୍ଷା ଭାରତ ୩-୨ ଫର୍ମାଟରେ ଉଭୟ ଅଶ୍ୱିନ ଓ ଜାଡେଜାଙ୍କ ଉପରେ ଭରସା କରି ପଡ଼ିଆକୁ ଓହ୍ଲାଇପାରେ।

ଶ୍ରୀକର ଭରତ ଗତ ସିରିଜରେ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ। ଉଇକେଟ୍ କିପିଂ ମଧ୍ୟ ସେପରି ପ୍ରଭାବୀ ରହି ନ ଥିଲା। ରିଷଭ ପନ୍ତ ସୁସ୍ଥ ନ ଥିବାରୁ ଡବ୍ଲୁଟିସି ଫାଇନାଲରେ ଭାରତ ଭରତଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ ନା ଅନ୍ୟ କିଛି ବିକଳ୍ପ ଚିନ୍ତା କରିବ ତାହା ଉପରେ ମଧ୍ୟ ନଜର ରହିବ। ଗତ ସିରିଜରେ ଶୁବମନ ଗିଲ୍ ସୁଯୋଗର ସଦ୍‌ବ୍ୟବହାର କରି ଶତକ ହାସଲ କରିଥିଲେ। ତେଣୁ ଆଗାମୀ ମ୍ୟାଚ୍ ପାଇଁ ସେ ଭାରତର ଓପନିଂ ସ୍ଲଟ୍ ଲାଗି ପ୍ରବଳ ଦାବିଦାର ରହିବେ।

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସଂସ୍କରଣ ମେ' ବିଳମ୍ବ ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଭାରତୀୟ ଖେଳାଳିମାନେ ଟି୨୦ ଫର୍ମାଟ୍‌ରୁ ବାହାରି ହଠାତ୍ ଡବ୍ଲୁଟିସି ଫାଇନାଲ ଖେଳିବେ। ଏ କ୍ଷେତ୍ରରେ ଅଷ୍ଟ୍ରେଲିଆ ଖେଳାଳିମାନେ ଫାଇଦାରେ ରହିବେ। ମାର୍ନସ ଲାବୁସେନ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ସମେତ କେତେକ ଦଳର ଖେଳାଳି କାଉଣ୍ଟି କ୍ରିକେଟ ଖେଳିବା ସୁଯୋଗ ପାଇବେ। ଅନ୍ୟ କେତେକ ଖେଳାଳି ଅଷ୍ଟ୍ରେଲିଆ 'ଏ' ଦଳରେ ସାମିଲ ହୋଇ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ଡବ୍ଲୁଟିସି ଫାଇନାଲ ପାଇଁ ଅଷ୍ଟ୍ରେଲିଆ ଦଳରେ ୯ ଖେଳାଳିଙ୍କ ସ୍ଥାନ ପ୍ରାୟ ଚୂଡ଼ାନ୍ତ ହୋଇଛି। ଅନ୍ୟ ୨ ସ୍ଥାନ କେଉଁ ଖେଳାଳି ନେବେ ତା' ଉପରେ ନଜର ରହିବ। କହୁଣିରେ ଆଘାତ ଯୋଗୁ କ୍ରିକେଟରୁ ଦୂରେଇ ରହିଥିବା ଓପନର ଡେଭିଡ ୱାର୍ନର ଦିନିକିଆ ସିରିଜରେ ଅଷ୍ଟ୍ରେଲିଆ ଜର୍ସିରେ ନଜରକୁ ଆସିବେ। ତେବେ ସେ ଟେଷ୍ଟ ଦଳକୁ ଫେରୁଛନ୍ତି କି ନା ତାହା ଦେଖିବାର ଅଛି। ଇଂଲଣ୍ଡରେ ତାଙ୍କ ରେକର୍ଡ ସେତେ ଭଲ ନୁହେଁ। ସେଠାରେ ସେ ୧୩ଟି ଟେଷ୍ଟ ଖେଳିଥିବାବେଳେ ମାତ୍ର ୨୬.୦୪ ହାରରେ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ହେଲେ ଶତକ ହାସଲ କରିପାରିନାହାନ୍ତି। ଏହା ତାଙ୍କୁ ବ୍ୟାକ୍‌ଫୁଟ୍‌ରେ ରଖିବ ନିଶ୍ଚିତ। କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ ଅନ୍ତିମ ନିଷ୍ପତ୍ତି ନେବେ। ଆଗାମୀ ସିଜନରେ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ ହେବାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି।

ପ୍ୟାଟ୍ କୁମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ପରେ ଅଷ୍ଟ୍ରେଲିଆ ଦଳର ତୃତୀୟ ପେସର ଭାବେ କିଏ ସ୍ଥାନ ପାଇବ ତା' ଉପରେ ମଧ୍ୟ ନଜର ରହିବ। ଏ କ୍ଷେତ୍ରରେ ୨ ଜଣଙ୍କ ନାଁ ସାମ୍ନାକୁ ଆସୁଛି। ସେମାନେ ହେଲେ ଜୋଶ୍ ହାଜେଲଉଡ୍ ଓ ସ୍କଟ୍ ବୋଲାଣ୍ଡ। ହାଜେଲଉଡ୍ ନିଶ୍ଚିତ ପ୍ରଥମ ପସନ୍ଦ, ମାତ୍ର ଆହତ ସମସ୍ୟା ତାଙ୍କୁ ଅନେକ ସମୟରେ ପଡ଼ିଆ ବାହାରେ ରଖୁଛି। ତେଣୁ ବୋଲାଣ୍ଡଙ୍କୁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ। ଜୁନ୍ ପ୍ରଥମ ସପ୍ତାହରେ କେଉଁ ଦ୍ରୁତ ବୋଲର ଫଳପ୍ରଦ ହୋଇପାରିବେ ତା' ଉପରେ ମଧ୍ୟ ଧ୍ୟାନ ଦିଆଯିବ। ଷ୍ଟାର୍କଙ୍କ ରେକର୍ଡକୁ ମଧ୍ୟ ବିଚାରକୁ ନିଆଯିବ। ଡବ୍ଲୁଟିସି ଫାଇନାଲ ପାଇଁ ପ୍ରତି ଦଳ ମାତ୍ର ୧୫ ଜଣ ଲେଖାଏ ଖେଳାଳିଙ୍କୁ ଚୟନ କରିପାରିବେ। ତେଣୁ ତାରକା ସ୍ପିନର ନାଥନ ଲିୟନଙ୍କ ବ୍ୟାକ୍‌ଅପ୍ ସ୍ପିନରଭାବେ ଟଡ୍ ମର୍ଫିଙ୍କୁ ନିଆଯିବା ସମ୍ଭାବନା ରହିଛି। ଅଷ୍ଟ୍ରେଲିଆର ସମ୍ଭାବ୍ୟ ୧୫ ଜଣିଆ ଦଳ ଏପରି ହୋଇପାରେ-ଡେଭିଡ ୱାର୍ନର, ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, ଷ୍ଟିଭ୍ ସ୍ମିଥ, ଟ୍ରାଭିସ ହେଡ୍, କାମେରନ ଗ୍ରୀନ୍, ଆଲେକ୍ସ କାରେ (ଉଇକେଟ୍‌କିପର), ପ୍ୟାଟ୍ କୁମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲିୟନ, ଜୋଶ୍ ହାଜେଲଉଡ୍, ସ୍କଟ୍ ବୋଲାଣ୍ଡ, ଟଡ୍ ମର୍ଫି, ପିଟର ହ୍ୟାଣ୍ଡସ୍କମ୍ବ ଏବଂ ମିଚେଲ ନେସେର/ଲାନ୍ସ ମୋରିସ।





ପ୍ୟାଟ୍ କୁମିନ୍ସ ଓ ରୋହିତ ଶର୍ମା।

## ଅଷ୍ଟ୍ରେଲିଆ

୨୦୨୧ ଡିସେମ୍ବର ୮: ବନାମ ଇଂଲଣ୍ଡ, ୯ ଉଇକେଟରେ ବିଜୟୀ
୨୦୨୧ ଡିସେମ୍ବର ୧୬: ବନାମ ଇଂଲଣ୍ଡ, ୨୭୫ ରନ୍‌ରେ ବିଜୟୀ
୨୦୨୧ ଡିସେମ୍ବର ୨୬: ବନାମ ଇଂଲଣ୍ଡ, ଏକ ଇନିଂସ ୧୪ ରନ୍‌ରେ ବିଜୟୀ
୨୦୨୨ ଜାନୁୟାରୀ ୫: ବନାମ ଇଂଲଣ୍ଡ, ମ୍ୟାଚ୍ ଡ୍ର
୨୦୨୨ ଜାନୁୟାରୀ ୧୪: ବନାମ ଇଂଲଣ୍ଡ, ୧୪୬ ରନ୍‌ରେ ବିଜୟୀ
୨୦୨୨ ମାର୍ଚ୍ଚ ୪: ବନାମ ପାକିସ୍ତାନ, ମ୍ୟାଚ୍ ଡ୍ର
୨୦୨୨ ମାର୍ଚ୍ଚ ୧୨: ବନାମ ପାକିସ୍ତାନ, ମ୍ୟାଚ୍ ଡ୍ର
୨୦୨୨ ମାର୍ଚ୍ଚ ୨୧: ବନାମ ପାକିସ୍ତାନ, ୧୧୫ ରନ୍‌ରେ ବିଜୟୀ
୨୦୨୨ ଜୁନ୍ ୨୯: ବନାମ ଶ୍ରୀଲଙ୍କା, ୧୦ ଉଇକେଟରେ ବିଜୟୀ
୨୦୨୨ ଜୁଲାଇ ୮: ବନାମ ଶ୍ରୀଲଙ୍କା, ଏକ ଇନିଂସ ୩୯ ରନ୍‌ରେ ପରାସ୍ତ
୨୦୨୨ ନଭେମ୍ବର ୩୦: ବନାମ ୱେଷ୍ଟଇଣ୍ଡିଜ, ୧୬୪ ରନ୍‌ରେ ବିଜୟୀ
୨୦୨୨ ଡିସେମ୍ବର ୮: ବନାମ ୱେଷ୍ଟଇଣ୍ଡିଜ, ୪୧୯ ରନ୍‌ରେ ବିଜୟୀ
୨୦୨୨ ଡିସେମ୍ବର ୧୭: ବନାମ ଦକ୍ଷିଣ ଆଫ୍ରିକା, ୬ ଉଇକେଟରେ ବିଜୟୀ
୨୦୨୨ ଡିସେମ୍ବର ୨୬: ବନାମ ଦକ୍ଷିଣ ଆଫ୍ରିକା, ଏକ ଇନିଂସ ୧୮୨ ରନ୍‌ରେ ବିଜୟୀ
୨୦୨୩ ଜାନୁୟାରୀ ୪: ବନାମ ଦକ୍ଷିଣ ଆଫ୍ରିକା, ମ୍ୟାଚ୍ ଡ୍ର
୨୦୨୩ ଫେବୃୟାରୀ ୯: ବନାମ ଭାରତ, ଏକ ଇନିଂସ ୧୩୨ ରନ୍‌ରେ ପରାସ୍ତ
୨୦୨୩ ଫେବୃୟାରୀ ୧୭: ବନାମ ଭାରତ, ୬ ଉଇକେଟରେ ପରାସ୍ତ
୨୦୨୩ ମାର୍ଚ୍ଚ ୧: ବନାମ ଭାରତ, ୯ ଉଇକେଟରେ ବିଜୟୀ
୨୦୨୩ ମାର୍ଚ୍ଚ ୯: ବନାମ ଭାରତ, ମ୍ୟାଚ୍ ଡ୍ର

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଡ୍ର | ପଏଣ୍ଟ | ପର୍ସେଣ୍ଟେଜ୍ ପଏଣ୍ଟ |
|---|---|---|---|---|---|---|
| ଅଷ୍ଟ୍ରେଲିଆ | ୧୯ | ୧୧ | ୩ | ୫ | ୧୫୨ | ୬୬.୬୭ |
| ଭାରତ | ୧୮ | ୧୦ | ୫ | ୩ | ୧୨୭ | ୫୮.୮୦ |
| ଦ. ଆଫ୍ରିକା | ୧୫ | ୮ | ୬ | ୧ | ୧୦୦ | ୫୫.୫୬ |
| ଶ୍ରୀଲଙ୍କା | ୧୧ | ୫ | ୫ | ୧ | ୬୪ | ୪୮.୪୮ |
| ଇଂଲଣ୍ଡ | ୨୨ | ୧୦ | ୮ | ୪ | ୧୨୪ | ୪୬.୯୭ |
| ପାକିସ୍ତାନ | ୧୪ | ୪ | ୬ | ୪ | ୬୪ | ୩୮.୧୦ |
| ୱେଷ୍ଟଇଣ୍ଡିଜ | ୧୩ | ୪ | ୭ | ୨ | ୫୪ | ୩୪.୬୨ |
| ନ୍ୟୁଜିଲାଣ୍ଡ | ୧୨ | ୩ | ୬ | ୩ | ୪୮ | ୩୩.୩୩ |
| ବାଂଲାଦେଶ | ୧୨ | ୧ | ୧୦ | ୧ | ୧୬ | ୧୧.୧୧ |

## ଭାରତ

୨୦୨୧ ଅଗଷ୍ଟ ୪: ବନାମ ଇଂଲଣ୍ଡ, ମ୍ୟାଚ୍ ଡ୍ର
୨୦୨୧ ଅଗଷ୍ଟ ୧୨: ବନାମ ଇଂଲଣ୍ଡ, ୧୫୧ ରନ୍‌ରେ ବିଜୟୀ
୨୦୨୧ ଅଗଷ୍ଟ ୨୫: ବନାମ ଇଂଲଣ୍ଡ, ଏକ ଇନିଂସ ୭୬ ରନ୍‌ରେ ପରାସ୍ତ
୨୦୨୧ ସେପ୍ଟେମ୍ବର ୨: ବନାମ ଇଂଲଣ୍ଡ, ୧୫୭ ରନ୍‌ରେ ବିଜୟୀ
୨୦୨୧ ନଭେମ୍ବର ୨୫: ବନାମ ନ୍ୟୁଜିଲାଣ୍ଡ, ମ୍ୟାଚ୍ ଡ୍ର
୨୦୨୧ ଡିସେମ୍ବର ୩: ବନାମ ନ୍ୟୁଜିଲାଣ୍ଡ, ୩୭୨ ରନ୍‌ରେ ବିଜୟୀ
୨୦୨୧ ଡିସେମ୍ବର ୨୬: ବନାମ ଦକ୍ଷିଣ ଆଫ୍ରିକା, ୧୧୩ ରନ୍‌ରେ ବିଜୟୀ
୨୦୨୨ ଜାନୁୟାରୀ ୩: ବନାମ ଦକ୍ଷିଣ ଆଫ୍ରିକା, ୭ ଉଇକେଟରେ ପରାସ୍ତ
୨୦୨୨ ଜାନୁୟାରୀ ୧୧: ବନାମ ଦକ୍ଷିଣ ଆଫ୍ରିକା, ୭ ଉଇକେଟରେ ପରାସ୍ତ
୨୦୨୨ ମାର୍ଚ୍ଚ ୪: ବନାମ ଶ୍ରୀଲଙ୍କା, ଏକ ଇନିଂସ ୨୨୨ ରନ୍‌ରେ ବିଜୟୀ
୨୦୨୨ ମାର୍ଚ୍ଚ ୧୨: ବନାମ ଶ୍ରୀଲଙ୍କା, ୨୩୮ ରନ୍‌ରେ ବିଜୟୀ
୨୦୨୨ ଜୁଲାଇ ୧: ବନାମ ଇଂଲଣ୍ଡ, ୭ ଉଇକେଟରେ ପରାସ୍ତ
୨୦୨୨ ଡିସେମ୍ବର ୧୪: ବନାମ ବାଂଲାଦେଶ, ୧୮୮ ରନ୍‌ରେ ବିଜୟୀ
୨୦୨୨ ଡିସେମ୍ବର ୨୨: ବନାମ ବାଂଲାଦେଶ, ୩ ଉଇକେଟରେ ବିଜୟୀ
୨୦୨୩ ଫେବୃୟାରୀ ୯: ବନାମ ଅଷ୍ଟ୍ରେଲିଆ, ଏକ ଇନିଂସ ୧୩୨ ରନ୍‌ରେ ବିଜୟୀ
୨୦୨୩ ଫେବୃୟାରୀ ୧୭: ବନାମ ଅଷ୍ଟ୍ରେଲିଆ, ୬ ଉଇକେଟରେ ବିଜୟୀ
୨୦୨୩ ମାର୍ଚ୍ଚ ୧: ବନାମ ଅଷ୍ଟ୍ରେଲିଆ, ୯ ଉଇକେଟରେ ପରାସ୍ତ
୨୦୨୩ ମାର୍ଚ୍ଚ ୯: ବନାମ ଅଷ୍ଟ୍ରେଲିଆ, ମ୍ୟାଚ୍ ଡ୍ର

---



ରମେଶ ସାହୁ

# 'ବ୍ରିଜ୍' ଗୌରବ କଳ୍ପନା ଓ ବିଦ୍ୟା

**ଇଟାଲୀରେ ଅନୁଷ୍ଠିତ ବିଶ୍ୱ ଯୁବ ବ୍ରିଜ୍ ଟ୍ରାନ୍ସନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଭାରତକୁ ଗର୍ବିତ କରିଥିଲେ ମଧ୍ୟପ୍ରଦେଶର ଦୁଇ କଲେଜ ଛାତ୍ରୀ। ସେମାନେ ହେଲେ କଳ୍ପନା ଗୁର୍ଜର ଓ ବିଦ୍ୟା ପଟେଲ। କଳ୍ପନା ସିଙ୍ଗଲ୍ସ ବର୍ଗରେ ସ୍ୱର୍ଣ୍ଣ ଜିତିଥିବାବେଳେ ଡବଲ୍ସରେ କଳ୍ପନା ଓ ବିଦ୍ୟାଙ୍କ ଯୋଡ଼ି ରୌପ୍ୟ ପଦକ ହାସଲ କରିଥିଲା।**

ଗତବର୍ଷ ଅଗଷ୍ଟରେ ଇଟାଲୀର ସାଲ୍‌ସୋମାଗିଓରଠାରେ ବିଶ୍ୱ ଯୁବ ବ୍ରିଜ୍ ଟ୍ରାନ୍ସନ୍ୟାଶନାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ତାସ୍ ଖେଳର ଏହି ରୋମାଞ୍ଚକର ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନ କରି ଭାରତକୁ ଗର୍ବିତ କରିଥିଲେ ମଧ୍ୟପ୍ରଦେଶର ଦୁଇ କଲେଜ ଛାତ୍ରୀ। ସେମାନେ ହେଲେ କଳ୍ପନା ଗୁର୍ଜର ଓ ବିଦ୍ୟା ପଟେଲ। ଏଥିରେ କଳ୍ପନା ସିଙ୍ଗଲ୍ସ ବର୍ଗରେ ସ୍ୱର୍ଣ୍ଣ ଜିତିଥିବାବେଳେ ଡବଲ୍ସରେ କଳ୍ପନା ଓ ବିଦ୍ୟାଙ୍କ ଯୋଡ଼ି ରୌପ୍ୟ ପଦକ ହାସଲ କରିଥିଲା। ମଧ୍ୟପ୍ରଦେଶର ଇନ୍ଦୋର ସହରଠାରୁ ୧୫୦ କି.ମି ଦୂର ରାଇବିଦ୍‌ପୁରା ଗ୍ରାମର ଏହି ଦୁଇ ଛାତ୍ରୀ। ଦୁହେଁ ଅହମଦାବାଦ୍‌ରେ କଲେଜରେ ଅଧ୍ୟୟନ କରୁଛନ୍ତି। ୫ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ଅଛନ୍ତି ପ୍ରାୟ ୩ ଶହ ଜଣ ବ୍ରିଜ୍ ଖେଳାଳି। ଉତ୍ତର ଭାରତ ସମେତ ବିଭିନ୍ନ ରାଜ୍ୟରେ ହେଉଥିବା ଟୁର୍ନାମେଣ୍ଟଗୁଡ଼ିକରେ ଏମାନେ ଭାଗନେଇଥାନ୍ତି। ତେବେ ଜିମ୍‌ଖାନା କ୍ଲବ୍ ସହ ଜଡ଼ିତ ବ୍ରିଜ୍ କିପରି ରାଇବିଦ୍‌ପୁରା ଆସିଲା ତାହାର ଏକ ସଂକ୍ଷିପ୍ତ ଇତିହାସ ରହିଛି।

୧୯୬୫ ମସିହାରେ ଗ୍ରାମବାସୀ ପ୍ରଥମେ ତାସ୍ ଖେଳର ଚମକ ପାଇଥିଲେ। ସେତେବେଳେ ମହମ୍ମଦ ଜିଆ ଖାଁ ନାମରେ ଜଣେ ସରକାରୀ ପ୍ରାଣୀ ଚିକିତ୍ସକ ରାଇବିଦ୍‌ପୁରାରେ କାର୍ଯ୍ୟରତ ଥିଲେ। ମାତ୍ର ତାଙ୍କ ମନୋରଞ୍ଜନ ପାଇଁ ଗାଁରେ କିଛି ମାଧ୍ୟମ ନ ଥିଲା। ସେ ଜଣେ ବ୍ରିଜ୍ ଖେଳାଳି ଥିଲେ। ଏଣୁ ସେ ନିଜେ ବ୍ରିଜ୍ ଖେଳିବା ସହ ଗାଁ ଲୋକଙ୍କୁ ଶିଖାଇଲେ। ପ୍ରାରମ୍ଭରେ ଗାଁର ମଧ୍ୟବୟସ୍କ ଲୋକମାନେ ବ୍ରିଜ୍ ଖେଳୁଥିଲେ। ମାତ୍ର ଏହା ସାର୍ବଜନୀନ ହେବାକୁ ବେଶି ଡେରି ଲାଗି ନ ଥିଲା। ୨୦୦୩ ମସିହା ବେଳକୁ ରାଇବିଦ୍‌ପୁରାରେ ବ୍ରିଜ୍ ତାସ୍ ଖେଳ ପ୍ରସାର ହୋଇଯାଇଥିଲା। ଗ୍ରାମର ନିଜସ୍ୱ ଦଳ ମଧ୍ୟ ଗଠନ ହୋଇସାରିଥିଲା। ଉକ୍ତ ବର୍ଷ ଇନ୍ଦୋର ସହରକୁ ଯାଇଥିଲା ସେହି ଦଳ। ଚାଷୀମାନଙ୍କୁ ନେଇ ଗଠିତ ଦଳର ବ୍ରିଜ୍ ଖେଳ ପ୍ରଶଂସନୀୟ ହୋଇଥିଲା।



ଅତୀତରେ ରାଇବିଦ୍‌ପୁରାରେ କୃଷକ ଓ ସରକାରୀ ଶିକ୍ଷକ ସଂଖ୍ୟା ଅଧିକ ଥିଲା। ଗାଁର ଯୁବପିଢ଼ି ଏବେ ସଫ୍ଟୱେର ଓ ମେଡିସିନ୍ ବ୍ୟବସାୟ ଆଡ଼କୁ ଢଳୁଛନ୍ତି। ସମ୍ପ୍ରତି ଗାଁରେ ତାସ୍ ଖେଳର ବାତାବରଣ ବଢ଼ିଛି। କଳ୍ପନା ଓ ବିଦ୍ୟା ଯେଉଁ କ୍ଲବ୍‌ରେ ଅଭ୍ୟାସ କରୁଛନ୍ତି ସେ ଗୃହକୁ ମାର୍ଜିତ କରାଯାଇଛି। ଗାଁରେ ତାସ୍ ଖେଳର ମୂଳଦୁଆ ପକାଇଥିବା ଲୋକମାନଙ୍କୁ ସ୍ମରଣ କରାଯାଉଛି। ସେମାନଙ୍କ ମଧ୍ୟରେ ଜଣେ ଅମରେଶ ଦେଶ୍‌ପାଣ୍ଡେ। ୨୦୧୨ରେ 'ବ୍ରିଜ୍ ଭିଲେଜ୍' ଶୀର୍ଷକ ଏକ ଗଣମାଧ୍ୟମ ରିପୋର୍ଟ ତାଙ୍କ ନଜରକୁ ଆସିଥିଲା। ଏହା ପଢ଼ିଲା ପରେ ରାଇବିଦ୍‌ପୁରା ପ୍ରତି ଅମରେଶ ଆଗ୍ରହୀ ହୋଇପଡ଼ିଲେ। ସେ ୧୦ ଦିନ ଧରି ଏହି ଗାଁରେ ରହି ଗ୍ରାମବାସୀଙ୍କର ତାସ୍ ଆକର୍ଷଣ ଅନୁଧ୍ୟାନ କରିଥିଲେ।

ଅମରେଶ ଏବେ ବ୍ରିଜ୍‌ର ପ୍ରସାର ଲାଭ ଦିଗରେ କାମ କରୁଛନ୍ତି। ବ୍ରିଜ୍‌ର ଏକ କ୍ଷୁଦ୍ର ଅବଧି ପ୍ରସ୍ତୁତ କରି ତାକୁ ବିଦ୍ୟାଳୟ ଶିକ୍ଷାରେ ସାମିଲ କରାଇବା ଲାଗି ଅମରେଶ ଲକ୍ଷ୍ୟ ରଖିଛନ୍ତି। ତାଙ୍କରି ଉଦ୍ୟମ ଫଳରେ ଗାଁରେ ଏକ ବ୍ରିଜ୍ କ୍ଲବ୍ କାର୍ଯ୍ୟ କରୁଛି।

କଳ୍ପନା ଓ ବିଦ୍ୟା ଗାଁର ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗୀମାନଙ୍କ ଭିତରେ ଥିଲେ। ୨୦୧୨ ମସିହାରୁ ଦୁହେଁ ବ୍ରିଜ୍ ଖେଳରେ ଜଡ଼ିତ ଅଛନ୍ତି। ବିଭିନ୍ନ ସ୍ଥାନକୁ ବୁଲିଯିବା ସହ ଟୁର୍ନାମେଣ୍ଟ ଖେଳିବା ହେଉଛି ସେମାନଙ୍କର ନିଶା। ରାଇବିଦ୍‌ପୁରାରେ ବର୍ଷରେ ଏକାଧିକ ବ୍ରିଜ୍ ଟୁର୍ନାମେଣ୍ଟ ଆୟୋଜନ ହୋଇଆସୁଛି। ରାଇବିଦ୍‌ପୁରା ତାସ୍ ଖେଳ ପରମ୍ପରାର ଏକ ପ୍ରମୁଖ ଦିଗ ହେଉଛି ଚଟାଣରେ ବସି ତାସ୍ ଖେଳ। ଗାଁର ଦେବଦାସ ବର୍ମା ଜଣେ ତାସ୍ ପ୍ରଶିକ୍ଷକ। ସେ ଗାଁର କେତେଜଣଙ୍କୁ ତାସ୍ ଶିକ୍ଷା ଦେବାପରେ ଅନ୍ୟମାନେ ଅନୁସରଣ କରିଥିଲେ। ଗାଁ କ୍ଲବ୍‌ଗୁଡ଼ିକରେ ଲୋକମାନେ ତାସ୍ ଖେଳୁଥିଲା ବେଳେ ଭ୍ରାତୃତ୍ୱଭାବ ବଜାୟ ରଖିବା ଏକ ପରମ୍ପରା। ଏଠାରେ ଉଲ୍ଲେଖନୀୟ ଯେ, ସହର ବ୍ରିଜ୍ କ୍ଲବ୍‌ଗୁଡ଼ିକରେ ତାସ୍ ଖେଳ ବେଳେ ଯୁକ୍ତିତର୍କ ଏକ ସାଧାରଣ କଥା। ଅତୀତରେ ତାସ୍ ଖେଳରେ ତିକ୍ତତାକୁ ନେଇ ସ୍ୱାମୀ, ସ୍ତ୍ରୀ ଛାଡ଼ପତ୍ର ଘଟଣା ଦେଖାଯାଇଛି। ୧୯୪୦ ଦଶକରେ ଆମେରିକାର କନସାସ୍ ପ୍ରଦେଶରେ ତାସ୍ ଖେଳ ବେଳେ ସ୍ତ୍ରୀ କ୍ରୋଧାନ୍ୱିତ ହୋଇ ନିଜ ସ୍ୱାମୀକୁ ଗୁଳିକରି ହତ୍ୟା କରିଥିଲେ।

### ବ୍ରିଜ୍ ସମ୍ପର୍କରେ...

ବ୍ରିଜ୍ ଏକ କୌଶଳଗତ ତାସ୍ ଖେଳ। ଏହା ମନୋରଞ୍ଜନଧର୍ମୀ ଏବଂ ମନଲୋଭା। ମାଗଣ, ୨୯, ୪୨୦ ପରି ସାଧାରଣ ତାସ୍ ଖେଳ ନୁହେଁ। ବ୍ରିଜ୍ ବୌଦ୍ଧିକସ୍ତରର ଖେଳ ହୋଇଥିବାରୁ ବରିଷ୍ଠ ଲୋକମାନେ ଖେଳିବାକୁ ପସନ୍ଦ କରନ୍ତି। ବୁଦ୍ଧି ପ୍ରୟୋଗରେ କ୍ଷିପ୍ରତା ଆଣିବାରେ ଏହି ଖେଳ ସହାୟକ ହୋଇଥାଏ। ତାସ୍ ଖେଳରେ ସାଧାରଣ ଜ୍ଞାନ ରଖିଥିବା ବ୍ୟକ୍ତି ବ୍ରିଜ୍ ଖେଳିବାକୁ ସକ୍ଷମ । ମାତ୍ର ସିଦ୍ଧହସ୍ତ ହାସଲ କରିବା ସହଜ ନୁହେଁ। ଏହି ଆହ୍ୱାନ ଯୋଗୁ ବ୍ରିଜ୍ ପ୍ରତି ଜନାଗ୍ରହ ବଢ଼ିପାରିଛି। ବ୍ରିଜ୍‌ର ଚ୍ୟାଲେଞ୍ଜିଂ ଦିଗ ଏହାକୁ 'ଗେମ୍ ଅଫ୍ ଏ ଲାଇଫ୍‌ଟାଇମ' ଖ୍ୟାତି ଆଣିଦେଇଛି। ୫୨ଟି କାର୍ଡ। ଦୁଇଜଣ ଲେଖା ଯୋଡ଼ିଦାର ହୋଇ ଖେଳନ୍ତି। ଖେଳର ଆଭିମୁଖ୍ୟ 'ଟ୍ରିକ୍' ହାସଲ। ହୋମ୍ ବ୍ରିଜ୍ ଖେଳ ମଧ୍ୟରେ ରବର ବ୍ରିଜ୍ ଅନ୍ୟତମ। ରବର ବ୍ରିଜ୍ ଜନପ୍ରିୟ। ଭାରତରେ ବ୍ରିଜ୍ ବେଶ୍ ପୁରୁଣା।

### ଚାନ୍ସ

ଡବ୍ଲୁଟିସି ଫାଇନାଲରେ ଭାରତ
ଦୀର୍ଘ ବର୍ଷ ପରେ ମିତ
ଇଣ୍ଡିଆ ଜିତିବ ଆଇସିସି ଟ୍ରଫି
ସମ୍ଭାବନା ଉଜ୍ଜୀବିତ
ବର୍ଡର-ଗାଭାସ୍କର ଯାତ
ଶେଷ କରି ଟିମ୍ ଏ ଚାନ୍ସ ମାରିଛି
ରୋହିତ ଏଣ୍ଡ କୋ ସତ।

ଗିଲର ଲଡୁଆ ଶତକରେ ଭୁଲ
କୁମିନ୍ସର ଅଙ୍କ ଘର
ଘରୋଇ ପିଚ୍‌ରେ ଚାନ୍ସ ମାରି ଚୌକା
ହୋଇଛି ସୁପରଷ୍ଟାର
ପଛ ତିନିମାସ ଫେର
ସବୁ ଫର୍ମାଟରେ ଶତକ ରଚିଛି
ଟିମ୍‌ର ଏ ଓପନର।

ଡେରିଲ ମିଚେଲଙ୍କ ଭାଗୀଦାରି ସହ
କେନ୍ ୱିଲିୟମସନ
ନ୍ୟୁଜିଲାଣ୍ଡର ମୁଣ୍ଡ ଉଚ୍ଚା କଲେ
ଚାନ୍ସ ମାରି ଏକ ରନ୍
ରଖିଲେ ଦେଶର ମାନ
ଚାନ୍ସ ହରାଇଲେ ହାରିଯାଏ ଲୋକ
ଅଭୁଲା ରହେ ସେ ଦିନ।

-ସୁବାସ ଚନ୍ଦ୍ର ପ୍ରଧାନ

# ଗଞ୍ଜାମର ନାଟ୍ୟ ପରମ୍ପରାରେ 'ଭାରତଲୀଳା'

**ଅଶେଷ ନାଥ ମିଶ୍ର**
**ଦିଗପହଣ୍ଡି, ୧୬।୩**

ଗଞ୍ଜାମର ନୃତ୍ୟ ପରମ୍ପରା ବହୁ ପ୍ରାଚୀନ। ଏହି ଅଞ୍ଚଳରେ ପୂର୍ବେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଲୋକ ନୃତ୍ୟ, ଲୋକ ନାଟକ ପ୍ରଚଳିତ ଥିଲା। ସେଥି ମଧ୍ୟରୁ 'ଭାରତ ଲୀଳା' ବା ସୁଭଦ୍ରା ପରିଣୟ (ବିବାହ) ଅନ୍ୟତମ। ସାରଳା ଦାସଙ୍କ ଲିଖିତ ମହାଭାରତର ମଧ୍ୟପର୍ବର ଅର୍ଜୁନ-ସୁଭଦ୍ରା ପରିଣୟ ବିଷୟ ବସ୍ତୁକୁ ନେଇ 'ଭାରତ ଲୀଳା' ରଚନା ହୋଇଛି। ମହାଭାରତର କଥାବସ୍ତୁକୁ ନେଇ ଏହି ଲୀଳା ରଚନା କରାଯାଇଥିବାରୁ ଏହାର ନାମ 'ଭାରତ ଲୀଳା' ବୋଲି ବିବେଚିତ କରାଯାଇଛି। ସୁଭଦ୍ରାଙ୍କ ବିବାହ ପ୍ରସଙ୍ଗ ଏଥିରେ ସ୍ଥାନ ପାଇଥିବାରୁ ଏହାକୁ ସୁଭଦ୍ରା ପରିଣୟ ବୋଲି ମଧ୍ୟ କୁହାଯାଏ। ଏହି ଲୀଳାର ମୁଖ୍ୟ ଚରିତ୍ର ହେଲେ ଦୁଆରି ଓ ସୁଭଦ୍ରା। ଏହି ସାମଗ୍ରିକ ଲୀଳାରେ ଦୁଆରି ମୁଖ୍ୟ ଉଦ୍‌ଘୋଷକ ହୋଇଥିବାରୁ ଏହାକୁ ବିଭିନ୍ନ ଅଞ୍ଚଳରେ ଦୁଆରି ନାଟ ବୋଲି ଅଭିହିତ କରାଯାଏ। ବିଭିନ୍ନ ଲୀଳା ନାଟକ ମଧ୍ୟରେ 'ଭାରତ ଲୀଳା' ହେଉଛି ଶେଷ ଲୀଳା। ୧୮୭୦ ରୁ ୧୯୦୦ ମଧ୍ୟରେ ଗଞ୍ଜାମ କଲ୍ୟାଣପୁର ଗ୍ରାମର ଲୋକ ନାଟ୍ୟକାର ଦୀନବନ୍ଧୁ ଦାସ ଏହାକୁ ପ୍ରଥମେ ରଚନା କରିଥିବା ଗବେଷକ ଡ. ଅନନ୍ତରାମ କର ମତ ଦେଇଛନ୍ତି।

ପ୍ରାଚୀନ କାଳରେ ଗଞ୍ଜାମର ଲୋକେ କାମ ପାଇଁ ରେଙ୍ଗୁନ ବା ବ୍ରହ୍ମଦେଶ ଏବେକାର ମିଆଁମାର ଯାଉଥିଲେ। ସେଠାରେ ରହୁଥିବା ଓଡ଼ିଆମାନେ ଏହି 'ଭାରତ ଲୀଳା' ପରିବେଷଣ କରି ତାହାର ପ୍ରଚାର ପ୍ରସାର କରାଇଥିଲେ। ପଶ୍ଚିମବଙ୍ଗର ହୁଗୁଳି ଅଞ୍ଚଳରେ ରହୁଥିବା ଓଡ଼ିଆମାନେ ଏହି 'ଭାରତ ଲୀଳା' ପରିବେଷଣ କରୁଥିବାରୁ ସେମାନେ ଏହାକୁ ହୁଗୁଳି ଭାରତ ଲୀଳା ବୋଲି ଆଖ୍ୟାୟିତ କରୁଥିଲେ। ଦୀନବନ୍ଧୁ ଦାସଙ୍କ ରଚିତ ଏହି ଭାରତ ଲୀଳାରେ ଶହେରୁ ଊର୍ଦ୍ଧ୍ୱ ସଙ୍ଗୀତ ସ୍ଥାନ ପାଇଥିଲା। ଏହି ଲୀଳାର ମୁଖ୍ୟ ଗାୟକ ଦୁଆରି ହିଁ ବିଭିନ୍ନ ସଙ୍ଗୀତ ଗାନ କରି ଲୀଳାକୁ ଗତିଶୀଳ କରାଇଥାନ୍ତି। ପରବର୍ତ୍ତୀ ସମୟରେ ଅନ୍ୟ କେତେକ ସଙ୍ଗୀତ ଏହି ଲୀଳାରେ ମିଶ୍ରଣ କରାଯାଇଛି। ପରବର୍ତ୍ତୀ ସମୟରେ 'ଭାରତ ଲୀଳା'କୁ ପରିବର୍ଦ୍ଧିତ କରିଥିବା ଗୁରୁ (ଦୁଆରି)ମାନେ ହେଲେ ଗଞ୍ଜାମ ଜିଲା ଭାଲିଆଝୋଲା ଗ୍ରାମର ନିଳାଞ୍ଚଳ ମିଶ୍ର, କବିସୂର୍ଯ୍ୟନଗର ଅଞ୍ଚଳର ନବଘନ ପରିଡ଼ା, ଗୌତମୀ ଗ୍ରାମର ରାମଚନ୍ଦ୍ର ରେଡ୍ଡୀ, କନ୍ଧ ଖରିଡା ଗ୍ରାମର ଶ୍ୟାମ ସୁନ୍ଦର ସାବତ, ଆସିକା ନିକଟ ମାଗୁରା ଗ୍ରାମର ଭୀମ ପଣ୍ଡା, କନିଷି ପଞ୍ଚମା ଗ୍ରାମର ତ୍ରିନାଥ ପଟ୍ଟନାୟକ ଓ ନୀଳ ବଙ୍ଗଳା ଗାଁର ସନ୍ତୋଷ କୁମାର ପାଢ଼ୀ ଅନ୍ୟତମ। ଭାରତଲୀଳାର ମୁଖ୍ୟ ଚରିତ୍ରମାନେ ହେଲେ ଦୁଆରି, ଅର୍ଜୁନ, ସୁଭଦ୍ରା ଓ ସତ୍ୟଭାମା। ଗୌଣ ଚରିତ୍ରଗୁଡ଼ିକ ହେଲେ ନଟୁ, ଶ୍ରୀକୃଷ୍ଣ, ବଳରାମ, ନନ୍ଦ, ମଧୁ ମଙ୍ଗଳ, ଯଶୋଦା, ସୁଭଦ୍ରାଙ୍କ ସଖୀ, ହାଡ଼ି, ହାଡ଼ିଆଣି ଏବଂ ହାସ୍ୟାଭିନେତା ବାୟା।

ଏହି ଲୀଳା ପରିବେଷଣରେ ପୂର୍ବରୁ ଝିଅମାନଙ୍କ ପ୍ରବେଶ ନ ଥିଲା। ପୁଅମାନେ ଝିଅ ଚରିତ୍ରରେ ଅଭିନୟ କରୁଥଲେ। ବିଗତ ୨୦/୨୫ ବର୍ଷ ହେଲା ଯୁଗ ରୁଚି ଅନୁସାରେ ଝିଅମାନେ ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବାରୁ ଏହି ଲୀଳାକୁ ଅଧିକ ଜନାଦୃତ ହୋଇଛି। ଭାରତ ଲୀଳା କେବଳ ଗୀତ ସର୍ବସ୍ୱ। ଏହି ଲୀଳାର ଗଦ୍ୟାବଳି ଓ ପଦ୍ୟାବଳୀ ଶିଖିବା ଅତି ସହଜ। ତେଣୁ ଗଞ୍ଜାମର ପୁରପଲ୍ଲୀରେ ବହୁସଂଖ୍ୟକ ଭାରତ ଲୀଳା ନାଟ୍ୟ ଅନୁଷ୍ଠାନ ରହିଛି ଏବଂ ଏହା ଜିଲାରେ ସର୍ବାଧିକ ଲୋକପ୍ରିୟ ଲୋକନୃତ୍ୟ ଭାବେ ବିବେଚିତ। ଏହି ଭାରତ ଲୀଳା ସର୍ବାଧିକ ୫/୬ ଘଣ୍ଟା ପରିବେଷଣ କରାଯାଇଥାଏ।

ଗଞ୍ଜାମର ଲୋକନୃତ୍ୟ ମଧ୍ୟରେ ଭାରତ ଲୀଳା ଅନ୍ୟତମ। ପ୍ରତ୍ୟେକ ଜାତିର ଲୋକ ଏଥିରେ ଭାଗ ନେଇଥାନ୍ତି। ନାଚ ମାଷ୍ଟରଙ୍କ ନିର୍ଦ୍ଦେଶନାରେ କେଉଁ ଲୋକ କେଉଁ ଅଭିନୟ କରିପାରିବ ତାହା ଚୟନ କରାଯାଇଥାଏ। ତାଙ୍କ ନିର୍ଦ୍ଦେଶରେ ଏକ ନାଚ ଦଳ ଗଠନ ହୁଏ। ଗତ କିଛିବର୍ଷ ହେଲା 'ଭାରତ ଲୀଳା'ର ପ୍ରାୟ କଳାକାରମାନଙ୍କୁ ସରକାରୀ ସହାୟତା ସ୍ୱରୂପ ପେନ୍‌ସନ୍ ପ୍ରଦାନ କରାଯାଉଥିବା ଜଣାପଡିଛି।


ଭାଲିଆ ଝୋଳା ଗାଁରେ ଥିବା 'ଭାରତଲୀଳା' ନାଟ୍ୟ ଅନୁଷ୍ଠାନର କଳାକାର ବୃନ୍ଦ।

# ୫-ଟିରେ ରୂପାନ୍ତରଣ ହେବ ଛତ୍ରପୁର ହସ୍ପିଟାଲ

**ଛତ୍ରପୁର, ୧୬।୩ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ହସ୍ପିଟାଲ ୫-ଟି ଆଧାରରେ ରୂପାନ୍ତରଣ ହେବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଗୁରୁବାର ଛତ୍ରପୁର ହସ୍ପିଟାଲରେ ପହଞ୍ଚି ରୂପାନ୍ତରଣରେ ଉନ୍ନୟନମୂଳକ ଓ ରୋଗୀମାନଙ୍କ କଲ୍ୟାଣ ପାଇଁ କି କାର୍ଯ୍ୟ ହେବ ସେନେଇ ଅନୁଧ୍ୟାନ କରିଥିଲେ। ବିଶେଷକରି ହସ୍ପିଟାଲକୁ ଆସୁଥିବା ରୋଗୀମାନେ କିଭଳି ଉତ୍ତମ ସେବା ପାଇପାରିବେ ଏବଂ ସମସ୍ତ ସାଧାରଣ ମୌଳିକ ସୁବିଧା ପାଇବେ ତାହା ୫-ଟି ରୂପାନ୍ତରଣର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ହସ୍ପିଟାଲ ପରିସରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ଗୃହ, ପାଇଖାନା, ପାଣି ବ୍ୟବସ୍ଥା, ହସ୍ପିଟାଲ ସୌନ୍ଦର୍ଯ୍ୟକରଣ, ପାର୍କିଂ, ଆଇପିଡି, ଓପିଡି ଉନ୍ନତୀକରଣ, ହସ୍ପିଟାଲ ପରିସରରେ ଥିବା ପୁରୁଣା କ୍ୱାର୍ଟର୍ସ

## ଅନୁଧ୍ୟାନ କଲେ ଜିଲାପାଳ

ଓ ୱାର୍ଡ ଭାଙ୍ଗି ରୋଗୀ, ଆମ୍ବୁଲାନ୍ସ ସୁବିଧା ପାଇଁ ଖୋଲା ସ୍ପେସ୍, ଏସ୍‌ଏଚ୍‌ଜିଙ୍କ ଦ୍ୱାରା ରୋଗୀଙ୍କ ପାଇଁ ଖାଦ୍ୟ ରନ୍ଧା ବ୍ୟବସ୍ଥା, କାଫେ ଆଦି କରାଯିବ। ଏନେଇ ଏଷ୍ଟିମେଟ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଷ୍ଟାଫଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ଅନୁଧ୍ୟାନ ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଫୁଲ୍ଲ ଚରଣ ଗୌଡ, ଏନ୍‌ଏଚ୍‌ଏମ୍‌ର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଡାକ୍ତର ଉପସ୍ଥିତ ଥିଲେ।

ଅଭିନନ୍ଦନ
ଶଙ୍ଖ ମୋର ଗର୍ବ
ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପ୍ରଧାନ
ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ, ଦିଗପହଣ୍ଡି ବ୍ଲକ୍ ତଥା ଜିଲ୍ଲା ପରିଷଦ ସଦସ୍ୟ

ଅଭିନନ୍ଦନ
ଶ୍ରୀଯୁକ୍ତ ରଞ୍ଜନ କୁମାର ସାହୁ
ସରପଞ୍ଚ, ଗଡ଼ଗୋବିନ୍ଦପୁର ଗ୍ରାମପଞ୍ଚାୟତ ତଥା ଯୁବ ବିଜେଡି ବ୍ଲକ୍ ସଭାପତି, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଶ୍ରୀଯୁକ୍ତ ବି. କ୍ରିଷ୍ଣାରାଓ ସୁବୁଦ୍ଧି
ପୂର୍ବତନ ସରପଞ୍ଚ, ପଦ୍ମନାଭପୁର ପଞ୍ଚାୟତ ତଥା ବିଜେଡି ଉପସଭାପତି, ଗଞ୍ଜାମ ଜିଲ୍ଲା କମିଟି

ଅଭିନନ୍ଦନ
ଶ୍ରୀମତୀ ବି. ସନ୍ଧ୍ୟାରାଣୀ ସୁବୁଦ୍ଧି
ସରପଞ୍ଚ, ପଦ୍ମନାଭପୁର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଶ୍ରୀଯୁକ୍ତ ରଞ୍ଜନ କୁମାର ପାଣିଗ୍ରାହୀ
ସମାଜସେବୀ, ଗୋଲଣ୍ଡା, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଶ୍ରୀଯୁକ୍ତ ଭଗବାନ ବାଡ଼ତ୍ୟା
ପୂର୍ବତନ ସରପଞ୍ଚ, ବମକୋଇ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଶ୍ରୀଯୁକ୍ତ ଦୀପକ କୁମାର ମିଶ୍ର
କାଉନସିଲର ତଥା ସଭାପତି, ଦିଗପହଣ୍ଡି ନଗର କଂଗ୍ରେସ

ଅଭିନନ୍ଦନ
ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଣିଗ୍ରାହୀ
ସଭାପତି, ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି

ଅଭିନନ୍ଦନ
ଶ୍ରୀଯୁକ୍ତ ବିଜୟ କୁମାର ପ୍ରଧାନ
ସରପଞ୍ଚ, ସିଦ୍ଧେଶ୍ୱର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ବିକାଶ ପଶୁପାଳକ (ଭିକି)
ସଭାପତି, ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ

ଅଭିନନ୍ଦନ
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପ୍ରଧାନ
ବିଜେଡି ସମ୍ପାଦକ, ଦିଗପହଣ୍ଡି ବ୍ଲକ୍ କମିଟି

ଅଭିନନ୍ଦନ
ଶ୍ରୀଯୁକ୍ତ ତପନ କୁମାର ପ୍ରଧାନ
ସରପଞ୍ଚ, ବମକୋଇ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଶ୍ରୀମତୀ ଗୌରୀ କୁମାରୀ ବିଶୋୟୀ
ସରପଞ୍ଚ, ଫସିଗୁଡ଼ା ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଶ୍ରୀମତୀ ରଶ୍ମିତା କୁମାରୀ ପ୍ରଧାନ
ସରପଞ୍ଚ, ଜକର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା
ଦିଗପହଣ୍ଡି ଏନ୍.ଏ.ସି. ଅଧ୍ୟକ୍ଷ

ଅଭିନନ୍ଦନ
ଶ୍ରୀଯୁକ୍ତ ଶିବରାମ ପ୍ରଧାନ (ସଭାପତି)
ଫସିଗୁଡ଼ା ପ୍ରାଥମିକ ସେବା ସମବାୟ ସମିତି, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଶ୍ରୀଯୁକ୍ତ ନୀଳମାଧବ ଗୌଡ଼
କାଉନସିଲର ତଥା ଯୁବ ବିଜେଡି ସଭାପତି, ଦିଗପହଣ୍ଡି ଏନ୍.ଏ.ସି.

ଅଭିନନ୍ଦନ
ଶ୍ରୀଯୁକ୍ତ କେ. ହରିବନ୍ଧୁ ରେଡ୍ଡୀ
ପୂର୍ବତନ ସରପଞ୍ଚ, ଗଡ଼ଗୋବିନ୍ଦପୁର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଶ୍ରୀମତୀ ସୁନିତା ସେଠୀ
ଅଧ୍ୟକ୍ଷା, ଦିଗପହଣ୍ଡି ପଞ୍ଚାୟତ ସମିତି

ଅଭିନନ୍ଦନ
ଶ୍ରୀଯୁକ୍ତ ଉଷାନ୍ତ ସାହୁ
ପୂର୍ବତନ ସରପଞ୍ଚ, ଆଙ୍କୋରଡ଼ା ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

# ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ

**ମୁମ୍ବାଇ, ୧୬।୩(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଶୁକ୍ରବାର ଆରମ୍ଭ ହେବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଭାରତ ପ୍ରଥମ ଦିନିକିଆ ଖେଳିବା ସହିତ ନିଜର ବିଶ୍ୱକପ ପ୍ରସ୍ତୁତି ଆରମ୍ଭ କରିବ। ନିୟମିତ ଅଧିନାୟକ ରୋହିତ ଶର୍ମା ପ୍ରଥମ ଦିନିକିଆ ଖେଳୁନଥିବା ବେଳେ ଷ୍ଟାଣ୍ଡଇନ୍ କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଦିନିକିଆରେ ପାଣ୍ଡ୍ୟା ପ୍ରଥମ ଥର ପାଇଁ ଅଧିନାୟକ ଦାୟିତ୍ୱ ନେଉଥିବାରୁ ବିଜୟରୁ ଆରମ୍ଭ କରିବାକୁ ଚାହିଁବେ। ପାଣ୍ଡ୍ୟା ଟି୨୦ ଦଳର ନିୟମିତ ଅଧିନାୟକ ରହିଥିବା ବେଳେ ଦିନିକିଆ ଦଳର ଉପ ଅଧିନାୟକ ଅଛନ୍ତି। ଭାରତରେ ଦିନିକିଆ ବିଶ୍ୱକପ ଆୟୋଜିତ ହେବାକୁ ଥିବା ବେଳେ ଏହା ପୂର୍ବରୁ ଏହି ସିରିଜରେ ଭାରତୀୟ ଦଳକୁ ପ୍ରସ୍ତୁତିର ସୁଯୋଗ ମିଳିବ। ୨୦୧୧ରେ ଶେଷ ଥର ପାଇଁ ଭାରତରେ ଦିନିକିଆ ବିଶ୍ୱକପ ହୋଇଥିବା ବେଳେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୧ରେ ଜିତିଥିବା ଭାରତୀୟ ଦଳ ଏକ ନୂତନ ଆରମ୍ଭ କରିବାକୁ ଚାହିଁବ। ଏହା ପୂର୍ବରୁ ଭାରତ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସୀମିତ ଓଭର ସିରିଜରେ ବିଜୟୀ ହୋଇଥିବା ବେଳେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ। ୬ଟି ଯାକ ଦିନିକିଆରେ ଓପନର ଶୁବମାନ ଗିଲ୍ ଭାରତର ଷ୍ଟାର ଖେଳାଳି ରହିଛନ୍ତି। ୧୧୩.୪୦ ଆଭରେଜରେ ସେ ୫୬୭ ରନ୍ ସ୍କୋର କରିଛନ୍ତି। ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଗିଲ୍ଙ୍କ କାନ୍ଧରେ ଭାରତୀୟ ବ୍ୟାଟିଂ ଭାର ରହିବ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଟେଷ୍ଟରେ ମଧ୍ୟ ଗିଲ୍ ଚମତ୍କାର ଶତକ ହାସଲ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ମଧ୍ୟ ବଢ଼ିଆ ଫର୍ମରେ ରହିଛନ୍ତି। ୬ ମ୍ୟାଚରୁ ସେ ୬୭.୬୦ ଆଭରେଜରେ ୩୩୮ ରନ୍ କରିଛନ୍ତି। ନିକଟରେ ନିଜର ୭୫ ତମ ଶତକ ହାସଲ କରିଥିବା କୋହଲିଙ୍କ ଠାରୁ ଭାରତ ଏକ ଭଲ ଇନିଂସ ଆଶା କରିବ। ଲେଗ୍ ସ୍ପିନର ଆଡାମ ଜାମ୍ପା ତାଙ୍କୁ ଏକାଧିକ ଥର ଆଉଟ କରିଥିବା ବେଳେ ଏହି ଲଢ଼େଇ ଉପରେ ନଜର ରହିବ। ବ୍ୟାଟିଂରେ ଏହି ଦୁଇ ଖେଳାଳିଙ୍କ ବ୍ୟତିତ ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ନଜର ରହିବ। ରୋହିତ ଶର୍ମାଙ୍କ ସ୍ଥାନରେ ଇଶାନ କିଶନ ଓପନର ଭୂମିକାରେ ନଜର ଆସିପାରନ୍ତି।


ନେଟ୍ସରେ ଅଭ୍ୟାସ ଅବସରରେ ବିରାଟ କୋହଲି।

**ମ୍ୟାଚ୍ ସ୍ଥାନ-ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ**
**ସମୟ: ଅପରାହ୍ଣ ୧.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ବୋଲିଂରେ ମହମ୍ମଦ ସିରାଜ ଭାରତର ଟ୍ରମ୍ପକାର୍ଡ ରହିବେ। ଦିନିକିଆରେ ଏକ ନମ୍ବର ବୋଲର ଥିବା ସିରାଜ ୨୦୨୩ରେ ୬ ମ୍ୟାଚ ଖେଳି ୧୪ ଉଇକେଟ ନେଇଛନ୍ତି। ଦ୍ୱିତୀୟ ସଫଳ ବୋଲର ଭାବରେ କୁଲଦୀପ ଯାଦବ ୧୧ ଉଇକେଟ ନେଇଛନ୍ତି। ଏପରିକି ୟୁଜବେନ୍ଦ୍ର ଚହଲଙ୍କ ସହିତ କୁଲଦୀପଙ୍କ ଯୋଡି ବେଶ ଚମତ୍କାର। ତେବେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ଖେଳିବାର ସୁଯୋଗ ମିଳିପାରେ। ଦ୍ୱିତୀୟ ପେସ୍ ବୋଲର ଭାବେ ମହମ୍ମଦ ଶାମି କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ବିଗତ ୬ ମାସ ମଧ୍ୟରେ ଅଷ୍ଟ୍ରେଲିଆ ଦିନିକିଆ ଖେଳିନଥିବା ବେଳେ ଏହି ମ୍ୟାଚରେ ଆଷ୍ଟନ ଆଗର ଓ ଡେଭିଡ୍ ୱାର୍ନର ଦଳକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି।

**ଭାରତୀୟ ଦଳ:** ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଲୋକେଶ ରାହୁଲ, ଇଶାନ କିଷନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ୟୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମ୍ରାନ ମଲିକ, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ, ଜୟଦେବ ଉନାଡକଟ୍।

**ଅଷ୍ଟ୍ରେଲିଆ ଦଳ:** ଷ୍ଟିଭେନ ସ୍ମିଥ (ଅଧିନାୟକ), ଡେଭିଡ ୱାର୍ନର, ଟ୍ରାଭିସ ହେଡ୍, ମାର୍ନସ ଲାବୁସେନ, ମିଚେଲ ମାର୍ଶ, ମାର୍କୁସ ଷ୍ଟୋଇନିସ, ଆଲେକ୍ସ କାରେ, ଗ୍ଲେନ ମ୍ୟାକ୍ସୱେଲ, କାମେରନ ଗ୍ରୀନ୍, ଜୋଶ୍ ଇଂଗ୍ଲିସ, ସିଅନ ଆବଟ, ଆଷ୍ଟନ ଅଗର, ମିଚେଲ ଷ୍ଟାର୍କ, ନାଥାନ ଏଲିସ, ଆଡାମ ଜାମ୍ପା।

# ଓଡ଼ିଶାରୁ ଜୁଲି, ମନୀଷା ସାମିଲ

## ୨୩ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ଘୋଷିତ


ଜୁଲି କିଷାନ


ମନୀଷା ପାନ୍ନା

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

୨୩ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ଥୋମାସ ଡେନର୍ବି ଗୁରୁବାର ଭାରତୀୟ ଦଳ ଘୋଷଣା କରିଛନ୍ତି। ଏହି ଦଳ ଚଳିତ ମାସରେ ଜୋର୍ଡାନ ଓ ଉଜବେକିସ୍ତାନ ଗସ୍ତ କରିବ। ଜୋର୍ଡାନରେ ମାର୍ଚ୍ଚ ୧୭ରୁ ୨୨ ମଧ୍ୟରେ ଏବଂ ଉଜବେକିସ୍ତାନରେ ମାର୍ଚ୍ଚ ୨୩ରୁ ୨୯ ମଧ୍ୟରେ ଭାରତୀୟ ଦଳ ମ୍ୟାଚ ଖେଳିବ। ଏଏଫ୍ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ପ୍ରସ୍ତୁତି ଭାବରେ ଭାରତ ଏହି ମ୍ୟାଚ୍ ଖେଳିବ। ଏପ୍ରିଲ ୪ରୁ ୧୦ ମଧ୍ୟରେ ଖେଳାଯିବାକୁ ଥିବା ଏଏଫ୍ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଗ୍ରୁପ୍ ସିରେ ସ୍ଥାନ ପାଇଛି। କିର୍ଗିଜସ୍ତାନ ଓ ତୁର୍କମେନିସ୍ତାନ ମଧ୍ୟ ସମାନ ଗ୍ରୁପରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ବିଜେତା ଏସିଆର ଶକ୍ତିଶାଳୀ ୫ ଦଳ ସହିତ ଯୋଗ ଦେବ। ଥୋମାସ ଡେନର୍ବି ଏହି ଦଳର କୋଚ୍ ରହିଥିବା ବେଳେ ୨୩ ଜଣିଆ ଦଳରେ ଦୁଇ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦୁଇ ପ୍ରତିଭାବାନ ଡିଫେଣ୍ଡର ଜୁଲି କିଶାନ ଓ ମନୀଷା ପାନ୍ନାଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଜୋର୍ଡାନ ଓ ଉଜବେକିସ୍ତାନରେ ମ୍ୟାଚ୍ ଖେଳି ସାରିବା ପରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ।

**ଭାରତୀୟ ଦଳ**

ଗୋଲକିପର: ସୋମ୍ୟା ନାରାୟଣସ୍ୱାମୀ, ଶ୍ରେୟା ହୁଡା, ଏଲାଙ୍ଗବାମ ପାନ୍ଥୋଇ ଚାନୁ।
ଡିଫେଣ୍ଡର୍ସ: ଆଶାଲତା ଦେବୀ ଲୋଇତୋଙ୍ଗବାମ, ସ୍ୱିଟି ଦେବୀ ନାନବାମ୍, ରିତୁ ରାଣୀ, ରଞ୍ଜନା ଚାନୁ ସୋରୋଖାଇବାମ୍, ମିଚେଲ କାଷ୍ଟନା, ଡାଲିମା ଛିବ୍ବର, ମନୀଷା ପାନ୍ନା ଓ ଜୁଲି କିଷାନ।
ମିଡଫିଲ୍ଡର୍ସ: ଶିଳ୍କି ଦେବୀ ହେମମ, ଅଞ୍ଜୁ ତମାଙ୍ଗ, ଇନ୍ଦୁମତୀ କାଥିରସେନ, ସଙ୍ଗୀତା ବାସ୍ଫୋରେ, ରୋଜା ଦେବୀ ଆସେମ, କାର୍ତ୍ତିକା ଅଙ୍ଗମୁଥୁ ଓ କର୍ଣ୍ଣିକା।
ଫରୱାର୍ଡ୍ସ: ଡାଙ୍ଗମେଇ ଗ୍ରେସ୍, ରେଣୁ, କରିଷ୍ମା ଶିର୍ଭୋଇକାର, ସାନ୍ଧିୟା ରଙ୍ଗନାଥନ୍ ଓ ଅପୂର୍ଣ୍ଣା ନାର୍ଜାରି।






# ଇନଫାଣ୍ଟିନୋ ଫିଫା ସଭାପତି ଭାବେ ପୁନଃନିର୍ବାଚିତ


ଜିଆନି ଇନ୍ଫାଣ୍ଟିନୋ

**କିଗାଲି, ର୍ୱାଣ୍ଡା, ୧୬।୩(ପି.ଟି.)**

ଫିଫାର ସଭାପତି ଭାବରେ ପୁନର୍ବାର ନିର୍ବାଚିତ ହୋଇଛନ୍ତି ଜିଆନି ଇନ୍ଫାଣ୍ଟିନୋ। ଗୁରୁବାର ସେ ଦ୍ୱିତୀୟ ଥର ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇଥିବା ବେଳେ ଆସନ୍ତା ୨୦୨୭ ଯାଏ ସେ ଏହି ପଦବୀରେ ରହିବେ। ଇନ୍ଫାଣ୍ଟିନୋଙ୍କୁ ୨୧୧ ଦେଶର ମୌଖିକ ସମର୍ଥନ ମିଳିଥିଲା। ଇନଫାଣ୍ଟିନୋଙ୍କ କାର୍ଯ୍ୟକାଳ ସମୟରେ ଏହି ରାଷ୍ଟ୍ର ଗୁଡିକୁ ମିଳୁଥିବା ଫଣ୍ଡିଙ୍ଗ ବୃଦ୍ଧି କରାଯାଇଥିଲା। ୨୦୧୬ ମସିହା ପୂର୍ବରୁ ୨ ଲକ୍ଷ ୫୦ ହଜାର ଡଲାରର ଫଣ୍ଡିଙ୍ଗ ମିଳୁଥିବା ବେଳେ ଇନଫାଣ୍ଟିନୋ ଏହାକୁ ୨ ମିଲିୟନ ଡଲାରକୁ ବୃଦ୍ଧି କରିଥିଲେ। ସେହିପରି ଫିଫାର ରିଜର୍ଭରେ ବର୍ତ୍ତମାନ ୪ ବିଲିୟନ୍ ଡଲାର ରହିଥିବା ବେଳେ ୨୦୨୬ ସୁଦ୍ଧା ଏହା ବୃଦ୍ଧି ପାଇ ୧୧ ବିଲିୟନ ଡଲାରରେ ପହଞ୍ଚିବ। ଓକିଲ ଭାବରେ କାମ କରୁଥିବା ଇନଫାଣ୍ଟିପୋ ପ୍ରଥମ ଥର ପାଇଁ ୨୦୧୬ରେ ଫିଫା ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ଅଧିକରୁ ଅଧିକ ଦଳଙ୍କୁ ବିଶ୍ୱକପ ଯୋଗ୍ୟତା ଅର୍ଜନର ସୁଯୋଗ ପ୍ରଦାନ କରିବା ସହିତ ଫିଫାକୁ ଆର୍ଥିକ ଭାବରେ ସୁଦୃଢ଼ କରିଥିଲେ। ୨୦୨୨କାତାର ବିଶ୍ୱକପକୁ ନେଇ ବିଭିନ୍ନ ସାମାଜିକ କର୍ମୀ ଓ ୟୁରୋପିଆନ୍ ଫୁଟବଲ ସଂଘ ପକ୍ଷରୁ ତାଙ୍କୁ ସମାଲୋଚନା କରାଯାଇଥିଲେ ମଧ୍ୟ ସେ ସଫଳତାର ସହିତ ବିଶ୍ୱକପ ଆୟୋଜନ କରିଥିଲେ।

# ସୁସ୍ମିତା ଟିଗାଙ୍କୁ ବ୍ରୋଞ୍ଜ ପଦକ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**


ସୁସ୍ମିତା ଟିଗା

**ଭୁବନେଶ୍ୱର, ୧୬।୩**
**(କ୍ରୀଡ଼ା ପ୍ରତିନିଧି)**

ଚେନ୍ନାଇସ୍ଥିତ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ର ଚତୁର୍ଥ ଦିବସରେ କିଟ୍ର ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ରେ ସେ ଏହି ସଫଳତା ପାଇଛନ୍ତି। ୧୦:୩୫.୮୬ ସେକେଣ୍ଡ ସମୟ ନେଇଥିବା ସୁସ୍ମିତା ଉତ୍ତର ପ୍ରଦେଶରେ ହେବାକୁଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ଡିସକସ୍ ଥ୍ରୋରେ ୫ମ ସ୍ଥାନରେ ରହିଥିଲେ ହେଁ ଭାନୁ ଶର୍ମା ମଧ୍ୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଛନ୍ତି।

# ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ

**ଏଫ୍ଆଇଏଚ୍ ର୍ୟାଙ୍କିଙ୍ଗ୍**

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ତରଫରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ରାଉରକେଲାରେ ଅନୁଷ୍ଠିତ ପ୍ରୋ-ହକି ଲିଗ୍ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ପଛକୁ ପଛ ବିଜୟ ଦ୍ୱାରା ଏହା ଘଟିଛି। ଭାରତ ହକି ପାୱାର ହାଉସ୍ ଅଷ୍ଟ୍ରେଲିଆଠାରୁ ଆଗରେ ରହିଛି। ଅଷ୍ଟ୍ରେଲିଆ ବର୍ତ୍ତମାନ ଗୋଟିଏ ସ୍ଥାନ ନିମ୍ନ ୫ମକୁ ଖସି ଆସିଛି। ଜାନୁୟାରୀରେ ଓଡ଼ିଶାରେ ବିଶ୍ୱକପ୍ ଟାଇଟଲ ଜିତିବା ପରେ ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିନେଇଥିବା ଜର୍ମାନୀ ପଛକୁ ପଛ ଦୁଇଟି ମ୍ୟାଚରେ ଭାରତଠାରୁ ପରାଜିତ ହେବାରୁ ଦୁଇ ସ୍ଥାନ ଖସି ତୃତୀୟ ସ୍ଥାନକୁ ଚାଲିଆସିଛି। ବିର୍ସାମୁଣ୍ଡା ଷ୍ଟାଡିୟମରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିବା ସମସ୍ତ ଦୁଇ ଦୁଇଟି ମ୍ୟାଚରେ ଭାରତ ବିଜୟ ହାସଲ କରିଥିଲା। ଗତ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ୍ରେ ଭାରତ ପ୍ରିକ୍ୱାର୍ଟରରୁ ବିଦାୟ ନେଇଥିଲା।

ଜର୍ମାନୀ ବିପକ୍ଷ ଡବଲ ଲେଗ୍ ବିଶିଷ୍ଟ ମ୍ୟାଚ ଭାରତ ୩-୨, ୬-୩ରେ ଜିତିଥିଲା। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ୫-୪ ଏବଂ ୪-୩ ପେନାଲ୍ଟି ଶୁଟଆଉଟରେ ବିଜୟୀ ହୋଇଥିଲା। ଏହି ସମସ୍ତ ମ୍ୟାଚରେ ବିଜୟ ଦ୍ୱାରା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଏହାଛଡ଼ା ର୍ୟାଙ୍କିଙ୍ଗ ତାଲିକାରେ ଚତୁର୍ଥରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ପାରିଛି। ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରନରଅପ୍ ବେଲଜିୟମ ଦ୍ୱିତୀୟ ସ୍ଥାନରେ ରହିଛି।

# ନିଖତ, ସାକ୍ଷୀ ଦ୍ୱିତୀୟ ରାଉଣ୍ଡରେ

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଏଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମହିଳା ବିଶ୍ୱ ଚାମ୍ପିୟନଶିପ୍ରେ ଟାଇଟଲ ବଜାୟ ରଖିବା ଲାଗି ଭାରତର ଅଗ୍ରଣୀ ବକ୍ସର ନିଖତ ଜରିନ୍ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ଆଜରବୈଜାନର ଆନାଖାନିମ୍ ଇସ୍ମାୟିଲୋଭାଙ୍କ ବିପକ୍ଷରେ ପ୍ରଭାବୀ ବିଜୟ ହାସଲ କରିଛନ୍ତି। ୫୦ କେଜି କାଟେଗୋରିର ଏହି ମୁକାବିଲାରେ ଭାରତୀୟ ବକ୍ସର ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ପଞ୍ଚ ମାରିଚାଲିଥିଲେ। ପରିସ୍ଥିତି ଏପରି ହୋଇଥିଲା ରେଫରିଙ୍କୁ ଦ୍ୱିତୀୟ ରାଉଣ୍ଡରେ ଲଢ଼େଇକୁ ବନ୍ଦ ରଖିବାକୁ ପଡ଼ିଥିଲା। ନିଖତ ବର୍ତ୍ତମାନ (ରାଉଣ୍ଡ ଅଫ୍ ୩୨)ରେ ୨୦୨୨ ଆଫ୍ରିକାନ ଚାମ୍ପିୟନ ରୋମେସା ବୋଆଲାମଙ୍କୁ ଭେଟିବେ। ଭାରତର ଅନ୍ୟ ଜଣେ ବକ୍ସର ସାକ୍ଷୀ ଚୌଧାରୀ ୫୨କେଜି ଶ୍ରେଣୀ ପ୍ରଥମ ରାଉଣ୍ଡରେ କଲମ୍ବିଆର ମାର୍ଟିନେଜ ମାରିଆ ଜୋସ୍ଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ସାକ୍ଷୀ ପ୍ରଥମ ଥର ଏହି ଚାମ୍ପିୟନଶିପ୍ରେ ଭାଗ ନେଇଛନ୍ତି।


ନିଖତ ଜରିନ୍ (ବାମ) ଓ ଆନାଖାନିମ୍ ଇସ୍ମାୟିଲୋଭାଙ୍କ ମଧ୍ୟରେ ମୁକାବିଲା।

# ଜାଏଣ୍ଟ୍ସର ଦ୍ୱିତୀୟ ବିଜୟ

**ମୁମ୍ବାଇ, ୧୬।୩**

ଓମେନ୍ସ ପ୍ରିମିୟର୍ ଲିଗ୍ରେ ଦ୍ୱିତୀୟ ବିଜୟ ହାସଲ କରିଛି ଗୁଜରାଟ ଜାଏଣ୍ଟ୍ସ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଜାଏଣ୍ଟ୍ସ ୨୦ ଓଭରରେ ୪ ଉଇକେଟରେ ୧୪୭ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮.୪ ଓଭରରେ ୧୩୬ ରନରେ ଅଲଆଉଟ ହୋଇଥିଲା। ଗୁଜରାଟ ପକ୍ଷରୁ ଲୌରା ଓଲ୍ଭାର୍ଡଟ ସର୍ବାଧିକ ୫୭ ରନ୍ କରିଥିବା ବେଳେ ଆସ୍ଲେ ଗାର୍ଡନର ଅପରାଜିତ ୫୧ ଓ ହରଲିନ୍ ଦେଓଲ ୩୧ ରନ୍ କରିଥିଲେ। ଜେସ୍ ଜୋନାସେନ ଦୁଇ ଉଇକେଟ ଅକ୍ତିଆର କରିଥିଲେ। ୧୪୮ ରନ୍ର ପିଛା କରୁଥିବା କ୍ୟାପିଟାଲ୍ସ ପକ୍ଷରୁ ମାରିଜେନ୍ କାପ୍ ସର୍ବାଧିକ ୩୬ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀ ରେଡ୍ଡୀ୨୫ ଓ ଆଲିସ୍ କାପ୍ସି ୨୨ରନ୍ କରିଥିଲେ। ଗୁଜରାଟ ପକ୍ଷରୁ କିମ୍ ଗାର୍ଥ, ଆସ୍ଲେ ଗାର୍ଡନର ଓ ତନୁଜା କନ୍ୱର ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୪୭/୪ (ଲୌରା ଓଲ୍ଭାର୍ଡଟ-୫୭, ଆସଲେ ଗାର୍ଡନର-୫୧, ହରଲିନ୍ ଦେଓଲ୍-୩୧, ଜେସ୍ ଜୋନାସେନ୍-୨/୩୮, ମାରିଜେନ୍ କାପ୍-୧/୨୪, ଅରୁନ୍ଧତୀ ରେଡ୍ଡୀ-୧/୨୫) ଦିଲ୍ଲୀ କ୍ୟାପିଟାଲ୍ସ ୧୮.୪ ଓଭରରେ ୧୩୬/୧୦ (ମାରିଜେନ୍ କାପ୍-୩୬, ଅରୁନ୍ଧତୀ ରେଡ୍ଡୀ-୨୫, ଆଲିସ୍ କାପ୍ସି-୨୨, କିମ୍ ଗାର୍ଥ-୨/୧୮, ଆସ୍ଲେ ଗାର୍ଡନର-୨/୧୯, ତନୁଜା କନ୍ୱର-୨/୨୯)।

**ଡବ୍ଲ୍ୟୁପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୫ | ୦ | ୧୦ | ୩.୩୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୪ | ୨ | ୮ | ୧.୫୪୨ |
| ୟୁପି ୱାରିୟର୍ଜ | ୫ | ୨ | ୩ | ୪ | -୦.୧୯୬ |
| ଗୁଜରାଟ ଜାଏଣ୍ଟ୍ସ | ୬ | ୨ | ୪ | ୪ | -୨.୬୩୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୧ | ୫ | ୨ | -୧.୫୫୦ |






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ